(a) **Dimensions**: The load body/application to be built upon the manufacturer supplied cab chassis vehicle shall be designed to fit within a minimum and maximum envelop as specified in below illustration.




77PM12001

(b) **Weight and its distribution**: The load body/application shall be fabricated considering the minimum kerb weight of complete vehicle as 860kg and maximum kerb weight of complete vehicle as 930kg. The ratio of front axle and rear axle kerb weight shall not exceed 1.389.
The body builder shall place the body-builder's plate specifying the unladen weight and payload as per requirement under CMVR Rule 122.

(c) **Body exteriors**: The load body/application shall be fabricated such that the external surface of the vehicle shall not have sharp edges or sharp projecting parts which are likely to increase the risk or seriousness of bodily injury to a person hit by the bodywork or brushing against it in the event of a collision. This is valid both when the complete vehicle is stationary and in motion. It is recommended to ensure a minimum 2.5mm radius of curvature on external edges and projecting parts. Body shall meet the stipulated requirement as defined under CMVR Rule 124(1)-11.

(d) **Lighting and signaling devices**: The cab chassis is being supplied with head lamp assembly inbuilt with the cab and a temporary panel with rear combination lamps and registration plate lamps. There shall not be any modifications done with the position of Head lamp assembly. The rear combination lamps and registration plate lamps shall be fitted on the load body/ application as per the recommended position (height and width) specified in below illustration.

EXAMPLE



77PM12002

(e) **Reflective Tape**: The body builder shall paste a red reflective tape (of not less than 20mm width) running across the width of the body on the rear of the vehicle and should comply with requirements under CMVR Rule No. 104.

(f) **Form 22A Part II**: The body builder shall provide Form 22A Part II as per requirement under CMVR Rule 47.

(g) The body builder shall not alter with the electrical wiring, electrical equipment, brake connections, brake piping, fuel connection, exhaust system and chassis components during the body fabrication.

Disclaimer: The owner/body-builder shall comply to applicable CMVR requirements and also State Motor vehicle Rules as applicable from time to time in respect of body fabrication of super carry chassis variant.
The vehicle manufacturer shall not be liable for any non-conformity of applicable laws arising due to fabrication of body/ application, in contradiction to manufacturer's recommendation and prevailing regulations.

ମହତ୍ୱପୂର୍ଣ୍ଣ

ଏହି ମାନୁଆଲ୍ ହେଉଛି ଆପଣଙ୍କ ଗାଡ଼ିର ଏକ ଅତ୍ୟାବଶ୍ୟକ ଭାଗ ଏବଂ ନୂଆ ମାଲିକ କିମ୍ବା ଅପରେଟରଙ୍କୁ ହସ୍ତାନ୍ତର କିମ୍ବା ବିକ୍ରି କରିବା ସମୟରେ ତାହା ଗାଡ଼ିରେ ରହିବା ଉଚିତ । ଆପଣଙ୍କର ନୂଆ ମାରୁତି ସୁଜୁକି ସଂଚାଳନ ବା ଅପରେଟ୍ କରିବା ପୂର୍ବରୁ ଦୟାକରି ଏହାକୁ ଧ୍ୟାନପୂର୍ବକ ପଢ଼ନ୍ତୁ ଏବଂ ସମୟ ସମୟରେ ଏହି ମାନୁଆଲ୍‌କୁ ସମୀକ୍ଷା କରନ୍ତୁ । ଏଥିରେ ସୁରକ୍ଷା, ସଂଚାଳନ ଓ ରକ୍ଷଣା-ବେକ୍ଷଣ ଉପରେ ମହତ୍ୱପୂର୍ଣ୍ଣ ସୂଚନା ରହିଛି । ଏହି ମାନୁଆଲ୍‌ରେ ଯେପରି ବର୍ଣ୍ଣିତ ଅଛି, ଚାରୋଟି ମାଗଣା ଯାଞ୍ଚ ସେବା ପାଇଁ ଆପଣଙ୍କୁ ନିମନ୍ତ୍ରିତ କରାଯାଉଛି । ଏହି ମାନୁଆଲ୍ ସହିତ ଚାରୋଟି ମାଗଣା ଯାଞ୍ଚ କୂପନ୍ ସଂଲଗ୍ନ କରାଯାଇଛି । ଯେକୌଣସି ସର୍ଭିସ୍ ପାଇଁ ଆପଣ, ନିଜ ମାରୁତି ସୁଜୁକିକୁ ନିଜର ଡିଲରଙ୍କ ନିକଟକୁ ନେବା ସମୟରେ ଦୟାକରି ତାଙ୍କୁ ଏହି ମାନୁଆଲ୍ ଦେଖାନ୍ତୁ ।

ଆପଣଙ୍କ ଗାଡ଼ିର ଜୀବନ ବୃଦ୍ଧି କରିବା ପାଇଁ ତଥା ରକ୍ଷଣା-ବେକ୍ଷଣର ଖର୍ଚ୍ଚ ହ୍ରାସ କରିବା ପାଇଁ, ଏହି ମାନୁଆଲ୍‌ରେ ଥିବା "ଯାଞ୍ଚ ଓ ରକ୍ଷଣା-ବେକ୍ଷଣ" ବିଭାଗରେ ବର୍ଣ୍ଣିତ "ପର୍ଯ୍ୟାୟକ୍ରମେ ରକ୍ଷଣା-ବେକ୍ଷଣ ସୂଚୀ" ଅନୁସାରେ, ସାମ-ୟିକ ରକ୍ଷଣା-ବେକ୍ଷଣ ନିଶ୍ଚିତ ଭାବେ କରାଯିବା ଦରକାର । ଆପଣଙ୍କର ସନ୍ତୁଷ୍ଟି ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ୟା ଓ ଦୁର୍ଘଟଣା ପ୍ରତିରୋଧ ନମନ୍ତେ ଏହା ନିତାନ୍ତ ଆବଶ୍ୟକ ।

ଏହି ମାନୁଆଲ୍‌ର "ଯାଞ୍ଚ ଓ ରକ୍ଷଣା-ବେକ୍ଷଣ" ବିଭାଗରେ ଥିବା "ଦୈନିକ ଯାଞ୍ଚ ତାଲିକା"ର ବର୍ଣ୍ଣିତାନୁସାରେ, ଗାଡ଼ିର ଦୀର୍ଘ ଜୀବନ ଓ ସୁରକ୍ଷିତ ଡ୍ରାଇଭିଙ୍ଗ୍ ପାଇଁ ଦୈନିକ ଯାଞ୍ଚ ଓ ଯତ୍ନ ଅତ୍ୟାବଶ୍ୟକ ।

ପୃଥିବୀର ପ୍ରାକୃତିକ ଉତ୍ସର ସଂରକ୍ଷଣ ଓ ସୁରକ୍ଷାରେ ମାରୁତି ସୁଜୁକି ଇଣ୍ଡିଆ ବିଶ୍ୱାସ କରେ ।

ସେଥିନିମନ୍ତେ, ଆମେ ପ୍ରତ୍ୟେକ ଗାଡ଼ି ମାଲିକଙ୍କୁ, ଯେପରି ପ୍ରଯୁଜ୍ୟ, ବ୍ୟବହୃତ ଇଞ୍ଜିନ୍ ଅଏଲ୍, କୂଲାଣ୍ଟ ଓ ଅନ୍ୟାନ୍ୟ ତରଳ ପଦାର୍ଥ, ବ୍ୟାଟେରୀ ଓ ଟାୟାର୍ ଆଦିକୁ ରିସାଇକଲ୍, ଟ୍ରେଡ୍-ଇନ୍ କିମ୍ବା ସଠିକ୍ ଭାବେ ନିଷ୍କାଶନ କରିବା ପାଇଁ ଉତ୍ସାହିତ କରୁଛୁ ।

ମାରୁତି ସୁଜୁକି ଇଣ୍ଡିଆ ଲିଃ.

ଏହି ମାନୁଆଲ୍‌ରେ ଥିବା ସମସ୍ତ ସୂଚନା, ପ୍ରକାଶନ ସମୟରେ ଉପଲବ୍ଧ ଅଦ୍ୟତନ ଉତ୍ପାଦ ସୂଚନା ଉପରେ ପର୍ଯ୍ୟବେସିତ । ବିକାଶ କିମ୍ବା ଅନ୍ୟାନ୍ୟ ପରିବର୍ତ୍ତନ କାରଣରୁ, ଆପଣଙ୍କ ଗାଡ଼ି ଓ ଏହି ମାନୁଆଲ୍ ମଧ୍ୟରେ ବିସଂଗତି ଦେଖାଦେଇପାରେ । ପୂର୍ବରୁ ତିଆରି ହୋଇଥିବା କିମ୍ବା ବିକ୍ରି ହୋଇଥିବା ଗାଡ଼ିରେ ସମାନ କିମ୍ବା ସେହିଭଳି ପରିବର୍ତ୍ତନ ପ୍ରତି କୌଣସି ପ୍ରକାର ଆଭାର କିମ୍ବା ଦାୟିତ୍ୱ ବିନା ଏବଂ କୌଣସି ପ୍ରକାର ନୋଟିସ୍ (ବିଜ୍ଞପ୍ତି) ବିନା, ମାରୁତି ସୁଜୁକି ଇଣ୍ଡିଆ ଲିଃ. ଯେକୌଣସି ସମୟରେ ଉତ୍ପାଦନ ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷିତ ରଖିଛି ।

ଏହି ଗାଡ଼ି, ଅନ୍ୟ ଦେଶଗୁଡ଼ିକର ମାନକ କିମ୍ବା ନିୟମ ଅନୁପାଳନ କରୁନଥାଇପାରେ । ଅନ୍ୟ କୌଣସି ଦେଶରେ ଏହି ଗାଡ଼ିକୁ ପଞ୍ଜୀକରଣ କରିବାକୁ ଚେଷ୍ଟା କରିବା ପୂର୍ବରୁ, ସମସ୍ତ ପ୍ରଯୁଜ୍ୟ ନିୟମ ଯାଞ୍ଚ କରନ୍ତୁ ଏବଂ ଆବଶ୍ୟକ ସଂଶୋଧନ କରନ୍ତୁ ।

ମହତ୍ୱପୂର୍ଣ୍ଣ

⚠ ଚେତାବନୀ/ ⚠ *ସତର୍କତା/ନୋଟିସ୍/*

ନୋଟ୍

ଦୟାକରି ଏହି ମାନୁଆଲ୍‌କୁ ଧ୍ୟାନପୂର୍ବକ ପଢ଼ନ୍ତୁ ଏବଂ ଏଥିରେ ଥିବା ନିର୍ଦ୍ଦେଶଗୁଡ଼ିକୁ ପାଳନ କରନ୍ତୁ । ବିଶେଷ ସୂଚନା ଉପରେ ଗୁରୁତ୍ୱାରୋପ କରିବାକୁ ⚠ ଚିହ୍ନ ଏବଂ ***ଚେତାବନୀ, ସତର୍କତା, ନୋଟିସ୍*** ଓ *ନୋଟ୍* ଶବ୍ଦଗୁଡ଼ିକର ସ୍ୱତନ୍ତ୍ର ଅର୍ଥ ରହିଛି । ଏହି ସାଂକେତିକ ଶବ୍ଦଗୁଡ଼ିକ ଦ୍ୱାରା ଚିହ୍ନିତ ହୋଇଥିବା ବାର୍ତ୍ତାଗୁଡ଼ିକ ପ୍ରତି ବିଶେଷ ଧ୍ୟାନଦିଅନ୍ତୁ ।

⚠ ଚେତାବନୀ

ଏକ ସମ୍ଭାବ୍ୟ ବିପଦକୁ ସୂଚିତ କରେ, ଯାହାର ପରିଣାମସ୍ୱରୂପ ମୃତ୍ୟୁ କିମ୍ବା ଗମ୍ଭୀର ଆଘାତ ହୋଇପାରେ।

⚠ ସତର୍କତା


ଏକ ସମ୍ଭାବ୍ୟ ବିପଦକୁ ସୂଚିତ କରେ, ଯାହାର ପରିଣାମସ୍ୱରୂପ ନିମ୍ନ କିମ୍ବା ମଧ୍ୟମ ଧରଣର ଆଘାତ ହୋଇପାରେ ।

ନୋଟିସ

ଏକ ସମ୍ଭାବ୍ୟ ବିପଦକୁ ସୂଚିତ କରେ, ଯାହାର ପରିଣାମସ୍ୱରୂପ ଗାଡ଼ିର କ୍ଷତି ହୋଇପାରେ ।

ନୋଟ୍:

ରକ୍ଷଣା-ବେକ୍ଷଣକୁ ସରଳ କରିବାକୁ କିମ୍ବା ନିର୍ଦ୍ଦେଶଗୁଡ଼ିକୁ ସ୍ପଷ୍ଟ କରିବା ପାଇଁ ବିଶେଷ ସୂଚନାକୁ ସୂଚିତ କରେ ।



75F135

ଏହି ମାନୁଆଲ୍‌ରେ ଥିବା ସ୍ଲାଶ୍ ସହିତ ବୃତ୍ତର ଅର୍ଥ ହେଉଛି, "ଏହା କରନ୍ତୁ ନାହିଁ" କିମ୍ବା "ଏହା ହେବାକୁ ଦିଅନ୍ତୁ ନାହିଁ" ।

ସଂଶୋଧନ ଚେତାବନୀ

⚠ ଚେତାବନୀ

ଆପଣଙ୍କ ଗାଡ଼ିରେ କୌଣସି ପରିବର୍ତ୍ତନ କରନ୍ତୁ ନାହିଁ । ସେହି ପରିବର୍ତ୍ତନ, ଗାଡ଼ିର ସୁରକ୍ଷା, ପରିଚାଳନା, ପ୍ରଦର୍ଶନ କିମ୍ବା ବଜାୟତାରେ ପ୍ରତିକୂଳ ପ୍ରଭାବ ପକାଇପାରେ ଏବଂ ସରକାରୀ ନିୟମର ଉଲ୍ଲଙ୍ଘନ କରିପାରେ । ଏହା ଅତିରିକ୍ତ, ୱାରେଣ୍ଟୀ ଅନ୍ତର୍ଗତ, ପରିବର୍ତ୍ତନର ପରିଣାମସ୍ୱରୂପ ହୋଇଥିବା କ୍ଷତି କିମ୍ବା ପ୍ରଦର୍ଶନ ସମସ୍ୟା କଭର୍ ହେବନାହିଁ ।

ନୋଟିସ

ମୋବାଇଲ୍ କମ୍ୟୁନିକେଶନ୍ ଉପକରଣ, ଯେପରି ସେଲ୍ୟୁଲର୍ ଟେଲିଫୋନ୍ କିମ୍ବା CB (ସିଟିଜେନ୍'ସ୍ ବ୍ୟାଣ୍ଡ) ରେଡିଓର ଭୁଲ୍ ଇନ୍‌ଷ୍ଟଲେଶନ୍, ଆପଣଙ୍କ ଗାଡ଼ିର ଇଗ୍‌ନିଶନ୍ ସିଷ୍ଟମ୍‌ରେ ବୈଦ୍ୟୁତିକ ହସ୍ତକ୍ଷେପର କାରଣ ହୋଇପାରେ, ଯାହାର ପରିଣାମ ହେଉଛି ଗାଡ଼ିର ପ୍ରଦର୍ଶନରେ ସମସ୍ୟା । ଏହିପରି ମୋବାଇଲ୍ କମ୍ୟୁନିକେଶନ୍ ଉପକରଣ ଉପରେ ପରାମର୍ଶ ପାଇଁ ନିଜର ଅଧିକୃତ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍‌ଙ୍କ ସହ ଆଲୋଚନା କରନ୍ତୁ ।

ନୋଟିସ

ମାରୁତି ସୁଜୁକି ଦ୍ୱାରା ସୁପାରିଶ ନକରାଯାଇଥିବା ନିମ୍ନ ମାନର ତେଲ ଏବଂ/କିମ୍ବା ଲୁବ୍ରିକେଣ୍ଟସ୍‌ର ବ୍ୟବହାର ଗମ୍ଭୀର କ୍ଷତିର କାରଣ ହୋଇପାରେ ।

ୱାରେଣ୍ଟୀ ନିୟମ

ମାରୁତି ସୁଜୁକି ଇଣ୍ଡିଆ ଲିଃ. (ଏହିଠାରୁ "ମାରୁତି ସୁଜୁକି" କୁହାଗଲା), ଏହା ଜମାନତ୍ (ୱାରେଣ୍ଟୀ) ଦେଉଛି ଯେ, ମାରୁତି ସୁଜୁକି ଦ୍ୱାରା ଭାରତରେ ବିତରିତ ତଥା ଜଣେ ଅଧିକୃତ ମାରୁତି ସୁଜୁକି ଡିଲର୍ ଦ୍ୱାରା ବିକ୍ରି କରାଯାଇଥିବା ନୂଆ ମାରୁତି ସୁଜୁକି ଗାଡ଼ି, ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁସାରେ, ଉତ୍ପାଦନ ସମୟରେ ସାମଗ୍ରୀ ଓ କାରିଗରୀରେ ଯେକୌଣସି ପ୍ରକାରର ତ୍ରୁଟିରୁ, ସାଧାରଣ ବ୍ୟବହାର ଓ ସେବା ଅନ୍ତର୍ଗତ ମାଗଣାରେ କରାଯିବ :

(1) ଯୋଗ୍ୟତା:

ଏହି ୱାରେଣ୍ଟୀ ପାଇଁ ଯୋଗ୍ୟ ବିବେଚିତ ହେବା ନିମନ୍ତେ:
ମାରୁତି ସୁଜୁକି ଗାଡ଼ି, ନିଶ୍ଚିତ ଭାବେ ମାରୁତି ସୁଜୁକିର ଅଧିକୃତ ଡିଲର୍ ଓ ସେଟ୍‌ଅପ୍ ଦ୍ୱାରା ପ୍ରଦାନ କରାଯାଇଥିବା ଦରକାର ତଥା ମାରୁତି ସୁଜୁକି ଅଧିକୃତ ଡିଲର୍ / ସର୍ଭିସ୍ ଷ୍ଟେଶନ୍ ଦ୍ୱାରା ସର୍ଭିସ୍ କରାଯାଇଥିବା ଆବଶ୍ୟକ ।

(2) ସମୟାବଧି:

ୱାରେଣ୍ଟୀର ସମୟାବଧି, ପ୍ରଥମ ମାଲିକଙ୍କୁ ପ୍ରଦାନ କରାଯିବା ତାରିଖଠାରୁ ଚବିଶ (24) ମାସ କିମ୍ବା 72,000 କି.ମି. (ଯାହାବି ପ୍ରଥମେ ହେବ) ପର୍ଯ୍ୟନ୍ତ ରହିବ ।

(3) ମାରୁତି ସୁଜୁକି ୱାରେଣ୍ଟୀ ଦାୟିତ୍ୱ:

ଉପରେ ବର୍ଣ୍ଣିତ ସମୟାବଧି ମଧ୍ୟରେ ଯଦି ମାରୁତି ସୁଜୁକି ଗାଡ଼ିରେ କୌଣସି ପ୍ରକାରର ତ୍ରୁଟି(ମାନ) ଦେଖାଦେଲା, ତେବେ ମାରୁତି ସୁଜୁକିର କେବଳମାତ୍ର କର୍ତ୍ତବ୍ୟ ଏହା ହେବ ଯେ, ମାଲିକଙ୍କଠାରୁ କୌଣସି ପ୍ରକାରର ପାର୍ଟ କିମ୍ବା ଶ୍ରମର ଖର୍ଚ୍ଚ ନନେଇ, ତ୍ରୁଟି ଥିବା ପାର୍ଟକୁ ନୂଆ ପାର୍ଟ କିମ୍ବା ସମତୁଲ ପାର୍ଟ ସହିତ ବଦଳାଇଦେବ, ଯେତେବେଳେ ମାରୁତି ସୁଜୁକି ଏହା ସ୍ୱୀକାର କରିବ କି, ଏହିପରି ତ୍ରୁଟିର କାରଣ ଉତ୍ପାଦନ ସମୟରେ ଦୋଷଯୁକ୍ତ ସାମଗ୍ରୀ କିମ୍ବା କାରିଗରୀ ଯୋଗୁଁ ହୋଇଥିବ । ଏହି ୱାରେଣ୍ଟୀ ଦ୍ୱାରା କଭର୍ ହେଉନଥିବା ଯେକୌଣସି ପ୍ରକାରର ମରାମତି କିମ୍ବା ପ୍ରତିବଦଳ ପାଇଁ ଗାଡ଼ି ମାଲିକ ଦାୟୀ ରହିବେ ।

(4) ସୀମାବଦ୍ଧତା:

ନିମ୍ନଲିଖିତ ପାଇଁ ଏହି ୱାରେଣ୍ଟୀ ଲାଗୁ ହେବ ନାହିଁ :

1) ଚାରୋଟି ମାଗଣା ସର୍ଭିସ୍ ବ୍ୟତୀତ ଆବଶ୍ୟକ ସାଧାରଣ ରକ୍ଷଣା-ବେକ୍ଷଣ ସର୍ଭିସ୍, ଯେଉଁଥିରେ କୌଣସି ସୀମାବଦ୍ଧତା ବିନା ରହିଛି ଅଏଲ୍ ଓ ଫ୍ଲୁଇଡ୍ ପରିବର୍ତ୍ତନ, ହେଡ୍‌ଲାଇଟ୍ ଏମିଙ୍ଗ୍, ବାନ୍ଧିବା ପଦାର୍ଥ (ଫାଷ୍ଟନର୍) ରି-ଟାଇଟେନିଙ୍ଗ୍, ହ୍ୱୀଲ୍ ବାଲାନ୍ସିଙ୍ଗ୍, ହ୍ୱୀଲ୍ ଆଲାଇନ୍‌ମେଣ୍ଟ ଓ ଟାୟାର୍ ରୋଟେଶନ୍, ଇଞ୍ଜେକ୍ଟର୍ସ ସଫା, କାର୍ବୋରେଟର୍ ଆଡ୍‌ଜଷ୍ଟମେଣ୍ଟ, ଇଗ୍‌ନିଶନ୍ ଟାଇମିଙ୍ଗ୍, କ୍ଲଚ୍ ଓ ଭାଲ୍‌ଭ କ୍ଲିଅରାନ୍ସ ।
2) ସାଧାରଣ ଘର୍ଷିତ (ୱିୟର୍) ପାର୍ଟର ପ୍ରତିବଦଳ, ଯେଉଁଥିରେ କୌଣସି ସୀମାବଦ୍ଧତା ବିନା ରହିଛି ବଲ୍‌ବ୍, ଟାୟାର୍ସ ଓ ଟ୍ୟୁବ୍, ସ୍ପାର୍କ ପ୍ଲଗ୍, ବେଲ୍ଟସ୍, ହୋସେସ୍, ଫିଲ୍ଟର୍ସ, ୱାଇପର୍ ବ୍ଲେଡ୍ସ, ବ୍ରଶେସ୍, କଣ୍ଟାକ୍ଟ ପଏଣ୍ଟସ୍, ଫ୍ୟୁଜେସ୍, କ୍ଲଚ୍ ଡିସ୍କ, ବ୍ରେକ୍ ଶୁଜ୍, ବ୍ରେକ୍ ପ୍ୟାଡ୍ସ, କେବଲ୍ ଓ ସମସ୍ତ ରବର୍ ପାର୍ଟ୍ସ (ଅଏଲ୍ ସିଲ୍ ଓ ଗ୍ଲାସ୍ ରନ୍ ବ୍ୟତୀତ) ।
3) ପ୍ରତିଯୋଗିତା କିମ୍ବା ରେସିଙ୍ଗ୍ ପାଇଁ ବ୍ୟବହୃତ ଯେକୌଣସି ଗାଡ଼ି ।
4) ଦୁର୍ଘଟଣା କିମ୍ବା ଧକ୍କା ପରିଣାମସ୍ୱରୂପ ଆବଶ୍ୟକ ହେଉଥିବା ଯେକୌଣସି ମରାମତି କିମ୍ବା ପ୍ରତିବଦଳ ।
5) ଅପବ୍ୟବହାର, ଅସାବଧାନତା, ଅସ୍ୱାଭାବିକ ବ୍ୟବହାର କିମ୍ବା ଅପର୍ଯ୍ୟାପ୍ତ ଯତ୍ନ ଦ୍ୱାରା ହୋଇଥିବା କୌଣସି ପ୍ରକାରର ତ୍ରୁଟି ।
6) ଯେକୌଣସି ଗାଡ଼ି, ଯାହାକୁ ସଂଶୋଧିତ କରାଯାଇଛି କିମ୍ବା ବଦଳାଯାଇଛି, ସୀମାବଦ୍ଧତା ବିନା ସେଥିରେ ରହିଛି, ପ୍ରଦର୍ଶନ ଉପକରଣର ଇନ୍‌ଷ୍ଟଲେଶନ୍ ।
7) ମାରୁତି ସୁଜୁକି ଦ୍ୱାରା ଅନୁମୋଦିତ ପାର୍ଟ୍ସ କିମ୍ବା ଉପକରଣ ବ୍ୟବହୃତ ହୋଇନଥିବା ଯେକୌଣସି ଗାଡ଼ି ।
8) ମାରୁତି ସୁଜୁକି ମାଲିକ (ଓନର୍)ଙ୍କ ପାଇଁ ମାନୁଆଲ୍‌ରେ ଗାଡ଼ି ଚଲାଇବା ନିର୍ଦ୍ଦେଶାନୁସାରେ ଚଲାଯାଇନଥିବା ଯେକୌଣସି ଗାଡ଼ି ।
9) ମାରୁତି ସୁଜୁକି ମାଲିକ (ଓନର୍)ଙ୍କ ପାଇଁ ମାନୁଆଲ୍‌ରେ ପରାମର୍ଶିତ ଅନୁସାରେ, ୱାରେଣ୍ଟୀ ଅବଧି ମଧ୍ୟରେ, ଯାଞ୍ଚ ସେବା ପ୍ରାପ୍ତ କରିନଥିବା ଯେକୌଣସି ଗାଡ଼ି ।
10) ଏକ ସ୍ୱୀକୃତିପ୍ରାପ୍ତ ମାରୁତି ସୁଜୁକି ଡିଲର୍ / ସର୍ଭିସ୍ ଷ୍ଟେଶନ୍ ଛଡ଼ା ଅନ୍ୟ କାହା ଦ୍ୱାରା ଗାଡ଼ିରେ କିଛି ଲଗାଯାଇଥିବା, କଢ଼ାଯାଇଥିବା, ଆଡ୍‌ଜଷ୍ଟ ହୋଇଥିବା କିମ୍ବା ମରାମତି କରାଯାଇଥିବା ଯେକୌଣସି ଗାଡ଼ି ।

11) ଯେଉଁଥିପାଇଁ ଗାଡ଼ିର ଡିଜାଇନ୍ କରାଯାଇଥିବ, ତାହା ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ଯେକୌଣସି ଗାଡ଼ି ।

12) ଔଦ୍ୟୋଗିକ ପ୍ରଦୂଷଣ କିମ୍ବା ପକ୍ଷୀ ମଳ କାରଣରୁ ହୋଇଥିବା ଯେକୌଣସି କ୍ଷୟ-କ୍ଷତି ।

13) ଛୋଟ ଛୋଟ ତ୍ରୁଟି, ଯାହା ଗାଡ଼ିର କାର୍ଯ୍ୟକୁ ପ୍ରଭାବିତ କରେ ନାହିଁ, ଯେଉଁଥିରେ କୌଣସି ସୀମାବଦ୍ଧତା ବିନା ରହିଛି, ଶବ୍ଦ କମ୍ପନ ଓ ତରଳ ପଦାର୍ଥ ବୋହିବା ।

14) କୌଣସି ପ୍ରାକୃତିକ ଚିରା-ଫଟା ଯେଉଁଥିରେ କୌଣସି ସୀମାବଦ୍ଧତା ବିନା ରହିଛି, ପୁରୁଣା ହୋଇଯିବା ଆଦି ।

15) ଘରୋଇ ଏଲ୍.ପି.ଜି. ଗ୍ୟାସ୍ / ଏଲ୍.ପି.ଜି. ସିଲିଣ୍ଡର୍‌ର ଇନ୍‌ଷ୍ଟଲେଶନ୍ ଓ ବ୍ୟବହାର ।

16) ଭି-ବେଲ୍ଟସ୍, ହୋସେସ୍ ଓ ଗ୍ୟାସ୍ ଲିକ୍ (ମାରୁତି ସୁଜୁକି ଏ.ସି. ଗାଡ଼ି ପାଇଁ) ।

17) ଯେକୌଣସି ଗାଡ଼ି, ଯାହା ପଛରେ ଏଲ୍.ପି.ଜି. / ସି.ଏନ୍.ଜି. କିଟ୍ ଲାଗିଥିବ ।

(5) ୱାରେଣ୍ଟୀର ସୀମା:

ଏହି ୱାରେଣ୍ଟୀ ହେଉଛି, ମାରୁତି ସୁଜୁକି ଗାଡ଼ି ପାଇଁ ମାରୁତି ସୁଜୁକି ଦ୍ୱାରା ପ୍ରଦାନ କରାଯାଇଥିବା ସମଗ୍ର ଲିଖିତ ୱାରଣ୍ଟୀ । କୌଣସି ଡିଲର୍ କିମ୍ବା ତାଙ୍କର ଏଜେଣ୍ଟ କିମ୍ବା କର୍ମଚାରୀଙ୍କୁ, ଏହି ୱାରେଣ୍ଟୀ ବର୍ଦ୍ଧିତ କିମ୍ବା ପ୍ରସାରିତ କରିବାକୁ ଅଧିକାର ଦିଆଯାଇନାହିଁ ତଥା କୌଣସି ଡିଲର୍ କିମ୍ବା ତାହାର କିମ୍ବା ତାଙ୍କର ଏଜେଣ୍ଟ କିମ୍ବା କର୍ମଚାରୀଙ୍କର, ମାରୁତି ସୁଜୁକି ପକ୍ଷରୁ କୌଣସି ପ୍ରକାରର ମୌଖିକ ୱାରଣ୍ଟୀ ଦେବାର ଅଧିକାର ନାହିଁ ।

ପୂର୍ବରୁ ବିକ୍ରି ହୋଇସାରିଥିବା ୟୁନିଟ୍‌ଗୁଡ଼ିକରେ ପରିବର୍ତ୍ତନ କରିବାର କୌଣସି କର୍ତ୍ତବ୍ୟ ବିନା ମାରୁତି ସୁଜୁକି, ଯେକୌଣସି ସମୟରେ ଯେକୌଣସି ମଡେଲ୍‌ର ଡିଜାଇନ୍ ପରିବର୍ତ୍ତନ କିମ୍ବା ଯେକୌଣସି ପ୍ରକାରର ବିକାଶ ଯୋଗ କରିବାର ଅଧିକାର ସଂରକ୍ଷିତ ରଖିଛି ।

(6) ୱାରେଣ୍ଟୀ ସେବା:

ୱାରେଣ୍ଟୀ ସେବା ପ୍ରାପ୍ତ କରିବା ପାଇଁ, ଯେକୌଣସି ଅଧିକୃତ ବା ସ୍ୱୀକୃତିପ୍ରାପ୍ତ ମାରୁତି ସୁଜୁକି ଡିଲର୍‌ଙ୍କ ନିକଟକୁ, ଗାଡ଼ି ମାଲିକଙ୍କ ନିଜସ୍ୱ ଖର୍ଚ୍ଚରେ ସମ୍ପୂର୍ଣ୍ଣ ଗାଡ଼ି ଉପସ୍ଥିତ କରିବାକୁ ହେବ ।

(7) ମାଲିକଙ୍କର ୱାରେଣ୍ଟୀ ଦାୟିତ୍ୱ:

ପ୍ରତ୍ୟେକ ମାଲିକଙ୍କର ନିମ୍ନଲିଖିତ ଦାୟିତ୍ୱ ରହିବା ଉଚିତ:

- ଏହା ସୁନିଶ୍ଚିତ କରନ୍ତୁ ଯେ, ଗାଡ଼ି ପ୍ରଦାନ କରାଯିବା ସମୟରେ ୱାରେଣ୍ଟୀ ପଞ୍ଜୀକରଣ / ପି.ଡି. କାର୍ଡ ପୂରଣ କରାଯାଇଛି ;
- ମାରୁତି ସୁଜୁକି ମାଲିକଙ୍କ ପାଇଁ ମାନୁଆଲ୍ ଓ ସର୍ଭିସ୍ ପୁସ୍ତିକା (ବୂକ୍‌ଲେଟ୍)ରେ ବିନିର୍ଦ୍ଦିଷ୍ଟ ସମସ୍ତ ସର୍ଭିସ୍ ଯାଞ୍ଚ, ଜଣେ ସ୍ୱୀକୃତିପ୍ରାପ୍ତ ମାରୁତି ସୁଜୁକି ଡିଲର୍ / ସର୍ଭିସ୍ ଷ୍ଟେଶନ୍ ଦ୍ୱାରା ନିଜ ଖର୍ଚ୍ଚରେ କରିଥିବେ ଏବଂ ଏହିପରି ସର୍ଭିସ୍ ଯାଞ୍ଚ କରାଯଇଥିବାର ପର୍ଯ୍ୟାପ୍ତ ପ୍ରମାଣ ରଖିଥିବେ ।
- ଏହା ସୁନିଶ୍ଚିତ କରନ୍ତୁ ଯେ, "ମାଲିକଙ୍କ ପାଇଁ ମାନୁଆଲ୍ ଓ ସର୍ଭିସ୍ ପୁସ୍ତିକା (ବୂକ୍‌ଲେଟ୍)"ରେ ଥିବା "ରକ୍ଷଣା-ବେକ୍ଷଣ ସର୍ଭିସ୍ ରେକର୍ଡ" ପୃଷ୍ଠାରେ, ଅଧିକୃତ ମାରୁତି ସୁଜୁକି ଡିଲର୍ / ସର୍ଭିସ୍ ଷ୍ଟେଶନ୍ ଦ୍ୱାରା କରାଯାଇଥିବା ଯାଞ୍ଚ କାର୍ଯ୍ୟ ପ୍ରମାଣୀକୃତ ହୋଇଛି ଏବଂ
- ୱାରେଣ୍ଟୀ ସର୍ଭିସ୍ କିମ୍ବା ସର୍ଭିସ୍ ଯାଞ୍ଚର ଅନୁରୋଧ କରିବା ସମୟରେ "ମାଲିକଙ୍କ ପାଇଁ ମାନୁଆଲ୍ ଓ ସର୍ଭିସ୍ ପୁସ୍ତିକା (ବୂକ୍‌ଲେଟ୍)"ଟି ଅଧିକୃତ ମାରୁତି ସୁଜୁକି ଡିଲର୍‌ଙ୍କୁ ପ୍ରଦାନ କରାଯିବ ।

ଯଦି "ମାଲିକଙ୍କ ପାଇଁ ମାନୁଆଲ୍ ଓ ସର୍ଭିସ୍ ପୁସ୍ତିକା (ବୂକ୍‌ଲେଟ୍)" ହଜିଯାଏ କିମ୍ବା ନଷ୍ଟ ହୋଇଯାଏ, ତେବେ ସେହି ପୁସ୍ତିକାର ପ୍ରତିବଦଳ ବିକ୍ରୟକ ନିର୍ଦ୍ଦେଶାବଳୀ ପାଇଁ ଯେଉଁ ଡିଲର୍‌ଙ୍କଠାରୁ ଗାଡ଼ିଟି କ୍ରୟ କରାଯାଇଥିଲା, ସେହି ଅଧିକୃତ ମାରୁତି ସୁଜୁକି ଡିଲର୍‌ଙ୍କ ସହିତ ଗାଡ଼ି ମାଲିକ ଆଲୋଚନା କରିବା ଉଚିତ ।

(8) ପରିଣାମୀ କ୍ଷତିର ଘୋଷଣାନାମା:

ଗାଡ଼ିର ହାନି, ସମୟର ହାନି, ଅସୁବିଧା କିମ୍ବା ଅନ୍ୟ କୌଣସି ପ୍ରକାର ପରୋକ୍ଷ ଦୁର୍ଘଟଣାଜନିତ କିମ୍ବା ପରିଣାମଜନିତ କ୍ଷତି ପାଇଁ ମାରୁତି ସୁଜୁକି ଦାୟୀ ନୁହେଁ, ଯାହାର ପରିଣାମସ୍ୱରୂପ ଏହି ୱାରେଣ୍ଟୀ ଦ୍ୱାରା କୌଣସି ପ୍ରକାରର ତ୍ରୁଟି କଭର୍ କରାଯାଉଥିବା କାରଣରୁ ମାଲିକଙ୍କୁ ଗାଡ଼ିଟି ଉପଲବ୍ଧ ନହୁଏ ।

(9) ମାଲିକ ପରିବର୍ତ୍ତନ

ଯଦିବି ଗାଡ଼ିର ମାଲିକାନା ପରିବର୍ତ୍ତିତ ହୁଏ, ନୂଆ ମାଲିକଙ୍କ ପାଇଁ ୱାରେଣ୍ଟୀ ଅବଧି ପ୍ରଭାବଶାଳୀ ରହିବ ।

ଉତ୍ସର୍ଜନ (ଏମିଶନ୍) ୱାରେଣ୍ଟୀ ନୀତି

କେବଳ ଚାରୋଟି ମହାନଗର (ନୂଆ ଦିଲ୍ଲୀ, କୋଲକାତା, ମୁମ୍ବଇ ଓ ଚେନ୍ନଇ)ରେ ହିଁ ସମସ୍ତ ମାରୁତି ସୁଜୁକି ଗାଡ଼ି ଉପରେ କମ୍ପାନୀ, ଉତ୍ସର୍ଜନ (ଏମିଶନ୍) ୱାରେଣ୍ଟୀ ପ୍ରଦାନ କରେ (ନିୟମିତ ୱାରେଣ୍ଟୀ ବ୍ୟତୀତ ଏବଂ ତାହା ନିୟମିତ ୱାରେଣ୍ଟୀ ସମାନ୍ତରାଳରେ ଚାଲିବ), ଯାହା 1ମ ଜୁଲାଇ 2001ରୁ ପ୍ରଭାବୀ ଅଟେ।

ଅବଧି:
ପ୍ରଥମ ମାଲିକଙ୍କୁ ପ୍ରଦାନ କରାଯାଇଥିବା ତାରିଖଠାରୁ 80,000 କି.ମି. କିମ୍ବା 3 ବର୍ଷ (ଯାହା ପ୍ରଥମେ ଆସିବ) ପାଇଁ ଏହି ଉତ୍ସର୍ଜନ (ଏମିଶନ୍) ୱାରେଣ୍ଟୀ ଲାଗୁ ଅଟେ । ଅବଶିଷ୍ଟ ୱାରେଣ୍ଟୀ ଅବଧି, କୌଣସି ପ୍ରକାରର ମାଲିକାନା ପରିବର୍ତ୍ତନ କ୍ଷେତ୍ରରେ ବୈଧ ରହିବ, କିନ୍ତୁ ସେଥିପାଇଁ ସମସ୍ତ ବୈଧ ଦସ୍ତାବିଜ୍ ପ୍ରଦାନ କରିବାକୁ ହେବ ।

ସର୍ତ୍ତାବଳୀ:
1. ଉତ୍ସର୍ଜନ (ଏମିଶନ୍) ୱାରେଣ୍ଟୀ ଅନ୍ତର୍ଗତ, ୱାରେଣ୍ଟୀ ଦାବିକୁ, ରାଷ୍ଟ୍ରୀୟ ମୋଟର ଯାନ ନିୟମ (ସି.ଏମ୍.ଭି.ଆର୍), 1989ର, ନିୟମ 115ର ଉପ-ନିୟମ (2)ରେ ଉଲ୍ଲିଖିତ ଅନୁସାରେ, ଗାଡ଼ିଟି ଏମିଶନ୍ ମାନକ ଅନୁକୂଳ ହେବାର ବିଫଳ ହେବା କ୍ଷେତ୍ରରେ, ଏକ ପ୍ରଥମ ଦୃଷ୍ଟ୍ୟା ପରୀକ୍ଷା ପାଇଁ ଦାଖଲ କରାଯିବ ।

2. ୱାରେଣ୍ଟୀ ଦାବି, କେବଳ ସେତେବେଳେ ଗୃହିତ ହେବ, ଯେତେବେଳେ ତାହା ମାରୁତି ସୁଜୁକି ଦ୍ୱାରା କିମ୍ବା ତାହାର ଡିଲର୍ଙ୍କ ଦ୍ୱାରା ପରୀକ୍ଷା କରାଯାଇସାରିବ, ଯାହା ଏହା ଦୃଢ଼ ସୁନିଶ୍ଚିତ କରିବ ଯେ,
   କ) ମୂଳ (ଅରିଜିନଲ୍) ସେଟିଙ୍ଗ୍ଗୁଡ଼ିକୁ କୌଣସି ପ୍ରକାରେ ଖୋଲାଯାଇନାହିଁ ।
   ଖ) ପାର୍ଟ (ସଂଲଗ୍ନକ –'କ'ରେ ଯେପରି ପ୍ରଦାନ କରାଯାଇଛି)ରେ ବିନିର୍ମାଣ ଦୋଷ ରହିଛି ।
   ଗ) ମାଲିକଙ୍କ ପାଇଁ ମାନୁଆଲ୍ ଓ ସର୍ଭିସ୍ ପୁସ୍ତିକାରେ ଉଲ୍ଲିଖିତ ନିର୍ଦ୍ଦେଶର ଅନୁପାଳନପୂର୍ବକ ଗାଡ଼ିର ରକ୍ଷଣା-ବେକ୍ଷଣ ଓ ବ୍ୟବହାର କରାଯାଇଛି ତଥା ତେଲ ଓ ବିଭିନ୍ନ ଅଏଲ୍ (ଇଞ୍ଜିନ ଅଏଲ୍, ଟ୍ରାନ୍ସମିଶନ୍ ଅଏଲ୍, ବ୍ରେକ୍ ଅଏଲ୍ ଆଦି) ମଧ୍ୟ ନିର୍ଦ୍ଦେଶ ଅନୁସାରେ ପକାଯାଇଥିବା ସତ୍ତ୍ୱେ ଗାଡ଼ିଟି ଏମିଶନ୍ ମାନକ (1ରେ ଦିଆଯାଇଥିବା ପରି) ଅନୁକୂଳ ହେବାରେ ଅସମର୍ଥ ଅଟେ ।
3. ପାର୍ଟ୍ସର ୱାରେଣ୍ଟୀ ନିର୍ଣ୍ଣୟ କରିବା ପାଇଁ ପରୀକ୍ଷାର ପଦ୍ଧତି, ମାରୁତି ସୁଜୁକି ଓ ତାହାର ଡିଲର୍ଙ୍କର ସ୍ୱବିବେକରେ ହେବ ଏବଂ ପରୀକ୍ଷାର ପରିଣାମ, ଅନ୍ତିମ ଓ ବାଧ୍ୟକାରୀ ହେବ । ଯଦି, ପରୀକ୍ଷା ପରେ, ୱାରେଣ୍ଟଯୋଗ୍ୟ ପରିସ୍ଥିତି ସ୍ଥାପିତ ହେବନାହିଁ, ତେବେ ମାରୁତି ସୁଜୁକି ଓ ତାହାର ଡିଲର୍ଙ୍କ ପାଖରେ, ସମସ୍ତ କିମ୍ବା ଏହିପରି ପରୀକ୍ଷା ଖର୍ଚ୍ଚର ଭାଗ ପାଇଁ ଅର୍ଥ ଲାଗୁ କରିବାର ଅଧିକାର ଅଛି ।
4. ଏମିଶନ୍ ୱାରେଣ୍ଟୀ ଅନ୍ତର୍ଗତ, ପାର୍ଟ୍ସ (ସଂଲଗ୍ନକ – 'କ'ରେ ପ୍ରଦତ୍ତ) ବିନା ମୂଲ୍ୟରେ ପରିବର୍ତ୍ତିତ କରାଯିବ, କିନ୍ତୁ ଉପଭୋଗ୍ୟ ବସ୍ତୁଗୁଡ଼ିକୁ, ତାହାର ପ୍ରକୃତ ମୂଲ୍ୟରେ ଲାଗୁ କରାଯିବ ।
5. ଯଦି, ଏମିଶନ୍ ୱାରେଣ୍ଟୀ ଅନ୍ତର୍ଗତ କୌଣସି ଭାଗ କିମ୍ବା ସହାୟକ ଭାଗଗୁଡ଼ିକୁ, ସମ୍ପୂର୍ଣ୍ଣ ଭାବେ ଆସେମ୍ବଲ୍ ହୋଇଥିବା ଏକୀକୃତ ଭାଗଗୁଡ଼ିକ କାରଣରୁ ପୃଥକ୍ ଭାଗେ ପ୍ରତିବଦଳ କରିହେବ ନାହିଁ, ତେବେ ମାରୁତି ସୁଜୁକି ଓ ତାହାର ଡିଲର୍ଙ୍କ ପାଖରେ, ଉପଯୁକ୍ତ ମରାମତି କିମ୍ବା ସଂଶୋଧନ ମାଧ୍ୟମରେ ସିଷ୍ଟମ୍ର କିଛି ଭାଗ ବ୍ୟବହାର ଦ୍ୱାରା କିମ୍ବା ସମଗ୍ର ଆସେମ୍ବଲୀକୁ ବଦଳାଇବା ପାଇଁ ସ୍ୱବିଚାର ରହିବ ।
6. ପାର୍ଟଗୁଡ଼ିକର କୌଣସି ପ୍ରକାରର ପରିଣାମୀ ମରାମତି କିମ୍ବା ପ୍ରତିବଦଳ, ଯାହାର ଏମିଶନ୍ ୱାରେଣ୍ଟୀ ଅନୁପାଳନ ସ୍ଥାପନା କରିବା ପାଇଁ ଆବଶ୍ୟକତା ଦେଖାଦେଇପାରେ, ୱାରେଣ୍ଟୀ ଅନ୍ତର୍ଗତ ବିଚାର କରାଯିବ ନାହିଁ, ଯଦି ସେହି ଉତ୍ପାଦ ୱାରେଣ୍ଟୀ ଅନ୍ତର୍ଗତ ନଥିବ । ଏହିପରି ମରାମତି କିମ୍ବା ପ୍ରତିବଦଳ ଅନ୍ତର୍ଗତ, ଉପଭୋଗ୍ୟ ବସ୍ତୁଗୁଡ଼ିକର ପ୍ରକୃତ ମୂଲ୍ୟ ଚାର୍ଜ କରାଯିବ ।
7. ନିକଟସ୍ଥ ମାରୁତି ସୁଜୁକି ଡିଲର୍ ୱର୍କଶପ୍କୁ ଗାଡ଼ି ନେବାପାଇଁ ପରିବହନ ଖର୍ଚ୍ଚ କିମ୍ବା ୱାରେଣ୍ଟୀ ଦାବି କରିବାର ଅବଧିରେ, କୌଣସି ପ୍ରକାରର ହାନି କାରଣରୁ ଗାଡ଼ିର ଅନୁପଲବ୍ଧତା ଏବଂ ମାରୁତି ସୁଜୁକି ଡିଲର୍ଙ୍କ ଦ୍ୱାରା ପରୀକ୍ଷା ଓ / କିମ୍ବା ମରାମତିର ଖର୍ଚ୍ଚ ପାଇଁ ମାରୁତି ସୁଜୁକି ଦାୟୀ ହେବନାହିଁ ।
8. ଏମିଶନ୍ ମାନକ ଅନୁପାଳନ କରିବାରେ ବିଫଳ ହେବା କ୍ଷେତ୍ରରେ ବୈଧାନିକ ଅଧିକାରୀମାନଙ୍କ ଦ୍ୱାରା ଚାର୍ଜ କରାଯାଇଥିବା କୌଣସି ପ୍ରକାରର ଅର୍ଥଦଣ୍ଡ ପାଇଁ ମାରୁତି ସୁଜୁକି ଦାୟୀ ହେବାନାହିଁ ।
9. ମାଲିକାନା ପରିବର୍ତ୍ତନରେ ଏମିଶନ୍ ୱାରେଣ୍ଟୀ ପ୍ରଭାବିତ ହେବନାହିଁ, କିନ୍ତୁ ସମସ୍ତ ଦସ୍ତାବିଜ୍ ଉପଲବ୍ଧ ଥିବା ଦରକାର ।

10. ସମସ୍ତ ରକ୍ଷଣା-ବେକ୍ଷଣ କାର୍ଯ୍ୟ (ମାଲିକଙ୍କ ପାଇଁ ମାନୁଆଲ୍ ଓ ସର୍ଭିସ୍ ପୁସ୍ତିକାରେ ଉଲ୍ଲିଖିତ ଅନୁସାରେ)ର ପାଳନ କରିବା ଦରକାର ଏବଂ ଏମିଶନ୍ ୱାରେଣ୍ଟୀ ପାଇଁ ମାନୁଆଲ୍‌ରେ ଲିପିବଦ୍ଧ କରିବା ଆବଶ୍ୟକ ।

11. ଗ୍ରାହକଙ୍କୁ ପି.ୟୁ.ସି. (ପ୍ରଦୂଷଣ ନିୟନ୍ତ୍ରଣାଧିନ) ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ, ଯାହା ପରୀକ୍ଷା ସମୟରେ ପୂର୍ବବର୍ତ୍ତୀ ଅବଧି ପାଇଁ ବୈଧ ଅଟେ, ଯେଉଁ ସମୟରେ ତ୍ରୁଟି ପରିଲକ୍ଷିତ ହୋଇଥିଲା । ରସିଦଗୁଡ଼ିକର (ଗାଡ଼ିର ମୂଳ କ୍ରୟ ତାରିଖଠାରୁ, ମାଲିକଙ୍କ ପାଇଁ ମାନୁଆଲ୍ ଓ ସର୍ଭିସ୍ ପୁସ୍ତିକରେ ନିର୍ଦ୍ଦେଶିତ ଅନୁସାରେ ଗାଡ଼ିର ରକ୍ଷଣା-ବେକ୍ଷଣ ପାଇଁ) ମଧ୍ୟ ଆବଶ୍ୟକ ହେବ ।

ସର୍ତ୍ତବାଳୀ, ଯାହା ଅନ୍ତର୍ଗତ ଏମିଶନ୍ ୱାରେଣ୍ଟୀ ପ୍ରଯୁଜ୍ୟ ବା ଲାଗୁ ନୁହେଁ

1. ବୈଧ ପି.ୟୁ.ସି. (ପ୍ରଦୂଷଣ ନିୟନ୍ତ୍ରଣାଧିନ) ପ୍ରମାଣପତ୍ରର ଅନୁପସ୍ଥିତିରେ ।
2. ମାଲିକଙ୍କ ପାଇଁ ମାନୁଆଲ୍‌ରେ ଉଲ୍ଲିଖିତ ଅନୁସୂଚୀ ଅନୁସାରେ ଅଧିକୃତ ମାରୁତି ସୁଜୁକି ୱାର୍କଶପ୍‌ରେ ଗାଡ଼ିର ସର୍ଭିସିଙ୍ଗ୍ ହୋଇନଥିବ ।
3. ଗାଡ଼ିର ଅସ୍ୱାଭାବିକ ବ୍ୟବହାର ହୋଇଥିବା, (ଯେପରି ଦୁର୍ଘଟଣା, ମୋଟର ରେସ୍, ରାଲୀ କିମ୍ବା ରେକର୍ଡ ସ୍ଥାପନା ଆଦି ଉଦ୍ଦେଶ୍ୟରେ) ।
4. ଅଣ ଏମ୍.ଜି.ପି. (ମାରୁତି ଜେନୁଇନ୍ ପାର୍ଟ)ର ବ୍ୟବହାର ।
5. ଅଣଅଧିକୃତ ଶୈଳୀରେ ଗାଡ଼ି ଖୋଲାଯାଇଥିବ ।
6. ଓଡୋମିଟର୍ ଖୋଲାଯାଇଥିବ, ଯେଉଁଥିରୁ ପ୍ରକୃତ କିଲୋମିଟର୍ ପଢ଼ିହେଉନଥିବ ।
7. ଅପମିଶ୍ରିତ ତେଲ ଓ / କିମ୍ବା ଅନିର୍ଦ୍ଦିଷ୍ଟ ଅଏଲ୍ସ (ଇଞ୍ଜିନ୍ ଅଏଲ୍, ଟ୍ରାନ୍ସମିଶନ୍ ଅଏଲ୍ ଓ ବ୍ରେକ୍ ଅଏଲ୍ ଆଦି)ର ବ୍ୟବହାର ।

ସଂଲଗ୍ନକ – 'କ'

ଏମିଶନ୍ ୱାରେଣ୍ଟୀ ଅନ୍ତର୍ଗତ କଭର୍ ହେଉଥିବା ପାର୍ଟଗୁଡ଼ିକର ତାଲିକା
1. ଫୁଏଲ୍ ଇଞ୍ଜେକ୍ସନ୍ ଅସେମ୍ବଲୀ, ପ୍ରେସର୍ ରେଗୁଲେଟର୍, ଥ୍ରୋଟଲ୍ ବଡୀ ଅସେମ୍ବଲୀ
2. ଇଲେକ୍ଟ୍ରୋନିକ୍ କଣ୍ଟ୍ରୋଲ୍ ମଡ୍ୟୁଲ୍ (ଇ.ସି.ଏମ୍.)
3. ଇନ୍‌ଟେକ୍ ମାନିଫୋଲ୍ଡ
4. ଇ.ଜି.ଆର୍ ଭାଲ୍ଭ
5. ଡିଷ୍ଟ୍ରିବ୍ୟୁଟର୍ ଓ ଇନ୍‌ଟର୍ନଲ୍ ପାର୍ଟ୍ସ
6. ଇଗ୍ନିଶନ୍ କଏଲ୍
7. କେନିଷ୍ଟର୍ ଅସେମ୍ବଲୀ
8. ଭାପୋର୍ ଲିକ୍ୱିଡ୍ ସେପାରେଟର୍
9. ଫୁଏଲ୍ ଟାଙ୍କ୍ ଓ ଫିଲର୍ କ୍ୟାପ୍
10. ପି.ସି.ଭି. (ପଜିଟିଭ୍ କ୍ରାଙ୍କକେସ୍ ଭେଣ୍ଟିଲେଶନ୍) ଭାଲ୍ଭ
11. ଅଏଲ୍ ଫିଲର୍ କ୍ୟାପ୍
12. କେଟାଲିଷ୍ଟିକ୍ କନ୍‌ଭର୍ଟର୍
13. ଏଗ୍‌ଜୋଷ୍ଟ ମାନିଫୋଲ୍ଡ
14. ସମସ୍ତ ଫୁଏଲ୍ ଇଞ୍ଜେକ୍ସନ୍ ସିଷ୍ଟମ୍ ସମ୍ପର୍କିତ ସେନ୍ସର୍ସ
15. ହାଇ ପ୍ରେସର୍ ଫୁଏଲ୍ ପମ୍ପ୍
16. ଗ୍ଲୋ ପ୍ଲଗ୍
17. ଗ୍ଲୋ ପ୍ଲଗ୍ କଣ୍ଟ୍ରୋଲର୍
18. ମାନିଭର୍ଟର୍

ବିଷୟ ସୂଚୀ

ଇନ୍ଧନର ସୁପାରିସ	1
ଗାଡ଼ି ଚଲାଇବା ପୂର୍ବରୁ	2
ନିଜ ବାହନର ସଂଚାଳନ	3
ଡ୍ରାଇଭିଙ୍ଗ୍ ଟିପ୍ସ	4
ଅନ୍ୟାନ୍ୟ ନିୟନ୍ତ୍ରଣ ଓ ଉପକରଣ	5
ଗାଡ଼ିରେ ଲୋଡ୍ କରିବା ଓ ଟୋ କରିବା	6
ଯାଞ୍ଚ ଓ ରକ୍ଷଣା-ବେକ୍ଷଣ	7
ଜରୁରୀକାଳୀନ ସେବା (ସର୍ଭିସ୍)	8
ଗାଡ଼ିର ଯତ୍ନ	9
ସାଧାରଣ ପରିଚୟ	10
ବିଶିଷ୍ଟତା	11
ବଡୀ ଫାବ୍ରିକେଶନ୍ ପାଇଁ ନିର୍ଦ୍ଦେଶାବଳୀ (ଚେସିସ୍ ଭେରିଏଂଟ୍ ପାଇଁ)	12

ଇନ୍ଧନର ସୁପାରିସ

ଇନ୍ଧନର ସୁପାରିସ 1-1

1

ଇନ୍ଧନର ସୁପାରିସ

ଆପଣଙ୍କୁ, 51ରୁ ଅଧିକ ଥିବା ସିଟେନ୍ ନମ୍ବର୍ (ସି.ଏନ୍.) ଓ 50 ପି.ପି.ଏମ୍. (ପାର୍ଟ୍ସ ପର୍ ମିଲିୟନ୍)ରୁ କମ୍ ସଲ୍‌ଫର୍ ବିଶିଷ୍ଟ ଡିଜେଲ୍ ତେଲର ବ୍ୟବହାର କରିବାକୁ ହେବ । EN590 ଅନୁରୂପ ଡିଜେଲ୍ ତୈଳ ବ୍ୟବହାର କରିବା ପାଇଁ ମାରୁତି ସୁଜୁକି ସୁପାରିସ କରୁଛି । ମରାଇନ୍ ଡିଜେଲ୍ ତୈଳ, ହିଟିଙ୍ଗ୍ ତେଲ ଆଦି ବ୍ୟବହାର କରନ୍ତୁ ନାହିଁ ।

ନୋଟିସ୍
ଗରମ ଋତୁରେ ତୈଳ ପ୍ରସାରଣକୁ ଅନୁମତି ଦେବା ପାଇଁ ତେଲ ଟାଙ୍କିରେ ଏକ ଏୟାର୍ ସ୍ପେସ୍ ବା ରିକ୍ତ ସ୍ଥାନ ଥାଏ । ଫିଲର୍ ନୋଜଲ୍ ନିଜକୁ ନିଜ ବନ୍ଦ ହୋଇଯିବା ପରେ କିମ୍ବା ଏକ ପ୍ରାରମ୍ଭିକ ବ୍ଲୋବ୍ୟାକ୍ ଘଟିବା ପରେ ଯଦି ଆପଣ ତେଲ ପକାଇବା ଜାରି ରଖନ୍ତି, ତେବେ ଏୟାର୍ ଚାମ୍ବର୍ ପୂର୍ଣ୍ଣ ହୋଇଯାଏ । ଏହିପରି ଭାବରେ ପୂର୍ଣ୍ଣ ଭାବେ ତେଲ ଭର୍ତ୍ତି କରିବାବେଳେ ଗରମ ପ୍ରତି ଉତ୍ପନ୍ନ ତାର ପରିଣାମସ୍ୱରୂପ ତୈଳ ପ୍ରସାରଣ କାରଣରୁ ଲିକେଜ୍ ହୋଇପାରେ । ଏହିଭଳି ତେଲ ଲିକେଜ୍‌ର ପ୍ରତିରୋଧ କରିବା ପାଇଁ, ଫିଲର୍ ନୋଜଲ୍ ନିଜକୁ ନିଜ ବନ୍ଦ ହୋଇଯିବା ପରେ କିମ୍ବା ବିକଳ୍ପ ଅଣ-ସ୍ୱୟଂକୃତ ପ୍ରଣାଳୀ ବ୍ୟବହାର କରୁଥିବାବେଳେ, ପ୍ରାରମ୍ଭିକ ଭେଣ୍ଟ ବ୍ଲୋବ୍ୟାକ୍ ଘଟିବା ପରେ ଭର୍ତ୍ତି କରିବା ବନ୍ଦ କରିଦିଅନ୍ତୁ ।

ନୋଟିସ୍
ପୁନଃ ତେଲ ଭର୍ତ୍ତି କରିବା ସମୟରେ, ଆଲ୍‌କୋହଲ୍ ଥିବା ତେଲ ଯେପରି ଢାଳି ନଯାଏ, ସେଥିପ୍ରତି ସାବଧାନ ରୁହନ୍ତୁ । ଯଦି ଯାନ ଉପରେ ତେଲ ଢାଳି ହୋଇଯାଏ, ତାହାକୁ ତୁରନ୍ତ ପୋଛିଦିଅନ୍ତୁ । ଆଲ୍‌କୋହଲ୍ ଥିବା ତେଲ, ରଙ୍ଗକୁ କ୍ଷତି ପହଞ୍ଚାଇପାରେ, ଯାହା ନ୍ୟୁ ଭେହିକଲ୍ ଲିମିଟେଡ୍ ୱାରେଣ୍ଟୀ ଅନ୍ତର୍ଗତ କଭର୍ କରାଯାଏ ନାହିଁ ।


ଗାଡ଼ି ଚଲାଇବା ପୂର୍ବରୁ

ଚାବି 2-1
ଡୁଆର୍ ଲକ୍ 2-1
ଟେଲ୍‌ଗେଟ୍ 2-1
ଝରକା 2-3
ଆଇନା (ମିରର୍) 2-3
ସିଟ୍ 2-3
ସିଟ୍ ବେଲ୍ଟ 2-4
ଉପକରଣ ସମୂହ (ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର୍) 2-8
ସ୍ପୀଡୋମିଟର୍ 2-9
ଫୁଏଲ୍ ଗଜ୍ 2-9
ସୂଚନା ପ୍ରଦର୍ଶନ 2-9
ଚେତାବନୀ ଓ ଇଣ୍ଡିକେଟର୍ ଲାଇଟ୍ସ 2-11
ଲାଇଟିଙ୍ଗ୍ କଣ୍ଟ୍ରୋଲ୍ ଲିଭର୍ 2-14
ହେଡ୍‌ଲାଇଟ୍ ଲେଭଲିଙ୍ଗ୍ ସ୍ୱିଚ୍ 2-14
ଟର୍ନ ସିଗ୍ନାଲ୍ କଣ୍ଟ୍ରୋଲ୍ ଲିଭର୍ 2-15
ବିପଦ ଚେତାବନୀ ସ୍ୱିଚ୍ 2-15
ୱିଣ୍ଡଶିଲ୍ଡ ୱାଇପର୍ ଓ ୱାଶର୍ ଲିଭର୍ 2-16
ହର୍ନ 2-17

2

ଚାବି

ଉଦାହରଣ



51KM024

ଆପଣଙ୍କ ଗାଡ଼ି ସହିତ ଦୁଇଟି ଏକାପରି ଚାବି ଆସିଥାଏ । ଗୋଟିଏ ଚାବିକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । ଗୋଟିଏ ଚାବି, ଗାଡ଼ିର ସମସ୍ତ ତାଲା ଖୋଲିଥାଏ ।


ଚାବିର ଚିହ୍ନଟ ସଂଖ୍ୟା, ଚାବିଗୁଡ଼ିକ ସହିତ ଧାତୁ ବା ମେଟାଲ୍ ଟ୍ୟାଗ୍‌ରେ ପ୍ରଦାନ କରାଯାଇଥାଏ କିମ୍ବା ଚାବି ଉପରେ ଷ୍ଟାମ୍ପ୍ କରାଯାଇଥାଏ । ଏକ ସୁରକ୍ଷିତ ସ୍ଥାନରେ ଟ୍ୟାଗ୍ (ଯଦି ପ୍ରଦାନ କରାଯାଇଥାଏ)କୁ ରଖନ୍ତୁ । ଯଦି ଆପଣ ଚାବିକୁ ହଜାଇଦିଅନ୍ତି, ତେବେ ନୂଆ ଚାବି ତିଆରି କରିବା ପାଇଁ ଆପଣଙ୍କୁ ଏହି ସଂଖ୍ୟା ବା ନମ୍ବର୍ ଦରକାର ହେବ । ଭବିଷ୍ୟତ ରେଫରେନ୍ସ ପାଇଁ ତଳେ ସଂଖ୍ୟାଟିକୁ ଲେଖିରଖନ୍ତୁ ।

ଚାବି ସଂଖ୍ୟା:

ଡୁଅର୍ ଲକ୍

ସାଇଡ୍ ଡୁଅର୍ ଲକ୍

ଡ୍ରାଇଭର୍ ଡୁଅର୍



76MH0A001

(1) ଲକ୍
(2) ଅନ୍‌ଲକ୍
(3) ସାମନା
(4) ପଛ


ଗାଡ଼ିର ବାହାର ପଟୁ ଡ୍ରାଇଭର୍ ଡୁଅର୍ ଲକ୍ କରିବା ପାଇଁ:

- ଚାବିକୁ ଭର୍ତ୍ତି କରନ୍ତୁ ଏବଂ ତାହାର ଉପର ପଟକୁ, ଗାଡ଼ିର ସାମ୍ନା ଦିଗକୁ ବୁଲାନ୍ତୁ କିମ୍ବା
- ଲକ୍ ନବ୍‌କୁ ତଳକୁ କରନ୍ତୁ, ତାହାପରେ ଡୁଅର୍ ହ୍ୟାଣ୍ଡଲ୍‌କୁ ଭିଡ଼ି ଧରନ୍ତୁ, ଯେପରି ଆପଣ ଡୁଅର୍ ବନ୍ଦ କରନ୍ତି ।

ଗାଡ଼ି ବାହାରୁ ଡ୍ରାଇଭର୍ ଡୁଅର୍ ଅନ୍‌ଲକ୍ କରିବା ପାଇଁ, ଚାବିକୁ ଭର୍ତ୍ତି କରନ୍ତୁ ଏବଂ ଚାବିର ଉପର ଭାଗକୁ ଗାଡ଼ିର ପଛ ଦିଗକୁ ବୁଲାନ୍ତୁ ।

ଗାଡ଼ିର ବାହାର ପଟୁ ଯାତ୍ରୀ ଡୁଅର୍ ଲକ୍ କରିବା ପାଇଁ, ଲକ୍ ନବ୍‌କୁ ତଳକୁ କରନ୍ତୁ, ତାହାପରେ ଡୁଅର୍ ହ୍ୟାଣ୍ଡଲ୍‌କୁ ଭିଡ଼ି ଧରନ୍ତୁ, ଯେପରି ଆପଣ ଡୁଅର୍ ବନ୍ଦ କରନ୍ତି ।


ଉଦାହରଣ



54G005


(1) ଲକ୍
(2) ଅନ୍‌ଲକ୍

ଟେଲ୍‌ଗେଟ୍



77PH025

ଲକ୍ ହ୍ୟାଣ୍ଡଲ୍ ଭିଡ଼ି ଟେଲ୍‌ଗେଟ୍‌କୁ ଖୋଲାଯାଇପାରେ (1) । ବନ୍ଦ କରିବା ସମୟରେ ସେଗୁଡ଼ିକୁ ଦୃଢ଼ ଭାବରେ ଲକ୍ କରନ୍ତୁ ।



77PM201


ଟେଲ୍‌ଗେଟ୍ ଚେନ୍ ସାହାଯ୍ୟ ସହିତ ଏକ ମଧ୍ୟବର୍ତ୍ତୀ ଅବସ୍ଥିତିରେ ମଧ୍ୟ ଟେଲ୍‌ଗେଟ୍‌କୁ ଲକ୍ କରାଯାଇପାରେ (2) ।

ନୋଟିସ୍

ବ୍ୟବହାର ନହେବା ସମୟରେ ଟେଲ୍‌ଗେଟ୍ ଚେନ୍ (2) କୁ ପିନ୍ ସହିତ (3) ଲକ୍ କରିଦିଅନ୍ତୁ ।

⚠ ଚେତାବନୀ

- **ଖୋଲା / ମଧ୍ୟବର୍ତ୍ତୀ ଅବସ୍ଥିତିରେ ଟେଲ୍‌ଗେଟ୍ ସହିତ ଡ୍ରାଇଭ୍ କରିଲେ, ତାହା ଝୁଲିଯିବ ଓ ଅନ୍ୟମାନଙ୍କ ଦେହରେ ମାଡ଼ ହେବ, ଯାହାଦ୍ୱାରା ଆଘାତ ଲାଗିପାରେ କିମ୍ବା ମୃତ୍ୟୁ ମଧ୍ୟ ହୋଇପାରେ ।**
- **ଟେଲ୍‌ଗେଟ୍‌ର ଖୋଲା / ମଧ୍ୟବର୍ତ୍ତୀ ଅବସ୍ଥିତି, ଅନ୍ୟ ଡ୍ରାଇଭର୍‌ମାନଙ୍କୁ ଟେଲ୍‌ଗେଟ୍ ଦେଖିବାରେ ବାଧା ଦେଇପାରେ, ଯାହାଦ୍ୱାରା ଦୁର୍ଘଟଣା ଘଟିଥାଏ । ଗାଡ଼ି ଚଲାଇବା ପୂର୍ବରୁ ଏହା ସୁନିଶ୍ଚିତ କରନ୍ତୁ କି, ଟେଲ୍‌ଗେଟ୍‌ଟି ବନ୍ଦ ଓ ଲକ୍ ଅଛି ।**
- **ସୁନିଶ୍ଚିତ କରନ୍ତୁ କି, ଏକ ଦୁର୍ଘଟଣା କ୍ଷେତ୍ରରେ, ଗାଡ଼ି ଭିତରୁ ମାଲ୍‌ଗୁଡ଼ିକ ବାହାରକୁ ଫୋପାଡ଼ି ହେବାରୁ ପ୍ରତିରୋଧ କରିବା ପାଇଁ ଟେଲ୍‌ଗେଟ୍‌ଟି ସର୍ବଦା ବନ୍ଦ ରହିବା ସହିତ ଦୃଢ଼ ଭାବାର ଲକ୍ ହୋଇଥିବ ।**
- **ମଧ୍ୟବର୍ତ୍ତୀ ଅବସ୍ଥାରେ ଲକ୍ ହୋଇଥିବାବେଳେ ଟେଲ୍‌ଗେଟ୍ ଉପରେ ଠିଆ ହୁଅନ୍ତୁ ନାହିଁ, ଭାର ଦିଅନ୍ତୁ ନାହିଁ କିମ୍ବା ମାଲ୍ ରଖନ୍ତୁ ନାହିଁ ।**
- **ଯଦି ଟେଲ୍‌ଗେଟ୍‌ଟି ପୂରାପୂରି ଖୋଲା ଅବସ୍ଥାରେ ଥାଏ, ଗାଡ଼ିର ପଛ ଆଲୋକ ଉପକରଣ, ଯେପରି ଲ୍ୟାମ୍ପ୍, ଟର୍ନ ସିଗ୍ନାଲ୍ ଇଣ୍ଡିକେଟର୍ ଓ ଷ୍ଟପ୍ ଲ୍ୟାମପ୍ ଲୁଚିଯିବ ଓ ଦେଖାଯିବ ନାହିଁ ।**



77PM202


⚠ ଚେତାବନୀ

- **ଟେଲ୍‌ଗେଟ୍ (1) ପୂରା ଖୋଲାଥିବା ସମୟରେ ଯଦି ଲୋଡିଙ୍ଗ୍ ଓ ଅନ୍‌ଲୋଡିଙ୍ଗ୍ କରାଯାଉଥାଏ, ଗାଡ଼ିର ଉପସ୍ଥିତି ବିଷୟରେ ଅନ୍ୟ ଉପଯୋଗକର୍ତ୍ତାଙ୍କୁ ସତର୍କ କରିବା ପାଇଁ ଦୃଶ୍ୟମାନ ଅବସ୍ଥାରେ ରାସ୍ତା ଉପରେ ଗୋଟିଏ ଚେତାବନୀ ତ୍ରିଭୁଜ (2) ନିଶ୍ଚିତ ରଖାଯିବା ଉଚିତ ।**

ଝରକା

ମାନୁଆଲ୍ ଝରକା ନିୟନ୍ତ୍ରଣ

ଉଦାହରଣ




60G010

ଡ୍ରାଇଭର୍ ପେନେଲ୍‌ରେ ଥିବା ହ୍ୟାଣ୍ଡଲ୍‌କୁ ବୁଲାଇ ଡ୍ରାଇଭର୍ ଝରକାକୁ ଉପରକୁ ଉଠାଇପାରିବେ କିମ୍ବା ତଳକୁ କରିପାରିବେ ।

ପଛ ଝରକା

ଉଦାହରଣ



77PH073


ଝରକା ଖୋଲିବା ପାଇଁ ଲକ୍‌କୁ (1) ଠେଲନ୍ତୁ ଓ ଝରକାକୁ ଖସାଇଦିଅନ୍ତୁ ।

ଆଇନା (ମିରର୍)

ଭିତର ରିଅର୍‌ଭ୍ୟୁ ମିରର୍

ଭିତରେ ଥିବା ରିଅର୍‌ଭ୍ୟୁ ମିରର୍‌କୁ ଆପଣ ହାତରେ ଆଡ୍‌ଜଷ୍ଟ କରିପାରିବେ, ଯେଉଁଥିରୁ ଆପଣ ଆଇନାରେ ନିଜ ଗାଡ଼ିର ପଛ ଭାଗକୁ ଦେଖିପାରିବେ ।

ଉଦାହରଣ



74LHT0235


ବାହାର ରିଅର୍‌ଭ୍ୟୁ ମିରର୍(ଗୁଡ଼ିକ)

ବାହାରେ ଥିବା ରିଅର୍‌ଭ୍ୟୁ ମିରର୍(ଗୁଡ଼ିକୁ) ଆଡ୍‌ଜଷ୍ଟ କରନ୍ତୁ, ଯେଉଁଥିରୁ ଆପଣ ଆଇନାରେ ନିଜ ଗାଡ଼ିର ପାର୍ଶ୍ୱ (ସାଇଡ୍)କୁ ଦେଖିପାରିବେ ।

⚠ ଚେତାବନୀ

ସାଇଡ୍ କନ୍‌ଭେକ୍ସ ମିରର୍ (ପାର୍ଶ୍ୱ ଉତ୍ତଳ ଦର୍ପଣ)ରେ ଦେଖାଯାଉଥିବା ଗୋଟିଏ ଗାଡ଼ି କିମ୍ବା ଅନ୍ୟ ବସ୍ତୁର ଆକାର କିମ୍ବା ଦୂରତା ଅନୁମାନ କିମ୍ବା ବିଚାର କରିବାବେଳେ ସାବଧାନ ରୁହନ୍ତୁ । ଏହା ଜାଣିରଖନ୍ତୁ ଯେ, ଗୋଟିଏ ସମତଳ ଦର୍ପଣରେ ଦେଖିବା ସମୟରେ ବସ୍ତୁଗୁଡ଼ିକ ଛୋଟ ଦେଖାଯାଏ ତଥା ବହୁତ ଦୂରରେ ଥିବାପରି ଲାଗେ ।

ଉଦାହରଣ



64P0190

ସିଟ୍

ସିଟ୍ ଆଡ୍‌ଜଷ୍ଟମେଣ୍ଟ (ଡ୍ରାଇଭର୍ ସିଟ୍)


⚠ ଚେତାବନୀ

ଗାଡ଼ି ଚଲାଇବା ସମୟରେ କେବେବି ଡ୍ରାଇଭର୍ ସିଟ୍ ଆଡ୍‌ଜଷ୍ଟ କରିବାକୁ ଚେଷ୍ଟା କରନ୍ତୁ ନାହିଁ । ଅପ୍ରତ୍ୟାଶିତ ଭାବେ ସିଟ୍‌ଟି ଘୁଞ୍ଚିଯାଇପାରେ, ଯେଉଁ କାରଣରୁ ନିୟନ୍ତ୍ରଣ ହରାଇଥା'ନ୍ତି । ଗାଡ଼ି ଚଲାଇବା ଆରମ୍ଭ କରିବା ପୂର୍ବରୁ ଏହା ସୁନିଶ୍ଚିତ କରନ୍ତୁ ଯେ, ଡ୍ରାଇଭର୍ ସିଟ୍ ଉପଯୁକ୍ତ ଭାବେ ଆଡ୍‌ଜଷ୍ଟ ହୋଇଛି ।

⚠ ଚେତାବନୀ

ଅତ୍ୟଧିକ ହୁଗୁଳା ସିଟ୍ ବେଲ୍ଟକୁ ଏଡ଼ାଇବା ପାଇଁ, ଯାହା ସୁରକ୍ଷା ଉପକରଣ ଭାବେ ସିଟ୍ ବେଲ୍ଟର ପ୍ରଭାବଶୀଳତାକୁ ହ୍ରାସ କରିଥାଏ, ସିଟ୍ ବେଲ୍ଟ ବାନ୍ଧିବା ପୂର୍ବରୁ ତାହା ଆଡ୍‌ଜଷ୍ଟ ହୋଇଥିବାର ସୁନିଶ୍ଚିତ କରନ୍ତୁ ।

ଉଦାହରଣ



77PH087

ସିଟ୍ ଅବସ୍ଥିତି ଆଡ୍‌ଜଷ୍ଟମେଣ୍ଟ ଲିଭର୍ (1)
ଲିଭର୍ ଉପରକୁ ଟାଣନ୍ତୁ ଓ ସିଟ୍‌କୁ ଘୁଞ୍ଚାନ୍ତୁ ।


ଆଡ୍‌ଜଷ୍ଟମେଣ୍ଟ ପରେ, ସିଟ୍ ସୁରକ୍ଷିତ ଭାବେ ରହିଥିବାର ସୁନିଶ୍ଚିତ କରିବା ପାଇଁ ତାହାକୁ ଆଗକୁ ଓ ପଛକୁ ଘୁଞ୍ଚାଇବା ପାଇଁ ଚେଷ୍ଟା କରନ୍ତୁ ।

⚠ ସତର୍କତା

ସିଟ୍ ଆଡ୍‌ଜଷ୍ଟମେଣ୍ଟ କରିବାବେଳେ, ତାହା ଆପଣଙ୍କ ହାତରେ ଫୋଡ଼ି ନହେବା କିମ୍ବା ଆପଣଙ୍କ ଶରୀରକୁ ଆଘାତ ନଦେବା ପ୍ରତି ସାବଧାନ ରୁହନ୍ତୁ ।

ସିଟ୍ ବେଲ୍ଟ

ଉଦାହରଣ



65D231S


⚠ ଚେତାବନୀ

ସବୁ ସମୟରେ ନିଜ ସିଟ୍ ବେଲ୍ଟ ପିନ୍ଧନ୍ତୁ ।

⚠ ଚେତାବନୀ

ଦୁର୍ଘଟଣା କ୍ଷେତ୍ରରେ ଗମ୍ଭୀର ଆଘାତ କିମ୍ବା ମୃତ୍ୟୁର ବିପଦକୁ ନ୍ୟୂନତମ କରିବା ପାଇଁ ଡ୍ରାଇଭର୍ ଓ ଯାତ୍ରୀଙ୍କ ବସିବା ସ୍ଥାନରେ ଏୟାର୍ ବେଗ୍ ଲାଗିଥାଉ ବା ନଲାଗିଥାଉ, ସେମାନେ ସବୁ ସମୟରେ ସିଟ୍ ବେଲ୍ଟ ପିନ୍ଧିବା ଉଚିତ୍ ।

ଉଦାହରଣ




65D606

⚠ ଚେତାବନୀ

- **ଗୋଟିଏ ଗାଡ଼ିର ମାଲ୍‌ବାହୀ ସ୍ଥାନରେ ଲୋକମାନଙ୍କୁ ଚଢ଼ିବାର ଅନୁମତି ଦିଅନ୍ତୁ ନାହିଁ । ଦୁର୍ଘଟଣା ଘଟିଲେ, ସିଟ୍‌ରେ ବସି ସୁରକ୍ଷିତ ଭାବେ ସିଟ୍ ବେଲ୍ଟ ବାନ୍ଧି ନଥିବା ଲୋକମାନଙ୍କ ପାଇଁ ଆଘାତ ଲାଗିବାର ବିପଦ ବହୁତ ଅଧିକ ଥାଏ ।**
- **ନିମ୍ନାନୁସାରେ ସିଟ୍ ବେଲ୍ଟ ସର୍ବଦା ଆଡ୍‌ଜଷ୍ଟ ହେବା ଉଚିତ:**
  - **ବେଲ୍ଟର ଜଙ୍ଘ ଭାଗକୁ ତଳିପେଟ ତଳକୁ ପିନ୍ଧାଯିବା ଉଚିତ, ଅଣ୍ଟା ଚାରିପଟେ ନୁହେଁ ।**
  - **କାନ୍ଧ (ଶୋଲ୍ଡର୍) ଷ୍ଟ୍ରାପ୍‌କୁ କେବଳ ବାହ୍ୟ କାନ୍ଧ ଉପରେ ପିନ୍ଧାଯିବା ଉଚିତ, କେବେବି କାଖ ତଳେ ନୁହେଁ ।**
  - **ଶୋଲ୍ଡର୍ ଷ୍ଟ୍ରାପ୍, ମୁହଁ ଓ ବେକଠାରୁ ଦୂରରେ ରହିବା ଉଚିତ, କିନ୍ତୁ କାନ୍ଧରୁ ଝୁଲିବା ଉଚିତ ନୁହେଁ ।**


(ଜାରି...)

ଉଦାହରଣ



65D201

ଉଦାହରଣ



65D199

⚠ ଚେତାବନୀ

(ଜାରି...)

- ମୋଡ଼ି ହୋଇଯାଇଥିବା ଷ୍ଟ୍ରାପ୍ ସହିତ ସିଟ୍ ବେଲ୍ଟକୁ କେବେବି ପିନ୍ଧିବା ଉଚିତ ନୁହେଁ ତଥା ସୁରକ୍ଷା ପ୍ରଦାନ କରିବା ପାଇଁ, ଆରାମଦାୟକ ଭାବେ ଯେତେ ଦୃଢ଼ ସମ୍ଭବ ତାହାକୁ ଆଡ୍‌ଜଷ୍ଟ କରାଯିବା ଦରକାର, ଯେଉଁଥିପାଇଁ ସେଗୁଡ଼ିକୁ ଡିଜାଇନ୍ କରାଯାଇଛି । ଗୋଟିଏ ଢିଲା ବେଲ୍ଟ, ଆରାମଦାୟକ ଭାବେ ବନ୍ଧା ହୋଇଥିବା ବେଲ୍ଟ ତୁଳନାରେ କମ୍ ସୁରକ୍ଷା ପ୍ରଦାନ କରିବ ।
- ଏହା ସୁନିଶ୍ଚିତ କରନ୍ତୁ ଯେ, ପ୍ରତ୍ୟେକ ସିଟ୍ ବେଲ୍ଟ ବକଲ୍, ସଠିକ୍ ବକଲ୍ କ୍ୟାଚ୍‌ରେ ଭର୍ତ୍ତି ହୋଇଛି ।

(ଜାରି...)

⚠ ଚେତାବନୀ

(ଜାରି...)

- ଗର୍ଭବତୀ ମହିଳାମାନେ ସିଟ୍ ବେଲ୍ଟ ପିନ୍ଧିବା ଉଚିତ, ଯଦିଓ ଗାଡ଼ି ଚଲାଇବା ବିଷୟରେ ବିଶେଷ ସୁପାରିଶ, ମହିଳାଙ୍କର ଡାକ୍ତରୀ ଉପଦେଷ୍ଟାଙ୍କ ଦ୍ୱାରା କରାଯାଇଛି । ମନେରଖନ୍ତୁ ଯେ, ଡାୟଗ୍ରାମ୍‌ରେ ପ୍ରଦର୍ଶିତାନୁସାରେ, ବେଲ୍ଟର ଜଘ ଭାଗକୁ, ନିତମ୍ବ ଚାରିପଟେ, ଯେତେ ନିମ୍ନ ସମ୍ଭବ ପିନ୍ଧାଯିବା ଉଚିତ ।
- ନିଜ ପକେଟ୍‌ରେ କିମ୍ବା ଲୁଗା ଭିତରେ ଥିବା କଠିନ କିମ୍ବା ଭଗ୍ନଯୋଗ୍ୟ ବସ୍ତୁ ଉପରେ କଦାପି ସିଟ୍ ବେଲ୍ଟ ପିନ୍ଧନ୍ତୁ ନାହିଁ । ଯଦି ଦୁର୍ଘଟଣା ହୁଏ, ତେବେ ସିଟ୍ ବେଲ୍ଟ ତଳେ ଥିବା ବସ୍ତୁ, ଯେପରି ଚଷମା, ପେନ୍ ଆଦି ଆଘାତର କାରଣ ହୋଇପାରେ ।

(ଜାରି...)

⚠ ଚେତାବନୀ

(ଜାରି...)

- ଗୋଟିଏ ସିଟ୍ ବେଲ୍ଟକୁ ଏକାଧିକ ଲୋକଙ୍କ ପାଇଁ ବ୍ୟବହାର କରନ୍ତୁ ନାହିଁ ଏବଂ କୋଳରେ ଧରିଥିବା ଶିଶୁ ଉପରେ କେବେବି ସିଟ୍ ବେଲ୍ଟ ବାନ୍ଧନ୍ତୁ ନାହିଁ । ଦୁର୍ଘଟଣା କ୍ଷେତ୍ରରେ, ସିଟ୍ ବେଲ୍ଟର ଏହିପରି ବ୍ୟବହାର ଗମ୍ଭୀର ଆଘାତର କାରଣ ହୋଇପାରେ ।
- ସମୟ ସମୟରେ, ଅତ୍ୟଧିକ ଘର୍ଷଣ ଓ କ୍ଷତି ପାଇଁ ସିଟ୍ ବେଲ୍ଟର ଉପକରଣଗୁଡ଼ିକୁ ନିରୀକ୍ଷଣ କରନ୍ତୁ । ଯେକୌଣସି ମାର୍ଗରେ ଯଦି ସିଟ୍ ବେଲ୍ଟର ଫିତା ଉଲୁରି ଯାଇଥାଏ, ସଂକ୍ରମିତ କିମ୍ବା ନଷ୍ଟ ହୋଇଯାଇଥାଏ, ତେବେ ତାକୁ ବଦଳାଇଦେବା ଉଚିତ । ସିଟ୍ ବେଲ୍ଟ ପିନ୍ଧିଥିବା ସମୟରେ, ଯଦି କୌଣସି ଗମ୍ଭୀର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ତାହା ଅଧିକ ନଷ୍ଟ ନହୋଇଥିଲେ ମଧ୍ୟ ସମଗ୍ର ସିଟ୍ ବେଲ୍ଟ ଉପକରଣକୁ ବଦଳାଇଦେବା ଆବଶ୍ୟକ ।
- ଶିଶୁ ଓ ଛୋଟ ପିଲାମାନଙ୍କୁ, ସଠିକ୍ ଭାବରେ ପ୍ରତିରୋଧ ନକରାଯାଇଥିଲେ ଯାତ୍ରା କରାଇବା ଅନୁଚିତ ।
- ପିଲାମାନଙ୍କ ପାଇଁ, ଯଦି କାନ୍ଧ ବେଲ୍ଟ, ବେକ କିମ୍ବା ମୁହଁକୁ ଉତ୍ତେଜିତ କରେ, ତେବେ ପିଲାଟିକୁ ଗାଡ଼ିର କେହ୍ନ ବା ମଝିକୁ ଘୁଞ୍ଚାଇଦିଅନ୍ତୁ ।
- ପଲିଶ୍, ତେଲ, କେମିକଲ୍ ଓ ବିଶେଷକରି ବ୍ୟାଟେରି ଏସିଡ୍ ଦ୍ୱାରା ସିଟ୍ ବେଲ୍ଟ ଉଲୁରିଯାଇ ସଂକ୍ରମିତ ହେବାକୁ ଏଡ଼ାନ୍ତୁ । ହାଲକା ସାବୁନ୍ ଓ ପାଣି ବ୍ୟବହାର କରି ସୁରକ୍ଷିତ ଭାବେ ସଫା କରାଯାଇପାରେ ।

(ଜାରି...)

⚠ ଚେତାବନୀ

(ଜାରି...)


- **କଏନ୍, କ୍ଲିପ୍ ଆଦି ପରି କୌଣସି ବସ୍ତୁକୁ ସିଟ୍ ବେଲ୍ଟ ବକଲ୍ ଭିତରେ ଭର୍ତ୍ତି କରନ୍ତୁ ନାହିଁ ତଥା ସେହି ଭାଗ-ଗୁଡ଼ିକରେ ଯେପରି ପାଣି ନଡାଳି ହୁଏ, ସେଥିପ୍ରତି ସାବଧାନ ରୁହନ୍ତୁ । ଯଦି ବାହାର ଜିନିଷ ସିଟ୍ ବେଲ୍ଟ ବକଲ୍ ଭିତରକୁ ଯାଏ, ତେବେ ତାହା ସଠିକ୍ ଭାବେ କାମ ନକରିପାରେ ।**

ଜଙ୍ଘ-କାନ୍ଧ (ଲାପ୍-ସୋଲ୍ଡର୍) ବେଲ୍ଟ


ଜରୁରୀକାଳୀନ ଲକିଙ୍ଗ୍ ରିଆକ୍ଟର୍ (ଇ.ଏଲ୍.ଆର୍.)

ସିଟ୍ ବେଲ୍ଟରେ ଜରୁରୀକାଳୀନ ଲକିଙ୍ଗ୍ ରିଆକ୍ଟର୍ (ଇ.ଏଲ୍.ଆର୍.) ରହିଛି, ଯାହା କେବଳ ଆକସ୍ମିକ ଭାବେ ରହିବା କିମ୍ବା ପ୍ରଭାବ ସମୟରେ ହିଁ ସିଟ୍ ବେଲ୍ଟକୁ ଲକ୍ କରିବା ପାଇଁ ଡିଜାଇନ୍ କରାଯାଇଛି । ଯଦି ଆପଣ ନିଜ ଶରୀରରୁ ବହୁତ ଶୀଘ୍ର ବେଲ୍ଟକୁ ଟାଣନ୍ତି, ତେବେ ମଧ୍ୟ ତାହା ଲକ୍ ହୋଇଯିବ । ଯଦି ଏପରି ହୁଏ, ତେବେ ବେଲ୍ଟ ନିଜକୁ ଅନ୍‌ଲକ୍ କରିବା ପାଇଁ ଛାଡ଼ିଦିଅନ୍ତୁ, ତାହା ପରେ ବହୁତ ଧୀରେ ନିଜ ଶରୀରରୁ ବେଲ୍ଟକୁ ଟାଣନ୍ତୁ ।

ସୁରକ୍ଷା ସ୍ମରଣ




60A038




60A040

ଧକ୍କା ସମୟରେ ବେଲ୍ଟ ତଳକୁ ଖସିଯିବାର ବିପଦକୁ ହ୍ରାସ କରିବା ପାଇଁ, ନିଜ ନିତମ୍ବ ଉପରୁ ଯେତେ ତଳକୁ ସମ୍ଭବ ବେଲ୍ଟର ଜଙ୍ଘ ଭାଗକୁ ଜଙ୍ଘ ଚାରିପଟେ ରଖନ୍ତୁ ଏବଂ ଲାଚ୍ ପ୍ଲେଟ୍ ମାଧ୍ୟମରେ ବେଲ୍ଟର କାନ୍ଧ ଭାଗକୁ ଉପର ଆଡ଼କୁ ଟାଣି ଆରାମଦାୟକ ଭାବେ ଆଡ୍‌ଜଷ୍ଟ କରନ୍ତୁ । ତେର୍ଚ୍ଛା କାନ୍ଧ ପିଟା (ଡାୟଗୋନଲ୍ ସୋଲ୍ଡର୍ ଷ୍ଟ୍ରାପ୍)ର ଦୀର୍ଘତା, ଚଳନର ସ୍ୱାଧୀନତାକୁ ଅନୁମତି ଦେବାପାଇଁ ନିଜକୁ ନିଜ ଆଡ୍‌ଜଷ୍ଟ କରିଥାଏ ।



60A036

ସିଟ୍ ବେଲ୍ଟ ବାନ୍ଧିବା ପାଇଁ ସିଧା ଓ ପୂରା ପଛକୁ ବସନ୍ତୁ, ସିଟ୍ ବେଲ୍ଟ ସହିତ ସଂଲଗ୍ନ ଥିବା ଲାଚ୍ ପ୍ଲେଟ୍‌କୁ ନିଜର ଶରୀର ଉପର ପଟୁ ଟାଣନ୍ତୁ ଏବଂ ସିଧା ବକଲ୍ ଭିତରକୁ ଦାବିଦିଅନ୍ତୁ, ଯେପର୍ଯ୍ୟନ୍ତ ଆପଣ ଏକ 'କ୍ଲିକ୍' ଶବ୍ଦ ଶୁଣିନାହାନ୍ତି ।




60A039

ସିଟ୍ ବେଲ୍ଟ ଖୋଲିବା ପାଇଁ, ବକଲ୍ ଉପରେ ଥିବା ବଟନ୍‌କୁ ଠେଲନ୍ତୁ ଏବଂ ଗୋଟିଏ ହାତରେ ବେଲ୍ଟ କିମ୍ବା / ଏବଂ ଲାଚ୍ ପ୍ଲେଟ୍‌କୁ ଧରି ଧୀରେ ଧୀରେ ବେଲ୍ଟକୁ ଭିଡ଼ନ୍ତୁ ।

ସିଟ୍ ବେଲ୍ଟ ନିରୀକ୍ଷଣ

ଉଦାହରଣ



65D209S

ସିଟ୍ ବେଲ୍ଟ ଠିକ୍ ଭାବରେ କାମ କରୁଛି ଓ ନଷ୍ଟ ହୋଇନାହିଁ, ତାହା ସୁନିଶ୍ଚିତ ହେବାପାଇଁ ସମୟ ସମୟରେ ତାହାକୁ ନିରୀକ୍ଷଣ କରନ୍ତୁ । ଫିତା, ବକଲ୍, ଲାଚ୍ ପ୍ଲେଟ୍, ରିଟ୍ରାକ୍ଟର୍, ଆଙ୍କରେଜ୍ ଓ ଗାଇଡ୍ ଲୂପ୍‌କୁ ଯାଞ୍ଚ କରନ୍ତୁ । ସଠିକ୍ ଭାବେ କାମ କରୁନଥିବା କିମ୍ବା ନଷ୍ଟ ହୋଇଯାଇଥିବା ସିଟ୍ ବେଲ୍ଟକୁ ବଦଳାଇଦିଅନ୍ତୁ ।


⚠ ଚେତାବନୀ

ଯେକୌଣସି ଧକ୍କା ପରେ ସମସ୍ତ ସିଟ୍ ବେଲ୍ଟ ଉପକରଣ-ଗୁଡ଼ିକୁ ନିହାତି ଯାଞ୍ଚ କରନ୍ତୁ । ଏକ ଧକ୍କା ସମୟରେ (ବହୁତ ଛୋଟ ବ୍ୟତୀତ) ବ୍ୟବହାରରେ ଥିବା ଯେକୌଣସି ସିଟ୍ ବେଲ୍ଟ ଉପକରଣ, ଅଧିକ କ୍ଷତିଗ୍ରସ୍ତ ନହୋଇଥିଲେ ମଧ୍ୟ ବଦଳାଇଦେବା ଉଚିତ । ଧକ୍କା ସମୟରେ ବ୍ୟବହାରରେ ନଥିବା ସିଟ୍ ବେଲ୍ଟ ଉପକରଣକୁ, ଯଦି ତାହା ଠିକ୍ ଭାବେ କାମ କରୁନଥାଏ କିମ୍ବା ଯଦି ତାହା ଯେକୌଣସି ଭାବରେ କ୍ଷତିଗ୍ରସ୍ତ ହୋଇଥାଏ, ବଦଳାଇଦେବା ଉଚିତ ।

ଉପକରଣ ସମୂହ (ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର୍)

1. ସ୍ପୀଡୋମିଟର୍
2. ସୂଚନା ପ୍ରଦର୍ଶନ
3. ଟ୍ରିପ୍ ମିଟର୍ ସିଲେକ୍ଟର୍ ନବ୍
4. ଚେତାବନୀ ଓ ଇଣ୍ଡିକେଟର୍ ଲାଇଟ୍ସ

ଉଦାହରଣ




77PH108

ସ୍ପୀଡୋମିଟର୍

ସ୍ପୀଡୋମିଟର୍, ଗାଡ଼ିର ବେଗ ସୂଚିତ କରେ।

ଫୁଏଲ୍ ଗଜ୍

ଉଦାହରଣ



77PH006

ଯେତେବେଳେ ଇଗ୍ନିଶନ୍ ସ୍ୱିଚ୍ "ON" ସ୍ଥିତିରେ ଥାଏ, ଏହି ଗଜ୍, ତେଲ ଟାଙ୍କିରେ ଥିବା ତେଲ ପରିମାଣର ହାରାହାରି ସୂଚନା ଦେଇଥାଏ । "F"ର ଅର୍ଥ ହେଉଛି ପୂର୍ଣ୍ଣ ଏବଂ "E"ର ଅର୍ଥ ହେଉଛି ଖାଲି ।


ଯଦି ଫୁଏଲ୍ ମିଟର୍ କେବଳ ଗୋଟିଏ ଭାଗ "E" ଦେଖାଉଥାଏ, ତେବେ ଯଥାଶୀଘ୍ର ଟାଙ୍କିରେ ତେଲ ପକାନ୍ତୁ ।

ନୋଟ୍:
ଯଦି ଶେଷ ଭାଗଟି ଧପ ଧପ ହେଉଥାଏ, ତେବେ ତାହାର ଅର୍ଥ ହେଉଛି ତେଲ ପ୍ରାୟ ଖାଲି ହୋଇଆସିଲାଣି ।

ଚିହ୍ନ (1) ସୂଚିତ କରେ ଯେ, ଗାଡ଼ିର ଡାହାଣ ପଟେ ତେଲ ଭର୍ତ୍ତି ଡୁଅର୍ ଅଛି ।

ସୂଚନା ପ୍ରଦର୍ଶନ

ଉଦାହରଣ



77PH109

(1) ଟ୍ରିପ୍ ମିଟର୍ ସିଲେକ୍ଟର୍ ନବ୍
(2) ସୂଚନା ପ୍ରଦର୍ଶନ

ଯେତେବେଳେ ଇଗ୍ନିଶନ୍ ସ୍ୱିଚ୍ "ON" ସ୍ଥିତିରେ ଥାଏ, ତେବେ ସୂଚନା ପ୍ରଦର୍ଶନ ନିମ୍ନ ସୂଚନା ଦେଖାଇଥାଏ ।

ଡିସ୍‌ପ୍ଲେ (କ)
ଫୁଏଲ୍ ଗଜ୍

ଡିସ୍‌ପ୍ଲେ (ଖ)
ଓଡୋମିଟର୍ / ଟ୍ରିପ୍ ମିଟର୍ / ଘଣ୍ଟା / ବ୍ରାଇଟ୍‌ନେସ୍ କଣ୍ଟ୍ରୋଲ୍

ଫୁଏଲ୍ ଗଜ୍
ଯେତେବେଳେ ଇଗ୍ନିଶନ୍ ସ୍ୱିଚ୍ "ON" ସ୍ଥିତିରେ ଥାଏ, ଡିସ୍‌ପ୍ଲେ (କ) ଫୁଏଲ୍ ଗଜ୍ ଦେଖାଇଥାଏ ।


ଏହି ବିଭାଗରେ ଥିବା "ଫୁଏଲ୍ ଗଜ୍" (Fuel Gauge)କୁ ଦେଖନ୍ତୁ ।

ଓଡୋମିଟର୍ / ଟ୍ରିପ୍ ମିଟର୍ / ଘଣ୍ଟା / ବ୍ରାଇଟ୍‌ନେସ୍ କଣ୍ଟ୍ରୋଲ୍

ଯେତେବେଳେ ଇଗ୍ନିଶନ୍ ସ୍ୱିଚ୍ "ON" ସ୍ଥିତିରେ ଥାଏ, ସେତେବେଳେ ଡିସ୍‌ପ୍ଲେ (ଖ), ନିମ୍ନ ସଂକେତଗୁଡ଼ିକ ମଧ୍ୟରୁ ଗୋଟିଏକୁ ଦେଖାଇଥାଏ, ଓଡୋମିଟର୍, ଟ୍ରିପ୍ ମିଟର୍ A, ଟ୍ରିପ୍ ମିଟର୍ B କିମ୍ବା ଘଣ୍ଟା ।

ଡିସ୍‌ପ୍ଲେ ସଂକେତ (ଖ) ବଦଳାଇବା ପାଇଁ, ଟ୍ରିପ୍ ମିଟର୍ ସିଲେକ୍ଟର୍ ନବ୍ (1) କୁ ଶୀଘ୍ର ଦାବନ୍ତୁ ।

ଉଦାହରଣ



77PH007

(କ) ଓଡୋମିଟର୍
(ଖ) ଟ୍ରିପ୍ ମିଟର୍ A
(ଗ) ଟ୍ରିପ୍ ମିଟର୍ B

(ଘ) ଘଣ୍ଟା
(ଙ) ବ୍ରାଇଟ୍‌ନେସ୍ କଣ୍ଟ୍ରୋଲ୍*

* ଲାଇଟ୍ସ ଏବଂ / କିମ୍ବା ହେଡ୍‌ଲାଇଟ୍ସ ଅନ୍ ଥିବାବେଳେ ହିଁ ବ୍ରାଇଟ୍‌ନେସ୍ କଣ୍ଟ୍ରୋଲ୍ ଦେଖାଦେବ ।

⚠ ଚେତାବନୀ

ଗାଡ଼ି ଚଲାଇବା ସମୟରେ ଯଦି ଆପଣ ଡିସ୍‌ପ୍ଲେ ଆଡ୍‌ଜଷ୍ଟ କରିବାକୁ ଚେଷ୍ଟା କରନ୍ତି, ତେବେ ଆପଣ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇପାରନ୍ତି ।

ଗାଡ଼ି ଚଲାଇବା ସମୟରେ ଡିସ୍‌ପ୍ଲେ ଆଡ୍‌ଜଷ୍ଟ କରିବାକୁ ଚେଷ୍ଟା କରନ୍ତୁ ନାହିଁ ।

ନୋଟ୍:
ଆପଣ ଯେତେବେଳେ ନବ୍‌କୁ ଦାବି ଛାଡ଼ିବେ, ସଂକେତ ବଦଳିଯିବ ।

ଓଡୋମିଟର୍
ଓଡୋମିଟର୍, ସମୁଦାୟ ଦୂରତା ରେକର୍ଡ କରିଥାଏ, ଯେଉଁଥିପାଇଁ ଗାଡ଼ି ଚଲାଯାଇଥିବ ।

ନୋଟିସ

ନିଜ ଓଡୋମିଟର୍ ରିଡିଙ୍ଗ୍ ଉପରେ ନଜର ରଖନ୍ତୁ ଏବଂ ଆବଶ୍ୟକ ସେବା ପାଇଁ ନିୟମିତ ଭାବେ ରକ୍ଷଣା-ବେକ୍ଷଣ ସୂଚୀ (ମେଣ୍ଟେନାନ୍ସ ସିଡ୍ୟୁଲ୍) ଯାଞ୍ଚ କରନ୍ତୁ ।
ଅଧିକ ପିନ୍ଧା କିମ୍ବା ନିର୍ଦ୍ଦିଷ୍ଟ ଭାଗର କ୍ଷତିର ପରିଣାମସ୍ୱରୂପ, ସଠିକ୍ ମାଇଲେଜ୍ ବ୍ୟବଧାନରେ ଆବଶ୍ୟକ ସେବା ପ୍ରଦର୍ଶନ ପାଇଁ ବିଫଳ ହୋଇଥାଏ ।

ଟ୍ରିପ୍ ମିଟର୍
ଛୋଟ ଯାତ୍ରା କିମ୍ବା ତେଲ ରହଣୀ ମଧ୍ୟରେ କରିଥିବା ଯାତ୍ରାର ଦୂରତା ମାପିବା ପାଇଁ ଟ୍ରିପ୍ ମିଟର୍‌ର ବ୍ୟବହାର କରାଯାଇଥାଏ । ଆପଣ, ପୃଥକ୍ ଭାବେ ଟ୍ରିପ୍ ମିଟର୍ A କିମ୍ବା ଟ୍ରିପ୍ ମିଟର୍ B ବ୍ୟବହାର କରିପାରିବେ ।

ଟ୍ରିପ୍ ମିଟର୍, ଶୂନ୍‌କୁ ରିସେଟ୍ କରିବା ପାଇଁ, ଡିସ୍‌ପ୍ଲେ, ଟ୍ରିପ୍ ମିଟର୍ ଦେଖାଇବାବେଳେ ଟ୍ରିପ୍ ମିଟର୍ ସିଲେକ୍ଟର୍ ନବ୍ (1) କୁ କିଛି ସମୟ ପାଇଁ ଦାବି ଧରନ୍ତୁ ।

ନୋଟ୍:
ଟ୍ରିପ୍ ମିଟର୍‌ର ସୂଚିତ ସର୍ବାଧିକ ଭାଲ୍ୟୁ ହେଉଛି 9999.9 । ଯେତେବେଳେ ଆପଣ ସର୍ବାଧିକ ଭାଲ୍ୟୁକୁ ପାର୍ କରିଯାଆନ୍ତି, ସୂଚିତ ଭାଲ୍ୟୁ 0.0 କୁ ଫେରିଆସେ ।

ଘଣ୍ଟା
ଡିସ୍‌ପ୍ଲେ ସମୟ ଦେଖାଏ ।

ସମୟ ସଂକେତ ବଦଳାଇବା ପାଇଁ:
1) ମିନିଟ୍ ସଂକେତ ଧପ୍ ଧପ୍ ନହେବା ପର୍ଯ୍ୟନ୍ତ ଟ୍ରିପ୍ ମିଟର୍ ସିଲେକ୍ଟର୍ ନବ୍ (1) କୁ ଦାବି ଚାପିଧରନ୍ତୁ ।
2) ମିନିଟ୍ ସଂକେତ ବଦଳାଇବା ପାଇଁ, ଟ୍ରିପ୍ ମିଟର୍ ସିଲେକ୍ଟର୍ ନବ୍ (1) କୁ ବାରମ୍ବାର ଦାବନ୍ତୁ, ଯେପର୍ଯ୍ୟନ୍ତ ମିନିଟ୍ ସଂକେତ ଧପ୍ ଧପ୍ ନହୋଇଛି । ମିନିଟ୍ ସଂକେତକୁ ଶୀଘ୍ର ଶୀଘ୍ର ବଦଳାଇବା ପାଇଁ , ଟ୍ରିପ୍ ମିଟର୍ ସିଲେକ୍ଟର୍ ନବ୍ (1) କୁ ଦାବି ଚାପିଧରନ୍ତୁ । ମିନିଟ୍ ସଂକେତ ସେଟ୍ କରିବା ପାଇଁ, ଘଣ୍ଟା ସଂକେତ ଧପ୍ ଧପ୍ କରିବା ଆରମ୍ଭ ହେବା ପର୍ଯ୍ୟନ୍ତ ପ୍ରାୟ 5 ସେକେଣ୍ଡ ପାଇଁ ଅପେକ୍ଷା କରନ୍ତୁ ।
3) ଘଣ୍ଟା ସଂକେତକୁ ବଦଳାଇବା ପାଇଁ, ବାରମ୍ବାର ଟ୍ରିପ୍ ମିଟର୍ ସିଲେକ୍ଟର୍ ନବ୍ (1) କୁ ଦବାନ୍ତୁ, ଯେପର୍ଯ୍ୟନ୍ତ ମିନିଟ୍ ସଂକେତ ଧପ୍ ଧପ୍ ହେବା ଆରମ୍ଭ ନହୋଇଛି । 5 ସେକେଣ୍ଡ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ଏବଂ ଘ । ସୂଚକ ଧପ୍ ଧପ୍ ହେବା ଅରମ୍ଭ କରିବ । ଘଣ୍ଟା ସଂକେତ ବଦଳାଇବା ପାଇଁ, ଟ୍ରିପ୍ ମିଟର୍ ସିଲେକ୍ଟର୍ ନବ୍ (1) କୁ ଶୀଘ୍ର ଦାବି ଚାପିଧରନ୍ତୁ । ଘଣ୍ଟା ସଂକେତ ସେଟ୍ କରିବା ପାଇ. ପ୍ରାୟ 5 ସେକେଣ୍ଡ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।

⚠ ଚେତାବନୀ

ଗାଡ଼ି ଚଲାଇବା ସମୟରେ ଯଦି ଆପଣ ଡିସ୍‌ପ୍ଲେ ଆଡ୍‌ଜଷ୍ଟ କରିବାକୁ ଚେଷ୍ଟା କରନ୍ତି, ତେବେ ଗାଡ଼ି ଉପରୁ ଆପଣ ନିୟନ୍ତ୍ରଣ ହରାଇପାରନ୍ତି ।

ଗାଡ଼ି ଚଲାଇବା ସମୟରେ ଡିସ୍‌ପ୍ଲେ ଆଡ୍‌ଜଷ୍ଟ କରିବାକୁ ଚେଷ୍ଟା କରନ୍ତୁ ନାହିଁ ।

ନୋଟ୍:
ଆପଣ ନେଗେଟିଭ୍ (-) ଟର୍ମିନଲ୍‌କୁ ବ୍ୟାଟେରୀ ସହିତ ରିକନେକ୍ଟ କଲେ, ଘଣ୍ଟା ସଂକେତ ରିଇନିଶିଆଲାଇଜ୍ ହେବ । ସଂକେତକୁ ନିଜ ପସନ୍ଦାନୁସାରେ ପୁଣି ବଦଳାନ୍ତୁ ।

ବ୍ରାଇଟ୍‌ନେସ୍ କଣ୍ଟ୍ରୋଲ୍ (ଉଜ୍ଜ୍ୱଳତା ନିୟନ୍ତ୍ରଣ)
ଯେତେବେଳେ ପୋଜିଶନ୍ ଲାଇଟ୍ ଏବଂ/କିମ୍ବା ହେଡ୍‌ଲାଇଟ୍ ଅନ୍ ଥାଏ, ଆପଣ ମିଟର୍ ଆଲୋକର ତୀବ୍ରତାକୁ ନିୟନ୍ତ୍ରଣ କରିପାରିବେ ।

ଉପକରଣ (ଇନ୍‌ଷ୍ଟ୍ରୁମେଣ୍ଟ) ପେନଲ୍ ଲାଇଟ୍‌ର ବ୍ରାଇଟ୍‌ନେସ୍ ବଦଳାଇବା ପାଇଁ, ଟ୍ରିପ୍ ମିଟର୍ ସିଲେକ୍ଟର୍ ନବ୍ (1) କୁ ଦାବି ଚାପିଧରନ୍ତୁ ।

⚠ ଚେତାବନୀ

ଗାଡ଼ି ଚଲାଇବା ସମୟରେ ଯଦି ଆପଣ ଡିସ୍‌ପ୍ଲେ ଆଡ୍‌ଜଷ୍ଟ କରିବାକୁ ଚେଷ୍ଟା କରନ୍ତି, ତେବେ ଗାଡ଼ି ଉପରୁ ଆପଣ ନିୟନ୍ତ୍ରଣ ହରାଇପାରନ୍ତି ।


ଗାଡ଼ି ଚଲାଇବା ସମୟରେ ଡିସ୍‌ପ୍ଲେ ଆଡ୍‌ଜଷ୍ଟ କରିବାକୁ ଚେଷ୍ଟା କରନ୍ତୁ ନାହିଁ ।

ନୋଟ୍:

- *ଟ୍ରାଇଟ୍‌ନେସ୍ କଣ୍ଟ୍ରୋଲ୍ ଡିସ୍‌ପ୍ଲେକୁ ଆକ୍ଟିଭେଟ୍ ବା ସକ୍ରିୟ କରିବାର ପ୍ରାୟ 10 ସେକେଣ୍ଡ୍ ମଧ୍ୟରେ ଯଦି ଆପଣ ଟ୍ରିପ୍ ମିଟର୍ ସିଲେକ୍ଟର୍ ନବ୍‌କୁ ଦାବନ୍ତି ନାହିଁ, ତେବେ ତାହା ନିଜକୁ ନିଜ କ୍ୟାନ୍ସଲ୍ ବା ବାତିଲ୍ ହୋଇଯିବ ।*
- *ଯେତେବେଳେ ଆପଣ ବ୍ୟାଟେରୀକୁ ପୁନଃସଂଯୋଗ (ରିକନେକ୍ଟ) କରନ୍ତି, ଉପକରଣ (ଇନ୍‌ଷ୍ଟ୍ରୁମେଣ୍ଟ) ପେନଲ୍ ଲାଇଟ୍‌ଗୁଡ଼ିକର ଟ୍ରାଇଟ୍‌ନେସ୍ ରିଇନିଶିଆଲାଇଜ୍ ହେବ । ନିଜ ପସନ୍ଦାନୁସାରେ ଟ୍ରାଇଟ୍‌ନେସ୍‌କୁ ରିଆଡ୍‌ଜଷ୍ଟ କରନ୍ତୁ ।*

ଚେତାବନୀ ଓ ଇଣ୍ଡିକେଟର୍ ଲାଇଟ୍ସ

ବ୍ରେକ୍ ସିଷ୍ଟମ୍ ଚେତାବନୀ ଲାଇଟ୍



82K170

ଗାଡ଼ିର ବୈଶିଷ୍ଟ୍ୟତା ଉପରେ ନିର୍ଭର କରି କାର୍ଯ୍ୟର ଚାରୋଟି ଭିନ୍ନ ପ୍ରକାର ରହିଛି ।

1) ଯେତେବେଳେ ଇଗ୍‌ନିଶନ୍ ସ୍ୱିଚ୍ "ON" ସ୍ଥିତିକୁ ଆସେ ବା ଅନ୍ କରାଯାଏ, ଲାଇଟ୍ ହାଲକା ଭାବେ ଦେଖାଦିଏ ।
2) ଇଗ୍‌ନିଶନ୍ ସ୍ୱିଚ୍ "ON" ସ୍ଥିତିରେ ଥିବା ସହିତ ପାର୍କିଙ୍ଗ୍ ବ୍ରେକ୍ ଲଗାଗଲେ ଲାଇଟ୍ ଦେଖାଦେଇଥାଏ ।
3) ଉପରୋକ୍ତ ଉଭୟ କିମ୍ବା ଯେକୌଣସି ମାମଲାରେ ଲାଇଟ୍ ଦେଖାଦେଇଥାଏ ।
4) ଯେତେବେଳେ ବ୍ରେକ୍ ତେଲ ଭଣ୍ଡାର (ରିଜର୍ଭଏର୍)ରେ ଥିବା ତେଲ ନିର୍ଦ୍ଦିଷ୍ଟ ସ୍ତର ତଳକୁ ଖସିଯାଏ, ତେବେ ମଧ୍ୟ ଲାଇଟ୍ ଦେଖାଦିଏ ।

ଇଞ୍ଜିନ୍ ଆରମ୍ଭ ହେବା ପରେ ଓ ପାର୍କିଙ୍ଗ୍ ବ୍ରେକ୍‌କୁ ପୂରା ଛାଡ଼ିଦେବା ପରେ, ବ୍ରେକ୍ ତେଲ ଭଣ୍ଡାର (ରିଜର୍ଭଏର୍)ରେ ଥିବା ତେଲ ଯଦି ପର୍ଯ୍ୟାପ୍ତ ଥାଏ, ତେବେ ଲାଇଟ୍ ଲିଭିଯାଏ ।

ଯଦି ଆପଣ ଗାଡ଼ି ଚଲାଇବା ସମୟରେ ବ୍ରେକ୍ ସିଷ୍ଟମ୍ ଚେତାବନୀ ଲାଇଟ୍ ଦେଖାଦିଏ, ତେବେ ଏହାର ଅର୍ଥ ହେଉଛି ଗାଡ଼ିର ବ୍ରେକ୍ ସିଷ୍ଟମ୍‌ରେ କୌଣସି ତ୍ରୁଟି ଅଛି । ଯଦି ଏପରି ହୁଏ, ତେବେ ଆପଣ:

1) ରାସ୍ତା ପାର୍ଶ୍ୱକୁ ଗାଡ଼ିକୁ ନେଇଯାଇ ସାବଧାନପୂର୍ବକ ବନ୍ଦ କରିଦେବା ଉଚିତ ।

⚠ ଚେତାବନୀ

ମନେରଖନ୍ତୁ ଯେ, ରୋକିବା ଦୂରତା ଦୀର୍ଘ ହୋଇପାରେ, ଆପଣଙ୍କୁ ପେଡଲ୍ ଉପରେ ଅଧିକ ଚାପ ଦେବାକୁ ପଡ଼ିପାରେ ଏବଂ ପେଡଲ୍, ସାଧାରଣ ତୁଳନାରେ ଅଧିକ ତଳକୁ ଯାଇପାରେ ।

2) ରାସ୍ତା କଡ଼ରେ, ଧ୍ୟାନପୂର୍ବକ ଭାବେ, ଷ୍ଟାର୍ଟ କରି ଓ ବନ୍ଦ କରି ବ୍ରେକ୍‌ଗୁଡ଼ିକର ପରୀକ୍ଷା କରନ୍ତୁ ।
   – ଯଦି ଆପଣ ଜାଣିପାରିଲେ ଯେ, ତାହା ସୁରକ୍ଷିତ ଅଛି, ତେବେ ମରାମତି ପାଇଁ ନିକଟସ୍ଥ ଡିଲର୍ ପାଖକୁ ନିମ୍ନ ଗତିରେ ଗାଡ଼ି ଚଲାଇ ଯାଆନ୍ତୁ କିମ୍ବା
   – ମରାମତି ପାଇଁ ନିକଟସ୍ଥ ଅଧିକୃତ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍ ନିକଟକୁ ଗାଡ଼ି ଟୋ (tow) କରି ନିଅନ୍ତୁ ।


⚠ ଚେତାବନୀ

ଯଦି ନିମ୍ନ ପରିସ୍ଥିତି ମଧ୍ୟରୁ କୌଣସିଟି ଘଟେ, ତେବେ ଆପଣ ତୁରନ୍ତ ହିଁ ନିଜ ମାରୁତି ସୁଜୁକି କମର୍ଶିଆଲ୍ ଡିଲରଙ୍କୁ, ବ୍ରେକ୍ ସିଷ୍ଟମ୍ ଯାଞ୍ଚ କରିବାକୁ କୁହନ୍ତୁ ।

- **ଇଞ୍ଜିନ୍ ଷ୍ଟାର୍ଟ କରିସାରିବା ପରେ ତଥା ପାର୍କିଙ୍ଗ୍ ବ୍ରେକ୍‌କୁ ପୂରା ଛାଡ଼ିବା ପରେ ମଧ୍ୟ ଯଦି ବ୍ରେକ୍ ସିଷ୍ଟମ୍ ଚେତାବନୀ ଲାଇଟ୍ ବନ୍ଦ ନହୁଏ ।**
- **ଇଗ୍‌ନିଶନ୍ ସ୍ୱିଚ୍‌କୁ "ON" କରିବା ପରେ ମଧ୍ୟ ଯଦି ବ୍ରେକ୍ ସିଷ୍ଟମ୍ ଚେତାବନୀ ଲାଇଟ୍ ଦେଖାନଦିଏ ।**
- **ଗାଡ଼ି ଚାଲୁଥିବାର ଯେକୌଣସି ସମୟରେ ଯଦି ବ୍ରେକ୍ ସିଷ୍ଟମ୍ ଚେତାବନୀ ଲାଇଟ୍ ଦେଖାଦେଉଥାଏ ।**

ନୋଟ୍:
ଯେହେତୁ ବ୍ରେକ୍ ସିଷ୍ଟମ୍ ହେଉଛି ସ୍ୱୟଂ ସମଂଜକ (ସେଲ୍ଫ-ଆଡ୍‌ଜଷ୍ଟିଙ୍ଗ୍), ବ୍ରେକ୍ ପ୍ୟାଡ୍‌ଗୁଡ଼ିକ ପୁରୁଣା ହୋଇଗଲେ ତେଲ ସ୍ତର ହ୍ରାସ ପାଇଥାଏ । ବ୍ରେକ୍ ତେଲ ଭଣ୍ଡାର (ରିଜର୍ଭଏର୍)କୁ ପୁଣି ଭରିବାକୁ, ସାଧାରଣ ସାମୟିକ ରକ୍ଷଣା-ବେକ୍ଷଣ (ନର୍ମଲ୍ ପେରିଓଡିକ୍ ମେଣ୍ଟେନାନ୍ସ) ଭାବେ ବିଚାର କରାଯାଏ ।

ତ୍ରୁଟି ସୂଚକ ଲାଇଟ୍ (ମଲ୍‌ଫଙ୍କଶନ୍ ଇଣ୍ଡିକେଟର୍ ଲାଇଟ୍)




63J031

ଆପଣଙ୍କ ଗାଡ଼ିରେ ଏକ କମ୍ପ୍ୟୁଟର୍ ନିୟନ୍ତ୍ରିତ କ୍ଷରଣ ନିୟନ୍ତ୍ରଣ ପ୍ରଣାଳୀ (କମ୍ପ୍ୟୁଟର୍ କଣ୍ଟ୍ରୋଲ୍ଡ ଏମିଷନ୍ କଣ୍ଟ୍ରୋଲ୍ ସିଷ୍ଟମ୍) ଅଛି । କ୍ଷରଣ ନିୟନ୍ତ୍ରଣ ପ୍ରଣାଳୀକୁ କେତେବେଳେ ସଫା କରିବା ଆବଶ୍ୟକ, ତାହାର ସୂଚନା ପାଇଁ ଉପକରଣ (ଇନ୍‌ଷ୍ଟ୍ରୁମେଣ୍ଟ) ପେନଲ୍‌ରେ ଏକ ତ୍ରୁଟି ଇଣ୍ଡିକେଟର୍ ଲାଇଟ୍ ପ୍ରଦାନ କରାଯାଇଛି । ଯେତେବେଳେ ଇଗ୍‌ନିଶନ୍ ସ୍ୱିଚ୍‌କୁ "ON" କରାଯାଏ, ତାହା କାମ କରୁଛି ବୋଲି ଜଣାଇବା ପାଇଁ ତ୍ରୁଟି ଇଣ୍ଡିକେଟର୍ ଲାଇଟ୍ ଦେଖାଦିଏ ଏବଂ ଇଞ୍ଜିନ୍ ଆରମ୍ଭ ହେବା କ୍ଷଣି ତାହା ବନ୍ଦ ହୋଇଯାଏ ।

ଯଦି ଇଞ୍ଜିନ୍ ଚାଲିବା ସମୟରେ ତ୍ରୁଟି ଇଣ୍ଡିକେଟର୍ ଲାଇଟ୍ ଦେଖାଦିଏ, ତେବେ କ୍ଷରଣ ନିୟନ୍ତ୍ରଣ ପ୍ରଣାଳୀରେ କୌଣସି ସମସ୍ୟା ରହିଛି । ସମସ୍ୟାକୁ ସୁଧାରିବା ପାଇଁ ଆପଣଙ୍କ ନିକଟସ୍ଥ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍ ନିକଟକୁ ନିଅନ୍ତୁ ।

ନୋଟିସ
ତ୍ରୁଟି ଇଣ୍ଡିକେଟର୍ ଲାଇଟ୍ ଥାଇ ଗାଡ଼ି ଚଲାଇବା ଜାରି ରଖିଲେ, ତାହା ଗାଡ଼ିର କ୍ଷରଣ ନିୟନ୍ତ୍ରଣ ପ୍ରଣାଳୀକୁ ସ୍ଥାୟୀ ଭାବେ ନଷ୍ଟ କରିଦେଇପାରେ ଏବଂ ତେଲ ଖର୍ଚ୍ଚ ଓ ଗାଡ଼ି ଚଲାଇବା ସାମର୍ଥ୍ୟତା ଉପରେ ପ୍ରଭାବ ପକାଇପାରେ ।

ତେଲ ଚାପ ଲାଇଟ୍ (ଅଏଲ୍ ପ୍ରେସର୍ ଲାଇଟ୍)




50G051

ଇଗ୍‌ନିଶନ୍ ସ୍ୱିଚ୍ "ON" ହେଲେ ଲାଇଟ୍ ଦେଖାଦିଏ ଏବଂ ଇଞ୍ଜିନ୍ ଆରମ୍ଭ ହେଲେ ତାହା ବନ୍ଦ ହୋଇଯାଏ । ଯଦି ତେଲ ଚାପ ଅପର୍ଯ୍ୟାପ୍ତ ଥାଏ, ତେବେ ଲାଇଟ୍ ଦେଖାଦିଏ ଓ ଅନ୍ ହୋଇ ରହିଥାଏ । ଯଦି ଗାଡ଼ି ଚଲାଇବା ସମୟରେ ଲାଇଟ୍ ଦେଖାଦିଏ, ତେବେ ତୁରନ୍ତ ଗାଡ଼ିକୁ ରାସ୍ତା କଡ଼କୁ ନେଇଯାଇ ଇଞ୍ଜିନ୍ ବନ୍ଦ କରିଦିଅନ୍ତୁ ।

ତେଲ ସ୍ତର ଯାଞ୍ଚ କରନ୍ତୁ ଏବଂ ଯଦି ଆବଶ୍ୟକ ହୁଏ, ତେବେ ସୁପାରିସକୃତ ଇଞ୍ଜିନ୍ ଅଏଲ୍ ପକାନ୍ତୁ । ଯଦି ସେଥିରେ ପର୍ଯ୍ୟାପ୍ତ ତେଲ ଥାଏ, ତେବେ ଆପଣ ପୁଣି ଗାଡ଼ି ଚଲାଇବା ପୂର୍ବରୁ ଆପଣଙ୍କ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍ ଦ୍ୱାରା ଲୁବ୍ରିକେଶନ୍ ସିଷ୍ଟମ୍‌କୁ ଯାଞ୍ଚ କରାଯିବା ଉଚିତ ।

ନୋଟିସ
• **ଏହି ଲାଇଟ୍ ଅନ୍ ଥାଇ ଯଦି ଆପଣ ଗାଡ଼ି ଚଲାଉଥା'ନ୍ତି, ତେବେ ପରିଣାମସ୍ୱରୂପ ଗମ୍ଭୀର ଇଞ୍ଜିନ୍ କ୍ଷତି ହୋଇପାରେ ।** • **ତେଲ ପକାଇବାର ଆବଶ୍ୟକତାକୁ ସୂଚିତ କରିବା ପାଇଁ ଅଏଲ୍ ପ୍ରେସର୍ ଲାଇଟ୍ (ତେଲ ଚାପ ଲାଇଟ୍) ଉପରେ ନିର୍ଭର କରନ୍ତୁ ନାହିଁ । ସମୟ ସମୟରେ, ଇଞ୍ଜିନ୍ ଅଏଲ୍ ଯାଞ୍ଚ କରୁଥାନ୍ତୁ ।**


ଚାର୍ଜିଙ୍ଗ୍ ଲାଇଟ୍



50G052

ଇଗ୍‌ନିଶନ୍ ସ୍ୱିଚ୍ "ON" ହେଲେ ଏହି ଲାଇଟ୍ ଦେଖାଦିଏ ଏବଂ ଇଞ୍ଜିନ୍ ଷ୍ଟାର୍ଟ ହେଲେ ବନ୍ଦ ହୋଇଯାଏ । ବ୍ୟାଟେରି ଚାର୍ଜିଙ୍ଗ୍ ସିଷ୍ଟମ୍‌ରେ କିଛି ସମସ୍ୟା ଥିଲେ ଲାଇଟ୍ ଦେଖାଦେଇ ସେହିପରି ରାହିଯାଏ । ଇଞ୍ଜିନ୍ ଚାଲୁଥିବା ସମୟରେ ଯଦି ଲାଇଟ୍ ଦେଖାଦିଏ, ତେବେ ଆପଣଙ୍କ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍ ଦ୍ୱାରା ତୁରନ୍ତ ହିଁ ଚାର୍ଜିଙ୍ଗ୍ ସିଷ୍ଟମ୍‌କୁ ଯାଞ୍ଚ କରାଯିବା ଉଚିତ ।

ଉଚ୍ଚ ଇଞ୍ଜିନ୍ କୁଲାଣ୍ଟ ତାପମାତ୍ରା ଚେତାବନୀ ଲାଇଟ୍ (ହାଇ ଇଞ୍ଜିନ୍ କୁଲାଣ୍ଟ ଟେମ୍ପ୍ରେଚର୍ ୱାର୍ନିଙ୍ଗ୍ ଲାଇଟ୍) [ନାଲି ରଙ୍ଗ]




54G344

ଯେତେବେଳେ ଇଗ୍‌ନିଶନ୍ ସ୍ୱିଚ୍ "ON" ହୁଏ, ଏହି ଲାଇଟ୍ ହାଲକା ଭାବେ ଦେଖାଦିଏ, ଯେଉଁଥିରୁ ଆପଣ ଜାଣିପାରିବେ ଯେ, ଲାଇଟ୍‌ଟି କାମ କରୁଛି । ଯଦି ଗାଡ଼ି ଚଲାଇବା ସମୟରେ ଲାଇଟ୍‌ଟି ଧପ୍ ଧପ୍ ହୁଏ, ତେବେ ତାହାର ଅର୍ଥ

ହେଉଛି ଇଞ୍ଜିନ୍ ଗରମ ହୋଇଯାଉଛି । ଗାଡ଼ି ଚଲାଇବାର ଏପରି ସ୍ଥିତିକୁ ଏଡ଼ାନ୍ତୁ ଯାହା ପ୍ରକୃତ ଓଭରହିଟିଙ୍ଗ୍ କରାଇଥାଏ । ଯଦି ଲାଇଟ୍‌ଟି ଧପ୍ ଧପ୍ ନହୋଇ ସେହିପରି ରୁହେ, ତେବେ ଇଞ୍ଜିନ୍ ଓଭରହିଟ୍ ହେଉଛି । "ଜରୁରୀକାଳୀନ ସେବା (ସର୍ଭିସ୍)" ବିଭାଗର "ଯଦି ଇଞ୍ଜିନ୍ ଅତ୍ୟଧିକ ଗରମ (ଓଭରହିଟ୍) ହୋଇଯାଏ"ରେ ଥିବା ନିର୍ଦ୍ଦେଶଗୁଡ଼ିକୁ ଅନୁସରଣ କରନ୍ତୁ ।

ନୋଟିସ
ଇଞ୍ଜିନ୍ ଓଭରହିଟ୍ ହେବାର ସୂଚନା ମିଳିବା ସତ୍ତ୍ୱେ ଯଦି ଗାଡ଼ି ଚାଲିବା ଜାରି ରୁହେ, ତେବେ ପରିଣାମସ୍ୱରୂପ ଇଞ୍ଜିନ୍‌ର ବହୁଳ କ୍ଷତି ହୋଇଥାଏ ।


ଟର୍ନ ସିଗ୍ନାଲ୍ ଇଣ୍ଡିକେଟର୍ସ



50G055

ଯେତେବେଳେ ଆପଣ ବାମ କିମ୍ବା ଡାହାଣ ଟର୍ନ ସିଗ୍ନାଲ୍‌କୁ ଅନ୍ କରନ୍ତି, ତେବେ ତଦନୁସାରେ ଉପକରଣ (ଇନ୍‌ଷ୍ଟ୍ରୁମେଣ୍ଟ) ପେନଲ୍‌ରେ ଥିବା ସବୁଜ ତୀର, ସମ୍ବନ୍ଧିତ ଟର୍ନ ସିଗ୍ନାଲ୍ ଲାଇଟ୍ସ ସହିତ ଧପ୍ ଧପ୍ ହୁଏ । ଯେତେବେଳେ ଆପଣ ବିପଦ ଚେତାବନୀ ସ୍ୱିଚ୍‌କୁ ଅନ୍ କରନ୍ତି, ତେବେ ସମସ୍ତ ଟର୍ନ ସିଗ୍ନାଲ୍ ଲାଇଟ୍ସ ସମେତ ଉଭୟ ତୀର ଧପ୍ ଧପ୍ ହୋଇଥାଏ ।

ମୁଖ୍ୟ ବିମ୍ (ହାଇ ବିମ୍) ଇଣ୍ଡିକେଟର୍ ଲାଇଟ୍



50G056

ଯେତେବେଳେ ହେଡ୍‌ଲାଇଟ୍ ମୁଖ୍ୟ ବିମ୍ (ହାଇ ବିମ୍)କୁ ଅନ୍ କରାଯାଏ, ଏହି ଇଣ୍ଡିକେଟର୍ ଦେଖାଦିଏ ।

ତେଲ ଫିଲ୍ଟର୍ ଚେତାବନୀ ଲାଇଟ୍ (ଫୁଏଲ୍ ଫିଲ୍ଟର୍ ୱାର୍ନିଙ୍ଗ୍ ଲାଇଟ୍)




60A541

ଇଗ୍‌ନିଶନ୍ ସ୍ୱିଚ୍ "ON" ହେଲେ ଏହି ଲାଇଟ୍ ଅନେକ ସେକେଣ୍ଡ ପର୍ଯ୍ୟନ୍ତ ଦେଖାଦିଏ, ଯେଉଁଥିରୁ ଆପଣ ଜାଣିପାରିବେ ଯେ, ଲାଇଟ୍‌ଟି କାମ କରୁଛି ।

ଯଦି ଗାଡ଼ି ଚଲାଇବା ସମୟରେ ଲାଇଟ୍‌ଟି ଦେଖାଦିଏ, ତେବେ ଫୁଏଲ୍ ଫିଲ୍ଟର୍‌ରେ ପାଣି ଦେବାର ସମ୍ଭାବନା ଅଛି । ତତ୍‌କ୍ଷଣାତ୍ ପାଣି କାଢ଼ିଦିଅନ୍ତୁ । ପାଣି କାଢ଼ିବାର ବିବରଣୀ ପାଇଁ, "ଯାଞ୍ଚ ଓ ରକ୍ଷଣା-ବେକ୍ଷଣ (ଇନ୍‌ସପେକ୍‌ସନ୍ ଆଣ୍ଡ୍ ମେଣ୍ଟେନାନ୍ସ)" ବିଭାଗରେ ଥିବା "ଫୁଏଲ୍ ଫିଲ୍ଟର୍‌କୁ" ଦେଖନ୍ତୁ ।

ଗ୍ଲୋ ପ୍ଲଗ୍ ଇଣ୍ଡିକେଟର୍ ଲାଇଟ୍



60A543

ଯଦି କୁଲାଣ୍ଟ ତାପମାତ୍ରା ଅଧିକ ଥଣ୍ଡା ଥାଏ, ତେବେ ଇଗ୍‌ନିଶନ୍ ସ୍ୱିଚ୍ "ON" କଲେ ଏହି ଲାଇଟ୍ ଦେଖାଦିଏ ଏବଂ ସେତେବେଳେ ବନ୍ଦ ହୋଇଯାଏ, ଯେତେବେଳେ ଇଞ୍ଜିନ୍ ଷ୍ଟାର୍ଟ ପାଇଁ ଗ୍ଲୋ ପ୍ଲଗ୍‌ଟି ପର୍ଯ୍ୟାପ୍ତ ଗରମ ହୋଇଯାଏ ।

ଲାଇଟିଙ୍ଗ୍ କଣ୍ଟ୍ରୋଲ୍ ଲିଭର୍

ଉଦାହରଣ




65D611

⚠ ଚେତାବନୀ

ସମ୍ଭାବ୍ୟ ଆଘାତକୁ ଏଡ଼ାଇବା ପାଇଁ, ଷ୍ଟୀଅରିଙ୍ଗ୍ ହ୍ୱୀଲ୍ ମଧ୍ୟ ଦେଇ କଣ୍ଟ୍ରୋଲ୍‌ଗୁଡ଼ିକୁ ଅପରେଟ୍ କରନ୍ତୁ ନାହିଁ ।

ଲାଇଟିଙ୍ଗ୍ ଅପରେଶନ୍

ଉଦାହରଣ



77PH110


ଲାଇଟ୍‌ଗୁଡ଼ିକୁ ଅନ୍ କିମ୍ବା ଅଫ୍ କରିବା ପାଇଁ, ଲିଭର୍ ଶେଷରେ ଥିବା ନବ୍‌କୁ ମୋଡ଼ନ୍ତୁ । ସେଥିରେ ତିନୋଟି ସ୍ଥିତି ଅଛି:

OFF (ଅଫ୍)
ସମସ୍ତ ଲାଇଟ୍ ବନ୍ଦ ହୋଇଯାଏ ।

ସାମ୍ନା ଲାଇଟ୍, ପଛ (ଟେଲ୍) ଲାଇଟ୍ , ଲାଇସେନ୍ସ ପ୍ଲେଟ୍ ଲାଇଟ୍ ଓ ଇନ୍‌ଷ୍ଟ୍ରୁମେଣ୍ଟ ଲାଇଟ୍ ଅନ୍ ରୁହେ, କିନ୍ତୁ ହେଡ୍‌ଲାଇଟ୍ ବନ୍ଦ ହୋଇଯାଏ ।

ସାମ୍ନା ଲାଇଟ୍, ପଛ (ଟେଲ୍) ଲାଇଟ୍ , ଲାଇସେନ୍ସ ପ୍ଲେଟ୍ ଲାଇଟ୍, ଇନ୍‌ଷ୍ଟ୍ରୁମେଣ୍ଟ ଲାଇଟ୍ ଓ ହେଡ୍‌ଲାଇଟ୍ ଅନ୍ ରୁହେ ।

ଉଦାହରଣ




77PH111

ହେଡ୍‌ଲାଇଟ୍ ଅନ୍ ସହିତ, ହାଇ ବିମ୍ (ମୁଖ୍ୟ ବିମ୍)କୁ ଯିବା ପାଇଁ ଲିଭର୍‌କୁ ଆଗକୁ ଠେଲନ୍ତୁ କିମ୍ବା ଲୋ ବିମ୍ କରିବା ପାଇଁ ଲିଭର୍‌କୁ ନିଜ ଆଡ଼କୁ ଟାଣନ୍ତୁ । ଯେତେବେଳେ ହାଇ ବିମ୍ (ମୁଖ୍ୟ ବିମ୍) ଅନ୍ ଥାଏ, ଇନ୍‌ଷ୍ଟ୍ରୁମେଣ୍ଟ ପେନଲ୍‌ରେ ଥିବା ମୁଖ୍ୟ ବିମ୍ (ହାଇ ବିମ୍)ର ଇଣ୍ଡିକେଟର୍ ଲାଇଟ୍ ଦେଖାଦିଏ । ପାସିଙ୍ଗ୍ ସିଗ୍ନାଲ୍ ଭାବେ ହାଇ ବିମ୍ (ମୁଖ୍ୟ ବିମ୍)କୁ ସାମୟିକ ଭାବେ ସକ୍ରିୟ କରିବା ପାଇଁ, ହାଲକା ଭାବେ ଲିଭର୍‌କୁ ନିଜ ଆଡ଼କୁ ଟାଣନ୍ତୁ ଏବଂ ଆପଣ ସିଗ୍ନାଲ୍‌କୁ ସମ୍ପୂର୍ଣ୍ଣ କରିବା ପରେ ତାହାକୁ ଛାଡ଼ିଦିଅନ୍ତୁ ।

ହେଡ୍‌ଲାଇଟ୍ ଲେଭଲିଙ୍ଗ୍ ସ୍ୱିଚ୍

ଉଦାହରଣ




77PH010

ଏହି ସ୍ୱିଚ୍‌କୁ ବୁଲାଇ ନିଜ ଗାଡ଼ିର ଲୋଡ୍ ପରିସ୍ଥିତି ଅନୁସାରେ ହେଡ୍‌ଲାଇଟ୍ ବିମ୍‌କୁ ଲେଭଲ୍ କରନ୍ତୁ । ନିମ୍ନ ପ୍ରଦତ୍ତ ଚାର୍ଟରେ, ବିଭିନ୍ନ ଗାଡ଼ି ଲୋଡ୍ ପରିସ୍ଥିତି ପାଇଁ ସଠିକ୍ ସ୍ୱିଚ୍ ଅବସ୍ଥିତିକୁ ଦର୍ଶାଯାଇଛି ।

ଗାଡ଼ି ଲୋଡ୍ ପରିସ୍ଥିତି	ଅବସ୍ଥିତି ପରିବର୍ତ୍ତନ
କେବଳ ଡ୍ରାଇଭର୍ ବା ଚାଳକ	0
ଡ୍ରାଇଭର୍ + ଭର୍ତ୍ତି ମାଲ୍ (ଲୋଡ୍ ପ୍ଲାଟ୍‌ଫର୍ମ ଉପରେ ସମାନ ଭାବେ ଭାର ବିତରିତ)	3

ଟର୍ନ ସିଗ୍ନାଲ୍ କଣ୍ଟ୍ରୋଲ୍ ଲିଭର୍

ଉଦାହରଣ



65D611


⚠ ଚେତାବନୀ

ସମ୍ଭାବ୍ୟ ଆଘାତକୁ ଏଡ଼ାଇବା ପାଇଁ, ଷ୍ଟିଅରିଙ୍ଗ୍ ହ୍ୱୀଲ୍ ମଧ୍ୟ ଦେଇ କଣ୍ଟ୍ରୋଲ୍‌ଗୁଡ଼ିକୁ ଅପରେଟ୍ କରନ୍ତୁ ନାହିଁ ।

ଟର୍ନ ସିଗ୍ନାଲ୍ ଅପରେଶନ୍

ଇଗ୍‌ନିଶନ୍ ସ୍ୱିଚ୍ "ON" ଥାଇ, ଡାହାଣ କିମ୍ବା ବାମ ଟର୍ନ ସିଗ୍ନାଲ୍‌କୁ ସକ୍ରିୟ ବା ଆକ୍ଟିଭେଟ୍ କରିବା ପାଇଁ ଲିଭର୍‌କୁ ଉପରକୁ କିମ୍ବା ତଳକୁ କରନ୍ତୁ ।

ଉଦାହରଣ




77PH112

ସିଗ୍ନାଲ୍ ଦେବାପାଇଁ ଲିଭର୍‌କୁ ଉପରକୁ କିମ୍ବା ତଳକୁ କରନ୍ତୁ । ଯେତେବେଳେ ଟର୍ନ ସମ୍ପୂର୍ଣ୍ଣ ହୋଇଯାଏ, ସିଗ୍ନାଲ୍ ବାତିଲ୍ ବା କ୍ୟାନ୍ସଲ୍ ହୋଇଯିବା ଏବଂ ଲିଭର୍‌ଟି ନିଜ ସାଧାରଣ ସ୍ଥିତିକୁ ଚାଲିଆସିବ ।

ବିପଦ ଚେତାବନୀ ସ୍ୱିଚ୍

ଉଦାହରଣ




77PH028

(1) ଅନ୍
(2) ଅଫ୍

ବିପଦ ଚେତାବନୀ ଲାଇଟ୍‌କୁ ସକ୍ରିୟ ବା ଆକ୍ଟିଭେଟ୍ କରିବା ପାଇଁ ବିପଦ ଚେତାବନୀ ସ୍ୱିଚ୍‌କୁ ଉପରକୁ ଟାଣନ୍ତୁ । ସମସ୍ତ ଟର୍ନ ସିଗ୍ନାଲ୍ ଲାଇଟ୍ ଏବଂ ଉଭୟ ସିଗ୍ନାଲ୍ ଇଣ୍ଡିକେଟର୍, ଏକାସଙ୍ଗରେ ଧପ୍ ଧପ୍ ହେବ । ଲାଇଟ୍‌ଗୁଡ଼ିକୁ ବନ୍ଦ କରିବା ପାଇଁ ସ୍ୱିଚ୍‌କୁ ତଳକୁ ଠେଲିଦିଅନ୍ତୁ ।
ଜରୁରୀକାଳୀନ ପାର୍କିଙ୍ଗ୍ ସମୟରେ କିମ୍ବା ଯେତେବେଳେ ଆପଣଙ୍କ ଗାଡ଼ି ଅନ୍ୟଥା ଟ୍ରାଫିକ୍ ବିପଦ ହୋଇଥାଏ, ଅନ୍ୟ ଗାଡ଼ିଗୁଡ଼ିକୁ ସଚେତ କରିବା ପାଇଁ ବିପଦ ଚେତାବନୀ ଲାଇଟ୍‌ଗୁଡ଼ିକର ବ୍ୟବହାର କରନ୍ତୁ ।

ୱିଣ୍ଡଶିଲ୍ଡ ୱାଇପର୍ ଓ ୱାଶର୍ ଲିଭର୍



65D611

⚠ ଚେତାବନୀ


ସମ୍ଭାବ୍ୟ ଆଘାତକୁ ଏଡ଼ାଇବା ପାଇଁ, ଷ୍ଟିଅରିଙ୍ଗ୍ ହ୍ୱୀଲ୍ ମଧ୍ୟ ଦେଇ କଣ୍ଟ୍ରୋଲ୍‌ଗୁଡ଼ିକୁ ଅପରେଟ୍ କରନ୍ତୁ ନାହିଁ ।

ୱାଇପର୍ ଅପରେଶନ୍

ଇଗ୍‌ନିଶନ୍ ସ୍ୱିଚ୍ "ON" ଥିବାବେଳେ ଆପଣ ୱାଇପର୍ ଲିଭର୍‌ର ବ୍ୟବହାର କରିପାରିବେ ।

ୱିଣ୍ଡଶିଲ୍ଡ ୱାଇପର୍ସ

ଉଦାହରଣ



77PM02015

ୱିଣ୍ଡଶିଲ୍ଡ ୱାଇପର୍ସ ଚଲାଇବା ପାଇଁ, ଅପରେଟିଙ୍ଗ୍ ପୋଜିଶନ୍‌ଗୁଡ଼ିକ ମଧ୍ୟରୁ ଗୋଟିଏକୁ ଲିଭର୍‌ର ଶେଷ ଭାଗରେ ଥିବା ନବ୍‌କୁ ମୋଡ଼ନ୍ତୁ । "LO" ପୋଜିଶନ୍‌ରେ ୱାଇପର୍ସ, ନିୟମିତ ଧୀର ଗତିରେ କାମ କରିଥାଏ । "HI" ପୋଜିଶନ୍‌ରେ ୱାଇପର୍ସ, ନିୟମିତ ଉଚ୍ଚ ଗତିରେ କାମ କରିଥାଏ । ୱାଇପର୍ସ ବନ୍ଦ କରିବା ପାଇଁ, ଲିଭର୍‌କୁ "OFF" ପୋଜିଶନ୍‌କୁ ମୋଡ଼ିଦିଅନ୍ତୁ ।

ୱିଣ୍ଡଶିଲ୍ଡ ୱାଶର୍ (ଯଦି ଲାଗିଥାଏ)

ଉଦାହରଣ



77PM02016

ୱିଣ୍ଡଶିଲ୍ଡ ୱାଶର୍ ଫ୍ଲୁଇଡ୍ ସ୍ପ୍ରେ କରିବା ପାଇଁ ଲିଭର୍‌କୁ ନିଜ ଆଡ଼କୁ ଟାଣନ୍ତୁ ।

⚠ ଚେତାବନୀ

ୱିଣ୍ଡଶିଲ୍ଡ ୱାଶର୍ ଟାଙ୍କିରେ ରେଡିଏଟର୍ ଆଣ୍ଟିଫ୍ରୀଜ୍ ବ୍ୟବହାର କରନ୍ତୁ ନାହିଁ । ଏହା ଯଦି ୱିଣ୍ଡଶିଲ୍ଡରେ ସ୍ପ୍ରେ ହୁଏ, ତେବେ ଦୃଶ୍ୟତା ଉପରେ ଏହା ଗମ୍ଭୀର ପ୍ରଭାବ ପକାଇବା ସହିତ ଗାଡ଼ିର ରଙ୍ଗକୁ ମଧ୍ୟ ନଷ୍ଟ କରିଦେଇପାରେ ।


ନୋଟିସ

ୱିଣ୍ଡଶିଲ୍ଡ ୱାଇପର୍ ଓ ୱାଶର୍ ସିଷ୍ଟମ୍ ଉପକରଣ ପ୍ରତି କ୍ଷତିକୁ ରୋକିବାରେ ସାହାଯ୍ୟ କରିବା ପାଇଁ, ଆପଣଙ୍କୁ ନିମ୍ନ ସାବଧାନତା ଗ୍ରହଣ କରିବାକୁ ପଡ଼ିବ:

- ୱିଣ୍ଡଶିଲ୍ଡ ୱାଶର୍ ଫ୍ଲୁଇଡ୍ ସ୍ପ୍ରେ ହେଉନଥିଲେ ଲିଭର୍‌କୁ ଧରିରଖନ୍ତୁ ନାହିଁ, ଅନ୍ୟଥା ୱାଶର୍ ମୋଟର୍ ନଷ୍ଟ ହୋଇଯାଇପାରେ।
- ୱାଇପର୍ ଦ୍ୱାରା ଶୁଖିଲା ୱିଣ୍ଡଶିଲ୍ଡରୁ ଧୂଳି କାଢ଼ିବାକୁ ଚେଷ୍ଟା କରନ୍ତୁ ନାହିଁ, ଅନ୍ୟଥା ୱିଣ୍ଡଶିଲ୍ଡ ଓ ୱାଇପର୍ ବ୍ଲେଡ୍ ନଷ୍ଟ ହୋଇଯାଇପାରେ। ୱାଇପର୍ ଚଲାଇବା ପୂର୍ବରୁ ୱିଣ୍ଡଶିଲ୍ଡକୁ ସର୍ବଦା ୱାଶର୍ ଫ୍ଲୁଇଡ୍‌ରେ ଓଦା କରନ୍ତୁ।
- ୱାଇପର୍ ବ୍ୟବହାର କରିବା ପୂର୍ବରୁ ୱାଇପର୍ ବ୍ଲେଡ୍‌ଗୁଡ଼ିକରେ ଲାଗିଥିବା ବରଫ କିମ୍ବା ବରଫ ଗୁଣ୍ଡକୁ ସଫା କରିଦିଅନ୍ତୁ।
- ନିୟମିତ ଭାବେ ୱାଶର୍ ଫ୍ଲୁଇଡ୍ ଯାଞ୍ଚ କରନ୍ତୁ। ପାଣିପାଗ ଖରାପ ଥିବାବେଳେ ଏହାକୁ ଅଧିକାଂଶ ସମୟରେ ଯାଞ୍ଚନ୍ତୁ।
- ଥଣ୍ଡା ପାଗରେ, ୱାଶର୍ ଫ୍ଲୁଇଡ୍ ଟାଙ୍କିକୁ କେବଳ 3/4 ଭରନ୍ତୁ, ଯେଉଁଥିରୁ ଯଦି ତାପମାତ୍ରା, ଦ୍ରବଣକୁ ଜମାଇଦେବା ଭଳି ହ୍ରାସ ପାଏ, ତେବେ ବିସ୍ତାରଣ ପାଇଁ ଯଥେଷ୍ଟ ସ୍ଥାନ ମିଳିପାରିବ।

ହର୍ନ

ଉଦାହରଣ



77PH029


ହର୍ନ ବଜାଇବା ପାଇଁ, ଷ୍ଟୀଅରିଙ୍ଗ୍ ହ୍ୱିଲ୍‌ରେ ଥିବା ହର୍ନ ବଟନ୍‌କୁ ଦାବନ୍ତୁ । ଇଗ୍‌ନିଶନ୍ ସ୍ୱିଚ୍ ଯେକୌଣସି ପୋଜିଶନ୍‌ରେ ଥିଲେ ମଧ୍ୟ ହର୍ନ ବାଜିବ ।

ନିଜ ବାହନର ସଂଚାଳନ

ଏଗ୍‌ଜୋଷ୍ଟ ଗ୍ୟାସ୍ ଚେତାବନୀ 3-1
ଦୈନିକ ଯାଞ୍ଚ ତାଲିକା 3-1
ଇଞ୍ଜିନ୍ ଅଏଲ୍ ଖର୍ଚ୍ଚ 3-2
ଇଗ୍‌ନିଶନ୍ ସ୍ୱିଚ୍ 3-2
ପାର୍କିଙ୍ଗ୍ ବ୍ରେକ୍ ଲିଭର୍ 3-4
ପେଡଲ୍ 3-4
ଇଞ୍ଜିନ୍ ଷ୍ଟାର୍ଟ କରିବା 3-5
ଟ୍ରାନ୍ସମିଶନ୍‌ର ବ୍ୟବହାର 3-6
ବ୍ରେକ୍ ଲଗାଇବା (ବ୍ରେକିଙ୍ଗ୍) 3-7

ଏଗ୍‌ଜୋଷ୍ଟ ଗ୍ୟାସ୍ ଚେତାବନୀ

ଉଦାହରଣ



82DY03

⚠ ଚେତାବନୀ

ଏଗ୍‌ଜୋଷ୍ଟ ବା ନିଷ୍କାସିତ ଗ୍ୟାସ୍‌କୁ ଆଘ୍ରାଣ କରନ୍ତୁ ନାହିଁ । ସେଥିରେ କାର୍ବନ୍ ମୋନୋକ୍ସାଇଡ୍ ରହିଛି, ଯାହା ହେଉଛି ଏକ ରଙ୍ଗହୀନ ଓ ଗନ୍ଧହୀନ ଘାତକ ଗ୍ୟାସ୍ । ଯେହେତୁ କାର୍ବନ୍ ମୋନୋକ୍ସାଇଡ୍‌କୁ ଠାବ କରିବା କଷ୍ଟକର ଅଟେ, ଆପଣଙ୍କ ଗାଡ଼ିରେ କାର୍ବନ୍ ମୋନୋକ୍ସାଇଡ୍ ପ୍ରବେଶ କରିବାକୁ ପ୍ରତିରୋଧ କରିବାରେ ସାହାଯ୍ୟ କରିବା ପାଇଁ ନିମ୍ନଲିଖିତ ସାବଧାନତା ନିଶ୍ଚିତ ଗ୍ରହଣ କରନ୍ତୁ ।

- **ଗ୍ୟାରେଜ୍ କିମ୍ବା ଅନ୍ୟ ଆବଦ୍ଧ ସ୍ଥାନଗୁଡ଼ିକରେ ଇଞ୍ଜିନ୍‌କୁ ଚାଲୁ ଅବସ୍ଥାରେ ଛାଡ଼ନ୍ତୁ ନାହିଁ ।**

(ଜାରି...)

⚠ ଚେତାବନୀ


(ଜାରି...)

- **ଖୋଲା ସ୍ଥାନରେ ହେଲେ ମଧ୍ୟ, ଦୀର୍ଘ ସମୟ ପାଇଁ ଇଞ୍ଜିନ୍‌କୁ ଚାଲୁ ଅବସ୍ଥାରେ ରଖନ୍ତୁ ନାହିଁ ।**
- **ଆପଣଙ୍କ ଗାଡ଼ିର ନିଷ୍କାସନ ପ୍ରଣାଳୀର ସଠିକ୍ କାର୍ଯ୍ୟ ପାଇଁ, ଗାଡ଼ି ସାମ୍ନାରେ ଥିବା 'ଏୟାର୍ ଇନ୍‌ଲେଟ୍ ଗ୍ରିଲ୍'କୁ ସବୁ ସମୟରେ ବରଫ, ପତ୍ର କିମ୍ବା ଅନ୍ୟ ପ୍ରତିବନ୍ଧକଠାରୁ ମୁକ୍ତ ରଖନ୍ତୁ ।**
- **ଗାଡ଼ି ତଳେ ଏଗ୍‌ଜୋଷ୍ଟ ଗ୍ୟାସ୍‌ର ଏକତ୍ରିକରଣକୁ ହ୍ରାସ କରିବାରେ ସାହାଯ୍ୟ କରିବା ପାଇଁ, ଏଗ୍‌ଜୋଷ୍ଟ ପାଇପ୍ ଏରିଆକୁ ବରଫ ଓ ଅନ୍ୟାନ୍ୟ ପଦାର୍ଥରୁ ମୁକ୍ତ ରଖନ୍ତୁ । ବିଶେଷକରି, ବରଫ ତୋଫାନ କ୍ଷେତ୍ରରେ ପାର୍କ ହୋଇଥିବାବେଳେ ଏହା ଜରୁରୀ ଅଟେ ।**
- **କ୍ଷତି ଓ ଲିକ୍ ପାଇଁ ସମୟ ସମୟରେ ଏଗ୍‌ଜୋଷ୍ଟ ବା ନିଷ୍କାସନ ପ୍ରଣାଳୀକୁ ଯାଞ୍ଚ କରନ୍ତୁ । କୌଣସି କ୍ଷତି କିମ୍ବା ଲିକ୍ ଦେଖାଦେଲେ, ତୁରନ୍ତ ହିଁ ତାହାର ମରାମତି କରାଇନିଅନ୍ତୁ ।**

ଦୈନିକ ଯାଞ୍ଚ ତାଲିକା

ଗାଡ଼ି ଚଲାଇବା ପୂର୍ବରୁ

ଉଦାହରଣ



82DY011

1) ଝରକା, ଦର୍ପଣ, ଲାଇଟ୍ସ ଓ ରିଫ୍ଲେଟର୍‌ଗୁଡ଼ିକ ସଫା ଓ ଅବାଧିତ ଥିବାର ସୁନିଶ୍ଚିତ କରନ୍ତୁ ।
2) ନିମ୍ନଲିଖିତ ବିଷୟ ପାଇଁ ଟାୟାର୍‌ଗୁଡ଼ିକୁ ଯାଞ୍ଚ କରନ୍ତୁ:
   – ଟ୍ରେଡ୍ ଗ୍ରୁଭ୍‌ର ଗଭୀରତା
   – ଅସ୍ୱାଭାବିକ ଘର୍ଷଣ, ଫାଟ ଓ କ୍ଷତି
   – ଢିଲା ହ୍ୱିଲ୍ ନଟ୍ସ
   – ବାହ୍ୟ ସାମଗ୍ରୀ, ଯେପରି କଣ୍ଟା, ପଥର ଆଦିର ଉପସ୍ଥିତି

ବିଶଦ ବିବରଣୀ ପାଇଁ "ଯାଞ୍ଚ ଓ ରକ୍ଷଣା-ବେକ୍ଷଣ" ବିଭାଗରେ ଥିବା "ଟାୟାର୍"କୁ ଦେଖନ୍ତୁ ।

3) ତରଳ ପଦାର୍ଥ ଓ ତେଲ ଲିକେଜ୍ ଦେଖନ୍ତୁ।
4) ଇଞ୍ଜିନ୍ କମ୍ପାର୍ଟମେଣ୍ଟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଥିବାର ସୁନିଶ୍ଚିତ କରନ୍ତୁ ।
5) ସଠିକ୍ କାର୍ଯ୍ୟକାରିତା ପାଇଁ ହେଡ୍‌ଲାଇଟ୍ସ, ଟର୍ନ ସିଗ୍ନାଲ୍ ଲାଇଟ୍ସ, ବ୍ରେକ୍ ଲାଇଟ୍ସ ଓ ହର୍ନକୁ ଯାଞ୍ଚ କରନ୍ତୁ ।

6) ଡ୍ରାଇଭର୍ ସିଟ୍ ଆଡ୍‌ଜଷ୍ଟ କରନ୍ତୁ ।
7) ବ୍ରେକ୍ ପେଡଲ୍ ଓ ପାର୍କିଙ୍ଗ୍ ବ୍ରେକ୍ ଲିଭର୍ ଯାଞ୍ଚ କରନ୍ତୁ ।
8) ମିରର୍ ବା ଆଇନା ଆଡ୍‌ଜଷ୍ଟ କରନ୍ତୁ ।
9) ଆପଣ ଓ ଯାତ୍ରୀ ଠିକ୍ ଭାବରେ ସିଟ୍ ବେଲ୍ଟ ବାନ୍ଧିଥିବାର ସୁନିଶ୍ଚିତ କରନ୍ତୁ ।
10) ଚାବି "ON" ହେବା କ୍ଷଣି ସମସ୍ତ ଚେତାବନୀ ଲାଇଟ୍ ଜଳୁଥିବାର ସୁନିଶ୍ଚିତ କରନ୍ତୁ ।
11) ସମସ୍ତ ଗଜ୍ ଯାଞ୍ଚ କରନ୍ତୁ ।
12) ପାର୍କିଙ୍ଗ୍ ବ୍ରେକ୍ ରିଲିଜ୍ ହେଲେ, ବ୍ରେକ୍ ସିଷ୍ଟମ୍ ଚେତାବନୀ ଲାଇଟ୍ ବନ୍ଦ ହେଉଥିବାର ସୁନିଶ୍ଚିତ କରନ୍ତୁ ।

ସପ୍ତାହରେ ଥରେ କିମ୍ବା ପ୍ରତ୍ୟେକ ଥର ଆପଣ ତେଲ ଟାଙ୍କି ପୂର୍ଣ୍ଣ କରିବାବେଳେ ନିମ୍ନଲିଖିତଗୁଡ଼ିକୁ ଯାଞ୍ଚ କରନ୍ତୁ:

1) ଇଞ୍ଜିନ୍ ଅଏଲ୍ ସ୍ତର
2) କୂଲାଣ୍ଟ ସ୍ତର
3) ବ୍ରେକ୍ ଫ୍ଲୁଇଡ୍ ସ୍ତର
4) ୱିଣ୍ଡଶିଲ୍ଡ ୱାଶର୍ ଫ୍ଲୁଇଡ୍ (ଯଦି ଲାଗିଥାଏ) ସ୍ତର
5) ବ୍ୟାଟେରୀ ଇଲେକ୍ଟ୍ରୋଲାଇଟ୍ ସ୍ତର
6) ଲାଟ୍ କାର୍ଯ୍ୟ
   ଲୁବ୍ରିକେଶନ୍ ସାରଣୀ ପାଇଁ "ଯାଞ୍ଚ ଓ ରକ୍ଷଣା-ବେକ୍ଷଣ"ର "ପର୍ଯ୍ୟାୟକ୍ରମେ ରକ୍ଷଣା-ବେକ୍ଷଣ ସୂଚୀ"ରେଥିବା "ଚେଚିସ୍ ଓ ବଡୀ"ର "ସମସ୍ତ ଲାଚେସ୍, ହିଞ୍ଜେସ୍ ଓ ଲକ୍" ଦେଖନ୍ତୁ ।

ମାସକୁ ଥରେ କିମ୍ବା ତେଲ ଟାଙ୍କି ଭରିବାବେଳକୁ, ଟାୟାର୍ ପ୍ରେସର୍ ଗଜ୍ ବ୍ୟବହାର କରି ଟାୟାର୍ ଯାଞ୍ଚ କରନ୍ତୁ । ସ୍ପେୟର୍ ଟାୟାର୍‌ର ପ୍ରେସର୍ ମଧ୍ୟ ଯାଞ୍ଚ କରନ୍ତୁ ।

ଇଞ୍ଜିନ୍ ଅଏଲ୍ ଖର୍ଚ୍ଚ

ସାଧାରଣ ଗାଡ଼ି ମରାମତି ସମୟରେ, ଇଞ୍ଜିନ୍ ପାଇଁ, କିଛି ଇଞ୍ଜିନ୍ ଅଏଲ୍ ପୋଡ଼ିବା ବା ଖର୍ଚ୍ଚ ହେବା ସାମାନ୍ୟ କଥା ଅଟେ ।

ତେଲର ତେଲିଆପଣ, ତେଲର ଉତ୍କର୍ଷତା ଓ ଗାଡ଼ି ଚଲାଯାଉଥିବା ପରିସ୍ଥିତି ଉପରେ ନିର୍ଭର କରି ଇଞ୍ଜିନ୍ ଅଏଲ୍‌ର ପରିମାଣ ଖର୍ଚ୍ଚ ହୋଇଥାଏ ।
ଉଚ୍ଚ ବେଗ ଗାଡ଼ି ଚାଳନା (ହାଇ ସ୍ପୀଡ୍ ଡ୍ରାଇଭିଙ୍ଗ୍) ସମୟରେ ଅଧିକ ତେଲ ଖର୍ଚ୍ଚ ହୋଇଥାଏ, କାରଣ ସେଥିରେ ବାରମ୍ବାର ଆକ୍ସିଲରେଶନ୍ ଓ ଡିସିଲରେଶନ୍ ଥାଏ । ଉଚ୍ଚ ଭାର ଅନ୍ତର୍ଗତ ମଧ୍ୟ ଆପଣଙ୍କ ଇଞ୍ଜିନ୍ ଅଧିକ ତେଲ ବ୍ୟୟ ହୋଇଥାଏ ।
ନୂଆ ଇଞ୍ଜିନ୍ ମଧ୍ୟ ଅଧିକ ତେଲ ପୋଡ଼ିଥାଏ ବା ଖର୍ଚ୍ଚ ହୋଇଥାଏ, ଯେହେତୁ ତାହାର ପିଷ୍ଟନ୍, ପିଷ୍ଟନ୍ ରିଙ୍ଗ୍ ଓ ସିଲିଣ୍ଡର୍ ଅନୁକୂଳିତ ହୋଇନଥାଏ । ପ୍ରାୟ 5000 କି.ମି. (3000 ମାଇଲ୍) ଗାଡ଼ି ଚଲାଇବା ପରେ ହିଁ ନୂଆ ଇଞ୍ଜିନ୍, ତେଲର ସାଧାରଣ ସ୍ତରକୁ ପହଞ୍ଚିଥାଏ ।

ତେଲ ଖର୍ଚ୍ଚ:
1000 କି.ମି. ପିଛା ସର୍ବାଧିକ 1.0 ଲି.
(600 ମାଇଲ୍ ପିଛା 1 କ୍ୟୁ.ଟି.)

ତେଲ ଖର୍ଚ୍ଚର ପରିମାଣକୁ ବିଚାର କରିବା ସମୟରେ, ଏହା ଧ୍ୟାନଦିଅନ୍ତୁ ଯେ, ତେଲ ପତଳା ହୋଇଯାଇଥାଇପାରେ ଏବଂ ପ୍ରକୃତ ତେଲ ସ୍ତରର ସଠିକ୍ ବିଚାର ପାଇଁ କଷ୍ଟକର କରିପାରେ ।

ଏକ ଉଦାହରଣ ଭାବରେ, ଯଦି ଗୋଟିଏ ଗାଡ଼ିକୁ ବାରମ୍ବାର ଛୋଟ ଯାତ୍ରା ପାଇଁ ବ୍ୟବହାର କରାଯାଉଥାଏ ତଥା ତେଲର ସାଧାରଣ ପରିମାଣ ଖର୍ଚ୍ଚ ହେଉଥାଏ, ତେବେ 1000 କି.ମି. (600 ମାଇଲ୍) ଗାଡ଼ି ଚଲାଇବା ସତ୍ତ୍ୱେ ଡିପ୍‌ଷ୍ଟିକ୍ (ମାପକାଠି), ତେଲ ସ୍ତରରେ କୌଣସି ବିନ୍ଦୁ ସୁଦ୍ଧା ଦେଖାଇନପାରେ । ଏହାର କାରଣ ହେଉଛି, ତେଲ ଧୀରେ ଧୀରେ ଇନ୍ଧନ କିମ୍ବା ଆର୍ଦ୍ରତା ସହିତ ପତଳା ହୋଇ ତେଲ ସ୍ତର ପରିବର୍ତ୍ତିତ ହୋଇନାହିଁ ବୋଲି ଦେଖାଇଥାଏ ।
ଆପଣ ଏହା ମଧ୍ୟ ଜାଣିରଖିବା ଉଚିତ ଯେ, ପତଳା କରାଉଥିବା ଉପାଦାନଗୁଡ଼ିକ ସେତେବେଳେ ଉଡ଼ିଯାଇଥାଏ, ଯେତେବେଳେ ଗାଡ଼ିକୁ ପରବର୍ତ୍ତୀ ସମୟରେ ଉଚ୍ଚ ବେଗରେ ଚଲାଯାଇଥାଏ, ଯେପରି ଏକ ଏକ୍ସପ୍ରେସ୍‌ୱେରେ, ତାହାକୁ ଏହିପରି ଦର୍ଶାଇଥାଏ, ଯେପରି ହାଇ ସ୍ପୀଡ୍ ଡ୍ରାଇଭିଙ୍ଗ୍ ପରେ ତେଲ ଅତ୍ୟଧିକ ଖର୍ଚ୍ଚ ହୋଇଛି ।

ଇଗ୍‌ନିଶନ୍ ସ୍ୱିଚ୍

ଉଦାହରଣ




65D611

⚠ ଚେତାବନୀ

ସମ୍ଭାବ୍ୟ ଆଘାତକୁ ଏଡ଼ାଇବା ପାଇଁ, ଷ୍ଟୀଅରିଙ୍ଗ୍ ହ୍ୱୀଲ୍ ମଧ୍ୟଦେଇ କଣ୍ଟ୍ରୋଲ୍‌ଗୁଡ଼ିକୁ ନିୟନ୍ତ୍ରଣ କରନ୍ତୁ ନାହିଁ ।

ଉଦାହରଣ



77PH002

ଇଗ୍‌ନିଶନ୍ ସ୍ୱିଚ୍‌ରେ ନିମ୍ନଲିଖିତ ଚାରୋଟି ସ୍ଥିତି ଥାଏ:

LOCK (ଲକ୍)
ଏହା ହେଉଛି ସାଧାରଣ ପାର୍କିଙ୍ଗ୍ ସ୍ଥିତି । ଏହି ସ୍ଥିତିରେ ହିଁ ଚାବି କାଢ଼ି ହେବ ।

ଷ୍ଟୀଅରିଙ୍ଗ୍ ଲକ୍‌କୁ ରିଲିଜ୍ କରିବା ପାଇଁ, ଚାବିକୁ ଭର୍ତ୍ତି କରି, ଅନ୍ୟ ସ୍ଥିତିଗୁଡ଼ିକ ମଧ୍ୟରୁ ଗୋଟିଏକୁ ବୁଲାନ୍ତୁ । ଯଦି ଆପଣ, ଷ୍ଟୀଅରିଙ୍ଗ୍‌କୁ ଅନ୍‌ଲକ୍ କରିବା ପାଇଁ ଚାବି ବୁଲାଇବାରେ ଅସୁବିଧା ଅନୁଭବ କରନ୍ତି, ତେବେ ଷ୍ଟୀଅରିଙ୍ଗ୍ ହ୍ୱୀଲ୍‌କୁ, ଚାବି ବୁଲାଇବା ସମୟରେ, ଡାହାଣ କିମ୍ବା ବାମକୁ ହାଲକା ଭାବେ ବୁଲାନ୍ତୁ ।

ACC (ଏସିସି)
ଆକ୍ସେସୋରିଜ୍ ବା ଉପକରଣମାନ, ଯେପରି ଆକ୍ସେସୋରୀ ସକେଟ୍‌କୁ ଅପରେଟ୍ କରିହେବ, କିନ୍ତୁ ଇଞ୍ଜିନ୍ ବନ୍ଦ ରହିବ ।

ON (ଅନ୍)
ଏହା ହେଉଛି ସାଧାରଣ ଅପରେଟିଙ୍ଗ୍ ସ୍ଥିତି । ସମସ୍ତ ବୈଦ୍ୟୁତିକ ବା ଇଲେକ୍ଟ୍ରିକଲ୍ ସିଷ୍ଟମ୍, ଅନ୍ ଥିବ ।

START (ଷ୍ଟାର୍ଟ)
ଷ୍ଟାଟର୍ ମୋଟର୍ ବ୍ୟବହାର କରି ଇଞ୍ଜିନ୍ ଷ୍ଟାର୍ଟ କରିବା ପାଇଁ ଏହା ହେଉଛି ସ୍ଥିତି । ଇଞ୍ଜିନ୍ ଷ୍ଟାର୍ଟ ହେବା କ୍ଷଣି ଏହି ସ୍ଥିତିରୁ ଚାବିକୁ କାଢ଼ିଦେବା ଉଚିତ ।

ଉଦାହରଣ



82DY04

⚠ ଚେତାବନୀ


- ଗାଡ଼ି ଚାଲିବାବେଳେ କେବେବି ଇଗ୍‌ନିଶନ୍ ଚାବି କାଢ଼ନ୍ତୁ ନାହିଁ । ଷ୍ଟୀଅରିଙ୍ଗ୍ ହ୍ୱୀଲ୍ ଲକ୍ ହୋଇଯିବ ଏବଂ ଆପଣ ଗାଡ଼ି ବୁଲାଇବାକୁ ସକ୍ଷମ ହେବେନାହିଁ ।
- ଅଳ୍ପ ସମୟ ପାଇଁ ହେଲେ ମଧ୍ୟ, ଗାଡ଼ି ଛାଡ଼ିକରି ଯିବା ସମୟରେ ସର୍ବଦା ଇଗ୍‌ନିଶନ୍ ଚାବି କାଢ଼ିଦିଅନ୍ତୁ । ପାର୍କ ହୋଇଥିବା ଗାଡ଼ିରେ କଦାପି ପିଲାମାନଙ୍କୁ ଏକୁଟିଆ ଛାଡ଼ନ୍ତୁ ନାହିଁ । ଗରମ କିମ୍ବା ଉତ୍ତପ୍ତ ପାଣିପାଗରେ ସେମାନେ ମଧ୍ୟ ଅଂଶୁଘାତର ଶିକାର ହୋଇପାରନ୍ତି । ଏହାର ପରିଣାମସ୍ୱରୂପ, ଗମ୍ଭୀର ଆଘାତ କିମ୍ବା ଏପରିକି ମୃତ୍ୟୁ ମଧ୍ୟ ହୋଇପାରେ ।

ନୋଟିସ

- ଗୋଟିଏ ଥରରେ **30** ସେକେଣ୍ଡରୁ ଅଧିକ ସମୟ ପର୍ଯ୍ୟନ୍ତ ଷ୍ଟାଟର୍ ମୋଟର୍ ବ୍ୟବହାର କରନ୍ତୁ ନାହିଁ । ଯଦି ଇଞ୍ଜିନ୍ ଷ୍ଟାର୍ଟ ନହୁଏ, ତେବେ ପୁଣିଥରେ ଚେଷ୍ଟା କରିବା ପୂର୍ବରୁ **15** ସେକେଣ୍ଡ ପାଇଁ ଅପେକ୍ଷା କରନ୍ତୁ । ଅନେକ ଚେଷ୍ଟା ପରେ ମଧ୍ୟ ଯଦି ଇଞ୍ଜିନ୍ ଷ୍ଟାର୍ଟ ନହୁଏ, ତେବେ ଇନ୍ଧନ ଓ ଇଗ୍‌ନିଶନ୍ ସିଷ୍ଟମ୍ ଯାଞ୍ଚ କରନ୍ତୁ କିମ୍ବା ଆପଣଙ୍କର “ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍”ଙ୍କ ସହ ପରାମର୍ଶ କରନ୍ତୁ ।
- ଯଦି ଇଞ୍ଜିନ୍ ଚାଲୁନଥାଏ, ତେବେ ଇଗ୍‌ନିଶନ୍ ସ୍ୱିଚ୍‌କୁ “ON” ସ୍ଥିତିରେ ଛାଡ଼ନ୍ତୁ ନାହିଁ, ଯେହେତୁ ବ୍ୟାଟେରୀ ଡିସ୍‌ଚାର୍ଜ ହୋଇଯିବ ବା ସରିଯିବ ।

ପାର୍କିଙ୍ଗ୍ ବ୍ରେକ୍ ଲିଭର୍

ଉଦାହରଣ



77PH030

(1) ସେଟ୍ କରିବା ପାଇଁ
(2) ରିଲିଜ୍ କରିବା ପାଇଁ
(3) ରିଲିଜ୍ କରିବା ପାଇଁ

ପାର୍କିଙ୍ଗ୍ ବ୍ରେକ୍ ଲିଭର୍, ସିଟ୍‌ଗୁଡ଼ିକ ମଝିରେ ଥାଏ । ପାର୍କିଙ୍ଗ୍ ବ୍ରେକ୍ ସେଟ୍ କରିବା ପାଇଁ, ବ୍ରେକ୍ ପେଡଲ୍ ତଳକୁ କରି ଧରନ୍ତୁ ଏବଂ ପାର୍କିଙ୍ଗ୍ ବ୍ରେକ୍ ଲିଭର୍‌କୁ ପୂରା ଉପରକୁ ଟାଣି ଆଣନ୍ତୁ । ପାର୍କିଙ୍ଗ୍ ବ୍ରେକ୍‌କୁ ରିଲିଜ୍ କରିବା ପାଇଁ ବା ଛାଡ଼ିବା ପାଇଁ, ପାର୍କିଙ୍ଗ୍ ବ୍ରେକ୍ ଲିଭର୍‌କୁ ସାମାନ୍ୟ ଉପରକୁ ଉଠାନ୍ତୁ, ନିଜ ବୁଢ଼ା ଆଙ୍ଗୁଠିରେ ଲିଭର୍‌ର ଶେଷରେ ଥିବା ବଟନ୍‌କୁ ଦାବନ୍ତୁ ଏବଂ ତାକୁ ତାହାର ମୂଳ ସ୍ଥିତିକୁ ଲୁଆଁଇଦିଅନ୍ତୁ ।

⚠ ଚେତାବନୀ

- ପାର୍କିଙ୍ଗ୍ ବ୍ରେକ୍ ଅନ୍ ଥାଇ କେବେବି ଗାଡ଼ି ଚଲାନ୍ତୁ ନାହିଁ: କାରଣ ଏହା ଫଳରେ ଓଭର୍‌ହିଟିଙ୍ଗ୍‌ରୁ ପଛ ବ୍ରେକ୍‌ର ପ୍ରଭାବଶୀଳତା ହ୍ରାସ ପାଇପାରେ, ବ୍ରେକ୍‌ର ଜୀବନ କମିଯାଇପାରେ କିମ୍ବା ସ୍ଥାୟୀ ବ୍ରେକ୍ କ୍ଷତି ହୋଇପାରେ ।
- ଯଦି ପାର୍କିଙ୍ଗ୍ ବ୍ରେକ୍, ସୁରକ୍ଷିତ ଭାବେ ଗାଡ଼ିକୁ ନଧରେ କିମ୍ବା ସମ୍ପୂର୍ଣ୍ଣ ଭାବେ ରିଲିଜ୍ ନହୁଏ, ତେବେ ତୁରନ୍ତ ହିଁ, ଜଣେ ଅଧିକୃତ "ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍" ଦ୍ୱାରା ଗାଡ଼ିକୁ ଯାଞ୍ଚ କରାଇନିଅନ୍ତୁ ।

⚠ ଚେତାବନୀ

ଗାଡ଼ି ଛାଡ଼ିବା ପୂର୍ବରୁ ସବୁବେଳେ ପାର୍କିଙ୍ଗ୍ ବ୍ରେକ୍‌କୁ ସମ୍ପୂର୍ଣ୍ଣ ସେଟ୍ କରନ୍ତୁ, ନଚେତ୍ ଏହା ଗଡ଼ିଯାଇପାରେ, ଫଳରେ ଆଘାତ କିମ୍ବା କ୍ଷତି ହୋଇପାରେ । ଯେତେବେଳେ ପାର୍କ କରୁଛନ୍ତି, ଗିଅର୍‌ଶିଫ୍ଟ୍ ଲିଭର୍, ରିଭର୍ସ କିମ୍ବା ପ୍ରଥମ ଗିଅର୍‌ରେ ଥିବାର ସୁନିଶ୍ଚିତ କରନ୍ତୁ । ମନେରଖନ୍ତୁ, ଯଦିଓ ଟ୍ରାନ୍ସମିଶନ୍ ଗିଅର୍‌ରେ ଥିବ, ତଥାପି ପାର୍କିଙ୍ଗ୍ ବ୍ରେକ୍‌କୁ ସମ୍ପୂର୍ଣ୍ଣ ସେଟ୍ କରିବେ ।


⚠ ଚେତାବନୀ

ଅତ୍ୟଧିକ ଥଣ୍ଡା ପାଗରେ ଯେତେବେଳେ ଆପଣ ଗାଡ଼ିକୁ ପାର୍କ କରନ୍ତି, ନିମ୍ନଲିଖିତ ପ୍ରକ୍ରିୟା ପାଳନ କରାଯିବା ଉଚିତ:

1) ପାର୍କିଙ୍ଗ୍ ବ୍ରେକ୍ ସେଟ୍ କରନ୍ତୁ ।
2) ଇଞ୍ଜିନ୍‌କୁ ବନ୍ଦ କରିଦିଅନ୍ତୁ, ତାହାପରେ ରିଭର୍ସ କିମ୍ବା ପ୍ରଥମ ଗିଅର୍‌କୁ ବଦଳାଇଦିଅନ୍ତୁ ।
3) ଗାଡ଼ିରୁ ବାହାରି ଯାଆନ୍ତୁ ଓ ଚକ ତଳେ ଟେକ ଦେଇଦିଅନ୍ତୁ ।
4) ପାର୍କିଙ୍ଗ୍ ବ୍ରେକ୍‌କୁ ଛାଡ଼ିଦିଅନ୍ତୁ ।
   ଯେତେବେଳେ ଆପଣ ଗାଡ଼ି ପାଖକୁ ଫେରିବେ, ପ୍ରଥମେ ପାର୍କିଙ୍ଗ୍ ବ୍ରେକ୍‌କୁ ସେଟ୍ କରିବା ଓ ତାହାପରେ ଚକର ଟେକ କାଢ଼ିବାକୁ ଭୁଲନ୍ତୁ ନାହିଁ ।

ପେଡଲ୍

ଉଦାହରଣ



80J2121

କ୍ଲଚ୍ ପେଡଲ୍ (1)

ଇଞ୍ଜିନ୍ ଷ୍ଟାର୍ଟ, ବନ୍ଦ କରିବାବେଳେ କିମ୍ବା ଗିଅର୍‌ଶିଫ୍ଟ୍ ଲିଭର୍ ବଦଳାଇବାବେଳେ, ଚକଗୁଡ଼ିକୁ ଚଳନକୁ ରୋକିବା ପାଇଁ କ୍ଲଚ୍ ପେଡଲ୍‌ର ବ୍ୟବହାର କରାଯାଇଥାଏ । ପେଡଲ୍‌କୁ ଦାବିଲେ, ତାହା କ୍ଲଚ୍‌କୁ ଅଲଗା କରିଥାଏ ।

⚠ ଚେତାବନୀ

କ୍ଲଚ୍ ପେଡଲ୍ ଉପରେ ପାଦ ରଖି ଗାଡ଼ି ଚଲାନ୍ତୁ ନାହିଁ । ଏହାର ପରିଣାମସ୍ୱରୂପ, ଅତ୍ୟଧିକ କ୍ଲଚ୍ ଘର୍ଷଣ, କ୍ଲଚ୍ କ୍ଷତି କିମ୍ବା ଅପ୍ରତ୍ୟାଶିତ ଇଞ୍ଜିନ୍ ବ୍ରେକିଙ୍ଗ୍‌ର ହାନି ହୋଇଥାଏ ।

ବ୍ରେକ୍ ପେଡଲ୍ (2)

ଆପଣଙ୍କ ଗାଡ଼ିରେ ସାମ୍ନା ଡିସ୍କ ବ୍ରେକ୍ସ ଓ ପଛ ଡ୍ରମ୍ ବ୍ରେକ୍ ଲାଗିଛି । ବ୍ରେକ୍ ପେଡଲ୍‌କୁ ଦାବିଲେ, ତାହା ଉଭୟ ବ୍ରେକ୍‌ର ସେଟ୍ ଉପରେ ଲାଗୁ ହୋଇଥାଏ ।

ଆପଣ, ବ୍ରେକ୍ ଲଗାଇଲେ ବେଳେବେଳେ ବ୍ରେକ୍‌ର ଚିତ୍କାର ଶୁଣିପାରନ୍ତି । ଥଣ୍ଡା, ଆର୍ଦ୍ରତା, ବରଫ ଆଦି ପରି ପାରିବେଶିକ ଉପାଦାନ ଦ୍ୱାରା ଏହା ହେଉଛି ଏକ ସାଧାରଣ ଅବସ୍ଥା ।

⚠ ଚେତାବନୀ

ଯଦି ବ୍ରେକ୍‌ର ଚିତ୍କାର ଅତ୍ୟଧିକ ଓ ପ୍ରତ୍ୟେକ ଥର ବ୍ରେକ୍ ଲାଗିବାବେଳେ ହେଉଥାଏ, ତେବେ ଆପଣଙ୍କୁ, ନିଜ "ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍" ଦ୍ୱାରା ତାହା ଯାଞ୍ଚ କରାଇନେବା ଉଚିତ ।

⚠ ଚେତାବନୀ


ନିରନ୍ତର ବ୍ରେକ୍ ମାରନ୍ତୁ ନାହିଁ କିମ୍ବା ପେଡଲ୍ ଉପରେ ପାଦ ଥୁଅନ୍ତୁ ନାହିଁ । ଅନ୍ୟଥା ଏହାର ପରିଣାମସ୍ୱରୂପ, ବ୍ରେକ୍ କାର୍ଯ୍ୟରେ ବାଧା ଉପୁଜିପାରେ, ରହିବାର ଦୂରତା ଦୀର୍ଘ ହୋଇପାରେ କିମ୍ବା ସ୍ଥାୟୀଭାବେ ବ୍ରେକ୍ ନଷ୍ଟ ହୋଇଯାଇପାରେ ।

ଆକ୍ସିଲରେଟର୍ ପେଡଲ୍ (3)

ଏହି ପେଡଲ୍, ଇଞ୍ଜିନ୍‌ର ବେଗ ନିୟନ୍ତ୍ରଣ କରେ । ଆକ୍ସିଲରେଟର୍ ପେଡଲ୍ ଦାବିଲେ ଶକ୍ତି ଓ ବେଗ ବୃଦ୍ଧି କରିଥାଏ ।

ଇଞ୍ଜିନ୍ ଷ୍ଟାର୍ଟ କରିବା

ଇଞ୍ଜିନ୍ ଷ୍ଟାର୍ଟ କରିବା ପୂର୍ବରୁ



ଉଦାହରଣ

77PH014

1) ପାର୍କିଙ୍ଗ୍ ବ୍ରେକ୍ ସମ୍ପୂର୍ଣ୍ଣ ଭାବେ ସେଟ୍ ହୋଇଥିବାର ସୁନିଶ୍ଚିତ କରନ୍ତୁ ।

2) "N" (ନ୍ୟୁଟ୍ରାଲ୍) କୁ ଆଣନ୍ତୁ ଏବଂ କ୍ଲଚ୍ ପ୍ଲେଟ୍‌କୁ ଚଟାଣ ଆଡ଼େ ପୂରା ତଳକୁ କରନ୍ତୁ । ଇଞ୍ଜିନ୍ ଷ୍ଟାର୍ଟ କରିବାବେଳେ କ୍ଲଚ୍ ପେଡଲ୍‌କୁ ଧରିରଖନ୍ତୁ ।

⚠ ଚେତାବନୀ

ସୁନିଶ୍ଚିତ କରନ୍ତୁ ଯେ, ପାର୍କିଙ୍ଗ୍ ବ୍ରେକ୍ ସମ୍ପୂର୍ଣ୍ଣ ଭାବେ ସେଟ୍ ହୋଇଛି ଏବଂ ଇଞ୍ଜିନ୍ ଷ୍ଟାର୍ଟ କରିବାକୁ ଚେଷ୍ଟା କରିବା ପୂର୍ବରୁ ଟ୍ରାନ୍ସମିଶନ୍ ନ୍ୟୁଟ୍ରାଲ୍‌ରେ ଅଛି ।

ଗୋଟିଏ ଥଣ୍ଡା ଓ ଗରମ ଇଞ୍ଜିନ୍ ଷ୍ଟାର୍ଟ କରିବା

ଥଣ୍ଡା ଇଞ୍ଜିନ୍

ଇଗ୍‌ନିଶନ୍ ସ୍ୱିଚ୍‌କୁ "ON" ସ୍ଥିତିକୁ ଆଣନ୍ତୁ ଏବଂ ଯଦି ଗ୍ଲୋ ପ୍ଲଗ୍ ଇଣ୍ଡିକେଟର୍ ଦେଖାଦେଇଥାଏ, ତେବେ ତାହା ଲିଭିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଇଗ୍‌ନିଶନ୍ ଚାବିକୁ "START" ଆଡ଼େ ବୁଲାଇ ଇଞ୍ଜିନ୍ ଆରମ୍ଭ କରନ୍ତୁ । ଇଞ୍ଜିନ୍ ଷ୍ଟାର୍ଟ ହୋଇଯିବା ପରେ ଚାବିକୁ ଛାଡ଼ିଦିଅନ୍ତୁ ।

ନୋଟିସ

- **ଇଞ୍ଜିନ୍ ଷ୍ଟାର୍ଟ ହେବା କ୍ଷଣି ଷ୍ଟାର୍ଟରକୁ ବୁଲାଇବା ବନ୍ଦ କରିଦିଅନ୍ତୁ, ନଚେତ୍ ଷ୍ଟାର୍ଟର୍ ସିଷ୍ଟମ୍ ନଷ୍ଟ ହୋଇଯିବା ।**
- **30 ସେକେଣ୍ଡରୁ ଅଧିକ ପର୍ଯ୍ୟନ୍ତ ଇଞ୍ଜିନ୍‌କୁ ଘୁରାନ୍ତୁ ନାହିଁ । ଯଦି ପ୍ରଥମ ଚେଷ୍ଟାରେ ଇଞ୍ଜିନ୍ ଷ୍ଟାର୍ଟ ହୁଏନାହିଁ, ତେବେ ପୁଣିଥରେ ଚେଷ୍ଟା କରିବା ପୂର୍ବରୁ 15 ସେକେଣ୍ଡ ପାଇଁ ଅପେକ୍ଷା କରନ୍ତୁ ।**

ଗରମ ଇଞ୍ଜିନ୍

ଇଗ୍‌ନିଶନ୍ ଚାବିକୁ "START" କୁ ବୁଲାଇ ଇଞ୍ଜିନ୍‌କୁ ଚାଲୁ କରନ୍ତୁ । ଇଞ୍ଜିନ୍ ଷ୍ଟାର୍ଟ ହୋଇଗଲେ ଚାବିକୁ ଛାଡ଼ିଦିଅନ୍ତୁ ।

ଟର୍ବୋଚାର୍ଜର୍ ସହିତ ଇଞ୍ଜିନ୍‌କୁ ବନ୍ଦ କରିବା ସମୟରେ ସତର୍କତା

ଚଢ଼ିବା କିମ୍ବା ଉଚ୍ଚ ବେଗରେ ଚାଳନା ପରେ ଯେତେବେଳେ ଇଞ୍ଜିନ୍‌କୁ ବନ୍ଦ କରିବେ, ପ୍ରାୟ ଗୋଟିଏ ମିନିଟ୍ କିମ୍ବା ଅଧିକ ସମୟ ପର୍ଯ୍ୟନ୍ତ (ଯଦି ଏହା ପ୍ରତିବନ୍ଧିତ ନଥାଏ), ଟର୍ବୋଚାର୍ଜର୍ ଓ ଇଞ୍ଜିନ୍ ଅଏଲ୍ ଥଣ୍ଡା ହେବାପାଇଁ ଇଞ୍ଜିନ୍‌କୁ ଛାଡ଼ିଦିଅନ୍ତୁ । ଇଞ୍ଜିନ୍ ଅଏଲ୍‌କୁ ଅତ୍ୟଧିକ ଦୂଷିତ ହେବାରୁ ଏହା ପ୍ରତିରୋଧ କରିଥାଏ । ଦୂଷିତ ଇଞ୍ଜିନ୍ ଅଏଲ୍, ଟର୍ବୋଚାର୍ଜରର ବିଅରିଙ୍ଗ୍‌କୁ ନଷ୍ଟ କରିଦେବ ।

ଇନ୍ଧନ ଖାଲି ହୋଇ ବନ୍ଦ (ଫୁଏଲ୍ ଏମ୍ପଟୀ ଷ୍ଟପ୍) ହୋଇଯିବା ପରେ ଡିଜେଲ୍ ଇଞ୍ଜିନ୍‌କୁ ପୁଣି ଷ୍ଟାର୍ଟ କରିବା

ଯଦି ଇଞ୍ଜିନ୍ ବନ୍ଦ ହୋଇଯାଏ ଏବଂ ନିମ୍ନ ଇନ୍ଧନ ଚେତାବନୀ ଲାଇଟ୍ ଓ ମଲ୍‌ଫଙ୍କଶନ୍ ଇଣ୍ଡିକେଟର୍ ଲାଇଟ୍ ଦେଖାଦିଏ, ତେବେ ନିମ୍ନ ପ୍ରକ୍ରିୟା ବ୍ୟବହାର କରନ୍ତୁ:


1) ତେଲ ଟାଙ୍କି ଭର୍ତ୍ତି କରନ୍ତୁ ।
2) ଫୁଏଲ୍ ଫୀଡ୍ ପାଇଁ 5-10 ସେକେଣ୍ଡ ପର୍ଯ୍ୟନ୍ତ ଇଗ୍‌ନିଶନ୍ ଚାବିକୁ "ON" ସ୍ଥିତିରେ ଧରିରଖନ୍ତୁ ।
3) ଇଞ୍ଜିନ୍ ଷ୍ଟାର୍ଟ କରିବା ପାଇଁ ଉପରୋକ୍ତ ପ୍ରକ୍ରିୟା ଅବଲମ୍ବନ କରନ୍ତୁ ।

ଇଞ୍ଜିନ୍ ଷ୍ଟାର୍ଟ ହେବାପରେ ମଧ୍ୟ ଯଦି ମଲ୍‌ଫଙ୍କଶନ୍ ଇଣ୍ଡିକେଟର୍ ଲାଇଟ୍ ଦେଖାଦିଏ, ତେବେ ଇଞ୍ଜିନ୍‌ରେ କୌଣସି ସମସ୍ୟା ଥାଇପାରେ । ନିଜ "ମାରୁତି ସୁକୁକି କମର୍ଶିଆଲ୍ ଡିଲର୍"ଙ୍କୁ, ଇଞ୍ଜିନ୍ ଯାଞ୍ଚ କରିବାକୁ କୁହନ୍ତୁ ।

ଟ୍ରାନ୍ସମିଶନ୍‌ର ବ୍ୟବହାର

ମାନୁଆଲ୍ ଟ୍ରାନ୍ସମିଶନ୍

ଉଦାହରଣ



65D038

ଚଲାଇବା

ଚଲାଇବା ପାଇଁ, କ୍ଲଚ୍ ପେଡଲ୍‌କୁ ଚଟାଣ ଆଡ଼କୁ ପୂରା ଦାବନ୍ତୁ ଏବଂ 1ମ କିମ୍ବା 2ୟ ଗିଅର୍ ପକାନ୍ତୁ । ପାର୍କିଙ୍ଗ୍ ବ୍ରେକ୍ ରିଲିଜ୍ କରିବା ପରେ, ଧୀରେ ଧୀରେ କ୍ଲଚ୍‌କୁ ଛାଡ଼ନ୍ତୁ । ଯେତେବେଳେ ଆପଣ ଇଞ୍ଜିନ୍‌ରେ ଏକ ପରିବର୍ତ୍ତିତ ଶବ୍ଦ ଶୁଣିବେ, ଧୀରେ ଧୀରେ ଆକ୍ସିଲରେଟର୍‌କୁ ଦାବିବା ସହ ଧୀରେ ଧୀରେ କ୍ଲଚ୍‌କୁ ଛାଡ଼ନ୍ତୁ ।

ନୋଟ୍:

- ସାଧାରଣ ଗାଡ଼ି ଚଲାଇବା ସମୟରେ ଗାଡ଼ି ଛାଡ଼ିବା ପାଇଁ ସୁପାରିସକୃତ ଗିଅର୍ ସ୍ଥିତି ହେଉଛି 2ୟ ଗିଅର୍ ।
- ଅନ୍ତର୍ଦେଶୀୟ ଗାଡ଼ି ଚାଳନା, ମନ୍ଥର ଗତିରେ ଚାଲିବା କିମ୍ବା ଲୋଡିଙ୍ଗ୍ ଗାଡ଼ି ଚାଳନା ମାମଲାରେ, ଯାହା ବଡ଼ ଡ୍ରାଇଭିଙ୍ଗ୍ ବଳ ଆବଶ୍ୟକ କରେ, ସୁପାରିସକୃତ ଗିଅର୍ ହେଉଛି 1ମ ଗିଅର୍ ।

ଗିଅର୍ ବଦଳାଇବା

ସମସ୍ତ ଆଗ ଗିଅର୍‌ଗୁଡ଼ିକ ଏକତ୍ରିତ ଅଛି, ଯାହା ନିଶବ୍ଦ ଓ ସରଳ ଗିଅର୍ ପକାଇବା ପ୍ରଦାନ କରିଥାଏ । ଗିଅର୍ ବଦଳାଇବା ପୂର୍ବରୁ ସବୁବେଳେ କ୍ଲଚ୍ ପେଡଲ୍‌କୁ ସମ୍ପୂର୍ଣ୍ଣ ଭାବେ ଦାବନ୍ତୁ ।

ତଳକୁ ଗିଅର୍ ବଦଳାଇବା (ଡାଉନ୍‌ଶିଫ୍ଟିଙ୍ଗ୍)ର ସର୍ବାଧିକ ଅନୁମିତ ବେଗ

ଡାଉନ୍‌ଶିଫ୍ଟିଙ୍ଗ୍	କି.ମି./ଘ.
2ୟ ରୁ 1ମ	5
3ୟ ରୁ 2ୟ	40
4ର୍ଥ ରୁ 3ୟ	60
5ର୍ଥ ରୁ 4ର୍ଥ	85

**ନୋଟ୍:*
ଗାଡ଼ି ଚଲାଇବାର ପରିସ୍ଥିତି ଏବଂ/କିମ୍ବା ଗାଡ଼ିର ଅବସ୍ଥା କାରଣରୁ ଆପଣ, ସର୍ବାଧିକ ଅନୁମିତ ବେଗକୁ ଆକ୍ସଲରେଟ୍ ନକରିପାରନ୍ତି ।

ନୋଟିସ
ଯେତେବେଳେ ତଳ ଗିଅର୍‌କୁ ବଦଳଉଥା'ନ୍ତି, ସର୍ବାଧିକ ଅନୁମିତ ବେଗଠାରୁ ଅଧିକ ବେଗରେ ଡାଉନ୍‌ଶିଫ୍ଟ୍ ଯେପରି ନକରନ୍ତି, ସେଥିପ୍ରତି ଯତ୍ନବାନ ରହିବେ, ନଚେତ ଇଞ୍ଜିନ୍‌ର ଗମ୍ଭୀର କ୍ଷତି ହୋଇପାରେ ।

⚠ ଚେତାବନୀ

- ଘାଟି କିମ୍ବା ଗଡ଼ାଣିଆ ରାସ୍ତାରେ ଯିବା ସମୟରେ ବେଗକୁ ହ୍ରାସ କରନ୍ତୁ ଓ ତଳ ଗିଅରକୁ ବଦଳାନ୍ତୁ । ନିମ୍ନ ଗିଅର୍, ଇଞ୍ଜିନ୍‌କୁ ବ୍ରେକିଙ୍ଗ୍ ପ୍ରଦାନ କରିବାକୁ ଅନୁମତି ଦେବ । ବ୍ରେକ୍ ଉପରେ ଗୋଡ଼ ରଖନ୍ତୁ ନାହିଁ, ନଚେତ୍ ତାହା ଅଧିକ ଗରମ ହୋଇଯାଇପାରେ, ଯାହାର ପରିଣାମସ୍ୱରୂପ, ବ୍ରେକ୍ ଫେଲ୍ ହୋଇଯିବ ।
- ଖସଡ଼ା ରାସ୍ତାରେ ଚଲାଇବାବେଳେ, ଗିଅର୍ ତଳକୁ କରିବା ପୂର୍ବରୁ ଗାଡ଼ିର ଗତି କମାଇବାକୁ ଭୁଲନ୍ତୁ ନାହିଁ । ଇଞ୍ଜିନ୍‌ରେ ଅତ୍ୟଧିକ କିମ୍ବା ଆକସ୍ମିକ ପରିବର୍ତ୍ତନ ଫଳରେ ଟ୍ରାକ୍ସନ୍ ହାନି ହୋଇପାରେ, ଯେଉଁଥିରୁ ଆପଣ ନିୟନ୍ତ୍ରଣ ହରାଇପାରନ୍ତି ।

ନୋଟିସ


ଏହା ସୁନିଶ୍ଚିତ କରନ୍ତୁ ଯେ, ଆପଣ ରିଭର୍ସକୁ ବଦଳାଇବା ପୂର୍ବରୁ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ସ୍ଥିର ହୋଇ ଥିବ ।

ନୋଟିସ

- କ୍ଲଚ୍ କ୍ଷତି ଏଡ଼ାଇବାକୁ ସାହାଯ୍ୟ କରିବା ପାଇଁ, ଗାଡ଼ି ଚଲାଇବା ସମୟରେ କ୍ଲଚ୍ ପେଡଲ୍‌କୁ ପାଦ ରଖିବା ସ୍ଥାନ ଭାବେ କିମ୍ବା ଗଡ଼ାଣିଆ ସ୍ଥାନରେ ଗାଡ଼ିକୁ ସ୍ଥିର ରଖିବା ନିମନ୍ତେ କ୍ଲଚ୍‌ର ବ୍ୟବହାର କରନ୍ତୁ ନାହିଁ । ଶିଫ୍ଟିଙ୍ଗ୍ ସମୟରେ କ୍ଲଚ୍‌କୁ ସମ୍ପୂର୍ଣ୍ଣରୂପେ ଦାବନ୍ତୁ ।
- ଗିଅର୍ ବଦଳାଇବା କିମ୍ବା ଗାଡ଼ି ଚଲାଇବା ଆରମ୍ଭ କରିବା ସମୟରେ, ଇଞ୍ଜିନ୍‌କୁ ରେସ୍ କରନ୍ତୁ ନାହିଁ । ଇଞ୍ଜିନ୍‌କୁ ରେସ୍ କଲେ, ତାହା ଇଞ୍ଜିନ୍‌ର ଜୀବନ କମାଇଦେଇଥାଏ ଏବଂ ଆରାମଦାୟକ ଗିଅର୍ ବଦଳାଇବା ଉପରେ ପ୍ରଭାବ ପକାଇଥାଏ ।

ବ୍ରେକ୍ ଲଗାଇବା (ବ୍ରେକିଙ୍ଗ୍)

ଉଦାହରଣ



60G165S

ଗାଡ଼ିର ବେଗ ସହିତ, ଯେକୌଣସି ଗାଡ଼ିକୁ ରୋକିବା ପାଇଁ ଆବଶ୍ୟକ ଦୂରତା ବୃଦ୍ଧି ପାଇଥାଏ । ଆବଶ୍ୟକ ବ୍ରେକ୍ ଲଗାଇବା ଦୂରତା ହେଉଛି, ଉଦାହରଣସ୍ୱରୂପ, 30 କି.ମି./ଘ. (19 ମା.ଘ.ପ୍ର.)ରେ ବ୍ରେକ୍ ଲଗାଇବାର ଆବଶ୍ୟକ ଦୂରତା ତୁଳନାରେ 60 କି.ମି./ଘ. (37 ମା.ଘ.ପ୍ର.) ଦୂରତା ହାରାହାରି 4 ଗୁଣ ଅଧିକ ହେବ । ଆପଣଙ୍କ ଗାଡ଼ି ଓ ରହିବା ସ୍ଥାନ ମଧ୍ୟରେ ପର୍ଯ୍ୟାପ୍ତ ଦୂରତା ଥିବା ସମୟରେ ବ୍ରେକ୍ ଲଗାଇବା ଆରମ୍ଭ କରନ୍ତୁ ତଥା ଧୀରେ ଧୀରେ ବେଗ କମାନ୍ତୁ ।

⚠ ଚେତାବନୀ

ଯଦି ବ୍ରେକ୍ ଡ୍ରମ୍‌ରେ ପାଣି ପଶେ, ତେବେ ବ୍ରେକ୍‌ର କାମ କ୍ଷୀଣ ଓ ଅପ୍ରତ୍ୟାଶିତ ହେବ ।
ପାଣି ମଧ୍ୟ ଦେଇ ଗାଡ଼ି ଚଲାଇବା ପରେ କିମ୍ବା ଗାଡ଼ି ତଳ ଧୋଇବା ପରେ, ବ୍ରେକ୍‌ର ସାଧାରଣ ପ୍ରଭାବଶୀଳତା ରକ୍ଷା ହେଉଛି କି ନାହିଁ ଜାଣିବା ପାଇଁ ନିମ୍ନ ବେଗରେ ଗାଡ଼ି ଚଲାଇ ବ୍ରେକ୍ ପରୀକ୍ଷା କରନ୍ତୁ । ଯଦି ସାଧାରଣ ତୁଳନାରେ ବ୍ରେକ୍ କମ୍ ପ୍ରଭାବୀ ହେଉଥାଏ, ତେବେ ଧୀର ଗତିରେ ଗାଡ଼ି ଚଲାଇ, ବାରମ୍ବାର ବ୍ରେକ୍ ଲଗାଇ ସେଗୁଡ଼ିକୁ ଶୁଖାନ୍ତୁ, ଯେପର୍ଯ୍ୟନ୍ତ ସେଗୁଡ଼ିକ ପୁଣି ନିଜର ସାଧାରଣ ପ୍ରଭାବଶୀଳତା ଫେରିପାଇନାହାନ୍ତି ।

ଶକ୍ତି ସହାୟତା ବ୍ରେକ୍ (ପାୱର୍ ଆସିଷ୍ଟେଡ୍ ବ୍ରେକ୍)

ଆପଣଙ୍କ ଗାଡ଼ିରେ ପାୱର୍ ଆସିଷ୍ଟେଡ୍ ବ୍ରେକ୍ସ ରହିଛି । ଯଦି ବନ୍ଦ ଇଞ୍ଜିନ୍ କିମ୍ବା ଅନ୍ୟ ବିଫଳତା କାରଣରୁ ପାୱର୍ ସହାୟତା ହଜିଯାଏ, ତେବେ ମଧ୍ୟ ସଂରକ୍ଷିତ ଶକ୍ତି (ରିଜର୍ଭ ପାୱର୍)ରେ ସିଷ୍ଟମ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଥିବ ଏବଂ ଆପଣ ଥରେ ବ୍ରେକ୍ ପେଡଲ୍‌କୁ ଦାବି ଓ ତାକୁ ତଳକୁ ଧରିରଖି ଗାଡ଼ିକୁ ସମ୍ପୂର୍ଣ୍ଣ ଭାବେ ରୋକିପାରିବେ । ଆପଣ ଯେତେବେଳେ ବ୍ରେକ୍ ପେଡଲ୍ ଦାବିବେ, ସଂରକ୍ଷିତ ଶକ୍ତି ଆଂଶିକ ଭାବେ ବ୍ୟବହୃତ ହୁଏ ଏବଂ ପ୍ରତ୍ୟେକ ଥର ବ୍ରେକ୍ ଦବାଗଲେ, ତାହା ତଦନୁସାରେ ହ୍ରାସ ହୋଇଥାଏ । ପେଡଲ୍ ଉପରେ ହାଲକା ଚାପ ଦିଅନ୍ତୁ । ପେଡଲ୍‌କୁ ବାରମ୍ବାର ଦାବନ୍ତୁ ନାହିଁ ।

⚠ ଚେତାବନୀ

ବ୍ରେକ୍ ସିଷ୍ଟମ୍‌ରେ ସଂରକ୍ଷିତ ଶକ୍ତି ନଥିଲେ ମଧ୍ୟ, ସାଧାରଣ ଭାବେ ଆବଶ୍ୟକ ତୁଳନାରେ ବ୍ରେକ୍ ପେଡଲ୍ ଉପରେ ଅଧିକ ଜୋରରେ ଚାପ ଦେଇ ଆପଣ ଗାଡ଼ିକୁ ରୋକିପାରିବେ । ଅବଶ୍ୟ, ରହିବା ଦୂରତା ଅଧିକ ହୋଇପାରେ ।

ଡ୍ରାଇଭିଙ୍ଗ୍ ଟିପ୍ସ

ଚଲାଇବା ଅବଧିରେ 4-1
କେଟାଲିଟିକ୍ କନ୍‌ଭର୍ଟର୍ 4-1
ଇନ୍ଧନ ମିତବ୍ୟୟିତାରେ ବିକାଶ (ଇମ୍ପ୍ରୁଭିଙ୍ଗ୍ ଫୁଏଲ୍ ଇକୋନୋମୀ) 4-2
ରାଜମାର୍ଗରେ ଗାଡ଼ି ଚାଳନା (ହାଇୱେ ଡ୍ରାଇଭିଙ୍ଗ୍) 4-3
ପାହାଡ଼ରେ ଗାଡ଼ି ଚଲାଇବା ସମୟରେ 4-3
ଖସଡ଼ା ରାସ୍ତାରେ ଗାଡ଼ି ଚଲାଇବା ସମୟରେ 4-4
ଓଦା ରାସ୍ତାରେ ଗାଡ଼ି ଚଲାଇବା ସମୟରେ 4-4
ସୁରକ୍ଷିତ ଗାଡ଼ି ଚାଳନା ପାଇଁ କ'ଣ କରିବେ ଓ କ'ଣ କରିବେ ନାହିଁ 4-5
ସୁରକ୍ଷା ପାଇଁ ସୀମା 4-6

ଉଦାହରଣ



52D078S

⚠ ଚେତାବନୀ

- ସବୁ ସମୟରେ ନିଜ ସିଟ୍ ବେଲ୍ଟ ପିନ୍ଧନ୍ତୁ । ଦୁର୍ଘଟଣା କ୍ଷେତ୍ରରେ ଗମ୍ଭୀର ଆଘାତ କିମ୍ବା ମୃତ୍ୟୁର ବିପଦକୁ ନ୍ୟୁନତମ କରିବା ପାଇଁ ଡ୍ରାଇଭର୍ ଓ ଯାତ୍ରୀ ସବୁ ସମୟରେ ପ୍ରଦତ୍ତ ସିଟ୍ ବେଲ୍ଟ ବ୍ୟବହାର କରିବା ଉଚିତ । ସିଟ୍ ବେଲ୍ଟର ସଠିକ୍ ବ୍ୟବହାର ଉପରେ ନିର୍ଦ୍ଦେଶ ପାଇଁ "ସିଟ୍ ବେଲ୍ଟ" ବିଭାଗକୁ ଦେଖନ୍ତୁ ।
- ମଦ୍ୟପାନ କରି କିମ୍ବା ଅନ୍ୟ କୌଣସି ନିଶାଦ୍ରବ୍ୟ ସେବନ କରି କେବେବି ଗାଡ଼ି ଚଲାନ୍ତୁ ନାହିଁ । ମଦ ଓ ନିଶାଦ୍ରବ୍ୟ, ସୁରକ୍ଷିତ ଭାବେ ଗାଡ଼ି ଚଲାଇବାର ଆପଣଙ୍କ ସାମର୍ଥ୍ୟତା ଉପରେ ଗମ୍ଭୀର ପ୍ରଭାବ ପକାଇପାରେ ତଥା ନିଜକୁ ଓ ଅନ୍ୟମାନଙ୍କୁ ଆଘାତ ଦେବାର ବିପଦକୁ ମଧ୍ୟ ବହୁଳ ଭାବେ ବୃଦ୍ଧି କରିପାରେ। କ୍ଲାନ୍ତ, ଅସୁସ୍ଥ, ଉତ୍ତେଜିତ କିମ୍ବା ଚାପଗ୍ରସ୍ତ ଥିବାବେଳେ ମଧ୍ୟ ଆପଣ ଗାଡ଼ି ଚଲାଇବା ଉଚିତ ନୁହେଁ ।

ଚଲାଇବା ଅବଧିରେ


ନୋଟିସ

ଇଞ୍ଜିନ୍‌ର ଭବିଷ୍ୟତ ପ୍ରଦର୍ଶନ ଓ ବିଶ୍ୱସନିୟତା, ତାହାର ପ୍ରଥମ ସମୟରେ ନିଆଯାଇଥିବା ଯତ୍ନ ଓ ପ୍ରତିରୋଧ ଉପରେ ନିର୍ଭର କରିଥାଏ । ଗାଡ଼ି ସଂଚାଳନର ପ୍ରାରମ୍ଭିକ **960** କି.ମି. ମଧ୍ୟରେ ନିମ୍ନଲିଖିତ ସତର୍କତା ଅମଲୀକରଣ କରିବା ବିଶେଷ ଜରୁରୀ ଅଟେ ।

- ଷ୍ଟାର୍ଟ କରିବା ପରେ, ଇଞ୍ଜିନ୍‌କୁ ରେସ୍ କରନ୍ତୁ ନାହିଁ । ଧୀରେ ଧୀରେ ତାକୁ ଗରମ କରନ୍ତୁ ।
- ନିରନ୍ତର ଗତିରେ ଦୀର୍ଘ ଗାଡ଼ି ସଂଚାଳନକୁ ଏଡ଼ାନ୍ତୁ । ଯଦି ଆପଣ ବିଭିନ୍ନ ଗତିରେ ଗାଡ଼ି ଚଲାଇବେ, ତେବେ ତାହାର ଚଳନ ଭାଗଗୁଡ଼ିକ ଉତ୍ତମ ରହିବ ।
- ରହଣୀ (ଷ୍ଟପ୍)କୁ ଧୀରେ ଧୀରେ ଆରମ୍ଭ କରନ୍ତୁ । ପୂରା ଜୋର୍‌ରେ ଆରମ୍ଭ କରନ୍ତୁ ନାହିଁ ।
- ଜୋର୍‌ରେ ବ୍ରେକ୍ ମାରନ୍ତୁ ନାହିଁ, ବିଶେଷକରି ଗାଡ଼ି ଚଲାଇବାର ପ୍ରଥମ **320** କି.ମି. ସମୟରେ ।
- ଉଚ୍ଚ ଗିଅର୍‌ରେ ଟ୍ରାନ୍ସମିଶନ୍ ସହିତ ଧୀରେ ଧୀରେ ଗାଡ଼ି ଚଲାନ୍ତୁ ନାହିଁ ।
- ମଧ୍ୟମ ଇଞ୍ଜିନ୍ ଗତିରେ ଗାଡ଼ି ଚଲାନ୍ତୁ ।
- ଗୋଟିଏ ଟ୍ରେଲର୍‌କୁ ଟୋ କରନ୍ତୁ ନାହିଁ ।

କେଟାଲିଟିକ୍ କନ୍‌ଭର୍ଟର୍

ଉଦାହରଣ



77PH201

ଆପଣଙ୍କ ଗାଡ଼ିର ଏଗ୍‌ଜୋଷ୍ଟରେ କ୍ଷତିକାରକ ପ୍ରଦୂଷକର ପରିମାଣକୁ ନ୍ୟୁନତମ କରିବା ହେଉଛି କେଟାଲିଷ୍ଟ କନ୍‌ଭର୍ଟର୍‌ର ଉଦ୍ଦେଶ୍ୟ । କେଟାଲିଷ୍ଟ କନ୍‌ଭର୍ଟର୍ ଲାଗିଥିବା ଗାଡ଼ିଗୁଡ଼ିକରେ ଲିଡେଡ୍ ଇନ୍ଧନର ବ୍ୟବହାରକୁ ନିଷିଦ୍ଧ କରାଯାଇଛି, କାରଣ କେଟାଲିଷ୍ଟ ସିଷ୍ଟମ୍‌ର ପ୍ରଦୂଷକ ହ୍ରାସକାରୀ ଉପାଦାନକୁ ଲିଡ୍ ନିଷ୍ଫ୍ରିୟ କରିଦେଇଥାଏ ।

ଅଣ-ଲିଡ୍‌ଯୁକ୍ତ ଇନ୍ଧନର ବ୍ୟବହାର ଓ ସାଧାରଣ ବ୍ୟବହାର ଅନ୍ତର୍ଗତ ଗାଡ଼ିର ଜୀବନ ବୃଦ୍ଧି କରିବା ପାଇଁ କନ୍‌ଭର୍ଟର୍‌ର ଡିଜାଇନ୍ କରାଯାଇଛି । କନ୍‌ଭର୍ଟର୍ ପାଇଁ କୌଣସି ବିଶେଷ ରକ୍ଷଣା-ବେକ୍ଷଣର ଆବଶ୍ୟକତା ନାହିଁ । ଅବଶ୍ୟ, ଇଞ୍ଜିନ୍‌କୁ ସଠିକ୍ ଭାବେ ଟ୍ୟୁନ୍ କରି ରଖିବା ବହୁତ ଜରୁରୀ । ଅନୁପଯୁକ୍ତ ଭାବେ ଟ୍ୟୁନ୍ ହୋଇଥିବା ଇଞ୍ଜିନ୍‌ର ପରିଣାମସ୍ୱରୂପ ହେଉଥିବା ମିସ୍‌ଫାୟାରିଙ୍ଗ୍, କେଟାଲିଷ୍ଟର ଓଭର୍‌ହିଟିଙ୍ଗ୍‌ର କାରଣ ହୋଇପାରେ । ଏହା, କେଟାଲିଷ୍ଟ ଓ ଅନ୍ୟାନ୍ୟ ଗାଡ଼ି ଉପକରଣର ସ୍ଥାୟୀ ଭାବେ ଉତ୍ତପ୍ତ କ୍ଷତି କରାଇପାରେ ।

ନୋଟିସ


କେଟାଲିଷ୍ଟ ଓ ଅନ୍ୟାନ୍ୟ ଗାଡ଼ି ଉପକରଣ କ୍ଷତି କରିବାକୁ ଏଡ଼ାଇବା ପାଇଁ:

- ସଠିକ୍ ସଂଚାଳନ ଅବସ୍ଥାରେ ଇଞ୍ଜିନ୍‌ର ରକ୍ଷଣା-ବେକ୍ଷଣ କରନ୍ତୁ ।
- ଇଞ୍ଜିନ୍ ମଲ୍‌ଫଙ୍କଶନ୍, ବିଶେଷକରି ଇଞ୍ଜିନ୍‌ର ମିସ୍‌ଫାୟାର୍ କିମ୍ବା ଅନ୍ୟାନ୍ୟ ପ୍ରଦର୍ଶନର ସ୍ପଷ୍ଟ ହାନି ମାମଲାରେ, ତୁରନ୍ତ ହିଁ ଗାଡ଼ିର ସର୍ଭିସିଙ୍ଗ୍ କରାଇନିଅନ୍ତୁ ।
- ଟ୍ରାନ୍ସମିଶନ୍ ଗିଅର୍‌ରେ ଥିବାବେଳେ ତଥା ଗାଡ଼ି ଚାଲୁଥିବା ଅବସ୍ଥାରେ ଇଞ୍ଜିନ୍‌କୁ ବନ୍ଦ କରନ୍ତୁ ନାହିଁ କିମ୍ବା ଇଗ୍‌ନିଶନ୍‌ରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
- ଗାଡ଼ିକୁ ଠେଲି କିମ୍ବା ଟୋ କରି କିମ୍ବା ଗଡ଼ାଣିଆ ରାସ୍ତାରେ ଗଡ଼ାଇ, ଇଞ୍ଜିନ୍‌କୁ ଷ୍ଟାର୍ଟ କରିବାକୁ ଚେଷ୍ଟା କରନ୍ତୁ ନାହିଁ ।
- ଯଦି ନିଷ୍ପ୍ରିୟତା ରୁକ୍ଷ ଦେଖାଯାଏ କିମ୍ବା ଅନ୍ୟ କୌଣସି ମଲ୍‌ଫଙ୍କଶନ୍ ଦେଖାଦିଏ, ତେବେ ଅଧିକ ସମୟ ପର୍ଯ୍ୟନ୍ତ ଗାଡ଼ିକୁ ନିଷ୍ପ୍ରିୟ ରଖନ୍ତୁ ନାହିଁ ।
- ତେଲ ଟାଙ୍କିକୁ ଖାଲି ସ୍ତର ପାଖାପାଖି ଯିବାକୁ ଦିଅନ୍ତୁ ନାହିଁ ।
- ଅତ୍ୟଧିକ ଉଚ୍ଚ ଇଞ୍ଜିନ୍ ବେଗରେ ଗାଡ଼ି ଚଲାନ୍ତୁ ନାହିଁ ।

⚠ ଚେତାବନୀ

ଯେଉଁ କ୍ଷେତ୍ର ବା ଏରିଆରେ ଆପଣ ଗାଡ଼ି ପାର୍କ କରନ୍ତି ଓ ଚଲାନ୍ତି, ସେଥିପ୍ରତି ସାବଧାନ ରୁହନ୍ତୁ; କେଟାଲିଷ୍ଟ କନ୍‌ଭର୍ଟର୍ ଓ ଅନ୍ୟ ଏଗ୍‌ଜୋଷ୍ଟ ଉପକରଣମାନ ବହୁତ ଅଧିକ ଗରମ ହୋଇଯାଇପାରେ । ଏପରି ସ୍ଥାନରେ ଗାଡ଼ି ରଖନ୍ତୁ ନାହିଁ କିମ୍ବା ସଂଚାଳନ କରନ୍ତୁ ନାହିଁ, ଯେଉଁଠାରେ ଶୁଖିଲା ଘାସ କିମ୍ବା ପତ୍ର ପରି ଦହନଶୀଳ ପଦାର୍ଥମାନ ଗରମ ଏଗ୍‌ଜୋଷ୍ଟ ସିଷ୍ଟମ୍ ସହିତ ସମ୍ପର୍କରେ ଆସୁଥିବ ।

ଉଦାହରଣ



82DY05

ଇନ୍ଧନ ମିତବ୍ୟୟିତାରେ ବିକାଶ (ଇମ୍ପ୍ରୁଭିଙ୍ଗ୍ ଫୁଏଲ୍ ଇକୋନୋମୀ)

ନିମ୍ନଲିଖିତ ନିର୍ଦ୍ଦେଶମାନ ଇନ୍ଧନ ମିତବ୍ୟୟିତା ବିକାଶ କରିବାରେ ଆପଣଙ୍କୁ ସାହାଯ୍ୟ କରିବ ।

ଅତ୍ୟଧିକ ନିଷ୍ପ୍ରିୟତାକୁ ଏଡ଼ାନ୍ତୁ

ଗାଡ଼ି ରଖିବାବେଳେ ଗୋଟିଏ ମିନିଟ୍‌ରୁ ଅଧିକ ସମୟ ଯଦି ଆପଣ ଅପେକ୍ଷା କରନ୍ତି, ତେବେ ଇଞ୍ଜିନ୍‌କୁ ବନ୍ଦ କରିଦିଅନ୍ତୁ ଏବଂ ପରେ ପୁଣିଥରେ ଷ୍ଟାର୍ଟ କରନ୍ତୁ । ଥଣ୍ଡା ଇଞ୍ଜିନ୍‌କୁ ଗରମ କରିବା ସମୟରେ, ଯେପର୍ଯ୍ୟନ୍ତ ଇଞ୍ଜିନ୍ ତାହାର ସଂଚାଳନ ତାପମାତ୍ରାକୁ ନ ପହଞ୍ଚିଛି, ଇଞ୍ଜିନ୍‌କୁ ନିଷ୍ପ୍ରିୟ ରହିବାକୁ ଦିଅନ୍ତୁ ନାହିଁ କିମ୍ବା ଅଧିକ ଜୋର୍ ଦିଅନ୍ତୁ ନାହିଁ । ଗାଡ଼ି ଚଲାଇବା ସମୟରେ ଇଞ୍ଜିନ୍‌କୁ ଗରମ ହେବାକୁ ଦିଅନ୍ତୁ ।

ହଠାତ୍ ଜୋର୍ (ଆକ୍ସଲରେଶନ୍) ଦିଅନ୍ତୁ ନାହିଁ

ଗାଡ଼ି ଚଲାଇବାବେଳେ ବନ୍ଦରୁ ହଠାତ୍ ବା ଆକସ୍ମିକ ଆକ୍ସଲରେଶନ୍, ଅନାବଶ୍ୟକ ଭାବେ ଅଧିକ ତେଲ ଖର୍ଚ୍ଚ କରାଇଥାଏ ତଥା ଇଞ୍ଜିନ୍‌ର ଜୀବନକୁ ଛୋଟ କରିଦେଇଥାଏ। ଧୀରେ ଧୀରେ ଗାଡ଼ିକୁ ଛାଡ଼ନ୍ତୁ ।

ଅନାବଶ୍ୟକ ରହଣୀକୁ ଏଡ଼ାନ୍ତୁ


ଅନାବଶ୍ୟକ ମନ୍ଥରତା ଓ ରହଣୀକୁ ଏଡ଼ାନ୍ତୁ । ଯଥାଦୂର ସମ୍ଭବ ଧୀର, ନିୟମିତ ଗତି ରଖିବାକୁ ଚେଷ୍ଟା କରନ୍ତୁ । ପ୍ରଥମେ ଗାଡ଼ିକୁ ଧୀର କରି ଓ ତାହାପରେ ପୁଣିଥରେ ଜୋର୍ (ଆକ୍ସଲରେଶନ୍) ଦେଲେ ଅଧିକ ତେଲ ବ୍ୟବହୃତ ହୋଇଥାଏ ।

ଏକ ନିୟମିତ ଗାଡ଼ି ଚଲାଇବା ବେଗ ରଖନ୍ତୁ

ରାସ୍ତା ଓ ଟ୍ରାଫିକ୍ ଅବସ୍ଥା ଅନୁସାରେ ଗାଡ଼ିର ଗୋଟିଏ ନିୟମିତ ବେଗ ରଖନ୍ତୁ ।

ଏୟାର୍ କ୍ଲିନରକୁ ସଫା ରଖନ୍ତୁ

ଉଦାହରଣ



60A183S

ଯଦି ଏୟାର୍ କ୍ଲିନରରେ ଧୂଳି ଲାଗିଯାଏ, ତେବେ ସେଥିରେ ଅଧିକ ଆହରଣ ପ୍ରତିରୋଧତା ଦେଖାଦେବ, ଯାହାଫଳରେ ପାୱର୍ ଆଉଟ୍‌ପୁଟ୍ ହ୍ରାସ ହେବା ସହ ତେଲ ଖର୍ଚ୍ଚରେ ବୃଦ୍ଧି ହେବ ।

ଓଜନକୁ ନ୍ୟୁନତମ ରଖନ୍ତୁ

ଭାର ଅଧିକ ହେଲେ, ଗାଡ଼ିର ତେଲ ଅଧିକ ଖର୍ଚ୍ଚ ହେବ । ଆବଶ୍ୟକ ନଥିଲେ ଜିନିଷପତ୍ର କିମ୍ବା ମାଲ୍ (କାର୍ଗୋ) କାଢ଼ିଦିଅନ୍ତୁ ।

ଟାୟାର୍‌ରେ ସଠିକ୍ ପ୍ରେସର୍ ରଖନ୍ତୁ

ଟାୟାର୍‌ଗୁଡ଼ିକର ଷ୍ଟୀତି ଅନ୍ତର୍ଗତ, ତାହାର ବର୍ଦ୍ଧିତ ଚାଲିବା ପ୍ରତିରୋଧତା କାରଣରୁ ଅଧିକ ତେଲ ନଷ୍ଟ ହୋଇଥାଏ । ଡ୍ରାଇଭର୍ ଡୁଆର୍ ଲକ୍ ପିଲର୍‌ରେ ଥିବା ଲେବଲ୍‌ରେ ପ୍ରଦର୍ଶିତ ସଠିକ୍ ପ୍ରେସର୍ ଅନୁସାରେ ଟାୟାର୍‌ରେ ପ୍ରେସର୍ ରଖନ୍ତୁ ।

ରାଜମାର୍ଗରେ ଗାଡ଼ି ଚାଳନା (ହାଇୱେ ଡ୍ରାଇଭିଙ୍ଗ୍)


ଯେତେବେଳେ ଆପଣ ରାଜମାର୍ଗ ଗତିରେ ଗାଡ଼ି ଚଲାଉଥା'ନ୍ତି, ନିମ୍ନଲିଖିତ ପ୍ରତି ଧ୍ୟାନ ଦିଅନ୍ତୁ:

- ଗାଡ଼ିର ବେଗ ସହିତ ରହଣୀର ଦୂରତା ତଦନୁସାରେ ବୃଦ୍ଧି ପାଇଥାଏ । ଅତିରକ୍ତ ରହଣୀ ଦୂରତା ପାଇଁ ରହିଣୀ ସ୍ଥାନର ଯଥେଷ୍ଟ ପୂର୍ବରୁ ବ୍ରେକ୍ ଲଗାନ୍ତୁ ।
- ବର୍ଷା ଦିନମାନଙ୍କରେ, ହାଇଡ୍ରୋପ୍ଲାନିଙ୍ଗ୍ ହୋଇପାରେ । ହାଇଡ୍ରୋପ୍ଲାନିଙ୍ଗ୍ ହେଉଛି, ଗାଡ଼ିର ଟାୟାର୍ ଓ ରାସ୍ତା ମଝିରେ ପାଣି ଜମିଥିବା କାରଣରୁ, ସେମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ନରହିବା । ହାଇଡ୍ରୋପ୍ଲାନିଙ୍ଗ୍ ସମୟରେ ଗାଡ଼ି ମୋଡ଼ିବା କିମ୍ବା ବ୍ରେକ୍ ଲଗାଇବା କଷ୍ଟକର ହୋଇଥାଏ ଏବଂ ନିୟନ୍ତ୍ରଣ ମଧ୍ୟ ହରାଇପାରନ୍ତି । ରାସ୍ତା ଓଦା ଥିବାବେଳେ ଗତି କମ୍ ରଖନ୍ତୁ ।
- ଉଚ୍ଚ ଗତିରେ, ପାର୍ଶ୍ୱ ବାୟୁ ଦ୍ୱାରା ଗାଡ଼ି ପ୍ରଭାବିତ ହୋଇପାରେ । ସେଥିପାଇଁ, ବେଗ ହ୍ରାସ କରନ୍ତୁ ଏବଂ ଅପ୍ରତ୍ୟାଶିତ ଧକ୍କା ପାଇଁ ପ୍ରସ୍ତୁତ ରହିଥା'ନ୍ତୁ, ଯାହା ପାହାଡ଼ ଘାଟିରେ ଯିବାବେଳେ କିମ୍ବା ଏକ ବଡ଼ ଗାଡ଼ିକୁ ଅତିକ୍ରମ କରିବାବେଳେ ଟନେଲ୍‌ର ପ୍ରସ୍ଥାନରେ ଘଟିଥାଏ ।

ପାହାଡ଼ରେ ଗାଡ଼ି ଚଲାଇବା ସମୟରେ

- ଘାଟିରେ ଚଢ଼ିବାବେଳେ, ଗାଡ଼ିର ଗତି ହ୍ରାସ ହେବା ଆରମ୍ଭ ହୋଇପାରେ ଏବଂ ଶକ୍ତିର ଅଭାବ ଦେଖାଇଥାଏ । ଯଦି ଏପରି ହୁଏ, ତେବେ ଆପଣ ତଳ ଗିଅରକୁ ବଦଳାଇଦେବା ଉଚିତ, ଯେଉଁଥିରୁ ଇଞ୍ଜିନ୍ ପୁଣିଥରେ ନିଜର ସାଧାରଣ ଶକ୍ତିରେ ସଂଚାଳିତ ହେବ । ଗାଡ଼ିକୁ, ନିଜର ଗତି ହ୍ରାସରୁ ରୋକିବା ପାଇଁ ତ୍ୱରିତ ଗତିରେ ଗିଅର୍ ବଦଳାନ୍ତୁ ।
- ପାହାଡ଼ ତଳକୁ ଗାଡ଼ି ଚଲାଇବାବେଳେ, ତଳୁଆ ଗିଅର୍ ବଦଳାଇ ବ୍ରେକ୍ ଲଗାଇବା ପାଇଁ ଇଞ୍ଜିନ୍‌ର ବ୍ୟବହାର କରାଯିବା ଉଚିତ ।

ଉଦାହରଣ



77PH003

⚠ ଚେତାବନୀ

ପାହାଡ଼ ତଳକୁ ଗାଡ଼ି ଗଡ଼ିବାବେଳେ ବାରମ୍ବାର କିମ୍ବା ଅଧିକ ସମୟ ପାଇଁ ବ୍ରେକ୍ ପେଡଲ୍‌କୁ ଧରି ରଖନ୍ତୁ ନାହିଁ । ଏହା ଫଳରେ, ବ୍ରେକ୍ ଅଧିକ ଗରମ ହୋଇଯାଇପାରେ, ଯାହାର ପରିଣାମସ୍ୱରୂପ, ବ୍ରେକ୍‌ର କାର୍ଯ୍ୟକାରିତା ହ୍ରାସ ପାଇପାରେ । ଏହି ସତର୍କତା ଅବଲମ୍ବନ କରିବାରେ ବିଫଳତାସ୍ୱରୂପ, ଗାଡ଼ି ଉପରୁ ଆପଣ ନିୟନ୍ତ୍ରଣ ହରାଇପାରନ୍ତି ।

ଠିଆ ହୋଇଥିବା ଅବସ୍ଥାରୁ ପାହାଡ଼ ଉପରକୁ ଚଢ଼ିବାବେଳେ/ଓହ୍ଲାଇବାବେଳେ


- ଦୃଢ଼ତାର ସହ ପାର୍କିଙ୍ଗ୍ ବ୍ରେକ୍ ଲଗାନ୍ତୁ, ଯେଉଁଥିରୁ ଗାଡ଼ିଟି ପଛୁଆ ଗଡ଼ିଯିବ ନାହିଁ ।
- କ୍ଲଚ୍ ପେଡଲ୍‌କୁ ଦାବନ୍ତୁ ଓ 1ମ ଚୟନିତ ସ୍ଥାନକୁ ଗିଅର୍‌ଶିଫ୍ଟ୍ ଲିଭର୍‌କୁ ବଦଳାନ୍ତୁ ।
- କ୍ଲଚ୍‌କୁ ଛାଡ଼ନ୍ତୁ ନାହିଁ ।
- ଆରମ୍ଭ କରିବାକୁ ପ୍ରସ୍ତୁତ ହୋଇଗଲେ, ଏକସଙ୍ଗରେ ଆକ୍ସିଲରେଟର୍ ପେଡଲ୍‌କୁ ଦାବନ୍ତୁ ତଥା କ୍ଲଚ୍ ପେଡଲ୍‌କୁ ଧୀରେ ଧୀରେ ଛାଡ଼ନ୍ତୁ । ଯେତେବେଳେ ଗାଡ଼ିଟି ଚାଲିବା ଆରମ୍ଭ କରିବ, ଧୀରେ ଧୀରେ ପାର୍କିଙ୍ଗ୍ ବ୍ରେକ୍‌କୁ ଛାଡ଼ନ୍ତୁ ।

ନୋଟିସ

ଯେତେବେଳେ ପାହାଡ଼ ତଳକୁ ଓହ୍ଲାଉଥିବେ, କେବେବି ଇଗ୍ନିଶନ୍ ଚାବିକୁ "LOCK" ସ୍ଥିତିକୁ ବୁଲାନ୍ତୁ ନାହିଁ । ଏମିଶନ୍ ନିୟନ୍ତ୍ରଣ ସିଷ୍ଟମ୍ ନଷ୍ଟ ହୋଇଯାଇପାରେ ।

ଖସଡ଼ା ରାସ୍ତାରେ ଗାଡ଼ି ଚଲାଇବା ସମୟରେ

ଉଦାହରଣ



82DY06

ବ୍ରେକ୍ ମାରିଲେ, ଟାୟାର୍ ଖସିଯିବାର ସମ୍ଭାବନା ଥିବା କାରଣରୁ ଶୁଖିଲା ରାସ୍ତା ତୁଳନାରେ ଓଦା ରାସ୍ତାରେ ଆପଣ ନିମ୍ନ ଗତିରେ ଗାଡ଼ି ଚଲାଇବା ଉଚିତ । ବରଫ ଆବୃତ୍ତ କିମ୍ବା କାଦୁଆ ରାସ୍ତାରେ ଗାଡ଼ି ଚଲାଇବା ସମୟରେ, ଆପଣଙ୍କ ଗାଡ଼ିର ଗତି କମାଇଦିଅନ୍ତୁ ଏବଂ ହଠାତ୍ ଗତି ବଢ଼ାଇବା, ହଠାତ୍ ବ୍ରେକ୍ ଲଗାଇବା କିମ୍ବା ତୀକ୍ଷ୍ଣ ଷ୍ଟିଅରିଙ୍ଗ୍ ଚାଳନା କରନ୍ତୁ ନାହିଁ ।

ଯଦି ଆପଣଙ୍କ ଗାଡ଼ି ଅଟକିଯାଏ

ଯଦି ଆପଣଙ୍କ ଗାଡ଼ି ବରଫ, କାଦୁଅ କିମ୍ବା ବାଲିରେ ଅଟକିଯାଏ, ତେବେ ନିମ୍ନ ନିର୍ଦ୍ଦେଶ ପାଳନ କରନ୍ତୁ:

1) ପ୍ରଥମ ଗିଅର୍ ଓ ରିଭର୍ସ ଗିଅର୍ ମଧ୍ୟରେ ଆଗ ଓ ପଛ କରି ଟ୍ରାନ୍ସମିଶନ୍‌କୁ ବଦଳାନ୍ତୁ । ଏହା, ଏକ ରକିଙ୍ଗ୍ ମୋଶନ୍ ସୃଷ୍ଟି କରିବ, ଯାହା ଗାଡ଼ିକୁ ମୁକ୍ତ କରିବାରେ ଆପଣଙ୍କୁ ପର୍ଯ୍ୟାପ୍ତ ଗତି ଦେବ । ଚକକୁ, ନ୍ୟୁନତମ ଚକ ଆର୍.ପି.ଏମ୍‌କୁ ବୁଲାଇବା ପାଇଁ ଆକ୍ସିଲରେଟର୍‌କୁ ନରମ ଭାବେ ଦାବନ୍ତୁ । ଗିଅର୍ ବଦଳାଇବାବେଳକୁ ଆକ୍ସିଲରେଟର୍‌ରୁ ନିଜ ପାଦ କାଢ଼ିଦିଅନ୍ତୁ ।
ଇଞ୍ଜିନ୍‌କୁ ରେସ୍ କରନ୍ତୁ ନାହିଁ । ଅତ୍ୟଧିକ ଚକ ଘୂର୍ଣ୍ଣନ, ଟାୟାର୍‌ଗୁଡ଼ିକୁ ଅଧିକ ଦାବିଦେବ, ଯାହାଫଳରେ ଗାଡ଼ିକୁ କାଢ଼ିବା କଷ୍ଟକର ହୋଇଯିବ ।
2) ରକିଙ୍ଗ୍‌ର କିଛି ମିନିଟ୍ ପରେବି ଯଦି ଆପଣଙ୍କ ଗାଡ଼ି ସେହିପରି ରହିଲା, ତେବେ ନିଜ ଗାଡ଼ି କାଢ଼ିବା ପାଇଁ ଆଉ ଗୋଟିଏ ଗାଡ଼ିକୁ ଡାକନ୍ତୁ ।

⚠ ଚେତାବନୀ

ଗାଡ଼ିକୁ ରକିଙ୍ଗ୍ କରିବା ସମୟରେ, କାହାକୁ ତାହା ନିକଟରେ ଠିଆ ହେବାକୁ ଦିଅନ୍ତୁ ନାହିଁ ତଥା ସ୍ପୀଡୋମିଟର୍‌ରେ ସୂଚିତ 40 କି.ମି./ଘ.ଠାରୁ ଅଧିକ ବେଗରେ ଚକକୁ ବୁଲାନ୍ତୁ ନାହିଁ । ଅଧିକ ବେଗରେ ଚକଗୁଡ଼ିକୁ ବୁଲାଇଲେ ବ୍ୟକ୍ତିଗତ ଆଘାତ ଏବଂ/କିମ୍ବା ଗାଡ଼ିର କ୍ଷତି ହୋଇପାରେ ।

ନୋଟିସ


କିଛି ମିନିଟ୍‌ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଗାଡ଼ିକୁ ରକିଙ୍ଗ୍ କରନ୍ତୁ ନାହିଁ । ଅଧିକ ସମୟ ପର୍ଯ୍ୟନ୍ତ ରକିଙ୍ଗ୍ କଲେ, ଇଞ୍ଜିନ୍ ଅଧିକ ଗରମ ହୋଇଯାଇପାରେ କିମ୍ବା ଟ୍ରାନ୍ସମିଶନ୍‌ର କ୍ଷତି ହୋଇପାରେ ।

ଓଦା ରାସ୍ତାରେ ଗାଡ଼ି ଚଲାଇବା ସମୟରେ

ନୋଟିସ

- **ଓଦା ରାସ୍ତାରେ ଗାଡ଼ି ଚଲାଇବା ସମୟରେ, ରାସ୍ତା ଉପରେ ଥିବା ଅଧିକ ପାଣି ମଧ୍ୟ ଦେଇ ଗାଡ଼ି ଚଲାନ୍ତୁ ନାହିଁ । ଇଞ୍ଜିନ୍ କମ୍ପାର୍ଟମେଣ୍ଟରେ ପାଣି ପଶିଲେ, ତାହା ଇଞ୍ଜିନ୍ କିମ୍ବା ବୈଦ୍ୟୁତିକ ଉପକରଣଗୁଡ଼ିକୁ କ୍ଷତି ପହଞ୍ଚାଇପାରେ ।**
- **ଯଦି ଗଭୀର ପାଣିରେ ଅଟକିଯାଆନ୍ତି, ତେବେ ପାଣି ସ୍ତର ନଖସିବା ପର୍ଯ୍ୟନ୍ତ ଗାଡ଼ିକୁ ଷ୍ଟାର୍ଟ କରନ୍ତୁ ନାହିଁ ।**
- **ପାଣି ହେଉଛି ଅପରିମେୟ ପଦାର୍ଥ । ଇଞ୍ଜିନ୍ ଭିତରେ ପାଣି ପଶିବା, ଇଞ୍ଜିନ୍ ପ୍ରତି ହାନିକାରକ ଅଟେ ।**

ଉଦାହରଣ



82DY07

⚠ ଚେତାବନୀ

ଏହି ବିଭାଗରେ ଥିବା, ଗାଡ଼ି ଚଲାଇବାର ପରାମର୍ଶ ପାଳନ କରିବା ଅତିରିକ୍ତ, ନିମ୍ନଲିଖିତ ସାବଧାନତା ମଧ୍ୟ ପାଳନ କରିବା ଜରୁରୀ ଅଟେ ।

- **ଟାୟାରଗୁଡ଼ିକ ଭଲ ଅବସ୍ଥାରେ ଥିବାର ସୁନିଶ୍ଚିତ କରନ୍ତୁ ଏବଂ ସର୍ବଦା ବିନିର୍ଦ୍ଦିଷ୍ଟ ଟାୟାର୍ ପ୍ରେସର୍ ରକ୍ଷା କରନ୍ତୁ । ସବିଶେଷ ବିବରଣୀ ପାଇଁ "ଯାଞ୍ଚ ଓ ରକ୍ଷଣାବେକ୍ଷଣ" ବିଭାଗରେ ଥିବା "ଟାୟାର୍"କୁ ଦେଖନ୍ତୁ ।**
- **ମାରୁତି ସୁଜୁକି ଦ୍ୱାରା ବିନିର୍ଦ୍ଦିଷ୍ଟ ଟାୟାର୍ ବ୍ୟତୀତ ଅନ୍ୟ କୌଣସି ଟାୟାର୍ ବ୍ୟବହାର କରନ୍ତୁ ନାହିଁ । ସାମ୍ନା ଓ ପଛ ଚକଗୁଡ଼ିକ ପାଇଁ ଭିନ୍ନ ପ୍ରକାର କିମ୍ବା ଆକାରର ଟାୟାର୍ସ କଦାପି ବ୍ୟବହାର କରନ୍ତୁ ନାହିଁ । ନିର୍ଦ୍ଦିଷ୍ଟ ହୋଇଥିବା ଟାୟାର୍ଗୁଡ଼ିକ ସମ୍ବନ୍ଧରେ ସୂଚନା ପାଇଁ, ଡ୍ରାଇଭର୍ ଡୁଅର୍ ଲକ୍ ପିଲର୍‌ରେ ଥିବା "ଟାୟାର୍ ସୂଚନା ଲେବଲ୍" ଦେଖନ୍ତୁ ।**
- **ଆପଣଙ୍କ ଗାଡ଼ିକୁ ଉଠାଇବା ପାଇଁ (ଜ୍ୟାକ୍ ଅପ୍) କଦାପି ବଡ଼ ଆକାରର ଟାୟାର୍ସ କିମ୍ବା ବିଶେଷ ଶକ୍ ଆବ୍‌ଜର୍ଭର୍ସ ଓ ସ୍ପ୍ରିଙ୍ଗ୍ ବ୍ୟବହାର କରନ୍ତୁ ନାହିଁ । ଏହା, ପରିଚାଳନା ଗୁଣକୁ ବଦଳାଇଦେବ । ବଡ଼ ଆକାରର ଟାୟାର୍ସ, ବମ୍ପସ୍ ଉପରେ ମଧ୍ୟ ଘଷି ହୋଇଯାଇପାରେ, ଯାହାଫଳରେ ଗାଡ଼ିର କ୍ଷତି କିମ୍ବା ଟାୟାର୍ ଫେଲ୍ୟୋର୍ ହୋଇପାରେ ।**
- **ପାଣି ମଧ୍ୟଦେଇ ଗାଡ଼ି ଚଲାଇବା ପରେ, ନିମ୍ନ ଗତିରେ ଗାଡ଼ି ଚଲାଇବା ସମୟରେ, ସେଗୁଡ଼ିକ ନିଜର ସାଧାରଣ ପ୍ରଭାବଶୀଳତା ରକ୍ଷା କରୁଛନ୍ତି ବୋଲି ଦେଖିବା ପାଇଁ ବ୍ରେକ୍‌କୁ ଯାଞ୍ଚ କରନ୍ତୁ । ଯଦି ସେଗୁଡ଼ିକ ସାଧାରଣ ଅପେକ୍ଷା କମ୍ ପ୍ରଭାବୀ ହୋଇଥା'ନ୍ତି, ତେବେ ମନ୍ଥର ଗତିରେ ଗାଡ଼ି ଚଲାଇବା ସହ ବାରମ୍ବାର ବ୍ରେକ୍ ଲଗାଇ ସେଗୁଡ଼ିକୁ ଶୁଖାନ୍ତୁ, ଯେପର୍ଯ୍ୟନ୍ତ ବ୍ରେକ୍‌ର ସାଧାରଣ ପ୍ରଭାବଶୀଳତା ପୁଣି ଫେରିନାହିଁ ।**


ସୁରକ୍ଷିତ ଗାଡ଼ି ଚାଳନା ପାଇଁ କ'ଣ କରିବେ ଓ କ'ଣ କରିବେ ନାହିଁ

ଗାଡ଼ିକୁ ସମ୍ଭାଳିବାରେ ଯତ୍ନର ଅଭ୍ୟାସ କରନ୍ତୁ । ରାସ୍ତା ଉପରେ, ନାକେବଳ ନିଜର, ବରଂ ଅନ୍ୟମାନଙ୍କର ସୁରକ୍ଷା ପ୍ରତି ମଧ୍ୟ ସଚେତନ ରୁହନ୍ତୁ ଏବଂ ଏହିପରି ସର୍ବୋତ୍ତମ ଓ ସବୁଠାରୁ ଆରାମଦାୟକ ଗାଡ଼ି ଚାଳନାର ଅଭିଜ୍ଞତାକୁ ଉପଭୋଗ କରନ୍ତୁ ।

ସୁରକ୍ଷିତ ଗାଡ଼ି ଚାଳନା ପାଇଁ ନିମ୍ନରେ କେତେକ ମୌଳିକ ନିୟମ ପ୍ରଦାନ କରାଗଲା । ବିଷୟବସ୍ତୁକୁ ଭଲ ଭାବରେ ବୁଝିବା ପାଇଁ ସେଗୁଡ଼ିକୁ ସାବଧାନପୂର୍ବକ ପଢ଼ନ୍ତୁ, ଯେଉଁଥିରୁ ଆପଣ, ନିଜ ଗାଡ଼ିରେ ସୁରକ୍ଷିତ ଓ ଆନନ୍ଦଦାୟକ ଚାଳନାକୁ ଉପଭୋଗ କରିପାରିବେ ।

ଗାଡ଼ି ଚଲାଇବା ଆରମ୍ଭ କରିବା

1) ସଠିକ୍ ଡ୍ରାଇଭିଙ୍ଗ୍ ଭଙ୍ଗୀ ପାଇଁ ଡ୍ରାଇଭର୍ ସିଟ୍‌କୁ ଆଡ୍‌ଜଷ୍ଟ କରନ୍ତୁ ।
2) ଯଥା ସମ୍ଭବ ଭଲ ଭାବରେ ପଛ ଦୃଶ୍ୟ ପ୍ରାପ୍ତ କରିବା ପାଇଁ ରିଅର୍ ଭ୍ୟୁ ମିରର୍‌କୁ ଆଡ୍‌ଜଷ୍ଟ କରନ୍ତୁ ।




83K-04-008

3) ଚଲାଇବା ପୂର୍ବରୁ, ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିଜ ଗାଡ଼ିର ଚାରିପଟକୁ ଦେଖନ୍ତୁ ।
4) ହଠାତ୍ ଆକ୍ସେଲରେଟ୍ କରନ୍ତୁ ନାହିଁ, ଯେହେତୁ ଏହା ବିପଜ୍ଜନକ ଓ ତେଲର ଅପଚୟ ଅଟେ ।

ସାଧାରଣ ଗାଡ଼ି ଚାଳନା

1) ଷ୍ଟପ୍ ଲାଇଟ୍ କିମ୍ବା ଷ୍ଟପ୍ ସାଇନ୍ ପୂର୍ବରୁ ରୁହନ୍ତୁ । କୌଣସି ଟ୍ରାଫିକ୍ ଲାଇଟ୍ କିମ୍ବା ଚିହ୍ନ ବିନା ଏକ ଚାରିଛକ ଦେଇ ଯିବାବେଳେ, ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଧୀରେ ଗାଡ଼ି ଚଲାନ୍ତୁ ।
2) ଆଗରେ ଚାଲୁଥିବା ଗାଡ଼ି ହଠାତ୍ ବ୍ରେକ୍ ଲଗାଇଲେ, ପଛ ଧକ୍କାକୁ ରୋକିବା ପାଇଁ ସବୁବେଳେ ଅନ୍ୟ ଗାଡ଼ିଗୁଡ଼ିକଠାରୁ ନିରାପଦ ଦୂରତା ରକ୍ଷା କରନ୍ତୁ ।
3) ଗାଡ଼ି ବୁଲାଇବାର କିମ୍ବା ରାସ୍ତା ବଦଳାଇବାର ଅତିକମ୍‌ରେ 30 ମିଟର୍ ପୂର୍ବରୁ "ଟର୍ନ ସିଗ୍ନାଲ୍" ଅନ୍ କରନ୍ତୁ, ଯେଉଁଥିରୁ ଧକ୍କା ହେବନାହିଁ ।
4) ଗୋଟିଏ କୋଣରେ ବୁଲାଇବା ପୂର୍ବରୁ ସୁରକ୍ଷିତ ଗତିକୁ ହ୍ରାସ କରନ୍ତୁ । କୋଣରେ ବୁଲାଇବା ସମୟରେ ବ୍ରେକ୍ ଲଗାନ୍ତୁ ନାହିଁ, ନଚେତ୍ ଗାଡ଼ି ଖସିଯାଇପାରେ ।
5) ଅନ୍ୟ ଗାଡ଼ିଗୁଡ଼ିକୁ ଅତିକ୍ରମ (ଓଭର୍‌ଟେକ୍) କରିବା ସମୟରେ, ସାମ୍ନାରୁ ଆସୁଥିବା ଗାଡ଼ିଗୁଡ଼ିକ ପ୍ରତି ଧ୍ୟାନଦିଅନ୍ତୁ ଏବଂ ସୁରକ୍ଷତା ସୁନିଶ୍ଚିତ କରନ୍ତୁ ।
6) ଅଙ୍କା-ବଙ୍କା ଗାଡ଼ି ଚାଳନାର ଚେଷ୍ଟା କରନ୍ତୁ ନାହିଁ, ଯେହେତୁ ଏହା ଗାଡ଼ି ଉପରୁ ଆପଣଙ୍କ ନିୟନ୍ତ୍ରଣକୁ ବାଧା ଦେବ ଏବଂ ଦୁର୍ଘଟଣା ମଧ୍ୟ ହୋଇପାରେ ।
7) ଦାୟିତ୍ୱହୀନ ଉଚ୍ଚ ବେଗ ଗାଡ଼ି ଚାଳନାରୁ ନିବୃତ୍ତ ରୁହନ୍ତୁ ଏବଂ ଏକ ନିରନ୍ତର ବେଗ ରକ୍ଷାକରି ରାସ୍ତା ଅବସ୍ଥା ପାଇଁ ଉପଯୁକ୍ତ ସୁରକ୍ଷିତ ବେଗରେ ଗାଡ଼ି ଚଲାଇବାକୁ ଚେଷ୍ଟା କରନ୍ତୁ ।
8) ବେଗ ଯେତେ ଉଚ୍ଚ ହୁଏ, ଡ୍ରାଇଭର୍‌ର ଦୃଶ୍ୟ ସୀମା ସେତିକି ସଂକୀର୍ଣ୍ଣ ହୋଇଯାଏ । ସେହିପରି ମାମଲାରେ,

କୌଣସି ବିପଦର ଆଶଂକା କଷ୍ଟକର ହୋଇଯାଏ ଏବଂ ଡ୍ରାଇଭର୍ କ୍ଲାନ୍ତ ଅନୁଭବ କରେ ।



83K-04-012

9) ଉଚ୍ଚ ବେଗରେ ଗାଡ଼ି ଚାଳନା ସମୟରେ ତୀକ୍ଷ୍ଣ ଭାବେ ସୟାଳିବା ପାଇଁ ଚେଷ୍ଟା କରନ୍ତୁ ନାହିଁ । ଆପଣ, ନିଜ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇପାରନ୍ତି ।
10) କୌଣସି ଗାଡ଼ି ଅତିକ୍ରମ କରିବା କିମ୍ବା ରାସ୍ତା ବଦଳାଇବା ସମୟରେ ଉଚ୍ଚ ଗତିରେ ଗାଡ଼ି ଚଲାଉଥିବାବେଳେ ସାମ୍ନା ଗାଡ଼ିଠାରୁ ପର୍ଯ୍ୟାପ୍ତ ଦୂରତା ରକ୍ଷା କରନ୍ତୁ ।

ବ୍ରେକ୍ ଲଗାଇବା ସମୟରେ

1) ଗାଡ଼ି ରଖିବା ସମୟରେ ପାର୍କିଙ୍ଗ୍ ବ୍ରେକ୍‌ର ବ୍ୟବହାର କରନ୍ତୁ ଏବଂ ସୁରକ୍ଷତା ପାଇଁ ପ୍ରଥମ ଗିଅର୍ କିମ୍ବା ରିଭର୍ସ ଗିଅରକୁ ଗିଅର୍ ଶିଫ୍ଟ୍ ଲିଭର୍‌କୁ ବଦଳାଇଦିଅନ୍ତୁ ।
2) ଅତ୍ୟାବଶ୍ୟକ ନହେଲେ ହ୍ୟାଣ୍ଡ ବ୍ରେକ୍‌ର ଉପଯୋଗ କରନ୍ତୁ ନାହିଁ । ଏହା କାରଣରୁ ଗାଡ଼ି ପଲଟିଯାଇପାରେ ଏବଂ ଦୁର୍ଘଟଣା ଘଟିପାରେ । ଏହା, ବିଶେଷକରି ସେତିକିବେଳେ ବିପଜ୍ଜନକ ଅଟେ, ଯେତେବେଳେ ଟାୟାର୍‌ଗୁଡ଼ିକ ଘଷି ହୋଇଯାଇଥିବ, ଯେହେତୁ ସେଗୁଡ଼ିକ ଅଧିକ ଖସିଥାଏ ।

ତିନୋଟି ସ୍ତରରେ ପାଦ ବ୍ରେକ୍‌ର ବ୍ୟବହାର କରନ୍ତୁ
1. ଆପଣଙ୍କ ପଛରେ ଥିବା ଗାଡ଼ିକୁ ସତର୍କ କରନ୍ତୁ
2. ଧୀରେ ଧୀରେ ବ୍ରେକ୍ ଲଗାନ୍ତୁ ।
3. ଗାଡ଼ିକୁ ରୋକନ୍ତୁ ।

3) ପାହାଡ଼ ତଳକୁ ଗାଡ଼ି ଚଲାଉଥିବାବେଳେ, ବ୍ରେକ୍ ଲଗାଇବାକୁ ଚେଷ୍ଟା କରନ୍ତୁ ନାହିଁ, ବରଂ ଫଳପ୍ରଦ ଭାବେ ଇଞ୍ଜିନ୍ ବ୍ରେକ୍ ବ୍ୟବହାର କରନ୍ତୁ । ପାଦ ବ୍ରେକ୍ ବା ଫୁଟ୍ ବ୍ରେକ୍‌ର ଅଧିକ ବ୍ୟବହାରର ପରିଣାମସ୍ୱରୂପ, ବ୍ରେକ୍‌ର ପ୍ରଭାବଶୀଳତାର ହ୍ରାସ ହୋଇପାରେ ।

ଦୀର୍ଘ ଦୂରତା ଗାଡ଼ି ଚଲାଇବା ସମୟରେ

1) ଏକ ଯାତ୍ରା ଆରମ୍ଭ କରିବା ପୂର୍ବରୁ ସୁରକ୍ଷା ଯାଞ୍ଚ କରାଇନିଅନ୍ତୁ ।
2) ନିୟମିତ ବ୍ୟବଧାନରେ, ଦୁର୍ଘଟଣା ଏଡ଼ାଇବା ପାଇଁ ବିଶ୍ରାମ ନିଅନ୍ତୁ, ଯାହା ନିଦ କିମ୍ବା କ୍ଲାନ୍ତ ଅନୁଭବ କାରଣରୁ ଘଟିଥାଏ ।

ରାତିବେଳେ ଗାଡ଼ି ଚଲାଇବା ସମୟରେ

1) ଦିନ ତୁଳନାରେ ରାତି ସମୟରେ ଧୀର ଗତିରେ ଗାଡ଼ି ଚଲାନ୍ତୁ, ଯେହେତୁ ରାତିରେ ଦୃଶ୍ୟ ସୀମା ପ୍ରତିବନ୍ଧିତ ହୋଇଥାଏ ।
2) ରାତି ସମୟରେ ଗାଡ଼ି ଓଭର୍‌ଟେକ୍ କରନ୍ତୁ ନାହିଁ । ଅନ୍ଧକାର, ଆପଣଙ୍କ ବେଗର ଇନ୍ଦ୍ରିୟରେ ସମସ୍ୟା ସୃଷ୍ଟି କରିଥାଏ ତଥା ଗାଡ଼ି ମଧ୍ୟରେ ଦୂରତା ବିଚାର କରିବାରେ ଆପଣଙ୍କୁ ବାଧା ଦେଇଥାଏ ।
3) ଅନ୍ୟଥା ଅପରିହାର୍ଯ୍ୟ ନହେଲେ, ହାଇ ବିମ୍‌ରେ ହେଡ୍‌ଲାଇଟ୍ସ ବ୍ୟବହାର କରନ୍ତୁ ନାହିଁ । ଏହା, ଆପଣଙ୍କ ଆଗରେ ଯାଉଥିବା ଗାଡ଼ି କିମ୍ବା ଆଗରୁ ଆସୁଥିବା ଗାଡ଼ି ଡ୍ରାଇଭର୍‌ର ଦୃଷ୍ଟି କ୍ଷୀଣତା କରିଦେଇପାରେ, ଯାହାଫଳରେ ଦୁର୍ଘଟଣା ଘଟିପାରେ ।
4) ସବୁବେଳେ ଝରକା କାଚକୁ ସଫା ରଖନ୍ତୁ । ୱିଣ୍ଡଶିଲ୍ଡ କାଚ ଶୁଖିଲା ଥିବାବେଳେ ୱିଣ୍ଡଶିଲ୍ଡ ୱାଇପର୍‌ର ସଂଚାଳନ କରନ୍ତୁ ନାହିଁ, ଅନ୍ୟଥା ୱାଇପର୍ ବ୍ଲେଡ୍ ଓ କାଚ ନଷ୍ଟ ହୋଇଯାଇପାରେ ।

ସୁରକ୍ଷା ପାଇଁ ସୀମା

ଗାଡ଼ି ଚଲାଇବା ସମୟରେ ସୁରକ୍ଷା ନିମନ୍ତେ ନିଜ ପାଇଁ ଏକ ସୀମା ନିର୍ଦ୍ଧାରଣ କରିବା ଅତ୍ୟନ୍ତ ଜରୁରୀ, ଯେଉଁଥିରୁ ଆପଣ, ଅନ୍ୟ ଡ୍ରାଇଭର୍‌ମାନଙ୍କର ଭୁଲ୍ କିମ୍ବା ଅପ୍ରତ୍ୟାଶିତ ଡ୍ରାଇଭିଙ୍ଗ୍‌ର ସାମନା କରିପାରିବେ । ସେଥିପାଇଁ, ନିମ୍ନଲିଖିତ ପାଳନ କରନ୍ତୁ ।

- ଏକ ସୁରକ୍ଷିତ ବେଗରେ ଗାଡ଼ି ଚଲାନ୍ତୁ ।
- ଆଗରେ ଥିବା ଗାଡ଼ି ଓ ନିଜ ଗାଡ଼ି ମଧ୍ୟରେ ପର୍ଯ୍ୟାପ୍ତ ଦୂରତା ରକ୍ଷା କରନ୍ତୁ ।
- ଅନ୍ୟ ଗାଡ଼ିକୁ ଅତିକ୍ରମ (ଓଭର୍‌ଟେକ୍) କରିବା ପାଇଁ ନିଜକୁ ବାଧ୍ୟ କରନ୍ତୁ ନାହିଁ ।
- ହଠାତ୍ ଆକ୍ସଲରେଟ୍, ତୀକ୍ଷ୍ଣ ଭାବେ ମୋଡ଼ ବୁଲାଇବା କିମ୍ବା ହଠାତ୍ ଗାଡ଼ି ରୋକନ୍ତୁ ନାହିଁ ।
- ଗାଡ଼ି ଚାଳନା ସୂଚୀ ମଧ୍ୟରେ ପର୍ଯ୍ୟାପ୍ତ ବ୍ୟବଧାନ ରଖନ୍ତୁ ।
- ଟ୍ରାଫିକ୍ ନିୟମର ପାଳନ କରନ୍ତୁ ।

ଉପସଂହାର ବା ପରିସମାପ୍ତି


ଜଣେ ସଠିକ୍ ଡ୍ରାଇଭର୍ ବୋଲି କେହି ନାହାନ୍ତି । ପ୍ରତ୍ୟେକ ଚାଳକଙ୍କ ପ୍ରୟାସ ସଠିକ୍ କରିବା ପ୍ରତି ରହିବା ଉଚିତ । ସୁରକ୍ଷା ସଚେତନତା, ନାକେବଳ ଆପଣଙ୍କର ଓ ରାସ୍ତା ବ୍ୟବହାର କରୁଥିବା ଅନ୍ୟ ଲୋକମାନଙ୍କର ସୁରକ୍ଷା ସୁନିଶ୍ଚିତ କରିଥାଏ, ବରଂ ଏହାଗାଡ଼ିର ଭଙ୍ଗାରୁଜାକୁ ହ୍ରାସ କରିବାରେ ସାହାଯ୍ୟ କରି ତାହାର ଜୀବନ ବୃଦ୍ଧି କରିବା ସହ ଉତ୍ତମ ଇନ୍ଧନ ଅନୁକୂଳତା ପ୍ରଦାନ କରିଥାଏ ଏବଂ ଏକ ଆରାମଦାୟକ ଡ୍ରାଇଭିଙ୍ଗ୍ ଅନୁଭୂତି ସୁନିଶ୍ଚିତ କରିଥାଏ ।
ତାଲିକାଭୁକ୍ତ ହୋଇଥିବା "କ'ଣ କରିବେ ଓ କ'ଣ କରିବେ ନାହିଁ"କୁ ପାଳନ କରନ୍ତୁ । ଡ୍ରାଇଭିଙ୍ଗ୍ ପୁଣିକେବେ ସେହିପରି ହେବନାହିଁ ।

ଅନ୍ୟାନ୍ୟ ନିୟନ୍ତ୍ରଣ ଓ ଉପକରଣ

ଫୁଏଲ୍ ଫିଲର୍ କ୍ୟାପ୍ 5-1
ଇଞ୍ଜିନ୍ କମ୍ପାର୍ଟମେଣ୍ଟ 5-1
ସନ୍ ଭାଇଜର୍ 5-3
ଭିତର ଆଲୋକ (ଇଣ୍ଟେରିଅର୍ ଲାଇଟ୍) 5-4
ଉପକରଣ (ଆକ୍ସେସୋରୀ) ସକେଟ୍ 5-4
ଗ୍ଲୋଭ୍ ବକ୍ସ 5-4
ଷ୍ଟୋରେଜ୍ ଏରିଆ 5-5
ଏୟାର୍ ଭେଣ୍ଟ 5-5
ଫ୍ରେମ୍ ହୁକ୍ 5-6
ଆସିଷ୍ଟ ଗ୍ରିପ୍ 5-6

5


ଫୁଏଲ୍ ଫିଲର୍ କ୍ୟାପ୍



ଉଦାହରଣ

77PH031

ଗାଡ଼ିର ଡାହାଣ ପଟେ ଫୁଏଲ୍ ଫିଲର୍ କ୍ୟାପ୍ ରହିଛି ।



ଉଦାହରଣ

68KN048

ଫୁଏଲ୍ ଫିଲର୍ କ୍ୟାପ୍ କାଢ଼ିବା ପାଇଁ, ତାହାକୁ ବାମ ଦିଗକୁ ବୁଲାନ୍ତୁ ।

⚠ ସତର୍କତା

ଧୀରେ ଧୀରେ ଫୁଏଲ୍ ଫିଲର୍ କ୍ୟାପ୍‌କୁ କାଢ଼ନ୍ତୁ । ତେଲରେ ଚାପ ଥାଇପାରେ ଓ ତାହା ବାହାରକୁ ଛିଟିକିପାରେ, ଯେଉଁଥିରୁ ଆଘାତ ଲାଗିପାରେ ।


⚠ ଚେତାବନୀ

ତେଲ ହେଉଛି ଅତ୍ୟନ୍ତ ଦହନଶୀଳ । ତେଲ ଭରିବାବେଳକୁ ଧୂମପାନ କରନ୍ତୁ ନାହିଁ ଏବଂ ଏହା ମଧ୍ୟ ସୁନିଶ୍ଚିତ କରନ୍ତୁ ଯେ, ସେହି କ୍ଷେତ୍ର ବା ଏରିଆରେ କୌଣସି ଖୋଲା ଅଗ୍ନି ଶିଖା କିମ୍ବା ସ୍ପୁଲିଙ୍ଗ ନାହିଁ ।

⚠ ଚେତାବନୀ

ଯଦି ଆପଣ ଫୁଏଲ୍ କ୍ୟାପ୍ ବଦଳାଇବାକୁ ଚାହୁଁଥା'ନ୍ତି, ତେବେ ମାରୁତିର ପ୍ରକୃତ (ଜେନୁଇନ୍) କ୍ୟାପ୍ ହିଁ ବ୍ୟବହାର କରନ୍ତୁ । ଅନ୍ୟ କ୍ୟାପ୍ ବ୍ୟବହାର କଲେ, ଫୁଏଲ୍ ସିଷ୍ଟମ୍ କିମ୍ବା ଏମିଶନ୍ କଣ୍ଟ୍ରୋଲ୍ ସିଷ୍ଟମ୍ ଖରାପ ହୋଇଯାଇପାରେ । ଦୁର୍ଘଟଣା କ୍ଷେତ୍ରରେ ଫୁଏଲ୍ ଲିକେଜ୍ ମଧ୍ୟ ହୋଇପାରେ ।

ଇଞ୍ଜିନ୍ କମ୍ପାର୍ଟମେଣ୍ଟ



ଉଦାହରଣ

77PH094


ଇଞ୍ଜିନ୍ କମ୍ପାର୍ଟମେଣ୍ଟ ଖୋଲିବା ପାଇଁ:

1) ଡ୍ରାଇଭର୍ ସିଟ୍ ବେଲ୍ଟ ବକଲ୍‌କୁ (1) ସିଟ୍‌ବ୍ୟାକ୍ ସ୍ଥିତିରେ ଉପରକୁ ଉଠାନ୍ତୁ । ଯାତ୍ରୀଙ୍କ ସିଟ୍ ବେଲ୍ଟ ବକଲ୍‌କୁ (2) ଷ୍ଟୋର୍ କରନ୍ତୁ ।
2) ଡ୍ରାଇଭର୍ ସିଟ୍ ପାଇଁ, ସିଟ୍‌କୁ ସର୍ବାଧିକ ପଛୁଆ ସ୍ଥିତିକୁ ଘୁଞ୍ଚାନ୍ତୁ ।

⚠ ସତର୍କତା

ଯେତେବେଳେ ଆପଣ ଡ୍ରାଇଭର୍ ସିଟ୍ ପଛକୁ ଘୁଞ୍ଚାଉଥିବେ, ସିଟ୍‌ବ୍ୟାକ୍‌କୁ ପଛୁଆ ଠେଲନ୍ତୁ ।
ଯଦି ଆପଣ ସିଟ୍‌ବ୍ୟାକ୍ ଉପରକୁ ଧରିଥିବେ, ତେବେ ଆପଣଙ୍କ ହାତ, ସିଟ୍‌ବ୍ୟାକ୍ ଓ କ୍ୟାବିନ୍ ବ୍ୟାକ୍ ପେନଲ୍ ମଧ୍ୟରେ ଫୋଡ଼ି ହୋଇଯାଇପାରେ, ଯାହା ବ୍ୟକ୍ତିଗତ ଆଘାତ ଦେଇପାରେ ।

ଉଦାହରଣ




77PH093

3) ଡ୍ରାଇଭର୍ ସିଟ୍ ପାଇଁ, ସିଟ୍‌ବ୍ୟାକ୍‌କୁ ଆଗକୁ ଫୋଲ୍ଡ କରିବା ନିମନ୍ତେ ଲକ୍ ଲିଭରକୁ (3) ଟାଣନ୍ତୁ ।

ନୋଟ୍:
ସିଟ୍‌ବ୍ୟାକ୍‌କୁ ସେହି ସ୍ଥିତି ପର୍ଯ୍ୟନ୍ତ ଫୋଲ୍ଡ କରିହେବ, ଯେଉଁଠାରେ ତାହା ଷ୍ଟିଅରିଙ୍ଗ୍ ହ୍ୱୀଲ୍ ସହିତ ସମ୍ପର୍କରେ ଆସେ।

4) ପ୍ରତ୍ୟେକ ସିଟ୍‌ର ସାମ୍ନା ଶେଷରେ ଥିବା ଲକ୍ ହ୍ୟାଣ୍ଡଲ୍‌ଗୁଡ଼ିକୁ (4) ଅନ୍‌ହୁକ୍ କରନ୍ତୁ ।

ଉଦାହରଣ




77PH081

- ଲକ୍ ହ୍ୟାଣ୍ଡଲ୍‌କୁ ଅନ୍‌ହୁକ୍ କରିବା ପାଇଁ, “PULL” ଭାଗକୁ (5)କୁ ଟାଣନ୍ତୁ ଏବଂ ହୁକ୍‌ରୁ (8) ରିଙ୍ଗ୍‌କୁ (7) ଅନ୍‌ହୁକ୍ କରନ୍ତୁ ।
- ହ୍ୟାଣ୍ଡଲ୍‌କୁ ଲକ୍ କରିବା ପାଇଁ, ହୁକ୍‌ରେ (8) ରିଙ୍ଗ୍ (7) କୁ ରଖନ୍ତୁ ଓ ତାହାପରେ “PUSH” ଭାଗକୁ (6) ଠେଲିଦିଅନ୍ତୁ।

ଡ୍ରାଇଭର୍ ପାର୍ଶ୍ୱ


ଉଦାହରଣ



77PH102

ଯାତ୍ରୀ ପାର୍ଶ୍ୱ

ଉଦାହରଣ



77PH103

ନୋଟ୍:
ଯାତ୍ରୀ ସିଟ୍‌ର ସିଟ୍‌ବ୍ୟାକ୍ ପଛରେ ଫିତା ବା ଷ୍ଟ୍ରାପ୍ (11) ଉପଲବ୍ଧ ଅଛି ।


5) ସିଟ୍‌କୁ ଉଠାନ୍ତୁ ଏବଂ ହୁକ୍‌ରେ (9) ଫିତା ବା ଷ୍ଟ୍ରାପ୍‌କୁ (11) ହୁକ୍ କରନ୍ତୁ । ସିଟ୍ ଷ୍ଟ୍ରାପ୍ ବା ଫିତାକୁ ଆଟାଚ୍ କରିବା ପାଇଁ ହୁକ୍ (10) ବ୍ୟବହାର କରାଯାଏ ନାହିଁ ।

ନୋଟିସ

ଡ୍ରାଇଭର୍ ସିଟ୍ ପୋଜିଶନ୍ ଆଡ୍‌ଜଷ୍ଟମେଣ୍ଟ ଲିଭର୍ ସହିତ ଫିତାକୁ ହୁକ୍ କରନ୍ତୁ ନାହିଁ ବା ଲଗାନ୍ତୁ ନାହିଁ କିମ୍ବା ଫିତା ଦ୍ୱାରା ହୁକ୍ ହୋଇଥିବାବେଳେ ସିଟ୍ ଉପରେ ଅଯଥା ବଳ ପ୍ରୟୋଗ କରନ୍ତୁ ନାହିଁ । ଏପରି କଲେ ଫିତା ଛିଣ୍ଡିଯାଇପାରେ, ହୁକ୍ ଏବଂ/କିମ୍ବା ଡ୍ରାଇଭର୍ ସିଟ୍ ପୋଜିଶନ୍ ଆଡ୍‌ଜଷ୍ଟମେଣ୍ଟ ଲିଭର୍ ଭାଙ୍ଗିଯାଇପାରେ ।

- ଇଞ୍ଜିନ୍ କମ୍ପାର୍ଟମେଣ୍ଟ ବନ୍ଦ କରିବା ପାଇଁ, ତାକୁ ଖୋଲିଥିବା ପଦାଙ୍କର ବିପରୀତ କ୍ରମ ଆପଣାନ୍ତୁ ।
- ବନ୍ଦ କରିବା ପରେ, ସିଟ୍‌ଗୁଡ଼ିକ ସୁରକ୍ଷିତ ଭାବେ ଲାଖି ରହିଥିବାର ସୁନିଶ୍ଚିତ କରିବା ପାଇଁ ସିଟ୍‌ଗୁଡ଼ିକୁ ଘୁଞ୍ଚାନ୍ତୁ ।
- ଚିତ୍ରରେ ପ୍ରଦର୍ଶିତାନୁସାରେ, ଷ୍ଟ୍ରାପ୍‌କୁ ଯାତ୍ରୀ ସିଟ୍ ପଛରେ ଥିବା ସ୍ଥାନରେ ରଖନ୍ତୁ ।

ଉଦାହରଣ



77PH097

⚠ ଚେତାବନୀ


ଷ୍ଟ୍ରାପ୍‌କୁ ଯାତ୍ରୀ ସିଟ୍ ପଛରେ ଥିବା ସ୍ଥାନରେ ରଖନ୍ତୁ । ଯଦି ଜଣେ ବସିଥିବା ଲୋକଙ୍କ ଶରୀର ସେହି ଫିତା ବା ଷ୍ଟ୍ରାପ୍‌ରେ ଲାଗିଯାଏ, ତେବେ ଅଣନିଶ୍ୱାସୀ ହୋଇଯିବାର ବିପଦ ରହିଛି । ଯଦି ଏପରି ହୁଏ, ତେବେ କଇଁଚି ସାହାଯ୍ୟରେ ଫିତାକୁ କାଟିଦିଅନ୍ତୁ ।

⚠ ସତର୍କତା

ଇଞ୍ଜିନ୍ କମ୍ପାର୍ଟମେଣ୍ଟ ବନ୍ଦ କରିବାବେଳେ, ସିଟ୍‌ଗୁଡ଼ିକ କିମ୍ବା ଡ୍ରାଇଭର୍ ସିଟ୍ ବେଲ୍ଟ ବକଲ୍ ଆପଣଙ୍କ ହାତ ଯେପରି ଫୋଡ଼ି ହୋଇନଯାଏ କିମ୍ବା ଆପଣଙ୍କ ଶରୀରକୁ ଆଘାତ ନକରେ ।

ସନ୍ ଭାଇଜର୍

ଉଦାହରଣ




77PH004

ଗାଡ଼ିର ଡ୍ରାଇଭର୍ ପାର୍ଶ୍ୱରେ ସନ୍ ଭାଇଜର୍ ଅଛି । ୱିଣ୍ଡଶିଲ୍ଡ ମଧ୍ୟଦେଇ ଆସୁଥିବା ଉଗ୍ର ପ୍ରକାଶକୁ ରୋକିବା ପାଇଁ ସନ୍ ଭାଇଜରକୁ ତଳକୁ କରିଦିଆଯାଇପାରେ କିମ୍ବା ସାଇଡ୍ ଝରକା ବାଟଦେଇ ଆସୁଥିବା ପ୍ରକାଶକୁ ରୋକିବା ନିମନ୍ତେ ସେଗୁଡ଼ିକୁ ଖୋଲି ସାଇଡ୍‌କୁ ବୁଲାଇଦିଆଯାଇପାରେ ।

ନୋଟିସ

ସନ୍ ଭାଇଜରକୁ ଖୋଲିବା ଓ ଲଗାଇବାବେଳେ, ଚିତ୍ରରେ ଯେପରି ପ୍ରଦର୍ଶିତ ହୋଇଛି, ସନ୍ ଭାଇଜରର ସାଇଡ୍‌କୁ ଧରିବା ସୁନିଶ୍ଚିତ କରନ୍ତୁ, ଅନ୍ୟଥା ସନ୍ ଭାଇଜର୍ ନଷ୍ଟ ହୋଇଯାଇପାରେ ।

ଭିତର ଆଲୋକ (ଇଣ୍ଟେରିଅର୍ ଲାଇଟ୍)




77PH074

ଏହି ଲାଇଟ୍‌ର ଦୁଇଟି ସ୍ଥିତି ଅଛି । ନବ୍ (3) ବ୍ୟବହାର କରି ଏହି ସ୍ଥିତିଗୁଡ଼ିକୁ ଚୟନ କରିହେବ । ଦୁଇଟିଯାକ ସ୍ଥିତିର କାର୍ଯ୍ୟ ହେଉଛି:

ଅନ୍ (1)
ଲାଇଟ୍ ଜଳେ ଓ ସେହିପରି ରହିଥାଏ ।

ଅଫ୍ (2)
ଲାଇଟ୍ ବନ୍ଦ ହୋଇଯାଏ ।

ଉପକରଣ (ଆକ୍ସେସୋରୀ) ସକେଟ୍




77PH044

ଇଗ୍‌ନିଶନ୍ ସ୍ୱିଚ୍ "ACC" କିମ୍ବା "ON" ସ୍ଥିତିରେ ଥିଲେ ହିଁ ଆକ୍ସେସୋରୀ ସକେଟ୍ କାମ କରିବ । ବୈଦ୍ୟୁତିକ ଉପକରଣଗୁଡ଼ିକ ପାଇଁ 12 ଭୋଲ୍ଟ/120 ୱାଟ୍ ଶକ୍ତି ପ୍ରଦାନ ପାଇଁ ଏହି ସକେଟ୍‌ର ବ୍ୟବହାର କରାଯାଇଥାଏ ।

ନୋଟିସ୍

ଅନୁପଯୁକ୍ତ ବୈଦ୍ୟୁତିକ ଉପକରଣଗୁଡ଼ିକର ବ୍ୟବହାର କଲେ, ତାହା ଆପଣଙ୍କ ଗାଡ଼ିର ବୈଦ୍ୟୁତିକ ପ୍ରଣାଳୀ ବା ଇଲେକ୍ଟ୍ରିକଲ୍ ସିଷ୍ଟମ୍‌କୁ ଖରାପ କରିଦେବ । ଯେଉଁ ବୈଦ୍ୟୁତିକ ଉପକରଣଗୁଡ଼ିକ ଆପଣ ବ୍ୟବହାର କରିବେ, ତାହା ଏହି ପ୍ରକାର ସକେଟ୍‌ରେ ଲଗାଇବା ପାଇଁ ଡିଜାଇନ୍ କରାଯାଇଥିବାର ସୁନିଶ୍ଚିତ କରନ୍ତୁ ।

ଗ୍ଲୋଭ୍ ବକ୍ସ



77PH045


ଗ୍ଲୋଭ୍ ବକ୍ସ ଖୋଲିବା ପାଇଁ, ନବ୍‌କୁ ବାମପଟକୁ ବୁଲାନ୍ତୁ । ତାହାକୁ ବନ୍ଦ କରିବା ପାଇଁ, ଢାଙ୍କୁଣୀ ସୁରକ୍ଷିତ ଭାବେ ଲାଖିବା ପର୍ଯ୍ୟନ୍ତ ଦାବନ୍ତୁ । ଗ୍ଲୋଭ୍ ବକ୍ସକୁ ଲକ୍ କରିବା ପାଇଁ, ସେଥିରେ ଚାବି ଭର୍ତ୍ତି କରନ୍ତୁ ଏବଂ ତାହାଣ ପଟକୁ ବୁଲାନ୍ତୁ । ଗ୍ଲୋଭ୍ ବକ୍ସର ଚାବି ଖୋଲିବା ପାଇଁ, ନବ୍‌ରେ ଚାବି ଭର୍ତ୍ତି କରନ୍ତୁ ଏବଂ ତାହାକୁ ବାମ ପଟକୁ ବୁଲାନ୍ତୁ ।

⚠ ଚେତାବନୀ

ଗ୍ଲୋଭ୍ ବକ୍ସର ଢାଙ୍କୁଣୀ ଖୋଲା ଥାଇ, କେବେବି ଗାଡ଼ି ଚଲାନ୍ତୁ ନାହିଁ । ଯଦି ଦୁର୍ଘଟଣା ଘଟେ, ତେବେ ତାହା ଆଘାତର କାରଣ ହୋଇପାରେ ।

ଷ୍ଟୋରେଜ୍ ଏରିଆ

ଉଦାହରଣ



77PH104

(1) ଇନ୍‌ଷ୍ଟ୍ରୁମେଣ୍ଟ ପେନଲ୍ ପକେଟ୍ (ଡ୍ରାଇଭର୍ ପାର୍ଶ୍ୱରେ)
(2) ଇନ୍‌ଷ୍ଟ୍ରୁମେଣ୍ଟ ପେନଲ୍ ଟ୍ରେ (ମଝି) / ଇନ୍‌ଷ୍ଟ୍ରୁମେଣ୍ଟ ପେନଲ୍ ପକେଟ୍ (ମଝି)
(3) ଇନ୍‌ଷ୍ଟ୍ରୁମେଣ୍ଟ ପେନଲ୍ ଟ୍ରେ (ଯାତ୍ରୀ ପାର୍ଶ୍ୱରେ)
(4) ସେଣ୍ଟର୍ ପକେଟ୍


ଇନ୍‌ଷ୍ଟ୍ରୁମେଣ୍ଟ ପେନଲ୍ ପକେଟ୍ (1)/(2) / ଇନ୍‌ଷ୍ଟ୍ରୁମେଣ୍ଟ ପେନଲ୍ ଟ୍ରେ (2)/(3) / ସେଣ୍ଟର୍ ପକେଟ୍ (4)

⚠ ଚେତାବନୀ

ଗାଡ଼ି ଚାଲିବା ସମୟରେ ପକେଟ୍/ଟ୍ରେ ରୁ ପଡ଼ିଯିବା ଭଳି କୌଣସି ଜିନିଷ ରଖନ୍ତୁ ନାହିଁ ।
ସତର୍କତା ଅବଲମ୍ବନ କରିବାରେ ବିଫଳ ହେଲେ, ଜିନିଷଟି ପେଡଲ୍‌ଗୁଡ଼ିକ ମଝିରେ ପଡ଼ି ଗାଡ଼ିର ନିୟନ୍ତ୍ରଣ ହରାଇବାର କାରଣ ହୋଇପାରେ କିମ୍ବା ଦୁର୍ଘଟଣା ଘଟିପାରେ ।

ଏୟାର୍ ଭେଣ୍ଟ

ଉଦାହରଣ




77PM502

ଏୟାର୍ ଭେଣ୍ଟ, ଡ୍ରାଇଭର୍ ଓ ଯାତ୍ରୀ ପାର୍ଶ୍ୱରେ ରହିଛି । ଏୟାର୍ ଭେଣ୍ଟକୁ ଖୋଲିବା ଓ ବନ୍ଦ କରିବା ପାଇଁ ନବ୍‌କୁ (1), ଫ୍ଲାପ୍‌କୁ (2) ଖୋଲିବା ଓ ବନ୍ଦ କରିବା ପାଇଁ ଲମ୍ବ ଭାବରେ ବୁଲାନ୍ତୁ । ତାହାକୁ "ଖୋଲାଗଲେ", ତାଜା ବାୟୁ କ୍ୟାବିନ୍ ଭିତରକୁ ଆସିବ ।

ଫ୍ରେମ୍ ହୁକ୍

ସାମନା

ଉଦାହରଣ



77PH035

କେବଳ ଜରୁରୀକାଳୀନ ପରିସ୍ଥିତି ଓ ଶିପିଙ୍ଗ୍ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଗାଡ଼ିର ସାମନା ପଟେ ଫ୍ରେମ୍ ହୁକ୍ (1) ପ୍ରଦାନ କରାଯାଇଛି ।

ରାସ୍ତା କିମ୍ବା ରାଜମାର୍ଗରେ ଆପଣଙ୍କ ଗାଡ଼ିକୁ ଟୋ କରିବା ପାଇଁ, "ଜରୁରୀକାଳୀନ ସେବା (ସର୍ଭିସ୍)" ବିଭାଗରେ ଥିବା "ଟୋ କରିବା"ର ନିର୍ଦ୍ଦେଶଗୁଡ଼ିକୁ ପାଳନ କରନ୍ତୁ ।

⚠ ଚେତାବନୀ

ରାସ୍ତା କିମ୍ବା ରାଜମାର୍ଗରେ ଆପଣଙ୍କ ଗାଡ଼ି ଟୋ କରିବା ପାଇଁ କିମ୍ବା ଅନ୍ୟ କୌଣସି ଗାଡ଼ିକୁ ଟୋ କରିବା ପାଇଁ ଫ୍ରେମ୍ ହୁକ୍‌ର ବ୍ୟବହାର କରନ୍ତୁ ନାହିଁ ।
କେବଳ ଜରୁରୀକାଳୀନ ପରିସ୍ଥିତିରେ ହିଁ ହୁକ (1) ବ୍ୟବହାର କରିବା ପାଇଁ ଡିଜାଇନ୍ କରାଯାଇଛି, ଯେପରି ଆପଣଙ୍କର କିମ୍ବା ଅନ୍ୟ କାହାର ଗାଡ଼ି ବରଫ କିମ୍ବା କାଦୁଅରେ ଫସିଯାଇଥିବା ମାମଲାରେ ।


ନୋଟିସ

ଫ୍ରେମ୍ ହୁକ୍ (1) ବ୍ୟବହାର କରିବା ସମୟରେ, ଏପରି ଭାବେ ଗାଡ଼ି ଚଲାନ୍ତୁ ନାହିଁ, ଯାହା ହୁକ୍‌କୁ ପରିଦୃଷ୍ଟ ଧକ୍କା ଦେବ । ସେହିପରି ସଂଚାଳନ, ହୁକ୍‌କୁ କିମ୍ବା ଗାଡ଼ିର ବଡୀକୁ ନଷ୍ଟ କରିଦଇପାରେ ।

ହଠାତ୍ ବେଗ (ଆକ୍ସଲରେଟ୍) ଦିଅନ୍ତୁ ନାହିଁ ।

ଆସିଷ୍ଟ ଗ୍ରିପ୍

ଉଦାହରଣ



77PM501

ଗାଡ଼ିର ଡ୍ରାଇଭର୍ ପାର୍ଶ୍ୱରେ ଓ ଯାତ୍ରୀ ପାର୍ଶ୍ୱରେ ଆସିଷ୍ଟ ଗ୍ରିପ୍ (1) ରହିଛି । ଆସିଷ୍ଟ ଗ୍ରିପ୍‌ର ସାହାଯ୍ୟରେ ଡ୍ରାଇଭର୍ / ପାସେଞ୍ଜର୍ ସହଜରେ ଗାଡ଼ି ଭିତରକୁ ଯାଇପାରିବେ ଓ ବାହାରି ପାରିବେ ।

ଗାଡ଼ିରେ ଲୋଡ୍ କରିବା ଓ ଟୋ କରିବା

ଗାଡ଼ିରେ ଲୋଡ୍ କରିବା 6-1
ଟ୍ରେଲର୍ ଟୋ କରିବା 6-1

6

ଗାଡ଼ିରେ ଲୋଡ୍ କରିବା

ନିର୍ଦ୍ଦିଷ୍ଟ ଓଜନ ସାମର୍ଥ୍ୟତା ପାଇଁ ଆପଣଙ୍କ ଗାଡ଼ିକୁ ଡିଜାଇନ୍ କରାଯାଇଛି । ଆପଣଙ୍କ ଗାଡ଼ିର ଓଜନ ସାମର୍ଥ୍ୟତା, ଗ୍ରସ୍ ଭେହିକଲ୍ ୱେଟ୍ ରେଟିଙ୍ଗ୍ (ଜି.ଭି.ଡବ୍ଲ୍ୟୁ.ଆର୍) ଏବଂ ପର୍ମିସିବଲ୍ ମାକ୍ସିମମ୍ ଆକ୍ସଲ୍ ୱେଟ୍ (ପି.ଏ.ଡବ୍ଲ୍ୟୁ., ସାମନା ଓ ପଛ) ଦ୍ୱାରା ସୂଚିତ କରାଯାଇଛି । ଜି.ଭି.ଡବ୍ଲ୍ୟୁ.ଆର୍ ଓ ପି.ଏ.ଡବ୍ଲ୍ୟୁ. (ସାମନା ଓ ପଛ) ବିଷୟରେ "ବିଶିଷ୍ଟତା" ବିଭାଗରେ ତାଲିକାଭୁକ୍ତ ହୋଇଛି ।

ଜି.ଭି.ଡବ୍ଲ୍ୟୁ.ଆର୍ – ସମ୍ପୂର୍ଣ୍ଣ ଭାବେ ଭାରଯୁକ୍ତ ଗାଡ଼ି (ସମସ୍ତ ବସିଥିବା ଲୋକ, ଉପକରଣ ଓ ମାଲ୍ ସହ ଟ୍ରେଲର୍ ନୋଜ୍ ୱେଟ୍, ଯଦି ଏକ ଟ୍ରେଲର୍ ଟୋ କରୁଥା'ନ୍ତି, ସମେତ) ସର୍ବାଧିକ ଅନୁମତିଯୋଗ୍ୟ ସାମଗ୍ରିକ ଓଜନ ।
ପି.ଏ.ଡବ୍ଲ୍ୟୁ. – (ସାମନା ଓ ପଛ) ପୃଥକ୍ ଆକ୍ସଲ୍ ଉପରେ ସର୍ବାଧିକ ଅନୁମତିଯୋଗ୍ୟ ଓଜନ ।

ଭାରଯୁକ୍ତ ଗାଡ଼ିର ପ୍ରକୃତ ଓଜନ ଏବଂ ସାମନା ଓ ପଛ ଆକ୍ସଲ୍‌ରେ ପ୍ରକୃତ ଭାରକୁ କେବଳ ଗାଡ଼ିକୁ ଓଜନ କରି ହିଁ ନିର୍ଦ୍ଧାରିତ କରିହେବ । ଏହି ଓଜନଗୁଡ଼ିକୁ ଜି.ଭି.ଡବ୍ଲ୍ୟୁ.ଆର୍ ଓ ପି.ଏ.ଡବ୍ଲ୍ୟୁ. (ସାମନା ଓ ପଛ) ସହ ତୁଳନା କରନ୍ତୁ । ଯଦି ଗାଡ଼ିର ମୋଟ ଓଜନ କିମ୍ବା ଯେକୌଣସି ଆକ୍ସଲ୍‌ରେ ଥିବା ଭାର, ଏହି ରେଟିଙ୍ଗ୍‌କୁ ଅତିକ୍ରମ କରେ, ତେବେ ମୂଲ୍ୟାଙ୍କିତ ସାମାର୍ଥ୍ୟତାକୁ ଭାର କମାଇବା ପାଇଁ ଆପଣଙ୍କୁ ପର୍ଯ୍ୟାପ୍ତ ଓଜନ କାଢ଼ିବାକୁ ହେବ ।

⚠ ଚେତାବନୀ

ଗାଡ଼ିକୁ କେବେବି ଓଭର୍‌ଲୋଡ୍ କରନ୍ତୁ ନାହିଁ । ଗାଡ଼ିର ମୋଟ ଓଜନ (ଗାଡ଼ିର ଓଜନ, ବସିଥିବା ସମସ୍ତ ଲୋକ-ମାନେ, ଉପକରଣମାନ, ମାଲ୍ ତଥା ଟ୍ରେଲର୍ ନୋଜ୍ ଓଜନ, ଯଦି ଗୋଟିଏ ଟ୍ରେଲର୍ ଟୋ ହେଉଥାଏ, ର ଯୋଗଫଳ) କେବେବି, ଗ୍ରସ୍ ଭେହିକଲ୍ ୱେଟ୍ ରେଟିଙ୍ଗ୍ (ଜି.ଭି.ଡବ୍ଲ୍ୟୁ.ଆର୍) ଠାରୁ ଅଧିକ ହେବ ଉଚିତ ନୁହେଁ । ଏହା ଅତିରିକ୍ତ, କେବେବି ଭାରକୁ ଏପରି ବିତରିତ କରନ୍ତୁ ନାହିଁ ଯେ, ସାମନା କିମ୍ବା ପଛ ଆକ୍ସଲ୍ ଉପରେ ତାହାର ଭାର ପର୍ମିସିବଲ୍ ମାକ୍ସିମମ୍ ଆକ୍ସଲ୍ ୱେଟ୍ (ପି.ଏ.ଡବ୍ଲ୍ୟୁ.) ଠାରୁ ଅଧିକ ହେବ ।

⚠ ଚେତାବନୀ

ସର୍ବଦା ମାଲ୍‌କୁ ସମାନ ଭାବରେ ବିତରିତ କରନ୍ତୁ । ବ୍ୟକ୍ତିଗତ ଆଘାତ କିମ୍ବା ଆପଣଙ୍କ ଗାଡ଼ି ପ୍ରତି କ୍ଷତିକୁ ଏଡ଼ାଇବା ପାଇଁ, ଯଦି ଗାଡ଼ିଟି ହଠାତ୍ ଚାଲିବା ଆରମ୍ଭ କରେ, ମାଲ୍‌ଗୁଡ଼ିକୁ ଖସିପଡ଼ିବାରୁ ରୋକିବା ପାଇଁ ସବୁବେଳେ ସେଗୁଡ଼ିକୁ ସୁରକ୍ଷିତ କରନ୍ତୁ । ଭାରୀ ଜିନିଷଗୁଡ଼ିକୁ ତଳେ ତଥା କାର୍ଗୋରେ ଯେତେ ଆଗକୁ ସମ୍ଭବ, ରଖନ୍ତୁ । ସିଟ୍‌ବ୍ୟାକ୍‌ର ଉପରକୁ କେବେବି ଜିନିଷପତ୍ର ରଖନ୍ତୁ ନାହିଁ ।


ଟ୍ରେଲର୍ ଟୋ କରିବା

ଆପଣଙ୍କ ଗାଡ଼ିଟି ମୂଳତଃ, ଜଣେ ଡ୍ରାଇଭର୍, ଜଣେ ଯାତ୍ରୀ ବା ପାରେଞ୍ଜର୍ ଏବଂ ନିର୍ଦ୍ଦିଷ୍ଟ ପରିମାଣର ମାଲ୍ ପାଇଁ ଡିଜାଇନ୍ କରାଯାଇଛି, ଏକ ଟ୍ରେଲର୍ ଟୋ କରିବା ପାଇଁ ନୁହେଁ । ଗୋଟିଏ ଟ୍ରେଲର୍ ଟୋ କରିବା ପାଇଁ ମାରୁତି ସୁଜୁକି ଆପଣଙ୍କୁ ପରାମର୍ଶ ଦିଏନାହିଁ । ଏକ ଟ୍ରେଲର୍ ଟୋ କଲେ, ତାହା ପରିଚାଳନା, ବଜାୟତା ଓ ତେଲ ମିତବ୍ୟୟିତା ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ ।

ଯାଞ୍ଚ ଓ ରକ୍ଷଣା-ବେକ୍ଷଣ

ରକ୍ଷଣା-ବେକ୍ଷଣ ସୂଚୀ 7-1
ପର୍ଯ୍ୟାୟକ୍ରମେ ରକ୍ଷଣା-ବେକ୍ଷଣ ସୂଚୀ 7-2
ଯାଞ୍ଚ ଏବଂ ରକ୍ଷଣା-ବେକ୍ଷଣ କାମ ଗ୍ରାହକଙ୍କ ଦ୍ୱାରା କରାଯିବ 7-6
ଡ୍ରାଇଭ୍ ବେଲ୍ଟ 7-8
ଇଞ୍ଜିନ୍ ଅଏଲ୍ ଓ ଫିଲଟର୍ 7-8
ଇଞ୍ଜିନ କୁଲାଣ୍ଟ 7-11
ଏୟାର୍ କ୍ଲିନର୍ 7-12
ଗିଅର୍ ଅଏଲ୍ 7-13
କ୍ଲଚ୍ ପେଡଲ୍ 7-14
ଫୁଏଲ୍ ଫିଲଟର୍ 7-14
ବ୍ରେକ୍ 7-14
ଷ୍ଟିଅରିଙ୍ଗ୍ 7-16
ପ୍ରପେଲର୍ ଶାଫ୍ଟ ୟୁନିଭର୍ସଲ୍ ଜଏଣ୍ଟ 7-17
ଟାୟାର୍ 7-17
ବ୍ୟାଟେରୀ 7-19
ଫ୍ୟୁଜ୍ 7-20
ବଲ୍ବ ପରିବର୍ତ୍ତନ 7-22
ୱାଇପର୍ ବ୍ଲେଡ୍ 7-24
ୱିଣ୍ଡଶିଲ୍ଡ ୱାଶର୍ ଫ୍ଲୁଇଡ୍ (ଯଦି ଲାଗିଥାଏ) 7-26

ଉଦାହରଣ



60A187S

⚠ ଚେତାବନୀ

ଗାଡିରେ କାମ କଲାବେଳେ ଅକସ୍ମାତ ଆଘାତ ଏଡାଇବା ପାଇଁ ଆପଣଙ୍କୁ ଅଧିକ ଯତ୍ନବାନ ହେବାକୁ ପଡିବ। ଏଠାରେ ଆପଣଙ୍କୁ କିଛି ସର୍ତକତାମୂଳକ ପଦକ୍ଷେପ ଅନୁସରଣ କରିବା ଦିଗରେ ବିଶେଷଭାବେ ସର୍ତକ ରହିବାକୁ ପଡ଼ିବ:

- ଗ୍ୟାରେଜ କିମ୍ବା ଅନ୍ୟ କୌଣସି ସୀମାବଦ୍ଧ ଅଞ୍ଚଳରେ ଇଞ୍ଜିନ୍‌କୁ ଚାଲୁ ଅବସ୍ଥାରେ ଛାଡିବା ଠିକ୍ ନୁହେଁ।
- ଇଞ୍ଜିନ୍ ଚାଲୁଥିବା ସମୟରେ ଫ୍ୟାନ୍ ଏବଂ ଡ୍ରାଇଭ୍ ବେଲଟ୍‌ଠାରୁ ଆପଣଙ୍କ ହାତ, କପଡ଼ା, ଟୁଲ୍ ବା ଉପକରଣ ଏବଂ ଅନ୍ୟ ସାମଗ୍ରୀ ଦୂରରେ ରଖନ୍ତୁ। ଏପରିକି ଫ୍ୟାନ୍ ଚାଲୁନଥିଲେ ସୁଦ୍ଧା ବିନା ସୂଚନାରେ ଏହା ନିଜକୁ ନିଜ ଚାଲୁ ହୋଇଯାଇପାରେ ।

(ଜାରି...)

⚠ ଚେତାବନୀ

(ଜାରି...)

- ଇଞ୍ଜିନ୍ ଚାଲୁଥିବା ସମୟରେ ସର୍ଭିସ୍ କରିବା ଆବଶ୍ୟକତା ଥିଲେ, ଟ୍ରାନ୍ସମିସନ୍ ନ୍ୟୁଟ୍ରାଲ୍ ରହିବା ସହ ପାର୍କିଙ୍ଗ୍ ବ୍ରେକ୍ ଠିକ୍ ଭାବେ ଲାଗିଥିବା ସୁନିଶ୍ଚିତ କରନ୍ତୁ।
- ଇଞ୍ଜିନ୍ ଷ୍ଟାର୍ଟ କରିବା ସମୟରେ କିମ୍ବା ଇଞ୍ଜିନ ଚାଲୁ ଅବସ୍ଥାରେ ଥିଲେ, ଇଗ୍ନିଶନ୍ ସିଷ୍ଟମ୍‌ର କୌଣସି ପାର୍ଟ କିମ୍ବା ଇଗ୍ନିଶନ୍ ତାରକୁ ଛୁଅଁନ୍ତୁ ନାହିଁ, ନଚେତ୍ ଆପଣଙ୍କୁ ଇଲେକ୍ଟ୍ରିକ୍ ଶକ୍ ଲାଗିପାରେ।
- ଗରମ ଇଞ୍ଜିନ୍, ଏଗ୍‌ଜୋଷ୍ଟ ମାନିଫୋଲ୍ଡ ଏବଂ ପାଇପ୍, ମଫ୍‌ଲର୍, ରେଡିଏଟର୍ ଏବଂ ୱାଟର୍ ହୋଶ୍‌ଗୁଡ଼ିକ ଯେମିତି ଦେହରେ ନଲାଗିବ, ସେ ବାବଦରେ ସତର୍କ ରୁହନ୍ତୁ।
- ଫୁଏଲ୍ କିମ୍ବା ବ୍ୟାଟେରୀ ଆଖପାଖରେ ଧୂମପାନ, ସ୍ପାର୍କ କିମ୍ବା ଅଗ୍ନିଶିଖା ରହିବାକୁ ଦିଅନ୍ତୁ ନାହିଁ। ସେତେବେଳେ ଜ୍ୱଳନଶୀଳ ଧୂଆଁ ମହଜୁଦ ଥାଏ।
- ଯଦି ଆପଣଙ୍କ ଗାଡ଼ି କେବଳ ଏଥିରେ ଥିବା ପୋର୍ଟେବଲ୍ ଜ୍ୟାକ୍ ସପୋର୍ଟରେ ରହିଥିବ ତା'ହେଲେ ଗାଡ଼ି ତଳକୁ ଯାଆନ୍ତୁ ନାହିଁ।
- ବ୍ୟାଟେରୀର ପଜିଟିଭ୍ ଏବଂ ନେଗେଟିଭ୍ ଟର୍ମିନଲ୍ ଯେମିତି ପରସ୍ପର ସହ ଲାଗି ଶର୍ଟ୍ ସର୍କିଟ୍ ନହୁଏ, ସେ ଦିଗରେ ସତର୍କ ରୁହନ୍ତୁ ।
- ବ୍ୟବହୃତ ତେଲ, କୁଲାଣ୍ଟ ଓ ଅନ୍ୟ ତରଳ ପଦାର୍ଥଗୁଡ଼ିକୁ ଛୋଟ ପିଲା ଏବଂ ପାଳିତ ଜୀବଜନ୍ତୁଙ୍କଠାରୁ ଦୂରରେ ରଖନ୍ତୁ। ବ୍ୟବହୃତ ତରଳ ପଦାର୍ଥକୁ ଉପଯୁକ୍ତ ଭାବରେ ନିଷ୍କାଶନ କରନ୍ତୁ। ଭୂମି ଉପରେ କିମ୍ବା କୌଣସି ନାଳ ଇତ୍ୟାଦିରେ ଏହାକୁ ପକାନ୍ତୁ ନାହିଁ।

ରକ୍ଷଣା-ବେକ୍ଷଣ ସୂଚୀ

ଆପଣଙ୍କ ଗାଡିକୁ ନିୟମିତ ରକ୍ଷଣାବେକ୍ଷଣ ପାଇଁ ସଠିକ୍ ସମୟ ନିମ୍ନ ପ୍ରଦତ୍ତ ସାରଣୀରେ ଦିଆଯାଇଛି। ଏହି ସାରଣୀରେ କିଲୋମିଟର ଏବଂ ନୀରିକ୍ଷଣ କରିବା, ଆଡଜଷ୍ଟମେଣ୍ଟ୍, ଲୁବ୍ରିକେସନ ଏବଂ ଅନ୍ୟ ସେବା ସବୁ ଆପଣ କେଉଁ ମାସରେ କରିବା ଉଚିତ ତାହା ଦର୍ଶାଯାଇଛି।

⚠ ଚେତାବନୀ

ମାରୁତି ସୁଜୁକି ପରାମର୍ଶ ଦିଏ ଯେ ଆପଣଙ୍କ ଗାଡିର ରକ୍ଷଣାବେକ୍ଷଣ କୌଣସି ସ୍ୱୀକୃତିପ୍ରାପ୍ତ ମାରୁତି ସୁଜୁକି କମର୍ସିଆଲ୍ ୱାର୍କସପ୍‌ରେ ହେବା ଉଚିତ୍।

ନୋଟିସ

ଯେତେବେଳେ ଆପଣଙ୍କ ଗାଡିର କୌଣସି ପାର୍ଟ ବଦଳାଇବାର ଆବଶ୍ୟକତା ହୁଏ, ତେବେ ମାରୁତିର ଜେନୁଇନ୍ ପାର୍ଟ କିମ୍ବା ସେଗୁଡ଼ିକର ସମତୁଲ କୌଣସି ପାର୍ଟ ଲଗାନ୍ତୁ।

ପର୍ଯ୍ୟାୟକ୍ରମେ ରକ୍ଷଣା-ବେକ୍ଷଣ ସୂଚୀ

"A" :ଆଡଜଷ୍ଟ
"C": କ୍ଲିନ୍
"R": ରିପ୍ଲେସ୍ କିମ୍ବା ଚେଞ୍ଜ
"I": ଯାଞ୍ଚ କରନ୍ତୁ, ପରିଷ୍କାର କରନ୍ତୁ, ଆଡଜଷ୍ଟ କରନ୍ତୁ, ଲୁବ୍ରିକେଟ୍ କରନ୍ତୁ କିମ୍ବା ଆବଶ୍ୟକ ହେଲେ ବଦଳାନ୍ତୁ
"L": ଲୁବ୍ରିକେଟ୍
"T": ଟାଇଟେନ୍
"O": ରୋଟେଟ୍

ନୋଟ୍:
ପୂର୍ବ ଅନୁସୂଚୀ ଅନୁଯାୟୀ ଏହି ସାରଣୀରେ ଥିବା ସେବାର ବିବରଣୀ 90,000 କିଲୋମିଟର ମାଇଲେଜ୍ ପର୍ଯ୍ୟନ୍ତ ଉଦ୍ଦିଷ୍ଟ। 90,000 କିଲୋମିଟର ପରେ ସମାନ ବ୍ୟବଧାନରେ ସମାନ ସର୍ଭିସ କରାନ୍ତୁ।

ବ୍ୟବଧାନ: ଓଡୋମିଟର ରିଡିଙ୍ଗ୍ କିମ୍ବା ମାସ, ଯାହା ପ୍ରଥମେ ଆସିବ, ତାକୁ ବିଚାରକୁ ନେଇ ବ୍ୟବଧାନ ବିଚାର କରାଯିବା ଉଚିତ୍।		ମାଗଣା ଯାଞ୍ଚ				ଦେୟ ସହ ପର୍ଯ୍ୟାୟକ୍ରମେ ରକ୍ଷଣା-ବେକ୍ଷଣ					
କିଲୋମିଟର (x1000)		5	10	20	30	40	50	60	70	80	90
ମାସ		2	4	8	12	16	20	24	28	32	36
ଇଞ୍ଜିନ୍											
1-1.	ୱାଟର୍ ପମ୍ପ୍ ଡ୍ରାଇଭ୍, ଅଲ୍ଟର୍ନେଟର୍ ବେଲ୍ଟ (ଟେନ୍ସନ୍, ୱିଅର୍)	–	–	–	–	I	–	–	–	R	–
1-2.	ଇଞ୍ଜିନ୍ କୂଲାଣ୍ଟ (ସ୍ତର, ଲିକେଜ୍)	I	I	R	I	R	I	R	I	R	I
1-3.	ଇଞ୍ଜିନ୍ ଅଏଲ୍ ଏବଂ ଇଞ୍ଜିନ୍ ଅଏଲ୍ ଫିଲଟର୍	–	R	R	R	R	R	R	R	R	R
1-4.	କୂଲିଙ୍ଗ୍ ପାଇଁ ବ୍ୟବହୃତ ହୋସ୍ ଏବଂ କନେକ୍ସନ୍ (ଲିକେଜ୍ ଏବଂ କ୍ଷତି)	I	I	I	I	I	I	I	I	I	I
1-5.	ଇଞ୍ଜିନ୍ ସିଲିଣ୍ଡର୍ ହେଡ୍ କଭର୍ ବେଲ୍ଟ (ଢିଲା, କ୍ଷତି)	–	T	T	T	T	T	T	T	T	T
1-6.	ଇଞ୍ଜିନ ମାଉଣ୍ଟିଙ୍ଗ୍ ଏବଂ ମାନିଫୋଲ୍ଡ ଫିକ୍ସିଂ (ଢିଲା, କ୍ଷତି)	I	I	I	I	I	I	I	I	I	I
1-7.	ଭାଲ୍ଭ୍ କ୍ଲିଅରାନ୍ସ	–	–	–	I	–	–	I	–	–	I
1-8.	ନିଷ୍କାଶନ ବ୍ୟବସ୍ଥା (ଶବ୍ଦ ପ୍ରଦୂଷଣ, ଲିକେଜ୍ କିମ୍ବା ଅନ୍ୟ କୌଣସି ତ୍ରୁଟି)	I	–	I	–	I	–	I	–	I	–
1-9.	ନିଷ୍କାଶିତ ଗ୍ୟାସ୍ ରିସର୍କୁଲେସନ୍ ଭାଲ୍ଭ୍	–	–	–	C	–	–	C	–	–	C
ଇନ୍ଧନ (ଫୁଏଲ୍)											
2-1.	ଏୟାର୍ କ୍ଲିଅରାନ୍ସ ଫିଲଟର୍ ଉପାଦନ — ପକ୍କା-ସଡକ	ପ୍ରତି 5,000 କିଲୋମିଟରରେ ସଫା କରନ୍ତୁ। ପ୍ରତି 40,000 କିଲୋମିଟରରେ ବଦଳାନ୍ତୁ।									
	ଧୂଳିଧୂସର ଅବସ୍ଥା	ପ୍ରତି 2,500 କିଲୋମିଟରରେ ସଫା କରନ୍ତୁ। ପ୍ରତି 40,000 କିଲୋମିଟରରେ ବଦଳାନ୍ତୁ। ଅବସ୍ଥା ଖରାପ ଥିଲେ ଅଧିକାଂଶ ସମୟରେ ବଦଳାଇବାକୁ ପଡିପାରେ।									
2-2.	ଫୁଏଲ୍ ଟ୍ୟାଙ୍କ୍ ଢାଙ୍କୁଣି, ଫୁଏଲ୍ ଲାଇନ୍ ଏବଂ କନେକ୍ସନ୍ (ଲିକେଜ୍ ଏବଂ କ୍ଷତି)	I	–	–	–	I	–	–	–	I	–
2-3.	ଫୁଏଲ୍ ଫିଲଟର୍ ଏବଂ ୱାଟର ଡ୍ରେନିଙ୍ଗ୍	I	I	R	I	R	I	R	I	R	I
କୁଲ୍ଟ ଏବଂ ଟ୍ରାନ୍ସମିସନ୍											
3-1.	କୁଲ୍ଟ ପେଡଲ୍ (ପ୍ଲେ)	I	I	I	I	I	I	I	I	I	I
3-2.	କୁଲ୍ଟ ସ୍ଲିପିଙ୍ଗ୍ (ଡ୍ରାଗିଙ୍ଗ୍ କିମ୍ବା ଅଧିକ କ୍ଷତି)	I	I	I	I	I	I	I	I	I	I
3-3.	ଗିଅର୍ ଶିଫ୍ଟର୍ କେବଲ୍	I	I	I	I	I	I	I	I	I	I
3-4.	ମାନୁଆଲ୍ ଟ୍ରାନ୍ସମିସନ୍ ଅଏଲ (ସ୍ତର, ଲିକେଜ୍)	10ବର୍ଷ କିମ୍ବା 1,60,000 କିଲୋମିଟର, ଯେଉଁ ଗୋଟିକ ପ୍ରଥମେ ଆସିବ, ସେହି ସମୟରେ ବଦଳାନ୍ତୁ।									
		I	I	I	I	I	I	I	I	I	I
3-5.	ରିଅଲ୍ ଡିଫରେନ୍ସିଆଲ ଅଏଲ୍ (ସ୍ତର, ଲିକେଜ୍)	4ବର୍ଷ କିମ୍ବା 80,000 କିଲୋମିଟରରେ, ଯାହା ପ୍ରଥମେ ଆସିବ, ସେହି ସମୟରେ ବଦଳାନ୍ତୁ।									
		I	I	I	I	I	I	I	I	I	I
3-6.	ପ୍ରପେଲର୍ ସାପ୍ଟ/ ୟୁନିଭର୍ସାଲ୍ ଜଏଣ୍ଟ (ଢିଲା, କ୍ଷତି)	I	I&L	I&L	I&L	I&L	I&L	I&L	I&L	I&L	I&L

ବ୍ୟବଧାନ: ଓଡୋମିଟର ରିଡିଙ୍ଗ୍ କିମ୍ବା ମାସ, ଯାହା ପ୍ରଥମେ ଆସିବ, ତାକୁ ବିଚାରକୁ ନେଇ ବ୍ୟବଧାନ ବିଚାର କରାଯିବା ଉଚିତ୍।		ମାଗଣା ଯାଞ୍ଚ				ଦେୟ ସହ ପର୍ଯ୍ୟାୟକ୍ରମେ ରକ୍ଷଣା-ବେକ୍ଷଣ					
	କିଲୋମିଟର (x1000)	5	10	20	30	40	50	60	70	80	90
	ମାସ	2	4	8	12	16	20	24	28	32	36
ବ୍ରେକ୍											
4-1.	ବ୍ରେକ୍ ଫ୍ଲୁଇଡ୍ (ଷ୍ଟର, ଲିକେଜ୍)	I	I	R	I	R	I	R	I	R	I
4-2.	ବ୍ରେକ୍ ପେଡାଲ୍ (ପେଡାଲ୍- ଫ୍ରଣ୍ଟ ପେନଲ୍ କ୍ଲିଅରାନ୍ସ)	I	I	I	I	I	I	I	I	I	I
4-3.	ପାର୍କିଙ୍ଗ୍ ବ୍ରେକ୍ ଲିଭର୍ ଆଣ୍ଡ କେବୁଲ୍ (ପ୍ଲେ, କ୍ଷତି)	I	I	I	I	I	I	I	I	I	I
4-4.	ବ୍ରେକ୍ ଡିସ୍କ ଏବଂ ପ୍ୟାଡ୍ (ୱିଅର୍)	I	I	I	I	I	I	I	I	I	I
4-5.	ବ୍ରେକ୍ ଡ୍ରମ୍ ଏବଂ ସୁଜ୍ (ୱିଅର୍)	–	I	I	I	I	I	I	I	I	I
4-6.	ମାଷ୍ଟର ସିଲିଣ୍ଡର୍, ହ୍ୱିଲ୍ ସିଲିଣ୍ଡର୍ ଏବଂ କ୍ୟାଲିପର୍ ପିଷ୍ଟନ୍ (ଫ୍ଲୁଇଡ୍ ଲିକେଜ୍, ବୁଟ୍ / ସିଲ୍ କ୍ଷତି)	I	I	I	I	I	I	I	I	I	I
4-7.	ବ୍ରେକ୍ ହୋସ୍ ଏବଂ ପାଇପ୍ (ଲିକେଜ୍ , କ୍ଷତି)	I	I	I	I	I	I	I	I	I	I
ଚକ											
5-1.	ଟାୟାର୍ସ (ଏୟାର୍ ପ୍ରେସର୍, ଅସ୍ୱାଭାବିକ ଘର୍ଷଣ, କ୍ରାକ୍ ଆଣ୍ଡ ରୋଟେସନ୍)	I&O	I&O	I&O	I&O	I&O	I&O	I&O	I&O	I&O	I&O
5-2.	ହ୍ୱିଲ୍ସ (କ୍ଷତି)	I	I	I	I	I	I	I	I	I	I
5-3.	ସାମନା/ପଛ ଚକର ବିଅରିଙ୍ଗ୍ (ଢିଲା, କ୍ଷତି)	I	I	I	I	I	I	I	I	I	I
ସାମନା/ପଛ ସସ୍ପେନ୍ସନ୍											
6-1.	ସାମନା ସସ୍ପେନ୍ସନ୍ ଷ୍ଟ୍ରଟ୍ ଏବଂ ଶକ୍ ଆବଜର୍ବର୍ (ଅଏଲ୍ ଲିକେଜ୍, କ୍ଷତି)	I	I	I	I	I	I	I	I	I	I
6-2.	ଆଗ ସସ୍ପେନ୍ସନ୍ ଆର୍ମ, ନକଲ୍ ସପୋର୍ଟ ଏବଂ ଟେନ୍ସନ୍ ରଡ୍ (ଢିଲା, କ୍ଷତି)	I	I	I	I	I	I	I	I	I	I
6-3.	ରିଅର୍ ଲିଫ୍ ସ୍ପ୍ରିଙ୍ଗ୍ (କ୍ଷତି)	I	I	I	I	I	I	I	I	I	I
6-4.	ରିଅର୍ ଶକ୍ ଆବ୍ଜର୍ବର୍ (ଅଏଲ ଲିକେଜ୍, କ୍ଷତି)	I	I	I	I	I	I	I	I	I	I
6-5.	ସମସ୍ତ ବୋଲ୍ଟ ଏବଂ ନଟ୍ (ଢିଲା)	T	T	T	T	T	T	T	T	T	T
ଷ୍ଟିଅରିଙ୍ଗ୍											
7-1.	ଷ୍ଟିଅରିଙ୍ଗ୍ ହ୍ୱୀଲ୍ (ପ୍ଲେ, ଢିଲା)	I	I	I	I	I	I	I	I	I	I
7-2.	ଷ୍ଟିଅରିଙ୍ଗ୍ କଲମ୍ ରଡ୍ ଏବଂ ଆର୍ମ୍ (ଢିଲା, କ୍ଷତି, ୱିଅର୍)	I	I	I	I	I	I	I	I	I	I

ବ୍ୟବଧାନ: ଓଡୋମିଟର ରିଡିଙ୍ଗ୍ କିମ୍ବା ମାସ, ଯାହା ପ୍ରଥମେ ଆସିବ, ତାକୁ ବିଚାରକୁ ନେଇ ବ୍ୟବଧାନ ବିଚାର କରାଯିବା ଉଚିତ୍।		ମାଗଣା ଯାଞ୍ଚ				ଦେୟ ସହ ପର୍ଯ୍ୟାୟକ୍ରମେ ରକ୍ଷଣା-ବେକ୍ଷଣ					
	କିଲୋମିଟର (x1000)	5	10	20	30	40	50	60	70	80	90
	ମାସ	2	4	8	12	16	20	24	28	32	36
ଇଲେକ୍ଟ୍ରିକାଲ୍											
8-1.	ବ୍ୟାଟେରୀ ଇଲେକ୍ଟ୍ରୋଲାଇଟ୍ (ସ୍ତର, ଲିକେଜ୍)	I	I	I	I	I	I	I	I	I	I
8-2.	ବ୍ୟାଟେରୀ ଭୋଲ୍ଟେଜ୍	I	I	I	I	I	I	I	I	I	I
8-3.	ୱାୟରିଙ୍ଗ୍ ହାର୍ନେସ୍ କନେକ୍ସନ୍ (ଢିଲା, କ୍ଷତି)	I	I	I	I	I	I	I	I	I	I
8-4.	ଆଲୋକ ବ୍ୟବସ୍ଥା (ସଂଚାଳନ, ଦାଗ, କ୍ଷତି)	I	I	I	I	I	I	I	I	I	I
8-5.	ହର୍ନ (ସଂଚାଳନ)	I	I	I	I	I	I	I	I	I	I
ବଡୀ											
9-1.	ଚେସିସ୍‌ର ସମସ୍ତ ବୋଲ୍ଟ ଏବଂ ନଟ୍ (ଟାଇଟ୍ କରିବା)	I	T	T	T	T	T	T	T	T	T
9-2.	ସମସ୍ତ ଲାଚେସ୍, ହିଞ୍ଜେସ୍ପ୍ଟ ଲକ୍ସ (ଫଙ୍କସନ୍)	I&L	I&L	I&L	I&L	I&L	I&L	I&L	I&L	I&L	I&L
9-3.	କାର୍ଗୋ ବେଡ୍ (ଯାଞ୍ଚ)	I	I	I	I	I	I	I	I	I	I
ରୋଡ୍ ଟେଷ୍ଟ											
10-1.	ବ୍ରେକ୍, ଗିଅର ଶିଫ୍ଟିଙ୍ଗ୍ ଏବଂ ସ୍ପିଡୋମିଟର୍‌ର କାମ	I	I	I	I	I	I	I	I	I	I
10-2.	ବଡୀ ଏବଂ ଚେସିସ୍‌ର ଶବ୍ଦ	I	I	I	I	I	I	I	I	I	I

ଯାଞ୍ଚ ଏବଂ ରକ୍ଷଣା-ବେକ୍ଷଣ କାମ ଗ୍ରାହକଙ୍କ ଦ୍ୱାରା କରାଯିବ

ନିମ୍ନଲିଖିତ ସାରଣୀ, ଯାଞ୍ଚ ଓ ରକ୍ଷଣାବେକ୍ଷଣ କାମଗୁଡ଼ିକ ଦର୍ଶାଉଛି, ଯାହା ଆପଣ କରିପାରିବେ।
କେଉଁ ଫ୍ରିକ୍ୱେନ୍ସୀରେ ଆପଣ ଯାଞ୍ଚ, ଗ୍ରିଜିଙ୍ଗ୍, ଲୁବ୍ରିକେସନ୍ ଏବଂ ଅନ୍ୟ ସର୍ଭିସ୍ କରିବେ, ତାହା ସାରଣୀରେ ଦର୍ଶାଯାଇଛି।

ଫ୍ରିକ୍ୱେନ୍ସୀ	କ୍ରମିକ ସଂଖ୍ୟା	ଅପରେସନ୍	ରେଫରେନ୍ସ
ଦୈନିକ	1	ସବୁ ଟାୟାରରେ (ସ୍ପେୟର୍ ହ୍ୱୀଲକୁ ମିଶାଇ) ଏୟାର୍ ପ୍ରେସର୍ ଠିକ୍ ଅଛି କି ନାହିଁ, ଠିକ୍ ଢଙ୍ଗରେ ଲାଗିଛି କି ନାହିଁ, ଅସ୍ୱାଭାବିକ ଭାବରେ ଘଷି ହୋଇଛି, ଫାଟିଛି ଏବଂ କ୍ଷତି ହୋଇଛି କି ନାହିଁ ଯାଞ୍ଚ କରନ୍ତୁ।	ପୃଷ୍ଠା ସଂଖ୍ୟା 7-18
ସାପ୍ତାହିକ	2	ଇଞ୍ଜିନ୍ ଅଏଲ୍ ସ୍ତର ଯାଞ୍ଚ କରନ୍ତୁ, ଆବଶ୍ୟକ ହେଲେ ମାରୁତିର ଜେନୁଇନ୍ ଡିଜେଲ୍ ପକାନ୍ତୁ।	ପୃଷ୍ଠା ସଂଖ୍ୟା 7-8
	3	କୂଲାଣ୍ଟ ଟାଙ୍କିରେ କୂଲାଣ୍ଟର ସ୍ତର ଯାଞ୍ଚ କରନ୍ତୁ ଏବଂ ଦରକାର ହେଲେ ମାରୁତିର ଜେନୁଇନ୍ କୂଲାଣ୍ଟ ଏବଂ ବିଶୋଧିତ ପାଣିକୁ 30/70 ଅନୁପାତରେ ମିଶାଇ ବ୍ୟବହାର କରନ୍ତୁ।	ପୃଷ୍ଠା ସଂଖ୍ୟା 7-12
	4	ଟ୍ରାନ୍ସମିଶନ୍ ଅଏଲ୍ ସ୍ତର ଏବଂ ଡିଫରେନ୍ସିଆଲ୍ ଅଏଲ୍ ସ୍ତର ଯାଞ୍ଚ କରନ୍ତୁ।	ପୃଷ୍ଠା ସଂଖ୍ୟା 7-13
	5	ବ୍ରେକ୍ ଫ୍ଲୁଇଡ୍ ଟାଙ୍କିରେ ବ୍ରେକ୍ ଫ୍ଲୁଇଡ୍ ସ୍ତର ଯାଞ୍ଚ କରନ୍ତୁ ଏବଂ ଆବଶ୍ୟକ ହେଲେ ମାରୁତିର ଜେନୁଇନ୍ ବ୍ରେକ୍ ଫ୍ଲୁଇଡ୍ ବ୍ୟବହାର କରନ୍ତୁ।	ପୃଷ୍ଠା ସଂଖ୍ୟା 7-14
	6	ଗାଡ଼ିକୁ ନିମ୍ନଲିଖିତ ବିଷୟଗୁଡ଼ିକ ପାଇଁ ଅନୁଧ୍ୟାନ କରନ୍ତୁ • ଇଞ୍ଜିନ୍ ଅଏଲ୍ ଲିକେଜ୍ • କୂଲାଣ୍ଟ ଲିକେଜ୍ • ବ୍ରେକ୍ ଫ୍ଲୁଇଡ୍ ଲିକେଜ୍ • ସାମନା ସସ୍‌ପେନ୍‌ସନ୍ ଷ୍ଟ୍ରଟ୍ ଲିକେଜ୍ • ପଛ ଶକ୍ ଆବଜର୍ବର୍ ଲିକେଜ୍ • ଫୁଏଲ୍ ଲିକେଜ୍ • ଟ୍ରାନ୍ସମିସନ୍ ଅଏଲ୍ ଏବଂ ଡିଫରେନ୍ସିଆଲ୍ ଅଏଲ୍ ଲିକେଜ୍	ଯାଞ୍ଚ ଓ ରକ୍ଷଣା-ବେକ୍ଷଣ ବିଭାଗ
	7	ବ୍ୟାଟେରୀ ଇଲେକ୍ଟ୍ରୋଲାଇଟ୍ ସ୍ତର, ଟର୍ମିନଲ୍ ଓ ବ୍ରାକେଟ୍ ଯାଞ୍ଚ କରନ୍ତୁ।	ପୃଷ୍ଠା ସଂଖ୍ୟା 7-20
	8	ହ୍ୱୀଲ୍ ମାଉଣ୍ଟିଙ୍ଗ୍ ନଟ୍ ନିରୀକ୍ଷଣ କରନ୍ତୁ, ଦରକାର ହେଲେ ଟାଇଟ୍ କରନ୍ତୁ।	ପୃଷ୍ଠା ସଂଖ୍ୟା 8-5

ମାସିକ	9	କ୍ଷୟକ୍ଷତି କିମ୍ବା ନଷ୍ଟ ହୋଇଛି କି ନାହିଁ ଜାଣିବା ପାଇଁ ଡ୍ରାଇଭ୍ ବେଲ୍ଟ ଯାଞ୍ଚ କରନ୍ତୁ।	ପୃଷ୍ଠା ସଂଖ୍ୟା 7-8
	10	ଏୟାର୍ ଫିଲଟର୍ ଏଲିମେଣ୍ଟ ପରିଷ୍କାର କରନ୍ତୁ ।	ପୃଷ୍ଠା ସଂଖ୍ୟା 7-12
	11	ମଲ୍ଟି ପରପୋଜ୍ ଗ୍ରୀଜ୍ ବ୍ୟବହାର କରି ସମସ୍ତ ଲାଚେସ୍, ହିଞ୍ଜେସ୍ ଓ ଲକ୍କୁ ଗ୍ରୀଜ୍ କରନ୍ତୁ ।	ପୃଷ୍ଠା ସଂଖ୍ୟା 7-5
	12	ପ୍ରପେଲର୍ ଶାଫ୍ଟ ୟୁନିଭର୍ସଲ୍ ଜଏଣ୍ଟକୁ ଗ୍ରୀଜ୍ ଗନ୍ ଦ୍ୱାରା ଗ୍ରୀଜ୍ କରନ୍ତୁ।	ପୃଷ୍ଠା ସଂଖ୍ୟା 7-17
	13	ପାଣି ଏବଂ ଅସ୍ୱଚ୍ଛ ପଦାର୍ଥ ନିଷ୍କାଶନ ପାଇଁ ଫୁଏଲ୍ ଫିଲଟର୍‌ର ଡ୍ରେନ୍ ସ୍କ୍ରୁ ଢିଲା କରନ୍ତୁ।	ପୃଷ୍ଠା ସଂଖ୍ୟା 7-14
ଯେମିତି ଏବଂ ଯେତେବେଳେ ଆବଶ୍ୟକ	14	କ୍ଲଚ୍ ପେଡଲ୍ ପ୍ଲେ ନିରୀକ୍ଷଣ କରନ୍ତୁ।	ପୃଷ୍ଠା ସଂଖ୍ୟା 7-14
	15	ଇଞ୍ଜିନ ଚାଲୁଥିବା ଅବସ୍ଥାରେ ଫ୍ଲୋର ପ୍ୟାନେଲ୍ ଏବଂ ବ୍ରେକ ପେଡଲ ମଧ୍ୟରେ ଥିବା ଦୂରତାକୁ ବ୍ରେକ୍ ବ୍ୟବହାର କରି ଯାଞ୍ଚ କରନ୍ତୁ।	ପୃଷ୍ଠା ସଂଖ୍ୟା 7-15
	16	ଠିକ୍ ଆଡଜଷ୍ଟମେଣ୍ଟ ପାଇଁ ପାର୍କିଂ ବ୍ରେକ୍ ଯାଞ୍ଚ କରନ୍ତୁ।	ପୃଷ୍ଠା ସଂଖ୍ୟା 7-16

*** ଯଦି ଦ୍ରୁତ ଗତିରେ ଗାଡି ଭାଇବ୍ରେଟ୍ ହେଉଛି କିମ୍ବା ଗୋଟିଏ ପାଖକୁ ଟାଣି ହୋଇଯାଉଛି, ତେବେ ଚକ ସିଧା ଅଛି କି ନାହିଁ ଏବଂ ଏହାର ସନ୍ତୁଳନକୁ ଯାଞ୍ଚ କରନ୍ତୁ ଏବଂ/କିମ୍ବା ଆଡଜଷ୍ଟ କରନ୍ତୁ।**

ଡ୍ରାଇଭ୍ ବେଲ୍ଟ

⚠ ଚେତାବନୀ

ଇଞ୍ଜିନ ଚାଲୁ ଥିବା ସମୟରେ ଆପଣଙ୍କ ହାତ, କେଶ, ପୋଷାକ, ଅନ୍ୟ ଉପକରଣକୁ ଚଳନ୍ତା ଫ୍ୟାନ୍ କିମ୍ବା ଡ୍ରାଇଭ୍ ବେଲ୍ଟଠାରୁ ଦୂରରେ ରଖନ୍ତୁ।

(ଡିଜେଲ୍ ଇଞ୍ଜିନ୍ ମଡେଲ୍ ପାଇଁ)

ଡ୍ରାଇଭ୍ ବେଲଟ୍ ଟେନ୍‌ସନ୍ ଆପେ ଆପେ ଆଡଜଷ୍ଟ ହୋଇଥାଏ।


ବେଲ୍ଟରେ କୌଣସି କ୍ଷୟକ୍ଷତି ହୋଇନଥିବା ସୁନିଶ୍ଚିତ କରିବା ପାଇଁ ଏହାକୁ ପରୀକ୍ଷା କରାଯିବା ଉଚିତ୍।

ବ୍ରେକ ବଦଳାଇବା କିମ୍ବା ଆଡଜଷ୍ଟ କରିବାକୁ ଚାହିଁଲେ, ଏହାକୁ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍ ନିକଟରେ କରନ୍ତୁ।

ଇଞ୍ଜିନ୍ ଅଏଲ୍ ଓ ଫିଲଟର୍

ନିର୍ଦ୍ଦିଷ୍ଟ ତେଲ

ଉଦାହରଣ




76MH024

(1) ପସନ୍ଦଯୋଗ୍ୟ

ନିଶ୍ଚିତ ହୁଅନ୍ତୁ ଯେ, ଆପଣ ବ୍ୟବହାର କରୁଥିବା ଇଞ୍ଜିନ ଅଏଲ୍ **5W-30**, ACEA A5/B5 ଗୁଣବତ୍ତା ବିଭକ୍ତିକରଣ ଅଧୀନରେ ଆସୁଛି। ଉପରୋକ୍ତ ଚାର୍ଟ ଅନୁସାରେ ତେଲର ସଠିକ୍ ସାନ୍ଦ୍ରତା ବ୍ୟବହାର କରନ୍ତୁ।

ତୈଳ ସ୍ତର ଯାଞ୍ଚ

ଉଦାହରଣ




77PH036

(1) ଇଞ୍ଜିନ ଅଏଲ୍ ଡିପ୍‌ଷ୍ଟିକ୍

ଆପଣଙ୍କ ଗାଡିର ଇଞ୍ଜିନକୁ ସଠିକ୍ ଭାବେ ଚିକ୍କଣ ରଖିବା ଲାଗି ଇଞ୍ଜିନ ଅଏଲ୍ ଠିକ୍ ସ୍ତରରେ ରଖିବା ଗୁରୁତ୍ୱପୂର୍ଣ୍ଣ। ଏକ ସମତଳ ପୃଷ୍ଠରେ ଗାଡିକୁ ରଖି ତେଲ ସ୍ତର ଯାଞ୍ଚ କରନ୍ତୁ। ଯଦି ଗାଡି ଗଡାଣିଆ ସ୍ଥାନରେ ଥିବ ତା'ହେଲେ ତୈଳ ସ୍ତର ଚିହ୍ନଟରେ ଭୁଲ୍ ହୋଇପାରେ। ଗାଡି ଇଞ୍ଜିନ ଷ୍ଟାର୍ଟ ପୂର୍ବରୁ କିମ୍ବା ଇଞ୍ଜିନ ବନ୍ଦ ହେବାର ଅତିକମ୍‌ରେ 5 ମିନିଟ୍ ପରେ ତୈଳ ସ୍ତର ଯାଞ୍ଚ କରିବା ଉଚିତ।

ସହଜରେ ଜାଣିବା ପାଇଁ ଇଂଜିନ ଅଏଲ୍ ଡିପ୍‌ଷ୍ଟିକର ହ୍ୟାଣ୍ଡଲ୍‌କୁ ହଳଦିଆ ରଙ୍ଗ କରାଯାଇଥାଏ।




52D084

ଅଏଲ ଡିପ୍‌ଷ୍ଟିକ୍ ବାହାରକୁ କାଢନ୍ତୁ, ଏକ ସଫା କପଡାରେ ତେଲ ପୋଛନ୍ତୁ, ଏହାପରେ ଇଂଜିନ ଭିତକୁ ଡିପ୍‌ଷ୍ଟିକ୍ ସଂପୂର୍ଣ୍ଣଭାବେ ପ୍ରବେଶ କରାନ୍ତୁ ଏବଂ ପୁଣି ବାହାରକୁ ଆଣନ୍ତୁ। ଷ୍ଟିକ୍‌ରେ ଦର୍ଶାଯାଇଥିବା ଉପର ଓ ତଳସ୍ତର ମଧ୍ୟରେ ତେଲର ସ୍ତର ରହିବା ଉଚିତ୍। ତେଲ ତଳ ସ୍ତର ନିକଟରେ ଥିଲେ ଏହାକୁ ଉପର ସ୍ତରକୁ ଆଣିବାକୁ ଯଥେଷ୍ଟ ତେଲ ଢାଳନ୍ତୁ।

ନୋଟିସ
ନିୟମିତ ତେଲ ସ୍ତର ଯାଞ୍ଚ ନକଲେ, ଅପର୍ଯ୍ୟାପ୍ତ ତେଲ ଯୋଗୁଁ ଇଂଜିନ ଖରାପ ହେବାର ଆଶଙ୍କା ରହିଛି।

ନୋଟିସ
ସର୍ବାଧିକ ସ୍ତରରୁ ଅଧିକ ତେଲ ପକାନ୍ତୁ ନାହିଁ। ଅଧିକ ମାତ୍ରାରେ ତେଲ ଇଞ୍ଜିନ ପାଇଁ ହାନିକାରକ ହୋଇପାରେ।

ରିଫିଲିଙ୍



77PH037


ଡିପ୍‌ଷ୍ଟିକ୍‌ର ଉପରସ୍ତରକୁ ତେଲ ଆଣିବାକୁ ଫିଲର୍ କ୍ୟାପ୍ କାଢି ଧୀରେ ଧୀରେ ତେଲ ଢାଳନ୍ତୁ। ସତର୍କ ରହିବାକୁ ପଡିବ, ଯେମିତି ତେଲସ୍ତର ଅଧିକ ହୋଇନଯାଏ। ସର୍ବାଧିକ ତୈଳସ୍ତର ଭଳି ସର୍ବନିମ୍ନ ତୈଳସ୍ତର ମଧ୍ୟ ଇଞ୍ଜିନ ପାଇଁ କ୍ଷତିକାରକ। ତେଲ ଭରିବା ପରେ ଇଞ୍ଜିନ ଷ୍ଟାର୍ଟ କରି ଏହାକୁ ଗୋଟିଏ ମିନିଟ୍ ପାଇଁ ଛାଡ଼ିଦେବା ଦରକାର। ଇଞ୍ଜିନ ବନ୍ଦ କଲା ପରେ 5 ମିନିଟ୍ ଅପେକ୍ଷା କରନ୍ତୁ ଏବଂ ପୁଣି ତୈଳସ୍ତର ଯାଞ୍ଚ କରନ୍ତୁ।

ଇଞ୍ଜିନ ଅଏଲ୍ ଏବଂ ଫିଲଟର୍ ପରିବର୍ତ୍ତନ

ଇଞ୍ଜିନ ଗରମ ଥିଲାବେଳେ ଇଞ୍ଜିନ ଅଏଲ୍ ବାହାର କରନ୍ତୁ।

1) ଅଏଲ୍ ଫିଲର୍ କ୍ୟାପ୍ ବାହାର କରନ୍ତୁ।
2) ଡ୍ରେନ୍ ପ୍ଲଗ୍ ତଳେ ଗୋଟିଏ ଡ୍ରେନ୍ ପ୍ୟାନ୍ ରଖନ୍ତୁ।
3) ଏକ ରେଞ୍ଚି ବ୍ୟବହାର କରି ଡ୍ରେନ ପ୍ଲଗ୍ କାଢ଼ନ୍ତୁ ଏବଂ ଇଞ୍ଜିନ ଅଏଲ୍ ବାହାର କରନ୍ତୁ।

⚠ ସତର୍କତା
ଡ୍ରେନ୍ ପ୍ଲଗ୍ ଖୋଲିବା ସମୟରେ ଇଂଜିନ୍ ଅଏଲ୍ ତାତିରେ ହୁଏତ ଆପଣଙ୍କ ଆଙ୍ଗୁଠି ପୋଡିଯାଇପାରେ। ଡ୍ରେନ୍ ପ୍ଲଗ୍ ଥଣ୍ଡା ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ, ଯେମିତିକି ଖାଲି ହାତରେ ଛୁଇଁହେବ।



77PH038

ଡ୍ରେନ୍ ପ୍ଲଗ୍ ପାଇଁ ଟର୍କ ଟାଇଟ୍ କରିବା (1):
50 ଏନ୍‌ଏମ୍ (5.1 କେଜିଏଫ୍-ଏମ୍, 36.9 ଏଲ୍‌ବିଏଫ୍-ଏଫ୍‌ଟି)

⚠ ଚେତାବନୀ

ନୂଆ ଏବଂ ବ୍ୟବହୃତ ଇଂଜିନ୍ ଅଏଲ୍ ବିପଜ୍ଜନକ ହୋଇପାରେ। ଛୋଟ ପିଲା ଏବଂ ପାଳିତ ଜନ୍ତୁ ଏହାକୁ ପିଇ ବିପଦରେ ପଡିପାରନ୍ତି। ନୂଆ ଏବଂ ବ୍ୟବହୃତ ତେଲ ଏବଂ ବ୍ୟବହୃତ ଅଏଲ୍ ଫିଲଟର୍‌କୁ ଶିଶୁ ଏବଂ ଗୃହପାଳିତ ଜନ୍ତୁଙ୍କଠାରୁ ଦୂରରେ ରଖନ୍ତୁ।

ବାରମ୍ବାର ଅଧିକ ସମୟ ଧରି ବ୍ୟବହୃତ ଇଂଜିନ୍ ଅଏଲ୍ ସଂସ୍ପର୍ଶରେ ଆସିଲେ ସ୍କିନ୍ କ୍ୟାନସର୍ (ଚର୍ମ କର୍କଟ) ହୋଇପାରେ।

ଅଳ୍ପ ସମୟ ପାଇଁ ବ୍ୟବହୃତ ଇଞ୍ଜିନ ଅଏଲ୍ ସଂସ୍ପର୍ଶରେ ଆସିଲେ ଚର୍ମରେ ଜ୍ୱଳନ ହୋଇଥାଏ।

ବ୍ୟବହୃତ ଇଞ୍ଜିନ୍ ଅଏଲ୍ ସଂସ୍ପର୍ଶରେ କମ୍ ଆସିବା ପାଇଁ ଇଞ୍ଜିନ ଅଏଲ୍ ବଦଳାଇବା ସମୟରେ ଲମ୍ବା ହାତ ଥିବା ଶାର୍ଟ ଏବଂ ହାତରେ ଆର୍ଦ୍ରତା ପ୍ରତିରୋଧ ଗ୍ଲୋଭସ୍ (ଯେପରି ଡିଶ୍‌ୱାଶ୍ ଗ୍ଲୋଭସ୍) ପିନ୍ଧିବା ଦରକାର। ଯଦି ତେଲ ଆପଣଙ୍କ ଚର୍ମରେ ଲାଗିଯାଏ, ତେବେ ସାବୁନ୍ କିମ୍ବା ପାଣିରେ ଭଲ ଭାବେ ଧୋଇଦିଅନ୍ତୁ।

ତେଲ ଲାଗିଥିବା କପଡା କିମ୍ବା ପାପୋଛ ପରିଷ୍କାର କରନ୍ତୁ।


ବ୍ୟବହୃତ ଇଞ୍ଜିନ ଅଏଲ୍ ଏବଂ ଫିଲଟରକୁ ରିସାଇକଲ୍ କିମ୍ବା ଭଲ ଭାବେ ଡିସପୋଜ୍ କରନ୍ତୁ।

4) ଡ୍ରେନ୍ ପ୍ଲଗ୍ ଓ ଗ୍ୟାସକେଟ୍‌କୁ ପୁନଃଇନ୍‌ଷ୍ଟଲ୍ କରନ୍ତୁ। ନିର୍ଦ୍ଦିଷ୍ଟ ଟର୍କରେ ପ୍ଲଗକୁ ଏକ ରେଞ୍ଚି ଦ୍ୱାରା ଟାଇଟ୍ କରନ୍ତୁ।

ଅଏଲ୍ ଫିଲଟର୍ ବଦଳାନ୍ତୁ

1) ଅଏଲ୍ ଫିଲଟର୍ ପାଇଁ ରେଞ୍ଚି ବ୍ୟବହାର କରୁଥିଲେ, ଅଏଲ୍ ଫିଲଟରକୁ ବାମ ଦିଗକୁ ବୁଲାନ୍ତୁ ଏବଂ କାଢ଼ିଦିଅନ୍ତୁ।
2) ନୂଆ ଫିଲଟର୍ ଯେଉଁଠି ରଖାଯିବ, ଇଞ୍ଜିନର ସେହି ମାଉଣ୍ଟିଙ୍ଗ୍ ସର୍‌ଫେସ୍‌କୁ ଏକ ସଫା କପଡାରେ ପୋଛି ଦିଅନ୍ତୁ।
3) ନୂଆ ଅଏଲ୍ ଫିଲଟର୍‌ର ରବର୍ ଗ୍ୟାସକେଟ୍ ଚାରିପଟେ ଅଳ୍ପ କିଛି ଇଞ୍ଜିନ ଅଏଲ୍ ବୋଳି ଦିଅନ୍ତୁ।
4) ଫିଲଟର୍ ଗ୍ୟାସକେଟ୍ ମାଉଣ୍ଟିଙ୍ଗ୍ ସର୍‌ଫେସ୍ ସହ ନଲାଗିବା ପର୍ଯ୍ୟନ୍ତ ଫିଲଟର୍‌କୁ ହାତରେ ମୋଡନ୍ତୁ।

ଉଦାହରଣ




77PH017

(1) ଢିଲା କରନ୍ତୁ
(2) ଟାଇଟ୍ କରନ୍ତୁ

ଟାଇଟ୍ କରନ୍ତୁ (ଫିଲଟର ଟପ୍‌ରୁ ଦୃଶ୍ୟମାନ)

ଉଦାହରଣ



54G093

(1) ଅଏଲ୍ ଫିଲଟର୍
(2) 3/4 ଟର୍ଣ୍ଣ

ନୋଟିସ

ସଠିକ୍ ଭାବେ ଅଏଲ ଫିଲଟରକୁ ଟାଇଟ୍ କରିବାକୁ ହେଲେ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଫିଲଟର୍ ଗ୍ୟାସ୍‌କେଟ୍ କେଉଁ ସ୍ଥାନରେ ମାଉଣ୍ଟିଙ୍ଗ୍ ସର୍‌ଫେସ୍ ସହ ପ୍ରଥମେ ସଂସ୍ପର୍ଶରେ ଆସୁଛି, ତାକୁ ଚିହ୍ନଟ କରିବାକୁ ହେବ।

5) ଅଏଲ୍ ଫିଲଟର୍ ରେଞ୍ଚି ବ୍ୟବହାର କରି ମାଉଣ୍ଟିଙ୍ଗ୍ ସର୍‌ଫେସ୍ (କିମ୍ବା ଉଲ୍ଲିଖିତ ଟର୍କ ପର୍ଯ୍ୟନ୍ତ)କୁ ଫିଲଟର୍ ସ୍ପର୍ଶ କରୁଥିବା ସ୍ଥାନରେ ଭଲ ଭାବେ ମୋଡି ଟାଇଟ୍ କରନ୍ତୁ।

ଅଏଲ୍ ଫିଲଟର୍ 3/4 ଟର୍ନ ବୁଲାଇ ଟର୍କ ଟାଇଟ୍ କରିବା କିମ୍ବା
14 ଏନ୍‌ଏମ୍ (1.4 କେଜିଏଫ୍-ଏମ୍, 10.3 ଏଲ୍‌ବିଏଫ୍-ଏଫ୍‌ଟି)

ନୋଟିସ

ଅଏଲ୍ ଲିକେଜ୍ ପ୍ରତିରୋଧ କରିବାକୁ, ଅଏଲ୍ ଫିଲଟର୍ ଟାଇଟ୍ ହୋଇଥିବା ସୁନିଶ୍ଚିତ କରନ୍ତୁ, କିନ୍ତୁ ଏହାକୁ ଅତ୍ୟଧିକ ଟାଇଟ୍ କରନ୍ତୁ ନାହିଁ।

ଅଏଲ୍ ଦ୍ୱାରା ରିଫିଲ୍ କରନ୍ତୁ ଏବଂ ଲିକ୍ ହୋଉଛି କି ନାହିଁ ଯାଞ୍ଚ କରନ୍ତୁ

1) ଫିଲର୍ ହୋଲ୍ ଦେଇ ତେଲ ଢାଳନ୍ତୁ ଏବଂ ଫିଲର କ୍ୟାପ୍ ଲଗାନ୍ତୁ ।
   ତେଲର ଆନୁମାନିକ ସାମର୍ଥ୍ୟ ଜାଣିବା ପାଇଁ "ବିଶିଷ୍ଟତା" ଭାଗରେ "ସାମାର୍ଥ୍ୟତା" ଦେଖନ୍ତୁ।
2) ଇଞ୍ଜିନ ଚାଲୁ କରନ୍ତୁ ଏବଂ ଡ୍ରେନ୍ ପ୍ଲଗ୍ ଏବଂ ଅଏଲ୍ ଫିଲଟର୍‌ରେ ଲିକ୍ ହୋଇଛି କି ନାହିଁ ଭଲ କରି ଦେଖନ୍ତୁ। ଅତି କମ୍‌ରେ 5 ମିନିଟ୍ ପାଇଁ ଇଞ୍ଜିନକୁ ଭିନ୍ନ ଭିନ୍ନ ବେଗରେ ଦୌଡାନ୍ତୁ।
3) ଇଞ୍ଜିନ୍ ବନ୍ଦ କରନ୍ତୁ ଏବଂ 5 ମିନିଟ୍ ପାଇଁ ଅପେକ୍ଷା କରନ୍ତୁ। ପୁଣିଥରେ ତେଲର ସ୍ତର ଯାଞ୍ଚ କରନ୍ତୁ। ଦରକାର ହେଲେ ତେଲ ପକାନ୍ତୁ। ପୁଣିଥରେ ଲିକ୍ ହେଉଛି କି ନାହିଁ ଯାଞ୍ଚ କରନ୍ତୁ।

ନୋଟିସ

- **ଯେତେବେଳେ ଅଏଲ୍ ଫିଲଟର ବଦଳାଉଛନ୍ତି, ମାରୁତି ଜେନୁଇନ୍ ଫିଲଟର୍ ବ୍ୟବହାର କରନ୍ତୁ। ଯଦି ଆପଣ ଏକ ଆଫ୍ଟର୍ ମାର୍କେଟ୍ ଫିଲଟର୍ ବ୍ୟବହାର କରୁଛନ୍ତି, ସୁନିଶ୍ଚିତ କରନ୍ତୁ ଯେ, ଏହା ସମାନ ଗୁଣବତ୍ତା ବିଶିଷ୍ଟ ଏବଂ ନିର୍ମାତାଙ୍କ ନିର୍ଦ୍ଦେଶାବଳୀ ଅନୁସରଣ କରୁଥିବ।**
- **ଅଏଲ୍ ଫିଲଟର୍ କିମ୍ବା ଡ୍ରେନ୍ ପ୍ଲଗ୍ ଚାରିପଟେ ତେଲ ଲିକ୍ ହେବା ଦର୍ଶାଇଥାଏ ଯେ, ଗ୍ୟାସ୍‌କେଟ୍ ଖରାପ ହୋଇଯାଇଛି କିମ୍ବା ଠିକ୍ ଭାବେ ଏହା ଲାଗି ନାହିଁ। ଯଦି ଆପଣ କୌଣସି ଲିକ୍ ଦେଖିଲେ ଏବଂ ଫିଲଟର୍ ଠିକ୍ ଭାବେ ଟାଇଟ୍ ହୋଇଥିବା ନିଶ୍ଚିତ ନୁହଁନ୍ତି, ମାରୁତି ସୁଜୁକି କମର୍ଶିଆଲ ଡିଲର୍ ନିକଟରେ ଆପଣଙ୍କ ଗାଡିକୁ ଯାଞ୍ଚ କରାଇନିଅନ୍ତୁ।**

ଇଞ୍ଜିନ କୂଲାଣ୍ଟ

କୂଲାଣ୍ଟ ଚୟନ

ଇଞ୍ଜିନର ଭଲ ପ୍ରଦର୍ଶନ ଏବଂ ସ୍ଥାୟିତ୍ୱ ପାଇଁ ମାରୁତି ଜେନୁଇନ୍ କୂଲାଣ୍ଟ କିମ୍ବା ତା'ର ସମକକ୍ଷ ଜିନିଷ ବ୍ୟବହାର କରନ୍ତୁ।

ସେହିଭଳି, କୂଲାଣ୍ଟ ଆପଣଙ୍କ କୂଲିଙ୍ଗ ସିଷ୍ଟମ୍ ପାଇଁ ସର୍ବଶ୍ରେଷ୍ଠ ହୋଇଥାଏ, କାରଣ ଏହା :

- ଇଞ୍ଜିନର ଉତ୍ତାପକୁ ଏକ ନିର୍ଦ୍ଦିଷ୍ଟ ସ୍ତରରେ ରଖିବାରେ ସାହାଯ୍ୟ କରିଥାଏ।
- ଅଧିକ ଥଣ୍ଡା କିମ୍ବା ଗରମ ହେବାରୁ ସୁରକ୍ଷା ଦେଇଥାଏ।
- କଳଙ୍କି ଏବଂ କ୍ଷୟ ହେବାରୁ ସୁରକ୍ଷା ମିଳିଥାଏ।

ସଠିକ୍ କୂଲାଣ୍ଟ ବ୍ୟବହାର କରିବାରେ ଅସମର୍ଥ ହେଲେ, ଆପଣଙ୍କ କୂଲିଙ୍ଗ୍ ସିଷ୍ଟମ୍ ନଷ୍ଟ ହୋଇଯାଇପାରେ। ଅଧିକୃତ ମାରୁତି ସୁଜୁକି ଡିଲର ଆପଣଙ୍କୁ ସଠିକ୍ କୂଲାଣ୍ଟ ବାଛିବାରେ ସାହାଯ୍ୟ କରିପାରିବେ।

ନୋଟିସ

ଆପଣଙ୍କ କୂଲିଙ୍ଗ୍ ସିଷ୍ଟମ୍ ଖରାପ ହେବାରୁ ବର୍ତ୍ତିବା ଲାଗି:

- **ସବୁବେଳେ ଏଥେଲିନ୍ ଗ୍ଲାଇକୋଲ୍ ଆଧାରିତ ନନ୍-ସିଲିକେଟ୍ ପ୍ରକାରର ବିଶୋଧିତ ପାଣିରେ ମିଶ୍ରିତ ସଠିକ୍ ଗାଢ଼ତା ଥିବା ତଥା ସଠିକ୍ ପ୍ରକାରର କୂଲାଣ୍ଟ ବ୍ୟବହାର କରନ୍ତୁ।**
- **ଏହା ସୁନିଶ୍ଚିତ କରନ୍ତୁ ଯେ, ସଠିକ୍ ମିଶ୍ରଣ ଡିଷ୍ଟିଲ୍ ୱାଟର୍ ସହ 30/70 କୂଲାଣ୍ଟ ହୋଇଥିବା, କୌଣସି ଭାବରେ 70/30ଠାରୁ ଅଧିକ ନୁହେଁ । ଡିଷ୍ଟିଲ୍ ୱାଟର୍ ସହ 70/30 କୂଲାଣ୍ଟ ଦ୍ରବଣ ଅଧିକ ହେଲେ, ତାହା ଓଭର୍‌ହିଟିଙ୍ଗ୍‌ର କାରଣ ହେବ ।**
- **କୂଲାଣ୍ଟ କିମ୍ବା ସାଧା ପାଣି ସିଧାସଳଖ ବ୍ୟବହାର କରନ୍ତୁ ନାହିଁ।**
- **ଅତିରିକ୍ତ ପ୍ରତିରୋଧକ କିମ୍ବା ଆଡିଟିଭ୍ ମିଶାନ୍ତୁ ନାହିଁ। ତାହା ଆପଣଙ୍କ କୂଲିଙ୍ଗ୍ ସିଷ୍ଟମ୍ ଅନୁକୂଳ ହୋଇନପାରେ।**
- **ବିଭିନ୍ନ ପ୍ରକାରର ଶୀତଳୀକରଣ ପଦାର୍ଥର ମିଶ୍ରଣ କରନ୍ତୁ ନାହିଁ। ଏହା କରିବା ଦ୍ୱାରା ଓଭର୍‌ହିଟିଂ ଏବଂ ଇଞ୍ଜିନ ନଷ୍ଟ ହେବାର ଆଶଙ୍କା ରହିଥାଏ।**

ଶୀତଳୀକରଣ ପଦାର୍ଥର ସ୍ତର ଯାଞ୍ଚ କରିବା

ରିଜର୍ଭଏର୍ ଟାଙ୍କିରେ କୂଲାଣ୍ଟ ସ୍ତର ଯାଞ୍ଚ କରନ୍ତୁ, ରେଡିଏଟର୍‌ରେ ନୁହେଁ । ଇଞ୍ଜିନ ଥଣ୍ଡା ଥିଲେ, କୂଲାଣ୍ଟ ସ୍ତର "ଫୁଲ୍" ଓ "ଲୋ" ଚିହ୍ନ ମଧ୍ୟରେ ରହିବା ଉଚିତ୍ । ଆବଶ୍ୟକ ହେଲେ ହ୍ୟାଣ୍ଡ ଲାଇଟ୍ ବ୍ୟବହାର କରନ୍ତୁ ।


କୂଲାଣ୍ଟର ବ୍ୟବହାର

⚠ ଚେତାବନୀ

ଇଞ୍ଜିନ ପାଇଁ ବ୍ୟବହୃତ କୂଲାଣ୍ଟ, ନିଶ୍ୱାସପ୍ରଶ୍ୱାସ କିମ୍ବା ପାଟି ବାଟ ଦେଇ ଶରୀର ଭିତରକୁ ଗଲେ କ୍ଷତିକାରକ କିମ୍ବା ମାରାତ୍ମକ ହୋଇଥାଏ । ଆଣ୍ଟିଫ୍ରୀଜ୍ କିମ୍ବା କୂଲାଣ୍ଟ ଦ୍ରବଣକୁ ପିଅନ୍ତୁ ନାହିଁ । ଯଦି ଏହା ପେଟକୁ ଚାଲିଯାଇଥାଏ, ତେବେ ବାନ୍ତି କରିବାକୁ ବାଧ କରନ୍ତୁ ନାହିଁ, ବିଷ ନିୟନ୍ତ୍ରଣ କେନ୍ଦ୍ର କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଗରମ ବାଷ୍ପ ଶୁଙ୍ଘନ୍ତୁ ନାହିଁ; ଯଦି ଶୁଙ୍ଘିଦେଇଥା'ନ୍ତି, ତେବେ ତାଜା ବୟୁକୁ ନେଇଯାଆନ୍ତୁ । ଯଦି ଆଖିରେ ଲାଗିଯାଏ, ସାଙ୍ଗେ ସାଙ୍ଗେ ଆଖିକୁ ପାଣିରେ ଧୋଇଦିଅନ୍ତୁ ଏବଂ ଡାକ୍ତର ପରାମର୍ଶ କରନ୍ତୁ । କାରବାର ପରେ ଭଲ ଭାବରେ ଧୁଅନ୍ତୁ । ଏହି ତରଳ ପଦାର୍ଥ, ପଶୁ ଜନ୍ତୁଙ୍କ ପାଇଁ କ୍ଷତିକାରକ । ତେଣୁ, ଛୋଟ ପିଲା ଏବଂ ଜୀବଜନ୍ତୁଙ୍କଠାରୁ ଏହାକୁ ଦୂରରେ ରଖନ୍ତୁ ।

ନୋଟିସ

- **ଆପଣ ବ୍ୟବହାର କରୁଥିବା ମିଶ୍ରଣରେ 30% ପ୍ରତିଶତ ଆଣ୍ଟିଫ୍ରିଜ୍ ଦ୍ରବଣ ରହିବା ଉଚିତ୍ ।**
- **ଯଦି ଆପଣଙ୍କ ଅଞ୍ଚଳରେ ତାପମାତ୍ର କମ୍ ଅଛି, ଯେମିତିକି –35° ସେଲ୍‌ସିଅସ୍ (–31° ଫାରେନ୍‌ହାଇଟ୍) ତଳେ, ତେବେ ଆଣ୍ଟିଫ୍ରୀଜ୍ ଡବା ଉପରେ ଥିବା ନିର୍ଦ୍ଦେଶ ପାଳନପୂର୍ବକ 60% ପର୍ଯ୍ୟନ୍ତର ଉଚ୍ଚ ଦ୍ରବଣ ବ୍ୟବହାର କରନ୍ତୁ ।**



77PH039

ଯଦି କୂଲାଣ୍ଟର ସ୍ତର "L" (ଲୋ) ମାର୍କ ତଳକୁ ରହୁଛି, ତା'ହେଲେ ଅଧିକ କୂଲାଣ୍ଟ ଢାଳିବା ଉଚିତ୍ ।
ରିଜର୍ଭଏର୍ ଟ୍ୟାଙ୍କ୍ କ୍ୟାପ୍ କାଢନ୍ତୁ ଏବଂ "F" (ଫୁଲ୍) ମାର୍କରେ ପହଞ୍ଚିବା ପର୍ଯ୍ୟନ୍ତ କୂଲାଣ୍ଟ ଢାଳନ୍ତୁ । ରିଜର୍ଭଏର୍ ଟ୍ୟାଙ୍କର "F" (ଫୁଲ୍) ମାର୍କ ଉପର ପର୍ଯ୍ୟନ୍ତ କେବେ ଢାଳନ୍ତୁ ନାହିଁ ।

ନୋଟିସ


ରିଜର୍ଭଏର୍ ଟ୍ୟାଙ୍କ୍‌ର କ୍ୟାପ୍ ବନ୍ଦ କରିବାବେଳେ କ୍ୟାପ୍‌ରେ ଥିବା ଚିହ୍ନ ଏବଂ ଟ୍ୟାଙ୍କ୍‌ରେ ଥିବା ଚିହ୍ନକୁ ଠିକ୍ ଭାବେ ଲଗାନ୍ତୁ । ଏହା ନହେଲେ କୂଲାଣ୍ଟ ଲିକ୍ ହୋଇପାରେ ।

କୂଲାଣ୍ଟ ରିପ୍ଲେସ୍‌ମେଣ୍ଟ୍

କୂଲାଣ୍ଟର ରିପ୍ଲେସ୍‌ମେଣ୍ଟ ପାଇଁ ଯେହେତୁ ସ୍ୱତନ୍ତ୍ର କାର୍ଯ୍ୟବିଧି ଆପଣେଇବାକୁ ପଡିଥାଏ, ତେଣୁ ନିକଟସ୍ଥ ମାରୁତି ସୁଜୁକି କମର୍ଶିଆଲ ଡିଲର୍ ନିକଟରେ ଏହା କରିବା ଉଚିତ୍ ।


ଏୟାର୍ କ୍ଲିନର୍

ଯଦି ଆପଣଙ୍କ ଏୟାର୍ କ୍ଲିନର୍‌ରେ ଧୂଳି ଭରି ରହିଛି, ତେବେ ଏହା ଗାଡିର ଶକ୍ତି କମାଇ ଦେଇଥାଏ ଏବଂ ଅଧିକ ତେଲ ଖର୍ଚ୍ଚ ହୁଏ ।



77PH040

ସାଇଡ୍ କ୍ଲାମ୍ପଗୁଡିକୁ ଖୋଲନ୍ତୁ ଏବଂ ଏୟାର୍ କ୍ଲିନର୍‌ରେ ଲାଗିଥିବା ପଦାର୍ଥ ସବୁ ସଫା କରନ୍ତୁ ।



60A183


ଏହାପରେ ବି ଯଦି ମଇଳା ଦେଖାଦିଏ, ତେବେ ତାହାକୁ ସଫା କରନ୍ତୁ କିମ୍ବା ସେହି ସ୍ଥାନରେ ନୂଆ ଏୟାର୍ କ୍ଲିନର୍ ଲଗାନ୍ତୁ ।

ଗିଅର୍ ଅଏଲ୍

ମାନୁଆଲ୍ ଟ୍ରାନ୍ସମିସନ୍ ଅଏଲ୍/ଡିଫରେନ୍ସିଆଲ୍ ଅଏଲ୍

ଗିଅର୍ ଅଏଲ୍ ପକାଉଥିଲେ, ନିମ୍ନଲିଖିତ ଚାର୍ଟରେ ଥିବା ସଠିକ୍ ମାନ ବ୍ୟବହାର କରନ୍ତୁ।


ମାନୁଆଲ୍ ଟ୍ରାନ୍ସମିସନ୍ ଅଏଲ୍



68LM728

ବ୍ୟବହାର ନେଇ ଆପଣଙ୍କୁ ଆମେ ନିମ୍ନ ପରାମର୍ଶ ଦେଉଛୁ: ମାନୁଆଲ୍ ଟ୍ରାନ୍ସମିସନ୍ ଗିଅର୍ ଅଏଲ୍ ପାଇଁ "ମାରୁତି ଜେନୁଇନ୍ ଗିଅର୍ ଅଏଲ୍ **75W-80**"।

ରିଅର୍ ଡିଫରେନ୍ସିଆଲ୍ ଅଏଲ୍




77PH075

ବ୍ୟବହାର ନେଇ ଆପଣଙ୍କୁ ଆମେ ନିମ୍ନ ପରାମର୍ଶ ଦେଉଛୁ: ରିଅର୍ ଡିଫରେନ୍ସିଆଲ୍ ଅଏଲ୍ ପାଇଁ "ଟିଓଟିଏଏଲ୍ଏଫ୍ଆଇଏନ୍ଏଇଏଲ୍ଏଫ୍ ଟିଆର୍ଏଏନ୍ଏସ୍ଇଏଲ୍ଏଫ୍ ଏଲ୍ଏଲ୍ **85W-140**"।


ଗିଅର୍ ଅଏଲ୍ ସ୍ତର ଯାଞ୍ଚ

ମାନୁଆଲ ଟ୍ରାନ୍ସମିସନ୍



77PH078

ରିଅର୍ ଡିଫରେନ୍ସିଆଲ୍



77PH047

1. ଅଏଲ୍ ଫିଲର୍ ଏବଂ ଲେଭଲ୍ ପ୍ଲଗ (ପୁନଃ ବ୍ୟବହାର କରନ୍ତୁ ନାହିଁ)।
2. ଅଏଲ୍ ଡ୍ରେନ୍ ପ୍ଲଗ୍।

ଗିଅର୍ ଅଏଲ୍ ସ୍ତର ଯାଞ୍ଚ କରିବା ପାଇଁ ନିମ୍ନଲିଖିତ ପ୍ରକ୍ରିୟା ବ୍ୟବହାର କରନ୍ତୁ:

1) ପାର୍କିଂ ବ୍ରେକ୍ ବ୍ୟବହାର କରି ଏକ ଚଟାଣ ଉପରେ ଗାଡିକୁ ରଖନ୍ତୁ। ତା'ପରେ ଇଂଜିନ ବନ୍ଦ କରନ୍ତୁ। ପାର୍କିଂ ବ୍ରେକ୍ ବ୍ୟବହାର କରି ଏକ ଚଟାଣ ଉପରେ ଗାଡିକୁ ରଖନ୍ତୁ। ତା'ପରେ ଇଞ୍ଜିନ୍‌କୁ ବନ୍ଦ କରିଦିଅନ୍ତୁ ।
2) ଅଏଲ୍ ଫିଲର୍ ଏବଂ ଲେଭଲ୍ ପ୍ଲଗ୍ (1) କାଢନ୍ତୁ।
3) ଆପଣଙ୍କ ଅଙ୍ଗୁଠିରେ ଗର୍ତ୍ତ ଭିତର ଯାଞ୍ଚ କରନ୍ତୁ। ଯଦି ପ୍ଲଗ୍ ହୋଲ୍‌ର ତଳ ସ୍ତରରେ ତେଲ ରହିଥାଏ, ତା'ହେଲେ ଏହା ଠିକ୍ ଅଛି। ଯଦି ଏପରି ହୋଇଥାଏ , ତା'ପରେ ପ୍ଲଗ୍‌କୁ ରିଇନ୍‌ଷ୍ଟଲ୍ କରନ୍ତୁ।
4) ଯଦି ତେଳ ସ୍ତର ନିମ୍ନ ଥାଏ, ଅଏଲ୍ ଫିଲର୍ ପ୍ଲଗ୍ ହୋଲ୍ ଦେଇ ଗିଅର୍ ଅଏଲ୍ ପକାନ୍ତୁ, ଯେପର୍ଯ୍ୟନ୍ତ ଏହା ଫିଲର୍ ହୋଲ୍ (1)ର ତଳସ୍ତର ଯାଏଁ ନହୋଇଛି, ତା'ପରେ ପ୍ଲଗ୍‌କୁ ରିଇନ୍‌ଷ୍ଟଲ୍ କରନ୍ତୁ।

ଅଏଲ୍ ଫିଲର୍ ଏବଂ ଲେଭଲ୍ ପ୍ଲଗ୍ ପାଇଁ ଟର୍କ ଟାଇଟ୍ କରନ୍ତୁ
ମାନୁଆଲ୍ ଟ୍ରାନ୍ସମିଶନ୍ (1):
23 ଏନ୍.ଏମ୍ (2.3 କେଜି.ଏଫ୍-.ଏମ୍, 17.0 ଏଲ୍ବି.ଏଫ୍-.ଏଫ୍ଟି)
ରିଅର୍ ଡିଫରେନ୍ସିଆଲ୍ (1):
25 ଏନ୍.ଏମ୍ (2.5 କେଜି.ଏଫ୍-.ଏମ୍, 18.5 ଏଲ୍ବି.ଏଫ୍-.ଏଫ୍ଟି)

ନୋଟ୍:

ରିଅଲ୍ ଡିଫରେନ୍ସିଆଲ୍ ପାଇଁ ସବୁବେଳେ ନୂଆ ଅଏଲ୍ ଫିଲର୍ ଏବଂ ଲେଭଲ୍ ପ୍ଲଗ୍ (1) ବ୍ୟବହାର କରନ୍ତୁ।

⚠ ସତର୍କତା

ଗାଡି ଚାଲିବା ପରେ, ଗିଅର୍ ଅଏଲ୍ ଯେଭଁଭଳି ତାତିଥାଏ, ତାହା ହୁଏତ ଆପଣଙ୍କ ଚର୍ମକୁ ପୋଡି ଦେଇପାରେ। ତେଣୁ, ଗିଅର୍ ଅଏଲ୍ ନିରୀକ୍ଷଣ କରିବା ପୂର୍ବରୁ ଅଏଲ୍ ଫିଲର୍ ପ୍ଲଗ୍ ଥଣ୍ଡା ନହେବା ପର୍ଯ୍ୟନ୍ତ ତାକୁ ଖାଲି ହାତରେ ଛୁଅଁନ୍ତୁ ନାହିଁ।

ନୋଟିସ

ପ୍ଲଗ୍ ଟାଇଟ୍ କରୁଥିବା ବେଳେ ଅଏଲ୍ ଲିକେଜ୍‌କୁ ପ୍ରତିରୋଧ କରିବାକୁ ସିଲିଙ୍ଗ୍ କମ୍ପାଉଣ୍ଡ କିମ୍ବା ପ୍ଲଗ୍ ଥ୍ରେଡ୍‌କୁ ଭଲଭାବେ ବ୍ୟବହାର କରନ୍ତୁ।

ମାରୁତି ସୁଜୁକି ବଣ୍ଡ୍ ନଂ "1216E" କିମ୍ବା "1217G"


ଗିଅର ଅଏଲ୍ ପରିବର୍ତ୍ତନ

ଯେହେତୁ ବିଶେଷ ପ୍ରକ୍ରିୟା, ସାମଗ୍ରୀ ଏବଂ ଉପକରଣ ଆବଶ୍ୟକ ହୋଇଥାଏ, ଏଥିପାଇଁ ଆପଣ ସ୍ୱୀକୃତିପ୍ରାପ୍ତ ମାରୁତି ସୁଜୁକି କମର୍ଶିଆଲ ଡିଲର୍ ଉପରେ ଭରସା କରିବା ଠିକ୍ ହେବ ବୋଲି ଆମେ ସୁପାରିଶ କରୁଛୁ।

କ୍ଲଚ୍ ପେଡଲ୍

କେବଲ୍ ନିୟନ୍ତ୍ରଣ କ୍ଲଚ୍

ଉଦାହରଣ




54G274

କ୍ଲଚ୍ ପେଡଲ୍ ପ୍ଲେ "ଘ":
10 - 15 ମିଲିମିଟର (0.4 - 0.6 ଇ.)

କ୍ଲଚ୍ ପେଡଲ୍ ପ୍ଲେ ମାପିବାକୁ ହେଲେ, ହାତରେ କ୍ଲଚ୍ ପେଡ-ଲକୁ ଗତିଶୀଳ କରାଇବାକୁ ପଡିବ, ଯେପର୍ଯ୍ୟନ୍ତ ଏହା କୌଣସି ସ୍ଥାନରେ ସାମାନ୍ୟ ପ୍ରତିରୋଧ ହୋଇନାହିଁ। ନିର୍ଦ୍ଦିଷ୍ଟ ଭାଲ୍ଲୁ ମଧ୍ୟରେ କ୍ଲଚ୍ ପେଡଲ୍ ଏବଂ ପ୍ଲେ ମଧ୍ୟରେ ରହିବା ଉଚିତ୍। ପ୍ଲେ ଯଦି ନିର୍ଦ୍ଦିଷ୍ଟ ମାପକରୁ କମ୍ ବେଶୀ ହେବ, କିମ୍ବା କ୍ଲଚ୍ ଟାଣିଲା ଭଳି ଅନୁଭୂତ ହୁଏ, ତେବେ ମାରୁତି ସୁଜୁକି କମର୍ଶିଆଲ ଡିଲର୍ ନିକଟରେ କ୍ଲଚ୍ ଦେଖାନ୍ତୁ।

ଫୁଏଲ୍ ଫିଲଟର୍

ଉଦାହରଣ



77PH089

ଫୁଏଲ୍ ଫିଲ୍‌ଟର୍, ୱାଟର୍ ସେଡିମେଣ୍ଟର୍ ଭଳି ମଧ୍ୟ କାମ କରିଥାଏ।

ମିଆଦି ରକ୍ଷଣାବେକ୍ଷଣ ସୂଚୀ ଅନୁସାରେ, ୱାଟର୍ ଡ୍ରେନ୍ କରନ୍ତୁ। ଏହା କରିବାକୁ:


1) ଗୋଟିଏ ପ୍ୟାନ୍ ରଖନ୍ତୁ କିମ୍ବା ଫୁଏଲ୍ ଫିଲଟର୍ ଡ୍ରେନ୍ ନୋଜଲ୍ ତଳେ ପର୍ଯ୍ୟାପ୍ତ ପୁରୁଣା କପଡା ରଖନ୍ତୁ।
2) ଡ୍ରେନ୍ ସ୍କ୍ରୁ (1) ଢିଲା କରନ୍ତୁ। ଏହାଦ୍ୱାରା ପାଣି ଡ୍ରେନ୍ ହୋଇଯିବ।
3) ଯେତେବେଳେ ପାଣି ଡିଜେଲ୍ ଫୁଏଲ୍‌ରେ ପରିବର୍ତ୍ତିତ ହୋଇଯିବ, ସେତେବେଳେ ଡ୍ରେନ୍ ସ୍କ୍ରୁ ଟାଇଟ୍ କରିବେ।

ଡ୍ରେନ୍ ସ୍କ୍ରୁ ପାଇଁ ଟର୍କ ଟାଇଟ୍ କରନ୍ତୁ
1.0 ଏନ୍.ଏମ୍ (0.10 କେଜିଏଫ୍-ଏମ୍, 0.74 ଏଲ୍‌ବିଏଫ୍-ଏଫ୍‌ଟି)

ବ୍ରେକ୍

ବ୍ରେକ୍ ଫ୍ଲୁଇଡ୍

ଉଦାହରଣ



77PM706

ଇନ୍‌ଷ୍ଟ୍ରୁମେଣ୍ଟ ପ୍ୟାନେଲ୍‌ରେ ରିଜର୍ଭଏରକୁ ଦେଖି ବ୍ରେକ୍ ଫ୍ଲୁଇଡ୍ ସ୍ତର ଯାଞ୍ଚ କରନ୍ତୁ। ରିଜର୍ଭଏର୍‌ରେ ବ୍ରେକ୍ ଫ୍ଲୁଇଡ୍ ସ୍ତର ଜାଣିବାକୁ ଷ୍ଟିଅରିଙ୍ଗ୍ ହ୍ୱୀଲ୍‌ର ଡାହାଣ ପାର୍ଶ୍ୱ କଭର୍ ଖୋଲନ୍ତୁ। "MAX" ଓ "MIN" ଲାଇନ୍ ମଧ୍ୟରେ ଫ୍ଲୁଇଡ୍ ସ୍ତର ଚେକ୍ କରନ୍ତୁ। ଯଦି ଏହି ସ୍ତର "MIN" ପାଖରେ ରହିଛି, ତେବେ "MAX" ପର୍ଯ୍ୟନ୍ତ ମାରୁତି ଜେନୁଇନ୍ ବ୍ରେକ୍ ଫ୍ଲୁଇଡ୍ ପକାନ୍ତୁ।

⚠ ଚେତାବନୀ

ନିମ୍ନଲିଖିତ ନିର୍ଦ୍ଦେଶାବଳୀ ପାଳନ ନକରିପାରିଲେ, ଆପଣଙ୍କୁ ଆଘାତ ଲାଗିପାରେ କିମ୍ବା ବ୍ରେକ୍ ସିଷ୍ଟମ୍‌ରେ କ୍ଷତି ହୋଇପାରେ।

- ରିଜର୍ଭଏର୍‌ରେ ବ୍ରେକ୍ ଫ୍ଲୁଇଡ୍ ଏକ ନିର୍ଦ୍ଦିଷ୍ଟ ସ୍ତରରୁ କମିଲେ, ଇନ୍‌ଷ୍ଟ୍ରୁମେଣ୍ଟ ପ୍ୟାନେଲ୍‌ରେ ବ୍ରେକ୍ ସତର୍କ ଲାଇଟ୍ 'ଅନ୍' ହେବ (ପାର୍କିଙ୍ଗ୍ ବ୍ରେକ୍ ସମ୍ପୂର୍ଣ୍ଣ ଅଣ-ନିୟୋଜିତ ହୋଇ ଇଞ୍ଜିନ୍ ଚାଲୁଥିବା ଦରକାର)। ଏହି ଲାଇଟ୍ ଜଳୁଥିଲେ, ବ୍ରେକ୍ ସିଷ୍ଟମ୍ ନିରୀକ୍ଷଣ ଲାଗି ମାରୁତି ସୁଜୁକି କମର୍ଶିଆଲ ଡିଲରଙ୍କୁ ପଚାରିବା ଉଚିତ୍।
- କ୍ଷୀପ୍ର ଗତିରେ ଫ୍ଲୁଇଡ୍ କମିଯିବା, ବ୍ରେକ୍ ସିଷ୍ଟମରେ ଲିକ୍ ହୋଇଥିବା ନିର୍ଦ୍ଦେଶ କରିଥାଏ, ଯାହାକୁ ମାରୁତି ସୁଜୁକି କମର୍ସିଆଲ ଡିଲରଙ୍କ ଦ୍ୱାରା ତତକ୍ଷଣ ନିରୀକ୍ଷଣ କରାଇବା ଉଚିତ୍।
- ମାରୁତି ଜେନୁଇନ୍ ବ୍ରେକ୍ ଫ୍ଲୁଇଡ୍ ଛଡା ଅନ୍ୟ କୌଣସି ଫ୍ଲୁଇଡ୍ ବ୍ୟବହାର କରନ୍ତୁ ନାହିଁ। ବଳକା ଫ୍ଲୁଇଡ୍ କିମ୍ବା ପୁରୁଣା କିମ୍ବା ଖୋଲା ପାତ୍ରରେ ଥିବା ଫ୍ଲୁଇଡ୍ ବ୍ୟବହାର କରନ୍ତୁ ନାହିଁ। ଏହା ନିତାନ୍ତ ଆବଶ୍ୟକ ଯେ, ବାହ୍ୟ ଅଣୁ ଏବଂ ଅନ୍ୟ ତରଳକୁ ବ୍ରେକ୍ ଫ୍ଲୁଇଡ୍ ରିଜର୍ଭଏର ବାହାରେ ରଖାଯାଇଥାଏ।

⚠ ସତର୍କତା

ବ୍ରେକ୍ ଫ୍ଲୁଇଡ୍ ଆପଣଙ୍କ ଆଖିର କ୍ଷତି କରିପାରେ ଏବଂ ଚିତ୍ରିତ ଚଟାଣକୁ ନଷ୍ଟ କରିପାରେ। ରିଜର୍ଭଏର୍ ରିଫିଲିଙ୍ଗ୍ କଲାବେଳେ ସତର୍କତା ଅବଲମ୍ବନ କରନ୍ତୁ।

⚠ ଚେତାବନୀ

- ଯଦି ଗାଡି ଓଭରଲୋଡ୍ ପରିସ୍ଥିତରେ ଡ୍ରାଇଭ୍ କରାଯାଉଥାଏ, ବ୍ରେକିଙ୍ଗ୍ ଦୂରତା ହୁଏତ ବେଶି ହୋଇପାରେ ଏବଂ ପେଡଲ୍ ପାଇଁ ଅଧିକ ଶକ୍ତି ଆବଶ୍ୟକ ହୋଇପାରେ।


⚠ ଚେତାବନୀ

ବ୍ରେକ୍ ଫ୍ଲୁଇଡ୍ କ୍ଷତିକାରକ କିମ୍ବା ଘାତକ ହୋଇପାରେ, ଯଦି ଏହା ପେଟକୁ ଚାଲିଯାଏ ଏବଂ ଯଦି ଚର୍ମ ଏବଂ ଆଖି ସଂସ୍ପର୍ଶରେ ଆସେ, ତେବେ ଏହା କ୍ଷତିକାରକ ହୋଇଥାଏ । ଯଦି ପେଟକୁ ଚାଲିଯାଏ ତତ୍‌କ୍ଷଣାତ୍ ବିଷ ନିୟନ୍ତ୍ରଣ କେନ୍ଦ୍ର କିମ୍ବା ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ। ଯଦି ବ୍ରେକ୍ ଫ୍ଲୁଇଡ୍ ଆଖିକୁ ଚାଲିଯାଇଛି, ପାଣିରେ ଆଖି ଧୂଅନ୍ତୁ ଏବଂ ଡାକ୍ତରଖାନା ଯାଆନ୍ତୁ। ଧରିବା ପରେ ଭଲଭାବେ ଧୂଅନ୍ତୁ। ଏହି ଦ୍ରବଣ ପଶୁଜନ୍ତୁଙ୍କ ପାଇଁ ବିଷାକ୍ତ ହୋଇପାରେ। ଶିଶୁ ଏବଂ ପଶୁଜନ୍ତୁଙ୍କ ନିକଟରୁ ଏହାକୁ ଦୂରରେ ରଖନ୍ତୁ।

ନୋଟ୍:
ବ୍ରେକ୍ ପ୍ୟାଡ୍ ଘଷି ହୋଇଯାଇଥିବାରୁ, ଡିସ୍କ ବ୍ରେକ ସହିତ ଫ୍ଲୁଇଡ୍ ଲେଭଲ୍ ଧୀରେ ଧୀରେ କମିବା ଆଶା କରାଯାଇପାରେ ।

ବ୍ରେକ୍ ପେଡଲ୍

ଆପଣ ବ୍ରେକ୍‌କୁ ଦାବିବାବେଳେ, ତାହା ସ୍ପଞ୍ଜୀ ଅନୁଭବ ବିନା ନିୟମିତ ଉଚ୍ଚତାରେ ରହୁଛି କି ନାହିଁ, ତାହା ଯାଞ୍ଚ କରନ୍ତୁ । ଯଦି ହେଉନାହିଁ, ତେବେ ମାରୁତି ସୁଜୁକି କମର୍ଶିଆଲ ଡିଲର୍ ଦ୍ୱାରା ବ୍ରେକ୍ ସିଷ୍ଟମ୍‌ର ଯାଞ୍ଚ କରନ୍ତୁ। ଯଦି ବ୍ରେକ୍ ପେଡଲ୍‌ର ନିୟମିତ ଉଚ୍ଚତା ନେଇ ସନ୍ଦେହ ହୁଏ, ତେବେ ନିମ୍ନ ପ୍ରକାରରେ ଯାଞ୍ଚ କରନ୍ତୁ:




77PM701

ପେଡାଲ୍‌ରୁ ଫ୍ରଣ୍ଟ ପ୍ୟାନେଲ୍ ମଧ୍ୟରେ ନ୍ୟୁନତମ ଦୂରତା "କ":
180 ମିଲିମିଟର (7.1 ଇ.)

ଇଞ୍ଜିନ ଚାଲୁଥିବା ଅବସ୍ଥାରେ ବ୍ରେକ୍ ପେଡଲ୍ ଏବଂ ଫ୍ରଣ୍ଟ ପ୍ୟାନେଲ୍ ମଧ୍ୟରେ ଦୂରତା ମାପ କରନ୍ତୁ, ଯେତେବେଳେକି ପେଡଲ୍ 30 କିଲୋଗ୍ରାମ (66 ଏଲ୍.ବି.ଏସ୍.)ର ଶକ୍ତି ସହିତ ଦବାଯାଇଥିବ। ଆବଶ୍ୟକ ହେଉଥିବା ନ୍ୟୁନତମ ଦୂରତା ପ୍ରଦାନ କରାଯାଇଛି। ଯେହେତୁ ଆପଣଙ୍କ ଗାଡିର ବ୍ରେକ୍ ସିଷ୍ଟମ୍ ନିଜେ ଆଡଜଷ୍ଟ ହୋଇପାରୁଛି, ପେଡଲ୍ ଆଡ୍‌ଜଷ୍ଟମେଣ୍ଟର ଆବଶ୍ୟକତା ନାହିଁ।

ଯଦି ପେଡଲ୍‌ରୁ ଫ୍ରଣ୍ଟ ପ୍ୟାନଲ୍‌ର ଦୂରତା ଆବଶ୍ୟକ ଦୂରତାରୁ କମ୍ ହୁଏ, ତେବେ ଆପଣଙ୍କ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍ ଦ୍ୱାରା ଗାଡିର ଯାଞ୍ଚ କରାନ୍ତୁ।

ନୋଟ୍:
ଫ୍ରଣ୍ଟ ପ୍ୟାନଲ୍ ଏବଂ ବ୍ରେକ୍ ପେଡଲ୍ ମଧ୍ୟରେ ଦୂରତା ମାପ କଲାବେଳେ, ନିଶ୍ଚିତ କରନ୍ତୁ ଯେ, ଫ୍ଲୋର୍ ମ୍ୟାଟ୍ କିମ୍ବା ଫ୍ରଣ୍ଟ ପ୍ୟାନଲ୍‌ରେ ଥିବା ରବର୍ ଆପଣଙ୍କ ମାପ ମଧ୍ୟରେ ଆସୁନାହିଁ।




60G104S

⚠ ଚେତାବନୀ

ନିମ୍ନ ଲିଖିତ ସମସ୍ୟାଗୁଡ଼ିକ ମଧ୍ୟରୁ ଯଦି କୌଣସି ଗୋଟିଏ ସମସ୍ୟା ଆପଣଙ୍କ ବ୍ରେକ୍ ସିଷ୍ଟମ୍‌ରେ ଅନୁଭୂତ ହୁଏ, ତେବେ ତତ୍‌କ୍ଷଣାତ୍ ଆପଣଙ୍କ ଗାଡିକୁ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍ ନିକଟରେ ଦେଖାନ୍ତୁ।

- **ଦୁର୍ବଳ ବ୍ରେକିଙ୍ଗ୍ ପରଫର୍ମାନ୍ସ**
- **ଅନ୍‌ଇଭିନ୍ ବ୍ରେକିଙ୍ଗ୍ (ସମାନ ଭାବେ ସବୁ ଚକରେ ବ୍ରେକ୍ ନ ଲାଗିବା)**
- **ଅଧିକ ପେଡଲ୍ କରିବାକୁ ପଡିଲେ**
- **ବ୍ରେକ୍ ଡ୍ରାଗିଙ୍ଗ୍**
- **ଅଧିକ ଶବ୍ଦ**
- **ପେଡାଲ ଧଡଧଡ ହେଲେ (ପେଡଲ୍‌କୁ ଦାବିଲେ ତାହା ଧଡ଼ ଧଡ଼ ହୁଏ)**

ପାର୍କିଙ୍ଗ୍ ବ୍ରେକ୍



77PM702


ରାଚେଟ୍ ଟୁଥ୍ ବିବ୍ରଣ 7ମ – 9ମ ଟୀଥ୍
ଲିଭର୍ ପୁଲ୍ ଫୋର୍ସ (1):
200 ଏନ୍ (20 କେଜିଏଫ୍, 44 ଏଲ୍‌ବିଏଫ୍)

ପାର୍କିଙ୍ଗ୍ ବ୍ରେକ୍ ପାଇଁ ତା'ର ଲିଭରକୁ ଧୀରେ ଧୀରେ ଟାଣିଲାବେଳେ ସଠିକ୍ ବ୍ରେକ୍ ଲଗାଇବାକୁ ରାଚେଟ୍ ଟୀଥ୍ କ୍ଲିକ୍ ଦ୍ୱାରା ସଂଖ୍ୟା ଗଣତି କରିବାକୁ ହେବ । ନିର୍ଦ୍ଦିଷ୍ଟ ରାଚେଟ୍ ଟିଥ୍ ମଧ୍ୟରେ ପାର୍କିଙ୍ଗ୍ ବ୍ରେକ୍ ଲିଭର୍ ବନ୍ଦ ରହିବା ଉଚିତ୍ ଏବଂ ପଛ ଚକ ସୁରକ୍ଷିତ ଭାବେ ଲକ୍ ରହିବା ଉଚିତ୍। ଲିଭର୍ ସମ୍ପୂର୍ଣ୍ଣ ଭାବେ ରିଲିଜ୍ ହୋଇଥିଲେ ସୁଦ୍ଧା ଯଦି ପାର୍କିଙ୍ଗ୍ ବ୍ରେକ୍ ଠିକ୍ ଭାବେ ଲାଗି ନାହିଁ ତା'ହେଲେ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍‌ଙ୍କ ନିକଟରେ ପାର୍କିଙ୍ଗ୍ ବ୍ରେକ୍ ଯାଞ୍ଚ ଏବଂ ଠିକ୍ କରାନ୍ତୁ।

⚠ ଚେତାବନୀ

- **ଗାଡି ଓଭର୍‌ଲୋଡ୍ ଥିଲେ ହୁଏତ ପାର୍କିଙ୍ଗ୍ ବ୍ରେକ୍ କାମ କରିନପାରେ। ଗାଡିକୁ ନିୟନ୍ତ୍ରଣରେ ରଖିବାକୁ ଅତିରିକ୍ତ ଚୋକ୍ ବ୍ୟବହାର କରନ୍ତୁ।**

ଷ୍ଟିଅରିଙ୍ଗ୍



77PH042


ଷ୍ଟିଅରିଙ୍ଗ୍ ହ୍ୱୀଲ୍ ପ୍ଲେ "ଗ":
0 – 30 ମିଲିମିଟର (0.0 – 1.2 ଇ.)

ମଧ୍ୟସ୍ଥଳରୁ, ବାମରୁ ଡାହାଣକୁ ଧୀରେ ଧୀରେ ଷ୍ଟିଅରିଙ୍ଗ୍ ହ୍ୱୀଲ୍ ବୁଲାଇ ଯାଞ୍ଚ କରନ୍ତୁ ଏବଂ ଆପଣଙ୍କୁ ସାମାନ୍ୟ ପ୍ରତିରୋଧ ଲାଗିବା ପୂର୍ବରୁ ଏହା ଗତି କରିଥିବା ଦୂରତା ମାପନ୍ତୁ। ପ୍ଲେ ମଧ୍ୟରେ ନିର୍ଦ୍ଦିଷ୍ଟ ମୂଲ୍ୟ ରହିବା ଉଚିତ୍।
ଯାଞ୍ଚ କରନ୍ତୁ ଯେ, ଷ୍ଟିଅରିଙ୍ଗ୍ ହ୍ୱୀଲ୍‌କୁ ଧୀରେ ଗତିଶୀଳ ହେବା ଏବଂ ଚଳିଙ୍ଗ୍‌ରେ ଖଡ଼ ଖଡ଼ ଶବ୍ଦ ବିନା ଖୋଲା ଅଞ୍ଚଳରେ ଧୀରେ ଡ୍ରାଇଭିଙ୍ଗ୍ କଲାବେଳେ ବାମ ଏବଂ ଡାହାଣକୁ ସବୁଆଡୁ ଗତି କରିପାରୁଥିବ। ଯଦି ବିବରଣ ବାହାରେ ଫ୍ରି ପ୍ଲେ ହୁଏ କିମ୍ବା ଅନ୍ୟ କୌଣସି କୌଣସି ଭୁଲର ସନ୍ଧାନ ପାଆନ୍ତି, ତେବେ ମାରୁତି ସୁଜୁକି କମର୍ଶିଆଲ ଡିଲର୍‌ଙ୍କ ନିକଟରେ ନିଶ୍ଚିତ ଯାଞ୍ଚ କରାଇନିଅନ୍ତୁ ।

ପ୍ରପେଲର୍ ଶାଫ୍ଟ ୟୁନିଭର୍ସଲ୍ ଜଏଣ୍ଟ

ସାମନା


ଉଦାହରଣ



77PM703

ପଛ

ଉଦାହରଣ




77PM704

ସର୍ଭିସ୍ ସୂଚୀ ଅନୁସାରେ, ପ୍ରପେଲର୍ ଶାଫ୍ଟ ୟୁନିଭର୍ସଲ ଜଏଣ୍ଟ (1) (ସାମନା ଓ ପଛ)କୁ ଲୁବ୍ରିକେଟ୍ କରନ୍ତୁ।

ପ୍ରପେଲର୍ ଶାଫ୍ଟ ୟୁନିଭର୍ସଲ୍ ଜଏଣ୍ଟକୁ ଲୁବ୍ରିକେଟ୍ କରିବା ପାଇଁ ଗ୍ରିସ୍ ଗନ୍ (2) କିମ୍ବା ନିର୍ଦ୍ଦିଷ୍ଟ ଭାବେ ଗ୍ରିସ୍ ଏନ୍.ଏଲ୍.ଜି. ଗ୍ରେଡ୍ 2 ବ୍ୟବହାର କରିବା ଉଚିତ୍।

ଟାୟାର୍ସ

ଉଦାହରଣ



77PM705

ଆପଣଙ୍କ ଗାଡ଼ିର ଆଗ ଏବଂ ପଛ ଟାୟାରର ପ୍ରେସର ପାଇଁ ଟାୟାର ଇନଫର୍ମେସନ ଲେବଲରେ ବିବରଣୀ ଦିଆଯାଇଛି। ଉଭୟ ଆଗ ଓ ପଛ ଟାୟାର୍‌ରେ ବିନିର୍ଦ୍ଦିଷ୍ଟ ଟାୟାର୍ ପ୍ରେସର୍ ରହିବା ଉଚିତ ।

ଏହା ଧ୍ୟାନଦିଅନ୍ତୁ ଯେ, କମ୍ପାକ୍ଟ ସ୍ପେୟାର ଟାୟାର୍, ଯଦି ଲାଗିଥାଏ, ପାଇଁ ଏହା ଲାଗୁ ହେବ ନାହିଁ।

ଟାୟାର୍ ଯାଞ୍ଚ


ନିମ୍ନଲିଖିତ ଯାଞ୍ଚ କରି, ମାସକୁ ଅତି କମ୍‌ରେ ଥରେ ଆପଣଙ୍କ ଗାଡିର ଟାୟାର୍ ଯାଞ୍ଚ କରିବା ଉଚିତ୍:

1) ଟାୟାର୍ ପ୍ରେସର୍ ଗଜ୍‌ରେ ଏୟାର୍ ପ୍ରେସର୍ ମାପନ୍ତୁ। ଆବଶ୍ୟକ ହେଲେ ପ୍ରେସର୍ ଠିକ୍ କରନ୍ତୁ। ସ୍ପେୟାର୍ ଟାୟାର୍ ଚେକ୍ କରିବାକୁ ଭୁଲନ୍ତୁ ନାହିଁ।

⚠ ଚେତାବନୀ

- **ଟାୟାର୍ ଥଣ୍ଡା ଥିବାବେଳେ ଏୟାର୍ ପ୍ରେସର୍ ଯାଞ୍ଚ କରନ୍ତୁ, ନହେଲେ ହୁଏତ ଆପଣଙ୍କୁ ସଠିକ୍ ରିଡିଙ୍ଗ୍ ମିଳିନପାରେ।**
- **ସମୟ ସମୟରେ ଟାୟାର୍‌ର ପ୍ରେସର୍ ଯାଞ୍ଚ କରନ୍ତୁ, ଯେତେବେଳ ପର୍ଯ୍ୟନ୍ତ ଟାୟାର୍ ନିର୍ଦ୍ଦିଷ୍ଟ ପ୍ରେସର୍ ଗ୍ରହଣ କରିନଥାଏ, ଧୀରେ ଧୀରେ ପବନ ଭରନ୍ତୁ।**
- **ଟାୟାର୍‌ରେ କେବେବି ଅଧିକ କିମ୍ବା କମ୍ ପବନ ଭରନ୍ତୁ ନାହିଁ।**
- **କମ୍ ହାୱା ଥିଲେ, ଟାୟାର୍ ବିଡ୍, ରିମରୁ ଖସିଯିବା ସହ ଗାଡି ଚଳାଇବାରେ ଅସ୍ୱାଭାବିକ ଲାଗିଥାଏ, ଯାହାଫଳରେ ଦୁର୍ଘଟଣା କିମ୍ବା ଟାୟାର୍ କିମ୍ବା ରିମକୁ କ୍ଷତି ହୋଇଥାଏ।**
- **ଅଧିକ ହାୱା ଥିଲେ, ଟାୟାର ଫାଟିଯାଇପାରେ, ଫଳରେ ଆଘାତ ଲାଗିପାରେ। ଅଧିକ ହାୱା ଗାଡି ଚାଳନାରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରେ, ଯାହା ଫଳରେ ଦୁର୍ଘଟଣା ଘଟିଥାଏ।**

ଉଦାହରଣ



52KM110

(1) ଟ୍ରେଡ୍ ୱିୟର୍ ଇଣ୍ଡିକେଟର୍
(2) ଇଣ୍ଡିକେଟର୍ ଲୋକେସନ୍ ମାର୍କ

2) ଟ୍ରେଡ୍ ଗ୍ରୁଭ୍‌ର ଗଭୀରତା 1.6 ମିଲିମିଟର (0.06 ଇ.) ରୁ ଅଧିକ କି ନୁହେଁ, ତାହା ଯାଞ୍ଚ କରନ୍ତୁ। ଯାଞ୍ଚରେ ସାହାଯ୍ୟ କରିବାକୁ ଗ୍ରୁଭ୍‌ରେ ଟ୍ରେଡ୍ ୱିୟର୍ ଇଣ୍ଡିକେଟର୍ ଲାଗିଥାଏ। ଯେତେବେଳେ ଟ୍ରେଡ୍ ଚଟାଣରେ ଇଣ୍ଡିକେଟର୍ ଦେଖାଯାଏ, ଟ୍ରେଡର ବାକି ଗଭୀରତା 1.6 ମିଲିମିଟର (0.06 ଇ.) କିମ୍ବା ତାହାଠାରୁ କମ୍ ହୁଏ ଏବଂ ଟାୟାର ବଦଳାଇବାକୁ ପଡେ।
3) ଅସ୍ୱାଭାବିକ ଭାବେ ଘଷି ହୋଇଯାଇଥିଲେ, ଫାଟ ଏବଂ କ୍ଷୟକ୍ଷତି ଥିଲେ ଯାଞ୍ଚ କରନ୍ତୁ। କୌଣସି ଟାୟାର୍‌ରେ ଫାଟ ଏବଂ କ୍ଷତିଗ୍ରସ୍ତ ହୋଇଥିଲେ ବଦଳାଇବା ଉଚିତ୍। ଯଦି କୌଣସି ଟାୟାର୍ ଅସ୍ୱାଭାବିକ ଲାଗୁଥାଏ, ତେବେ ତାକୁ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍‌ଙ୍କ ନିକଟରେ ଯାଞ୍ଚ କରାନ୍ତୁ।

⚠ ସତର୍କତା

ଫୁଟପାଥରେ ପିଟିଲେ ଏବଂ ପଥରରେ ଚଳାଇଲେ ଟାୟାର କ୍ଷତି ହୋଇପାରେ ଏବଂ ହ୍ୱୀଲ୍ ଆଲାଇନ୍‌ମେଣ୍ଟ ପ୍ରଭାବିତ ହୋଇପାରେ। ନିର୍ଦ୍ଦିଷ୍ଟ ଅବଧିରେ ମାରୁତି ସୁଜୁକି କମର୍ଶିଆଲ ଡିଲର୍‌ଙ୍କ ନିକଟରେ ଟାୟାର୍ ଏବଂ ହ୍ୱୀଲ୍ ଆଲାଇନ୍‌ମେଣ୍ଟ ଯାଞ୍ଚ କରନ୍ତୁ।

4) ଢିଲା ହ୍ୱୀଲ୍ ନଟ୍ ଯାଞ୍ଚ କରନ୍ତୁ।
5) କୌଣସି ପ୍ରକାରର କଣ୍ଟା, ପଥର କିମ୍ବା ଅନ୍ୟାନ୍ୟ ବସ୍ତୁ, ଟାୟାର୍‌ରେ ଲାଗିନଥିବାର ଯାଞ୍ଚ କରନ୍ତୁ।

⚠ ଚେତାବନୀ


- **ଆପଣଙ୍କ ଗାଡିରେ ଯେଉଁ ଟାୟାର୍ ଲାଗିଛି, ତାହାର ଆକାର ଓ ପ୍ରକାର ସମାନ। ତେଣୁ, ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଗାଡି ଚଳାଇବାବେଳେ ଷ୍ଟୀଅରିଙ୍ଗ୍ ସଠିକ୍ ରଖିବା ଦରକାର। କେବେବି ଆପଣଙ୍କ ଗାଡିରେ ଭିନ୍ନ ଭିନ୍ନ ଆକାର ଓ ପ୍ରକାରର ଟାୟାର ଲଗାନ୍ତୁ ନାହିଁ। ସେହି ଆକାର ଓ ପ୍ରକାରର ଟାୟାର ଲଗାଇବା ଉଚିତ୍ , ଯାହା ମାରୁତୁ ସୁଜୁକି ଦ୍ୱାରା ଅନୁମୋଦିତ କିମ୍ବା ଆପଣଙ୍କ ଗାଡ଼ି ପାଇଁ ବୈକଳ୍ପିକ ହୋଇଥିବ।**
- **ଆପଣଙ୍କ ଗାଡିରେ ଲାଗିଥିବା ଟାୟାର୍ ବଦଳାଉଥିଲେ ନିର୍ଦ୍ଦିଷ୍ଟ କମ୍ବିନେସନ୍‌କୁ ଧ୍ୟାନଦିଅନ୍ତୁ। ଆଫ୍ଟର ମାର୍କେଟ୍ ହ୍ୱୀଲ୍ ଓ ଟାୟାର୍ କମ୍ବିନେସନ୍ ଆପଣଙ୍କ ଗାଡି ଚାଳନା ତଥା ଗାଡ଼ିର ବୈଶିଷ୍ଟ୍ୟତାକୁ ସ୍ପଷ୍ଟ ଭାବେ ପରିବର୍ତ୍ତିତ କରିଦେଇଥାଏ।**
- **ତେଣୁ, ଆପଣଙ୍କ ଗାଡ଼ି ପାଇଁ କେବଳ ମାରୁତି ସୁଜୁକି ଦ୍ୱାରା ଅନୁମୋଦିତ ଚକ ଏବଂ ଟାୟାର୍ କମ୍ବିନେସନ୍‌କୁ ହିଁ ବ୍ୟବହାର କରନ୍ତୁ।**

ନୋଟିସ

ମୂଳ (ଅରିଜିନଲ) ଟାୟାର୍ ବଦଳାଇ ଭିନ୍ନ ଆକାରର ଟାୟାର ଲଗାଇଥିଲେ, ତାହା ସ୍ପୀଡୋମିଟର୍ ଏବଂ ଓଡୋମିଟର୍ ରିଡିଙ୍ଗ୍ ଭୁଲ୍ ଦେଖାଇଥାଏ। ଅରିଜିନାଲ୍ ଟାୟାର୍ ଆକାରଠାରୁ ଭିନ୍ନ ଟାୟାର୍ କିଣିବା ପୂର୍ବରୁ ଆପଣଙ୍କ ମାରୁତି ସୁଜୁକି ଡିଲର୍ ନିକଟରେ ଯାଞ୍ଚ କରନ୍ତୁ।

ଟାୟାର୍ ରୋଟେସନ୍

ଉଦାହରଣ



80JK7001

ଟାୟାର୍ ଅସମାନ ଘର୍ଷଣକୁ ଏଡ଼ାଇବା ଏବଂ ସେଗୁଡ଼ିକର ଜୀବନ ଦୀର୍ଘସ୍ଥାୟୀ କରିବା ପାଇଁ, ଚିତ୍ରିତ ଅନୁସାରେ ଟାୟାରକୁ ରୋଟେଟ୍ କରନ୍ତୁ। ପ୍ରତି 10000 କିଲୋମିଟରରେ ଟାୟାର୍ ରୋଟେଟ୍ କରିବା ଉଚିତ୍। ରୋଟେସନ୍ ପରେ ଆଗ ଓ ପଛ ଟାୟାରର ପ୍ରେସରକୁ ଟାୟାର୍ ଇନ୍‌ଫର୍ମେସନ୍ ଲେବଲ୍ ଦେଖି ଠିକ୍ କରନ୍ତୁ।

ହ୍ୱିଲ୍ ବାଲାନ୍ସିଙ୍ଗ୍

ଯଦି ସମାନ୍ତରାଳ ରାସ୍ତାରେ ଗାଡି ଅସ୍ୱାଭାବିକ ଭାବେ ଥରୁଛି, ତା'ହେଲେ ମାରୁତି ସୁଜୁକି କମର୍ଶିଆଲ୍ ୱାର୍କଶପ୍‌ରେ ହ୍ୱିଲ୍ ବାଲାନ୍ସ କରନ୍ତୁ।

ହ୍ୱିଲ ଆଲାଇନ୍‌ମେଣ୍ଟ


ଅସ୍ୱାଭାବିକ ଟାୟାର୍ ୱିଅର୍ କିମ୍ବା ଗୋଟିଏ ପାଖକୁ ଗାଡି ଟାଣି ହେଉଥିଲେ ସ୍ୱୀକୃତିପ୍ରାପ୍ତ ମାରୁତି ସୁଜୁକି କମର୍ଶିଆଲ୍ ୱାର୍କଶପ୍‌ରେ ହ୍ୱିଲ୍ ଆଲାଇନ୍‌ମେଣ୍ଟ କରନ୍ତୁ।

ବ୍ୟାଟେରୀ

⚠ ଚେତାବନୀ

- **ବ୍ୟାଟେରୀ ଜ୍ୱଳନଶୀଳ ହାଇଡ୍ରୋଜେନ୍ ଗ୍ୟାସ୍ ଉତ୍ପନ୍ନ କରିଥାଏ। ଅଗ୍ନିଶିଖା ଏବଂ ସ୍ପାର୍କଠାରୁ ବ୍ୟାଟେରୀକୁ ଦୂରରେ ରଖନ୍ତୁ, ନହେଲେ ହୁଏତ ବିସ୍ଫୋରଣ ଘଟିପାରେ। ବ୍ୟାଟେରୀର କାମ ଚାଲୁଥିବା ବେଳେ ଧୂମପାନ କରନ୍ତୁ ନାହିଁ।**
- **ବ୍ୟାଟେରୀ ସର୍ଭିସିଙ୍ଗ୍ ବେଳେ କିମ୍ବା ଯାଞ୍ଚ ବେଳେ ନେଗେଟିଭ୍ କେବଲ୍ ବିଚ୍ଛିନ୍ନ କରନ୍ତୁ। ସତର୍କ ରୁହନ୍ତୁ, ବ୍ୟାଟେରୀ ପୋଷ୍ଟ ଯେମିତି କୌଣସି ଧାତୁ ସଂସ୍ପର୍ଶରେ ଆସି ଶର୍ଟ ସର୍କିଟ୍ ତଥା ଗାଡି ମଧ୍ୟ ପ୍ରଭାବିତ ନହୁଏ।**
- **ଯଦି ଆପଣଙ୍କ ଗାଡ଼ିକୁ ଜମ୍ପ୍ ଷ୍ଟାର୍ଟ କରିବା ଆବଶ୍ୟକ ହୁଏ, ତେବେ ଏହି ମାନୁଆଲ୍‌ର "ଜରୁରୀକାଳୀନ ସେବା (ସର୍ଭିସ୍)" ବିଭାଗରେ ଥିବା ଜମ୍ପ ଷ୍ଟାର୍ଟ ଉପରେ ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ, ଯେଉଁଥିରୁ ନିଜକୁ ଆଘାତ କିମ୍ବା ଗାଡ଼ି କିମ୍ବା ବ୍ୟାଟେରୀକୁ ନଷ୍ଟ ହେବାରୁ ଏଡ଼ାଇପାରିବେ ।**

ଉଦାହରଣ



54GM701

ରକ୍ଷଣାବେକ୍ଷଣ ମୁକ୍ତ ବ୍ୟାଟେରୀ (କ୍ୟାପ୍ ବିହୀନ ପ୍ରକାର) ପାଇଁ ପାଣି ବ୍ୟବହାର କରିବା ଦରକାର ନାହିଁ। ପାରମ୍ପରିକ ବ୍ୟାଟେରୀ ପାଇଁ ୱାଟର୍ ଫିଲର୍ କ୍ୟାପ୍ ସହ ବ୍ୟାଟେରୀ ସଲ୍ୟୁସନ୍, ସବୁବେଳେ ଉପର ସ୍ତର ଲାଇନ୍ (1) ଏବଂ ତଳସ୍ତର ଲାଇନ୍ (2) ମଝିରେ ରହିବ। ଯଦି ଏହା ତଳସ୍ତର ଲାଇନ୍ (2) କୁ ଚାଲି ଆସିଥିବା ଦେଖିବାକୁ ମିଳେ, ତେବେ ଉପର ସ୍ତର ଲାଇନ୍ (1) ପର୍ଯ୍ୟନ୍ତ ବିଶୋଧିତ ପାଣି ମିଶାନ୍ତୁ। ନିର୍ଦ୍ଦିଷ୍ଟ ସମୟାବଧିରେ, କୌଣସି ପ୍ରକାର କ୍ଷତି କିମ୍ବା କଳଙ୍କି ପାଇଁ ବ୍ୟାଟେରୀ, କେସ୍ ବ୍ୟାଟେରୀ ଟର୍ମିନଲ୍ ଓ ବ୍ୟାଟେରୀ ଧାରକ ବ୍ରାକେଟ୍ ଯାଞ୍ଚ କରନ୍ତୁ। ଟାଣ ବ୍ରଶ୍ ଏବଂ ଆମୋନିଆ ମିଶା ପାଣି କିମ୍ବା ସୋଡା ମିଶା ପାଣି ଦ୍ୱାରା କଳଙ୍କି ସଫା କରନ୍ତୁ । ଏହାପରେ ସଫା ପାଣିରେ ଧୋଇ ପୋଛି ନିଅନ୍ତୁ।

ମାସେ କିମ୍ବା ତା'ଠାରୁ ଅଧିକ ସମୟ ଧରି ଯଦି ଆପଣଙ୍କ ଗାଡି ଚଳାଚଳ କରୁନାହିଁ, ତେବେ ବ୍ୟାଟେରୀରର ନେଗେଟିଭ୍ ଟର୍ମିନଲ୍‌ରୁ କେବଲ୍‌କୁ ବିଚ୍ଛିନ୍ନ କରନ୍ତୁ, ଏହା ଆପଣଙ୍କୁ ବ୍ୟାଟେରୀ ଡିସ୍‌ଚାର୍ଜ ହେବାରୁ ପ୍ରତିରୋଧ କରିବାରେ ସାହାଯ୍ୟ କରିଥାଏ।

ଫ୍ୟୁଜ୍

ନିମ୍ନରେ ବର୍ଣ୍ଣନା କରାଯାଇଥିବା ଭଳି ଆପଣଙ୍କ ଗାଡ଼ିରେ ତିନି ପ୍ରକାର ଫ୍ୟୁଜ୍ ରହିଛି:


ଫ୍ୟୁଜ୍ କରାଯାଇପାରୁଥିବା ଲିଙ୍କ୍ ୱାୟର୍ ଏବଂ ମେନ୍ ଫ୍ୟୁଜ୍
ମେନ୍ ଫ୍ୟୁଜ୍, ସିଧାସଳଖ ବ୍ୟାଟେରୀରୁ କରେଣ୍ଟ ନେଇଥାଏ ।

ପ୍ରାଇମେରୀ ଫ୍ୟୁଜ୍
ଏହି ଫ୍ୟୁଜ୍‌ଗୁଡ଼ିକ, ମେନ୍ ଫ୍ୟୁଜ୍ ଏବଂ ପୃଥକ୍ ଫ୍ୟୁଜ୍‌ଗୁଡ଼ିକ ମଧ୍ୟରେ ଥାଏ ଏବଂ ଇଲେକ୍ଟ୍ରିକଲ୍ ଲୋଡ୍ ଗ୍ରୁପ୍ ପାଇଁ ଉଦ୍ଦିଷ୍ଟ ।

ପୃଥକ୍ ଫ୍ୟୁଜ୍
ଏହି ଫ୍ୟୁଜ୍‌ଗୁଡ଼ିକ, ପୃଥକ୍ ବୈଦ୍ୟୁତିକ ପରିପଥ (ଇଲେକ୍ଟ୍ରିକଲ୍ ସର୍କିଟ୍) ପାଇଁ ଉଦ୍ଦିଷ୍ଟ ।


ଗୋଟିଏ ଫ୍ୟୁଜ୍ ହଟାଇବା ପାଇଁ, ରିଲେ ବକ୍ସରେ ଦିଆଯାଇଥିବା ଫ୍ୟୁଜ୍ ପୁଲର୍ (1) ବ୍ୟବହାର କରନ୍ତୁ ।

ଉଦାହରଣ




77PM07012

ଇଞ୍ଜିନ୍ କମ୍ପାର୍ଟମେଣ୍ଟରେ ଥିବା ଫ୍ୟୁଜ୍



77PH076




77PH077

ମେନ୍ ଫ୍ୟୁଜ୍ / ପ୍ରାଇମେରୀ ଫ୍ୟୁଜ୍ / ରିଲେ		
କ୍ରମିକ ନମ୍ବର	ରେଟିଙ୍ଗ୍	ଫ୍ୟୁଜ୍ / ରିଲେ
(1)	–	ଏସ୍.ଟି. (ମୋଟର ରିଲେ ଆରମ୍ଭ କରିବା)
(2)	–	ଆର୍.ଡି.ଟି.ଆର୍. (ରେଡିଏଟର୍ ଫ୍ୟାନ୍ ରିଲେ)
(3)	–	ଗ୍ଲୋ 2 (ଗ୍ଲୋ ପ୍ଲଗ୍ 2 ରିଲେ)
(4)	–	ଏଫ୍/ପି (ଫୁଏଲ୍ ପମ୍ପ୍ ରିଲେ)
(5)	20A	ଏଫ୍/ପ (ଫୁଏଲ୍ ପମ୍ପ୍)
(6)	30A	ଏଫ୍ଆ (ଫୁଏଲ୍ ଇଞ୍ଜେକ୍ଟର୍)
(7)	30A	ଏସ୍.ଟି. (ଷ୍ଟାର୍ଟିଙ୍ଗ୍ ମୋଟର)
(8)	15A	ହର୍ନ/ବିପଦ
(9)	70A	ଏ.ଏଲ୍.ଟି. (ଅଲ୍ଟରନେଟର୍)
(10)	20A	ଗ୍ଲୋ ପ୍ଲଗ୍
(11)	20A	ଗ୍ଲୋ ପ୍ଲଗ୍ 2
(12)	40A	ବ୍ୟାଟେରୀ
(13)	40A	ଆ.ଜି.ଏନ୍. (ଇଗ୍ନିଶନ୍ ସ୍ୱିଚ୍)
(14)	30A	ଆର୍.ଡି.ଟି.ଆର୍. (ରେଡିଏଟର୍ ଫ୍ୟାନ୍)
(15)	–	ଗ୍ଲୋ ପ୍ଲଗ୍ ରିଲେ
(16)	–	ଖାଲି
(17)	–	ଖାଲି
(18)	–	ଫୁଏଲ୍ ଇଞ୍ଜେକ୍ଟର୍ ମେନ୍ ରିଲେ
(19)	15A	ଏଫ୍ଆ2 (ଫୁଏଲ୍ ଇଞ୍ଜେକ୍ଟର୍ 2)
(20)	20A	ଆଇ.ଏନ୍.ଜେ. ଡି.ଆର୍.ଭି. (ଇଞ୍ଜେକ୍ଟର୍ ଡ୍ରାଇଭର୍)

ମେନ୍ ଫ୍ୟୁଜ୍, ପ୍ରାଇମେରୀ ଫ୍ୟୁଜ୍ ଏବଂ କେତେକ ପୃଥକ୍ ଫ୍ୟୁଜ୍ ଇଞ୍ଜିନ୍ କମ୍ପାର୍ଟମେଣ୍ଟରେ ଥାଏ । ଯଦି ମେନ୍ ଫ୍ୟୁଜ୍ ଉଡ଼ିଯାଏ, କୌଣସି ବୈଦ୍ୟୁତିକ ଯନ୍ତ୍ରାଂଶ କାମ କରିବ ନାହିଁ । ଯଦି ପ୍ରାଇମେରୀ ଫ୍ୟୁଜ୍ ଉଡ଼ିଯାଏ, ସେହି ଲୋଡ୍ ଗ୍ରୁପ୍‌ର କୌଣସି ବୈଦ୍ୟୁତିକ ଯନ୍ତ୍ରାଂଶ କାମ କରିବ ନାହିଁ । ମେନ୍ ଫ୍ୟୁଜ୍, ପ୍ରାଇମେରୀ ଫ୍ୟୁଜ୍ କିମ୍ବା ଗୋଟିଏ ପୃଥକ୍ ଫ୍ୟୁଜ୍ ବଦଳାଇବା ସମୟରେ ଏକ ମାରୁତି ଜେନୁଇନ୍ ପାର୍ଟ ବ୍ୟବହାର କରନ୍ତୁ ।

ଫ୍ୟୁଜ୍ ହଟାଇବା ପାଇଁ, ରିଲେ ବାକ୍ସରେ ଦିଆଯାଇଥିବା ଫ୍ୟୁଜ୍ ପୁଲର୍ (1) ବ୍ୟବହାର କରନ୍ତୁ। ପ୍ରତ୍ୟେକ ଫ୍ୟୁଜ୍‌ର ଏମ୍ପରେଜ୍ ଫ୍ୟୁଜ୍ ବାକ୍ସର କଭର୍ ଭିତରେ ଦର୍ଶାଯାଇଛି ।

ଉଦାହରଣ



60G111


⚠ ଚେତାବନୀ

ଯଦି ମେନ୍ ଫ୍ୟୁଜ୍ କିମ୍ବା ପ୍ରାଇମେରୀ ଫ୍ୟୁଜ୍ ଉଡ଼ିଯାଏ, ତେବେ ଏକ ଅନୁମୋଦନପ୍ରାପ୍ତ ମାରୁତି ସୁଜୁକି କମର୍ଶିଆଲ୍ ୱର୍କଶପ୍ ଦ୍ୱାରା ଆପଣଙ୍କ ଗାଡ଼ିର ଯାଞ୍ଚ କରାନ୍ତୁ । ସବୁବେଳେ ଯନ୍ତ୍ରାଂଶ ବଦଳାଇବା ସମୟରେ ଏକ ମାରୁତି ଜେନୁଇନ୍ ଯନ୍ତ୍ରାଂଶ ବ୍ୟବହାର କରନ୍ତୁ । ଏପରିକି ଅସ୍ଥାୟୀ ମରାମତି ପାଇଁ ମଧ୍ୟ ତାର ଭଳି କୌଣସି ଜିନିଷ ବ୍ୟବହାର କରନ୍ତୁ ନାହିଁ, ନଚେତ୍ ଗୁରୁତର ବୈଦ୍ୟୁତିକ କ୍ଷୟକ୍ଷତି / ଅଗ୍ନିକାଣ୍ଡ ହୋଇପାରେ।


ନୋଟ୍:
ଫ୍ୟୁଜ୍ ବକ୍ସରେ ସବୁବେଳେ ଅତିରିକ୍ତ ଫ୍ୟୁଜ୍ ଏବଂ ଫ୍ୟୁଜ୍ ପୁଲର୍ ରହିଥିବା ସୁନିଶ୍ଚିତ କରନ୍ତୁ /

ଡାଶ୍ ବୋର୍ଡ ଅଧୀନରେ ଥିବା ଫ୍ୟୁଜଗୁଡ଼ିକ

ଉଦାହରଣ



77PH048




77PH049

ମେନ୍ ଫ୍ୟୁଜ୍ /ପ୍ରାଇମେରୀ ଫ୍ୟୁଜ୍		
(1)	10A	ହେଡଲାଇଟ୍ (ଡାହାଣ)
(2)	10A	ହେଡଲାଇଟ୍ (ବାମ)
(3)	10A	ଟେଲ୍ ଲାଇଟ୍
(4)	10A	ଷ୍ଟପ୍ ଲାଇଟ୍
(5)	15A	ରେଡିଓ / ଡୋମ୍
(6)	10A	ଏସ୍.ଟି. ଏସ୍.ଆଇ.ଜି.
(7)	10A	ମିଟର
(8)	10A	ଆଇ.ଜି.1
(9)	10A	ବ୍ୟାକ୍- ଅପ୍ ଲାଇଟ୍
(10)	15A	ୱାଇପର
(11)	15A	ଉପକରଣ। (ଆକ୍ସେସରୀ)

ଡାଶ୍‌ବୋର୍ଡ ତଳେ ଫ୍ୟୁଜ୍ ବକ୍ସ ଥାଏ ।

ଉଦାହରଣ



65D046

⚠ ଚେତାବନୀ

ସବୁବେଳେ, ଉଡ଼ିଯାଇଥିବା ଫ୍ୟୁଜ୍ ବଦଳାଇ ସଠିକ୍ ଏମ୍ପରେଜ୍ ଥିବା ଫ୍ୟୁଜ୍ ବ୍ୟବହାର କରନ୍ତୁ । ଉଡ଼ିଯାଇଥିବା ଫ୍ୟୁଜ୍ ସ୍ଥାନରେ କଦାପି ଆଲୁମିନିୟମ୍ ଫଏଲ୍ କିମ୍ବା ତାର ବ୍ୟବହାର କରନ୍ତୁ ନାହିଁ । ଯଦି ଆପଣ ଏକ ଫ୍ୟୁଜ୍ ବଦଳାଉଛନ୍ତି ଏବଂ ନୂଆ ଫ୍ୟୁଜ୍ ଅଳ୍ପ ଦିନ ମଧ୍ୟରେ ଉଡ଼ିଯାଉଛି, ଆପଣଙ୍କର ଗୁରୁତର ବୈଦ୍ୟୁତିକ ସମସ୍ୟା ଥାଇପାରେ । ଅନୁମୋଦନପ୍ରାପ୍ତ ମାରୁତି ସୁଜୁକି କମର୍ଶିଆଲ୍ ୱର୍କଶପ୍‌ରେ ଆପଣଙ୍କଗାଡ଼ି ଯାଞ୍ଚ କରାନ୍ତୁ ।

ବଲ୍‌ବ ପରିବର୍ତ୍ତନ

⚠ ସତର୍କତା

- ଲାଇଟ୍ ବଲ୍‌ବ୍‌ଗୁଡ଼ିକ ବନ୍ଦ ହେବାପରେ, ସେଗୁଡ଼ିକ ଏତେ ଗରମ ଥାଏ ଯେ, ତାହା ଆପଣଙ୍କ ଆଙ୍ଗୁଠି ପୋଡ଼ିଦେଇପାରେ । ଏହା ବିଶେଷକରି ହାଲୋଜେନ୍ ହେଡ୍‌ଲାଇଟ୍ ବଲ୍‌ବଗୁଡ଼ିକ ପାଇଁ ସତ୍ୟ ଅଟେ। ବଲ୍‌ବଗୁଡ଼ିକ ପୂରା ଥଣ୍ଡା ହେବା ପରେ ହିଁ ସେଗୁଡ଼ିକୁ ବଦଳାନ୍ତୁ ।
- ହେଡଲାଇଟ୍ ବଲ୍‌ବଗୁଡ଼ିକ ଚାପଯୁକ୍ତ ହାଲୋଜେନ୍ ଗ୍ୟାସ୍‌ରେ ଭର୍ତ୍ତି ହୋଇଥାଏ । ଆଘାତ ବାଜିଲେ କିମ୍ବା ପଡ଼ିଗଲେ ସେଗୁଡ଼ିକ ଫାଟିଯାଇପାରେ ଏବଂ ଆପଣ ଆଘାତପ୍ରାପ୍ତ ହୋଇପାରନ୍ତି । ସେଗୁଡ଼ିକ ଯତ୍ନ ସହକାରେ ବ୍ୟବହାର କରନ୍ତୁ ।


ନୋଟିସ

ଆପଣଙ୍କ ଶରୀରରୁ ବାହାରୁଥିବା ତେଲ ହାଲୋଜେନ୍ ବଲ୍‌ବ୍‌କୁ ଅତ୍ୟଧିକ ଗରମ କରିଥାଏ ଏବଂ ଅନ୍ ଥିବା ସମୟରେ ସେଗୁଡ଼ିକ ଫାଟିଯାଇପାରେ । ନୂଆ ବଲ୍‌ବକୁ ପରିଷ୍କାର କପଡ଼ାରେ ଧରନ୍ତୁ ।

ନୋଟିସ


ଗୋଟିଏ ବଲ୍‌ବକୁ ବାରମ୍ବାର ବଦଳାଇବାର ଅର୍ଥ ବୈଦ୍ୟୁତିକ ବ୍ୟବସ୍ଥାର ନିରୀକ୍ଷଣ ପାଇଁ ସଂକେତ । ଏହା ଆପଣଙ୍କ ସ୍ୱୀକୃତିପ୍ରାପ୍ତ ମାରୁତି ସୁଜୁକି କମର୍ଶିଆଲ୍ ୱର୍କଶପ୍‌ରେ କରାଯିବା ଉଚିତ ।

ହେଡ୍‌ଲାଇଟ୍




77PH050

1) ସ୍କ୍ରୁ (1) ହଟାନ୍ତୁ ଏବଂ ଏୟାର୍ ଇନଲେଟ୍ ବାକ୍ସ (2) ହଟାନ୍ତୁ ।



77PH051

2) କପ୍‌ଲର୍ (3) ବିଚ୍ଛିନ୍ନ କରନ୍ତୁ। ସିଲିଙ୍ଗ୍ ରବର୍ (4) ହଟାନ୍ତୁ।




77PH052

3) ରିଟେନିଙ୍ଗ୍ ସ୍ପ୍ରିଙ୍ଗ୍ (5) କୁ ଆଗକୁ ଠେଲନ୍ତୁ ଏବଂ ଏହାର ହୁକ୍ ଖୋଲନ୍ତୁ । ତାପରେ ବଲ୍‌ବ (6) ହଟାନ୍ତୁ। ହଟାଇବାର ବିପରୀତ କ୍ରମରେ ଏକ ନୂଆ ବଲ୍‌ବ ଲଗାନ୍ତୁ ।

ଫ୍ରଣ୍ଟ ଟର୍ନ ସିଗ୍‌ନାଲ୍ ଲାଇଟ୍
ଫ୍ରଣ୍ଟ ପୋଜିସନ୍ ଲାଇଟ୍


ଯେହେତୁ ସ୍ୱତନ୍ତ୍ର ପ୍ରକ୍ରିୟାଗୁଡ଼ିକ ଆବଶ୍ୟକ, ଆମେ ପରାମର୍ଶ ଦେଉ ଯେ, ବଲ୍‌ବ ବଦଳାଇବା ପାଇଁ ଆପଣଙ୍କ ଗାଡ଼ିକୁ ସ୍ୱୀକୃତିପ୍ରାପ୍ତ ମାରୁତି ସୁଜୁକି କମର୍ଶିଆଲ୍ ୱର୍କଶପ୍‌କୁ ନିଅନ୍ତୁ।

ରିଅର୍ କମ୍ବିନେସନ୍ ଲାଇଟ୍




77PH055

1) ସ୍କ୍ରୁ (1) ହଟାନ୍ତୁ ଏବଂ କଭର୍ (2) ହଟାନ୍ତୁ ।



77PH056




76MH0A123

(6) କାଢ଼ିବା
(7) ଇନ୍‌ଷ୍ଟଲ୍ କରିବା


2) ଟର୍ନ ସିଗ୍‌ନାଲ୍ ଲାଇଟ୍ (3) ର ବଲ୍‌ବ, ଟେଲ୍/ବ୍ରେକ୍ ଲାଇଟ୍ (4) କିମ୍ବା ରିଭର୍ସିଙ୍ଗ୍ ଲାଇଟ୍ (5) ବଲ୍‌ବ ହୋଲ୍‌ଡର ହଟାଇବା ପାଇଁ, ବଲ୍‌ବକୁ ଭିତରକୁ ଠେଲନ୍ତୁ ଏବଂ ଏହାକୁ ବାମ ଦିଗକୁ ବୁଲାନ୍ତୁ । ନୂଆ ବଲ୍‌ବ ଲଗାଇବା ପାଇଁ, ଏହାକୁ ଭିତରକୁ ଠେଲନ୍ତୁ ଏବଂ ଡାହାଣ ଦିଗରେ ବୁଲାନ୍ତୁ ।

ଲାଇସେନ୍ସ ପ୍ଲେଟ୍ ଲାଇଟ୍



77PH066

1) ସ୍କ୍ରୁ (1) ହଟାନ୍ତୁ ଏବଂ କଭର୍ (2) ହଟାନ୍ତୁ ।




77PH063

(4) କାଢ଼ିବା
(5) ଇନ୍‌ଷ୍ଟଲ୍ କରିବା

2) ଲାଇସେନ୍ସ ପ୍ଲେଟ୍ ଲାଇଟ୍ (3) ର ବଲ୍‌ବ ହଟାଇବା ଏବଂ ଲଗାଇବା ପାଇଁ, କେବଳ ବଲ୍‌ବକୁ ବାହାରକୁ ଟାଣନ୍ତୁ ଏବଂ ଭିତରକୁ ଠେଲନ୍ତୁ ।


ଆଭ୍ୟନ୍ତରୀଣ ବା ଇଣ୍ଟରିଅର୍ ଲାଇଟ୍

ଦର୍ଶାଯାଇଥିବା ଭଳି, ଏକ ନରମ କପଡ଼ାର ଘୋଡ଼ାଇ ଚଉଡ଼ା ବ୍ଲେଡ୍ ସ୍କ୍ରୁ ଡ୍ରାଇଭର୍ ବ୍ୟବହାର କରି ବାହାର କରନ୍ତୁ । ଏହାକୁ ଇନ୍‌ଷ୍ଟଲ୍ କରିବା ପାଇଁ, କେବଳ ଭିତରକୁ ଠେଲିଦିଅନ୍ତୁ ।



77PH057

ୱାଇପର୍ ବ୍ଲେଡ୍



82DY06

ଯଦି ୱାଇପର୍ ବ୍ଲେଡ୍ ଭାଙ୍ଗିଯାଏ କିମ୍ବା ନଷ୍ଟ ବା କ୍ଷତି ହୋଇଯାଏ, କିମ୍ବା ୱାଇପିଙ୍ଗ୍ ସମୟରେ ଗାର ପଡ଼ିଯାଏ, ୱାଇପର୍ ବ୍ଲେଡ୍‌ଗୁଡ଼ିକ ବଦଳାଇ ଦିଅନ୍ତୁ ।


ନୂଆ ୱାଇପର୍ ବ୍ଲେଡ୍ ଲଗାଇବା ପାଇଁ, ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରନ୍ତୁ ।

ନୋଟିସ
ଝରକାରେ ଗାର ନ ପଡ଼ିବା କିମ୍ବା ନ ଭାଙ୍ଗିବା ପାଇଁ, ୱାଇପର୍ ବ୍ଲେଡ୍ ବଦଳାଇବା ସମୟରେ ୱାଇପର୍ ଆର୍ମ ଝରକାରେ ବାଜିବାକୁ ଦିଅନ୍ତୁ ନାହିଁ ।

ନୋଟ୍:
ଗାଡ଼ିର ବୈଶିଷ୍ଟ୍ୟଗୁଡ଼ିକ ଉପରେ ନିର୍ଭର କରି ଜେତେକ ୱାଇପର୍ ବ୍ଲେଡ୍ ବର୍ଣ୍ଣନା କରାଯାଇଥିବା ବ୍ଲେଡ୍‌ଠାରୁ ଭିନ୍ନ ହୋଇପାରେ । ଯଦି ଏପରି ହୋଇଥାଏ, ସଠିକ୍ ଭାବରେ ବଦଳାଇବା ପଦ୍ଧତି ପାଇଁ ଆପଣଙ୍କ ସ୍ୱୀକୃତିପ୍ରାପ୍ତ ମାରୁତି ସୁଜୁକି କମର୍ଶିଆଲ୍ ୱର୍କଶପ୍ ସହ ପରାମର୍ଶ କରନ୍ତୁ ।

ୱିଣ୍ଡଶିଲ୍ଡ ୱାଇପର୍‌ଗୁଡ଼ିକ ପାଇଁ :


ଉଦାହରଣ




70G119

1) ୱାଇପର୍ ଆର୍ମକୁ ୱିଣ୍ଡଶିଲ୍ଡଠାରୁ ଦୂରରେ ଧରନ୍ତୁ ।

ଉଦାହରଣ



ଉଦାହରଣ




54G130

2) ଲକ୍ (1) ୱାଇପର୍ ଆର୍ମ (2) ଆଡ଼କୁ ଚିପନ୍ତୁ ଏବଂ ଦର୍ଶାଯାଇଥିବା ଭଳି ୱାଇପର୍ ଫ୍ରେମ୍‌କୁ ହଟାନ୍ତୁ ।
3) ୱାଇପର୍ ବ୍ଲେଡ୍ ଲକ୍ ଭାଗକୁ ଅନଲକ୍ କରନ୍ତୁ ଏବଂ ବ୍ଲେଡ୍‌କୁ ବାହାରକୁ ଖସାଇ ଆଣନ୍ତୁ ।

କାଢ଼ିବା


ଉଦାହରଣ



60A260


ଇନ୍‌ଷ୍ଟଲ୍ କରିବା

ଉଦାହରଣ



54G132


(1) ଲକ୍ ହୋଇଥିବା ଭାଗ




68PH00754

(3) ରିଟେନର୍

4) ଦୁଇଟି ନୂଆ ଧାତବ ରିଟେନର୍ ବିନା ଯଦି ନୂଆ ବ୍ଲେଡ୍ ଦିଆଯାଇଥାଏ, ସେଗୁଡ଼ିକୁ, ପୁରୁଣା ବ୍ଲେଡ୍‌ରୁ ନୂଆକୁ ନିଅନ୍ତୁ ।



60MH071




60MH072

(କ) ଉପରକୁ (ଅପ୍)
(ଖ) ତଳକୁ (ଡାଉନ୍)

ନୋଟ୍:
ଆପଣ ଧାତବ ରିଟେନର୍‌ଗୁଡ଼ିକ (3) ଇନଷ୍ଟଲ୍ କରିବା ସମୟରେ ସୁନିଶ୍ଚିତ କରନ୍ତୁ ଯେ, ଧାତବ ରିଟେନର୍‌ର ଦିଗ ଉପରୋକ୍ତ ଉଦାହରଣରେ ଦର୍ଶାଯାଇଥିବା ଭଳି ରହିଛି।

5) ଲକ୍ ହୋଇଥିବା ଭାଗ ୱାଇପର୍ ଆର୍ମ ଆଡ଼କୁ ଠଖି, କାଢ଼ିବାର ବିପରୀତ କ୍ରମରେ ନୂଆ ବ୍ଲେଡ୍ ଇନ୍‌ଷ୍ଟଲ୍ କରନ୍ତୁ ।
ସମସ୍ତ ହୁକ୍ ଦ୍ୱାରା ବ୍ଲେଡ୍ ଠିକ୍ ଭାବରେ ଲାଗିଥିବା ସୁନିଶ୍ଚିତ କରନ୍ତୁ । ଠିକ୍ ସ୍ଥାନରେ ବ୍ଲେଡ୍‌ର ଶେଷଭାଗକୁ ଲକ୍ କରନ୍ତୁ ।
6) ଆର୍ମ ଭିତରକୁ ଲକ୍ ଲିଭର୍ ସୁରକ୍ଷିତ ଭାବରେ ଲାଗିଥିବାର ସୁନିଶ୍ଚିତ କରି ୱାଇପର୍ ଫ୍ରେମ୍ ଆର୍ମରେ ପୁଣିଥରେ ଇନଷ୍ଟଲ୍ କରନ୍ତୁ ।

ୱିଣ୍ଡଶିଲ୍ଡ ୱାଶର୍ ଫ୍ଲୁଇଡ୍ (ଯଦି ଲାଗିଥାଏ)



77PM07027

ଟାଙ୍କିରେ ୱାଶର୍ ଫ୍ଲୁଇଡ୍ ଅଛି କି ନାହିଁ ଦେଖନ୍ତୁ। ଆବଶ୍ୟକସ୍ଥଳେ ରିଫିଲ୍ କରନ୍ତୁ। ଭଲ ଗୁଣବତ୍ତାର ୱିଣ୍ଡଶିଲ୍ଡ ୱାଶର୍ ଫ୍ଲୁଇଡ୍‌କୁ ଆବଶ୍ୟକ ମାତ୍ରାର ପାଣିରେ ମିଶାଇ ବ୍ୟବହାର କରନ୍ତୁ।

⚠ ଚେତାବନୀ

ୱିଣ୍ଡଶିଲ୍ଡ ୱାଶର ଟାଙ୍କିରେ ରେଡିଏଟର ଆଣ୍ଟିଫ୍ରୀଜ ବ୍ୟବହାର କରନ୍ତୁ ନାହିଁ। ଏହା ଯଦି ୱିଣ୍ଡଶିଲ୍ଡରେ ସ୍ପ୍ରେ ହୁଏ, ତେବେ ଦୃଶ୍ୟତା ଉପରେ ଏହା ଗମ୍ଭୀର ପ୍ରଭାବ ପକାଇବା ସହିତ ଗାଡ଼ିର ରଙ୍ଗକୁ ମଧ୍ୟ ନଷ୍ଟ କରିଦେଇପାରେ।


ନୋଟିସ

ୱାଶର ଟାଙ୍କିରେ ଫ୍ଲୁଇଡ୍ ନଥାଇ ଯଦି ମୋଟରକୁ ଚଲାଯାଏ, ତେବେ ତାହା ନଷ୍ଟ ହୋଇଯାଇପାରେ।

ଜରୁରୀକାଳୀନ ସେବା (ସର୍ଭିସ୍)

ଟାୟାର୍ ବଦଳାଇବା ଯନ୍ତ୍ରପାତି 8-1
ଜ୍ୟାକିଙ୍ଗ୍ ନିର୍ଦ୍ଦେଶାବଳୀ 8-2
ଚକ ବଦଳାଇବା 8-5
ଜମ୍ପ୍ ଷ୍ଟାର୍ଟ ପାଇଁ ନିର୍ଦ୍ଦେଶାବଳୀ 8-5
ଟୋ କରିବା 8-7
ଯଦି ଷ୍ଟାଟର୍ କାମ କରେ ନାହିଁ 8-7
ଯଦି ଇଞ୍ଜିନ୍‌ରେ ତେଲ ଭାସୁଥାଏ 8-7
ଯଦି ଇଞ୍ଜିନ୍ ଅତ୍ୟଧିକ ଗରମ (ଓଭର୍‌ହିଟ୍) ହୋଇଯାଏ 8-8
ଧକ୍କା ଦ୍ୱାରା ଗାଡ଼ି ତଳର ସମସ୍ୟା 8-8
ଚେତାବନୀ ତ୍ରିଭୁଜ (ୱାର୍ନିଙ୍ଗ୍ ଟ୍ରାୟାଙ୍ଗଲ୍) 8-9

ଟାୟାର୍ ବଦଳାଇବା ଯନ୍ତ୍ରପାତି




77PH202

(1) ଜ୍ୟାକ୍
(2) ହ୍ୱୀଲ୍ ବ୍ରେସ୍
(3) ଜ୍ୟାକ୍ ହ୍ୟାଣ୍ଡଲ୍
(4) ସ୍ପାନର୍

ଟାୟାର୍ ବଦଳାଇବା ଯନ୍ତ୍ରପାତିଗୁଡ଼ିକ, ଡ୍ରାଇଭର୍ ସିଟ୍ ପଛପଟେ ରଖାଯାଇଛି ।
ଜ୍ୟାକ୍ କାଢ଼ିବା ପାଇଁ ତାହାର ଶାଫ୍ଟକୁ ବାମପଟକୁ ବୁଲାଇ ଜ୍ୟାକ୍କୁ, ଷ୍ଟୋରେଜ୍ ବ୍ରାକେଟ୍ ବାହାରକୁ କାଢ଼ନ୍ତୁ । ଜ୍ୟାକ୍କୁ ରଖିବା ପାଇଁ, ତାହାକୁ ଷ୍ଟୋରେଜ୍ ବ୍ରାକେଟ୍‌ରେ ରଖନ୍ତୁ ଏବଂ ଶାଫ୍ଟକୁ ଡାହାଣପଟକୁ ବୁଲାନ୍ତୁ, ଯେପର୍ଯ୍ୟନ୍ତ ଜ୍ୟାକ୍‌ଟି ସୁରକ୍ଷିତ ଭାବେ ନିଜ ସ୍ଥାନରେ ରହିନାହିଁ ।

ବେଡ୍ ତଳେ ସ୍ପେୟାର୍ ଟାୟାର୍‌କୁ ରଖାଯାଇଛି ।
ସ୍ପେୟାର୍ ଟାୟାର୍ କାଢ଼ିବା ପାଇଁ:



77PH099

1) ସ୍ପେୟାର୍ ଟାୟାର୍‌ର ହୁକ୍ ନଟ୍ (1) କୁ ଢିଲା କରନ୍ତୁ ।
2) ସ୍ପେୟାର୍ ଟାୟାର୍ ହୋଲ୍ଡରକୁ ଅନ୍‌ହୁକ୍ କରି ଧୀରେ ଧୀରେ ତଳକୁ କରନ୍ତୁ ।
3) ସ୍ପେୟାର୍ ଟାୟାର୍ ମଝିରେ ଥିବା ସ୍ଟଡ୍‌କୁ କାଢ଼ି ଟାୟାର୍‌କୁ କାଢ଼ନ୍ତୁ ।

⚠ ଚେତାବନୀ


ଟାୟାର୍ ବଦଳାଇବା ଯନ୍ତ୍ରପାତିଗୁଡ଼ିକର ବ୍ୟବହାର ସରିବା ପରେ, ସେଗୁଡ଼ିକୁ ସୁରକ୍ଷିତ ଭାବେ ରଖିବା ପାଇଁ ଭୁଲନ୍ତୁ ନାହିଁ, ନଚେତ୍, ଦୁର୍ଘଟଣା ହେବା କ୍ଷେତ୍ରରେ ସେଗୁଡ଼ିକ ଆଘାତର କାରଣ ହୋଇପାରେ ।

⚠ ସତର୍କତା

ଜ୍ୟାକ୍‌କୁ କେବଳ ଚକ ବଦଳାଇବା ପାଇଁ ବ୍ୟବହାର କରାଯିବା ଉଚିତ । ଜ୍ୟାକ୍ ବ୍ୟବହାର କରିବା ପୂର୍ବରୁ, ଏହି ବିଭାଗରେ ଦିଆଯାଇଥିବା ଜ୍ୟାକିଙ୍ଗ୍ ନିର୍ଦ୍ଦେଶଗୁଡ଼ିକୁ ପଢ଼ିବା ଅତ୍ୟନ୍ତ ଜରୁରୀ ।

ଜ୍ୟାକିଙ୍ଗ୍ ନିର୍ଦ୍ଦେଶାବଳୀ

ଉଦାହରଣ




77PH054

1) ଗାଡ଼ିକୁ, କଠିନ ଭୂମି ଉପରେ ଗୋଟିଏ ସ୍ତରରେ ରଖନ୍ତୁ ।
2) ଦୃଢ଼ ଭାବରେ ପାର୍କିଙ୍ଗ୍ ବ୍ରେକ୍‌କୁ ସେଟ୍ କରନ୍ତୁ ଏବଂ ଗିଅର୍‌କୁ "R" (ରିଭର୍ସ)ରେ ରଖନ୍ତୁ ।

⚠ ଚେତାବନୀ


- **ଗାଡ଼ିକୁ ଜ୍ୟାକ୍ ଅପ୍ କରିବାବେଳେ ଗିଅର୍‌କୁ "R" (ରିଭର୍ସ)ରେ ରଖିବା ଭୁଲନ୍ତୁ ନାହିଁ ।**
- **କେବେବି, "N" (ନ୍ୟୁଟ୍ରାଲ୍) ଟ୍ରାନ୍ସମିଶନ୍‌ରେ ରଖି, ଗାଡ଼ିକୁ ଜ୍ୟାକ୍ ଅପ୍ କରିବେ ନାହିଁ । ଅନ୍ୟଥା, ଅସ୍ଥିର ଜ୍ୟାକ୍, ଦୁର୍ଘଟଣାର କାରଣ ହୋଇପାରେ ।**

3) ଯଦି ଆପଣଙ୍କ ଗାଡ଼ି, ଟ୍ରାଫିକ୍ ନିକଟରେ ଥିବ, ତେବେ ବିପଦ ଚେତାବନୀ ଫ୍ଲାଶର୍ (ହାଜାର୍ଡ ୱାର୍ନିଙ୍ଗ୍ ଫ୍ଲାଶର୍)କୁ ଅନ୍ କରିଦିଅନ୍ତୁ ।
4) ଚକର ସାମନା ଓ ପଛ ପଟକୁ, ଉଠାଯିବାକୁ ଥିବା ଚକର ବିପରୀତରେ ତୀର୍ଯକ୍ ଭାବେ ରଖନ୍ତୁ ।
5) ଚିତ୍ରରେ ପ୍ରଦର୍ଶିତ ହୋଇଥିବା ପରି ସ୍କୟାର୍ ଚକକୁ, ଉଠାଯିବାକୁ ଥିବା ଚକ ନିକଟରେ ରଖନ୍ତୁ, ଜ୍ୟାକ୍ ଖସିଯିବା କ୍ଷେତ୍ରରେ ଏହା ସାହାଯ୍ୟକାରୀ ହେବ ।



77PH802


ଉଦାହରଣ



54G253

ସାମନା ଜ୍ୟାକିଙ୍ଗ୍ ପଏଣ୍ଟ


ଉଦାହରଣ



77PH084


ପଛ ଜ୍ୟାକିଙ୍ଗ୍ ପଏଣ୍ଟ

ଉଦାହରଣ



77PH106

ଉଦାହରଣ



77PS052

6) ଜ୍ୟାକ୍‌କୁ ସିଧା ରଖନ୍ତୁ ଓ ଜ୍ୟାକ୍ ହ୍ୟାଣ୍ଡଲ୍‌କୁ ଡାହାଣପଟକୁ ବୁଲାଇ ଉପରକୁ ଉଠାନ୍ତୁ, ଯେପର୍ଯ୍ୟନ୍ତ ଜ୍ୟାକ୍ ହେଡ୍‌ର ନଳୀ, ଗାଡ଼ି ତଳେ ଥିବା ଜ୍ୟାକିଙ୍ଗ୍ ବାର୍ ଚାରିପଟେ ଖାପ ଖାଇନାହିଁ । ଚିତ୍ରକୁ ଦେଖନ୍ତୁ ।
7) ଜ୍ୟାକ୍‌କୁ ଧୀରେ ଧୀରେ ଓ ଆରାମରେ ଉଠାଇବା ଜାରି ରଖନ୍ତୁ, ଯେପର୍ଯ୍ୟନ୍ତ ଟାୟାର୍ ଭୂମିରୁ ଉପରକୁ ଉଠିନାହିଁ । ଆବଶ୍ୟକତାଠାରୁ ଅଧିକ ଗାଡ଼ିକୁ ଉଠାନ୍ତୁ ନାହିଁ ।


⚠ ଚେତାବନୀ

- କେବଳ ଲେଭଲ୍ ହୋଇଥିବା, କଠିନ ଭୂମି ଉପରେ ଥିବା ଚକ ବଦଳାଇବା ପାଇଁ ହିଁ ଜ୍ୟାକ୍ ବ୍ୟବହାର କରନ୍ତୁ ।
- ଲୁଆଁଣିଆ ଚଟାଣ ଉପରେ କେବେବି ଗାଡ଼ିକୁ ଜ୍ୟାକ୍ ଅପ୍ କରନ୍ତୁ ନାହିଁ ।
- ବଦଳାଯିବାକୁ ଥିବା ଚକ ନିକଟରେ ବିନିର୍ଦ୍ଦିଷ୍ଟ ଜ୍ୟାକିଙ୍ଗ୍ ପଏଣ୍ଟ (ଚିତ୍ରରେ ପ୍ରଦର୍ଶିତ) ଛଡ଼ା ଅନ୍ୟ କୌଣସି ସ୍ଥାନରେ କେବେବି ଜ୍ୟାକ୍ ଲଗାଇ ଗାଡ଼ିକୁ ଉଠାନ୍ତୁ ନାହିଁ ।
- ଜ୍ୟାକ୍‌ରେ ଥିବା ସମୟରେ କେବେବି ଗାଡ଼ି ତଳେ ପଶନ୍ତୁ ନାହିଁ ।
- ଜ୍ୟାକ୍‌ରେ ଥିବା ସମୟରେ କେବେବି ଇଞ୍ଜିନ୍ ଚାଲୁ କରନ୍ତୁ ନାହିଁ ଏବଂ କଦାପି ଗାଡ଼ିରେ ଯାତ୍ରୀ (ପାରେଞ୍ଜର୍)ଙ୍କୁ ରହିବାକୁ ଦିଅନ୍ତୁ ନାହିଁ ।

ଏକ ଗ୍ୟାରେଜ୍ ଜ୍ୟାକ୍ ସାହାଯ୍ୟରେ ଗାଡ଼ିକୁ ଉଠାଇବା


- ତଳେ ଦିଆଯାଇଥିବା ସ୍ଥାନଗୁଡ଼ିକ ମଧ୍ୟରୁ ଗୋଟିକରେ ଗ୍ୟାରେଜ୍ ଜ୍ୟାକ୍ ଲଗାନ୍ତୁ ।
- ତଳେ ସୂଚିତ କରାଯାଇଥିବା ସ୍ଥାନରେ ସବୁବେଳେ ଜ୍ୟାକ୍ ଷ୍ଟାଣ୍ଡ (ବ୍ୟାବସାୟିକ ଭାବେ ଉପଲବ୍ଧ)କୁ ଲଗାଇ ଉଠାଯାଇଥିବା ଗାଡ଼ିକୁ ସାହାରା ଦିଅନ୍ତୁ ।

ଗ୍ୟାରେଜ୍ ଜ୍ୟାକ୍ (1) ପାଇଁ ସାମନା ଜ୍ୟାକିଙ୍ଗ୍ ସ୍ଥାନ




77PH060

ଗ୍ୟାରେଜ୍ ଜ୍ୟାକ୍ (2) ପାଇଁ ପଛ ଜ୍ୟାକିଙ୍ଗ୍ ସ୍ଥାନ



77PH101

ଜ୍ୟାକ୍ ଷ୍ଟାଣ୍ଡ (3) କିମ୍ବା ଟୁ-କଲମ୍ ଲିଫ୍ଟ ପାଇଁ ପ୍ରୟୋଗ ସ୍ଥାନ



77PS055 (2)

ନୋଟିସ


- **ଏଗ୍‌ଜୋଷ୍ଟ ପାଇପ୍ ସହିତ କେବେବି ଗ୍ୟାରେଜ୍ ଜ୍ୟାକ୍ ଲଗାନ୍ତୁ ନାହିଁ ।**
- **ପଛପଟ ପ୍ରୟୋଗ ସ୍ଥାନରେ ଜ୍ୟାକ୍ ଷ୍ଟାଣ୍ଡ କିମ୍ବା ଟୁ-କଲମ୍ ଲିଫ୍ଟ ଲଗାଇବାବେଳେ, ଚାରିପଟେ ଥିବା ଭାଗଗୁଡ଼ିକ, ଯେପରି ପାର୍କିଙ୍ଗ୍ କେବଲ୍ କିମ୍ବା ତେଲ ଟାଙ୍କିର ବାହାରି ଥିବା କୋଣ ସହିତ ଯେପରି ତାହା ନଲାଗେ, ସେଥିପ୍ରତି ସାବଧାନ ରୁହନ୍ତୁ ।**

ନୋଟ୍:
ଅଧିକ ବିବରଣୀ ପାଇଁ, ଦୟାକରି ଜଣେ ଅଧିକୃତ ମାରୁତି ସୁଜୁକି କମର୍ଶିଆଲ୍ ଡିଲରଙ୍କ ସହ ଯୋଗାଯୋଗ କରନ୍ତୁ ।

ଚକ ବଦଳାଇବା

ଗୋଟିଏ ଚକ ବଦଳାଇବାକୁ, ନିମ୍ନ ପ୍ରକ୍ରିୟା ବ୍ୟବହାର କରନ୍ତୁ:

1) ଗାଡ଼ିରୁ ସମସ୍ତ ଯାତ୍ରୀ (ପାସେଞ୍ଜର) ଓ ଜିନିଷପତ୍ରକୁ କାଢ଼ିଦିଅନ୍ତୁ ।
2) ଗାଡ଼ିରୁ ଜ୍ୟାକ୍, ଉପକରଣ ଓ ସ୍ପେୟାର୍ ଚକ କାଢ଼ନ୍ତୁ ।
3) ଚକର ନଟ୍ସ ଢିଲା କରନ୍ତୁ, ହେଲେ କାଢ଼ନ୍ତୁ ନାହିଁ ।
4) ଗାଡ଼ିରେ ଜ୍ୟାକ୍ ଲଗାନ୍ତୁ ।
5) ଚକ ନଟ୍ସ ଓ ଚକକୁ କାଢ଼ନ୍ତୁ ।
6) ନୂଆ ଚକ ଲଗାଇବା ପୂର୍ବରୁ, ଚକରେ ଲାଗିଥିବା କୌଣସି ପ୍ରକାରର ମାଟି କିମ୍ବା ଧୂଳିକୁ ସଫା କରିଦିଅନ୍ତୁ ଏବଂ ହବ୍‌କୁ ଗୋଟିଏ ସଫା କପଡ଼ାରେ ପୋଛିଦିଅନ୍ତୁ । ହବ୍‌କୁ ସାବଧାନତାର ସହ ପୋଛନ୍ତୁ; ତାହା ଗାଡ଼ି ଚଲାଇବା କାରଣରୁ ଗରମ ଥାଇପାରେ ।
7) ନୂଆ ଚକ ଲଗାନ୍ତୁ ଏବଂ ଚକ ନଟ୍‌ଗୁଡ଼ିକର କୋନ୍ ଆକୃତିର ଶେଷମୁଣ୍ଡକୁ ଚକ ଆଡ଼କୁ ମୁହଁ କରି ଲଗାନ୍ତୁ । ଆରାମରେ, ହାତ ସାହାଯ୍ୟରେ ପ୍ରତ୍ୟେକ ନଟ୍‌କୁ ଟାଇଟ୍ କରନ୍ତୁ, ଯେପର୍ଯ୍ୟନ୍ତ ହବ୍‌ରେ ଚକଟି ସୁରକ୍ଷିତ ଭାବେ ଲାଗିଯାଇନାହିଁ ।



54G116

ଚକ (ହ୍ୱିଲ୍) ନଟ୍ ପାଇଁ ଟାଇଟ୍ କରିବା ଟର୍କ
100 ଏନ୍‌ଏମ୍ (10.2 କେଜିଏଫ୍-ଏମ୍, 73.8 ଏଲ୍‌ବିଏଫ୍-ଏଫ୍‌ଟି)

8) ଚିତ୍ରରେ ଯେପରି ପ୍ରଦର୍ଶିତ ହୋଇଛି, ଜ୍ୟାକ୍‌କୁ ତଳକୁ କରନ୍ତୁ ଏବଂ ନଟ୍‌ଗୁଡ଼ିକୁ, ଗୋଟିଏ ରେଞ୍ଚି ଦ୍ୱାରା କ୍ରିସ୍‌କ୍ରସ୍ ଶୈଳୀରେ ନଟ୍‌ଗୁଡ଼ିକୁ ପୂରା ଟାଇଟ୍ କରନ୍ତୁ ।

⚠ ଚେତାବନୀ

ଚକର ପ୍ରକୃତ (ଜେନୁଇନ୍) ନଟ୍ସ ବ୍ୟବହାର କରନ୍ତୁ ଏବଂ ଚକ ବଦଳାଇବାର ତୁରନ୍ତ ପରେ ଯଥାଶୀଘ୍ର ବିନିର୍ଦ୍ଦିଷ୍ଟ ଟର୍କରେ ସେଗୁଡ଼ିକୁ ଟାଇଟ୍ କରନ୍ତୁ । ଭୁଲ୍ ଚକର ନଟ୍ସ କିମ୍ବା ଅନୁପଯୁକ୍ତ ଭାବେ ଟାଇଟ୍ କରାଯାଇଥିବା ଚକର ନଟ୍ସ, ଢିଲା ହୋଇଯାଇପାରେ କିମ୍ବା ଖସିଯାଇପାରେ, ଯାହାର ପରିଣାମ ହେଉଛି ଦୁର୍ଘଟଣା । ଯଦି ଆପଣଙ୍କ ପାଖରେ ଟର୍କ ରେଞ୍ଚି ନାହିଁ, ତେବେ ଜଣେ ଅଧିକୃତ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍ ଦ୍ୱାରା ଚକର ନଟ୍ ଟର୍କ ଯାଞ୍ଚ କରାଇନିଅନ୍ତୁ ।

ଜମ୍ପ୍ ଷ୍ଟାର୍ଟ ପାଇଁ ନିର୍ଦ୍ଦେଶାବଳୀ

⚠ ଚେତାବନୀ

- **ଯଦି ବ୍ୟାଟେରୀ ଥଣ୍ଡା ହୋଇଯାଇଥିବା ପରି ଦେଖାଦିଏ, ତେବେ କେବେବି ନିଜ ଗାଡ଼ିକୁ ଜମ୍ପ୍ ଷ୍ଟାର୍ଟ କରିବା ପାଇଁ ଚେଷ୍ଟା କରନ୍ତୁ ନାହିଁ । ଯଦି ଜମ୍ପ୍ ଷ୍ଟାର୍ଟ କରିବାର ପ୍ରୟାସ କରାଯାଏ, ତେବେ ଏହି ଅବସ୍ଥାରେ ଥିବା ବ୍ୟାଟେରୀଗୁଡ଼ିକ ଫାଟି ଯାଇପାରେ କିମ୍ବା ଖରାପ ହୋଇଯାଇପାରେ ।**
- **ଜମ୍ପ୍ ଲିଡ୍ ସଂଯୋଗ (କନେକ୍ସନ୍) କରିବାବେଳେ, ଏହା ନିଶ୍ଚିତ ହୁଅନ୍ତୁ ଯେ, ଆପଣଙ୍କର ହାତ ଓ ଜମ୍ପ୍ ଲିଡ୍, ପୁଲୀ, ବେଲ୍ଟ କିମ୍ବା ଫ୍ୟାନ୍‌ଠାରୁ ଦୂରରେ ରହିଥିବ ।**
- **ବ୍ୟାଟେରୀଗୁଡ଼ିକ, ଦହନଶୀଳ ହାଇଡ୍ରୋଜେନ୍ ଗ୍ୟାସ୍ ଉତ୍ପାଦିତ କରେ । ନିଆଁ ଶିଖା ଓ ସ୍ପୁଲକୁ, ବ୍ୟାଟେରୀଠାରୁ ଦୂରରେ ରଖନ୍ତୁ, ନଚେତ ବିସ୍ଫୋରଣ ହୋଇପାରେ । ବ୍ୟାଟେରୀ ଆଖପାଖରେ କାମ କରିବା ସମୟରେ କଦାବି ଧୂମପାନ କରନ୍ତୁ ନାହିଁ ।**
- **ଜମ୍ପ୍ ଷ୍ଟାର୍ଟ କରିବା ପାଇଁ ଆପଣ ବ୍ୟବହାର କରୁଥିବା ବୃଷ୍ଟ ବ୍ୟାଟେରୀ ଯଦି ଅନ୍ୟ ଗାଡ଼ିରେ ଲାଗିଥାଏ, ତେବେ ଏହା ସୁନିଶ୍ଚିତ କରନ୍ତୁ ଯେ, ସେଗୁଡ଼ିକ ପରସ୍ପରକୁ ସ୍ପର୍ଶ କରୁନଥିବେ ।**
- **ଯଦି ଆପଣଙ୍କ ଗାଡ଼ିର ବ୍ୟାଟେରୀ, ବିନା କୌଣସି କାରଣରେ ବାରମ୍ବାର ସମାପ୍ତ ବା ଡିସ୍‌ଚାର୍ଜ ହୋଇଯାଉଥାଏ, ତେବେ ଜଣେ ଅଧିକୃତ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍‌ଙ୍କ ଦ୍ୱାରା ତାହାକୁ ଯାଞ୍ଚ କରାଇନିଅନ୍ତୁ ।**
- **ନିଜକୁ ଆଘାତ କିମ୍ବା ନିଜର ଗାଡ଼ି କିମ୍ବା ବ୍ୟାଟେରୀକୁ କ୍ଷତି କରିବାକୁ ଏଡ଼ାଇବା ପାଇଁ, ଜମ୍ପ୍ ଷ୍ଟାର୍ଟ କରିବାକୁ, ତଳେ ଦିଆଯାଇଥିବା ନିର୍ଦ୍ଦେଶଗୁଡ଼ିକର ବିଧିପୂର୍ବକ ଓ କ୍ରମବଦ୍ଧ ଭାବରେ ପାଳନ କରନ୍ତୁ ।**
  ଯଦି ଆପଣଙ୍କର ସନ୍ଦେହ ଥାଏ, ତେବେ ଯୋଗ୍ୟ ରୋଡ୍ ସର୍ଭିସ୍ ପାଇଁ କଲ୍ କରନ୍ତୁ ।


ନୋଟିସ୍

ଆପଣଙ୍କର ଗାଡ଼ିକୁ ଠେଲିଲେ କିମ୍ବା ଟୋ କଲେ, ତାହା ଷ୍ଟାର୍ଟ ହେବନାହିଁ । ଏହି ଷ୍ଟାର୍ଟ କରିବା ପଦ୍ଧତିକୁ ଆପଣାଇଲେ, କେଟାଲାଇଟିକ୍ କନ୍‌ଭର୍ଟର୍, ସ୍ଥାୟୀ ଭାବେ ନଷ୍ଟ ହୋଇଯିବ । ଗୋଟିଏ ଦୁର୍ବଳ କିମ୍ବା ଫ୍ଲାଟ୍ ବ୍ୟାଟେରୀ ସାହାଯ୍ୟରେ ଗାଡ଼ି ଷ୍ଟାର୍ଟ କରିବା ପାଇଁ ଜମ୍ପ୍ ଲିଡ୍‌ର ବ୍ୟବହାର କରନ୍ତୁ ।

ନିଜ ଗାଡ଼ିକୁ ଜମ୍ପ୍ ଷ୍ଟାର୍ଟ କରିବାବେଳେ, ନିମ୍ନ ପ୍ରକ୍ରିୟା ପାଳନ କରନ୍ତୁ :

1) ଗାଡ଼ିକୁ ଷ୍ଟାର୍ଟ କରିବା ପାଇଁ କେବଳ ଏକ 12 ଭୋଲ୍ଟ ଏକ ବ୍ୟାଟେରୀର ଉପଯୋଗ କରନ୍ତୁ । ଭଲ 12 ଭୋଲ୍ଟର ବ୍ୟାଟେରୀକୁ ଗାଡ଼ି ପାଖରେ ରଖନ୍ତୁ, ଯେଉଁଥିରୁ ଜମ୍ପ୍ ଲିଡ୍ ଉଭୟ ବ୍ୟାଟେରୀ ନିକଟରେ ପହଞ୍ଚିପାରିବ । ଯେତେବେଳେ ଅନ୍ୟ ଗାଡ଼ିରେ ଲାଗିଥିବା ବ୍ୟାଟେରୀର ବ୍ୟବହାର କରାଯାଉଥିବ, ଦୁଇଟିଯାକ ଗାଡ଼ି ଯେପରି ପରସ୍ପରକୁ ସ୍ପର୍ଶ ନକରନ୍ତି, ସେଥିପ୍ରତି ଧ୍ୟାନଦିଅନ୍ତୁ। ଉଭୟ ଗାଡ଼ିର ପାର୍କିଙ୍ଗ୍ ବ୍ରେକ୍‌କୁ ପୂରା ସେଟ୍ କରନ୍ତୁ ।
2) ସୁରକ୍ଷା କାରଣ ପାଇଁ ଆବଶ୍ୟକ (ଉଦାହରଣସ୍ୱରୂପ, ହେଡ୍‌ଲାଇଟ୍ସ କିମ୍ବା ବିପଦ ସଂକେତ ଲାଇଟ୍ସ)ଗୁଡ଼ିକ ବ୍ୟତୀତ ଗାଡ଼ିର ସମସ୍ତ ଉପକରଣକୁ ବନ୍ଦ କରିଦିଅନ୍ତୁ ।

ଉଦାହରଣ



77PS056

3) ନିମ୍ନାନୁସାରେ ଜମ୍ପ୍ ଲିଡ୍ ସଂଯୋଗ (କନେକ୍ସନ୍) କରନ୍ତୁ:
   1. ଫ୍ଲାଟ୍ ବ୍ୟାଟେରୀର (1) ପଜିଟିଭ୍ (+) ଟର୍ମିନଲ୍ ସହିତ ପ୍ରଥମ ଜମ୍ପ୍ ଲିଡ୍‌ର ଗୋଟିଏ ମୁଣ୍ଡକୁ ସଂଯୋଗ କରନ୍ତୁ ।
   2. ବୃଷ୍ଟର୍ ବ୍ୟାଟେରୀର (2) ପଜିଟିଭ୍ (+) ଟର୍ମିନଲ୍ ସହିତ ଅନ୍ୟ ମୁଣ୍ଡକୁ ସଂଯୋଗ କରନ୍ତୁ ।
   3. ବୃଷ୍ଟର୍ ବ୍ୟାଟେରୀ (2) ର ନେଗେଟିଭ୍ (-) ଟର୍ମିନଲ୍ ସହିତ ଦ୍ୱିତୀୟ ଜମ୍ପ୍ ଲିଡ୍‌ର ଅନ୍ୟ ମୁଣ୍ଡକୁ ସଂଯୋଗ କରନ୍ତୁ ।
   4. ଫ୍ଲାଟ୍ ବ୍ୟାଟେରୀ (1) ସାହାଯ୍ୟରେ ଗାଡ଼ିର, ପେଣ୍ଟ ହୋଇନଥିବା ଭାଗ (ଯେପରି ଡୁଅର୍ ଲାଚ୍ ଷ୍ଟିକର୍ (3)) ସହିତ ଶେଷ ସଂଯୋଗ କରନ୍ତୁ ।

⚠ ଚେତାବନୀ

କେବେବି, ଡିସ୍‌ଚାର୍ଜ ହୋଇଯାଇଥିବା ବ୍ୟାଟେରୀର ନେଗେଟିଭ୍ (-) ଟର୍ମିନଲ୍ ସହିତ ଜମ୍ପ୍ ଲିଡ୍‌କୁ ସିଧାସଳଖ ସଂଯୋଗ କରନ୍ତୁ ନାହିଁ, ନଚେତ୍ ବିସ୍ଫୋରଣ ହୋଇଯାଇପାରେ ।

4) ଯଦି, ଆପଣ ବ୍ୟବହାର କରୁଥିବା ବୃଷ୍ଟର୍ ବ୍ୟାଟେରୀଟି ଅନ୍ୟ ଗାଡ଼ିରେ ଲାଗିଛି, ତେବେ ବୃଷ୍ଟର୍ ବ୍ୟାଟେରୀ ଦ୍ୱାରା ଗାଡ଼ିର ଇଞ୍ଜିନ୍ ଚାଲୁ କରନ୍ତୁ । ଇଞ୍ଜିନ୍‌କୁ ମଧ୍ୟମ ଗତିରେ ଚଲାନ୍ତୁ ।
5) ଫ୍ଲାଟ୍ ବ୍ୟାଟେରୀ ସାହାଯ୍ୟରେ ଗାଡ଼ିର ଇଞ୍ଜିନ୍‌କୁ ଚାଲୁ କରନ୍ତୁ ।
6) ଜମ୍ପ୍ ଲିଡ୍‌ଗୁଡ଼ିକୁ, ଆପଣ ଯେପରି ସଂଯୋଗ କରିଥିଲେ, ଠିକ୍ ତାହାର ବିପରୀତ କ୍ରମରେ କାଢ଼ନ୍ତୁ ।

ଟୋ କରିବା

ଯଦି ଆପଣଙ୍କୁ, ନିଜ ଗାଡ଼ି ଟୋ କରିବାକୁ ପଡ଼େ, ତେବେ ଏକ ପେସାଦାର ସର୍ଭିସ୍‌କୁ ଯୋଗାଯୋଗ କରନ୍ତୁ । ଆପଣଙ୍କ ଡିଲର୍, ଆପଣଙ୍କୁ ସବିଶେଷ ଟୋ କରିବା ନିର୍ଦ୍ଦେଶ ପ୍ରଦାନ କରିପାରନ୍ତି ।

ନୋଟିସ୍
ଟୋ କରିବା ସମୟରେ ଆପଣଙ୍କ ଗାଡ଼ିକୁ କ୍ଷତି ହେବାରୁ ଏଡ଼ାଇବାରେ ସାହାଯ୍ୟ କରିବା ପାଇଁ, ଉପଯୁକ୍ତ ଉପକରଣ ଏବଂ ଟୋ କରିବା ପ୍ରକ୍ରିୟା ନିଶ୍ଚିତ ଭାବେ ବ୍ୟବହୃତ ହେବା ଉଚିତ ।

2-ହ୍ୱୀଲ୍ ଡ୍ରାଇଭ୍ (2ଡବ୍ଲ୍ୟୁ.ଡି.) ମାନୁଆଲ୍ ଟ୍ରାନ୍ସମିଶନ୍

ମାନୁଆଲ୍ ଟ୍ରାନ୍ସମିଶନ୍ ଗାଡ଼ିଗୁଡ଼ିକୁ, ନିମ୍ନ ମଧ୍ୟରୁ ଯେକୌଣସି ପଦ୍ଧତି ବ୍ୟବହାର କରି ଟୋ କରାଯାଇପାରେ ।

1) ସାମନା ପଟୁ , ଆଗ ଚକଗୁଡ଼ିକ ଉପରକୁ ଉଠି ଓ ପଛ ଚକଗୁଡ଼ିକ ତଳେ ଲାଗି । ଟୋ କରିବା ପୂର୍ବରୁ ଏହା ସୁନିଶ୍ଚିତ କରନ୍ତୁ ଯେ, ଟ୍ରାନ୍ସମିଶନ୍ ନ୍ୟୁଟ୍ରାଲ୍‌ରେ ଅଛି ଏବଂ ପାର୍କିଙ୍ଗ୍ ବ୍ରେକ୍ ରିଲିଜ୍ ହୋଇଛି ।
2) ପଛପଟୁ, ପଛ ଚକଗୁଡ଼ିକ ଉପରକୁ ଉଠି ଓ ଆଗ ଚକଗୁଡ଼ିକ ତଳେ ଲାଗି, କିନ୍ତୁ ଷ୍ଟୀଅରିଙ୍ଗ୍ ଓ ଡ୍ରାଇଭ୍‌ଟ୍ରେନ୍ ସଂଚାଳନ ଅବସ୍ଥାରେ ଥିବା ଦରକାର । ଟୋ କରିବା ପୂର୍ବରୁ ଏହା ସୁନିଶ୍ଚିତ କରନ୍ତୁ ଯେ, ଷ୍ଟୀଅରିଙ୍ଗ୍ ହ୍ୱୀଲ୍ ଅନ୍‌ଲକ୍ ହୋଇଥିବ (ଇଗ୍‌ନିଶନ୍ ଚାବି “ACC” ସ୍ଥିତି ଥିବା ଉଚିତ) ଏବଂ ଟୋଙ୍ଗିଙ୍ଗ୍ ସେବା ପାଇଁ ଡିଜାଇନ୍ କରାଯାଇଥିବା ଏକ କ୍ଲାମ୍ପିଙ୍ଗ୍ ଯନ୍ତ୍ର ସାହାଯ୍ୟରେ ଷ୍ଟୀଅରିଙ୍ଗ୍ ହ୍ୱୀଲ୍ ସୁରକ୍ଷିତ ଥିବ ।

ନୋଟିସ୍
ଟୋ କରିବା ସମୟରେ ସାମନା ଚକଗୁଡ଼ିକରୁ ସଂଚାରିତ ଧକ୍କାକୁ ସହିବା ପାଇଁ ଷ୍ଟୀଅରିଙ୍ଗ୍ ସ୍ତମ୍ଭ (କଲମ୍) ଏତେ ଶକ୍ତିଶାଳୀ ନୁହେଁ । ଟୋ କରିବା ପୂର୍ବରୁ ସବୁବେଳେ ଷ୍ଟୀଅରିଙ୍ଗ୍ ହ୍ୱୀଲ୍‌କୁ ଅନ୍‌ଲକ୍ କରିଦିଅନ୍ତୁ ।

ଯଦି ଷ୍ଟାଟର୍ କାମ କରେ ନାହିଁ

1) ବ୍ୟାଟେରୀ କଣ୍ଡିଶନ୍ ନିର୍ଦ୍ଧାରଣ କରିବା ପଇଁ ହେଡ୍‌ଲାଇଟ୍ ଅନ୍ ଥିବା ସହିତ ଇଗ୍‌ନିଶନ୍ ସ୍ୱିଚ୍‌କୁ “ଷ୍ଟାର୍ଟ” ସ୍ଥିତିକୁ ଆଣିବାକୁ ଚେଷ୍ଟା କରନ୍ତୁ । ଯଦି ହେଡ୍‌ଲାଇଟ୍ ଅତ୍ୟଧିକ ଡିମ୍ ହୋଇଯାଏ କିମ୍ବା ବନ୍ଦ ହୋଇଯାଏ, ଏହାର ସାଧାରଣତଃ ଅର୍ଥ ହେଉଛି, ଅବା ବ୍ୟାଟେରୀଟି ଫ୍ଲାଟ୍ ଅଟେ କିମ୍ବା ବ୍ୟାଟେରୀ ଟର୍ମିନଲ୍ କଣ୍ଟାକ୍ଟ ଅତି ନିମ୍ନ ଅଟେ। ଆବଶ୍ୟକ ଅନୁସାରେ ବ୍ୟାଟେରୀକୁ ରିଚାର୍ଜ କରନ୍ତୁ କିମ୍ବା ବ୍ୟାଟେରୀ ଟର୍ମିନଲ୍ କଣ୍ଟାକ୍ଟକୁ ଠିକ୍ କରନ୍ତୁ।
2) ଯଦି ହେଡ୍‌ଲାଇଟ୍ ସେହିଭଳି ଉଜ୍ଜ୍ୱଳ ହୋଇ ରୁହେ, ତେବେ ଫ୍ୟୁଜ୍‌ଗୁଡ଼ିକୁ ଯାଞ୍ଚ କରନ୍ତୁ । ଯଦି ଷ୍ଟାର୍ଟରର ବିଫଳତା ପାଇଁ କାରଣ ଜଣା ପଡୁନଥିବ, ତେବେ ସେଥିରେ ବଡ଼ ଧରଣର ବୈଦ୍ୟୁତିକ ସମସ୍ୟା ଥାଇପାରେ । ଜଣେ ଅଧିକୃତ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍‌ଙ୍କ ଦ୍ୱାରା ନିଜ ଗାଡ଼ିକୁ ଯାଞ୍ଚ କରାଇନିଅନ୍ତୁ ।

ଯଦି ଇଞ୍ଜିନ୍‌ରେ ତେଲ ଭାସୁଥାଏ

ଯଦି ଇଞ୍ଜିନ୍‌ରେ ତେଲ ଭାସୁଥାଏ, ତେବେ ତାହାକୁ ଷ୍ଟାର୍ଟ କରିବା କଷ୍ଟକର ହୋଇପାରେ । ଏପରି ହେବା କ୍ଷେତ୍ରରେ ଆକ୍ସିଲରେଟର୍ ପେଡଲ୍‌କୁ ପୂରା ଦାବି ଧରି ଇଞ୍ଜିନ୍‌କୁ ଚାଲୁ କରନ୍ତୁ ।

- ଷ୍ଟାର୍ଟର୍ ମୋଟର୍‌କୁ 30 ସେକେଣ୍ଡରୁ ଅଧିକ ସମୟ ପର୍ଯ୍ୟନ୍ତ ଚଲାନ୍ତୁ ନାହିଁ ।

ଯଦି ଇଞ୍ଜିନ୍ ଅତ୍ୟଧିକ ଗରମ (ଓଭର୍‌ହିଟ୍) ହୋଇଯାଏ

ଗମ୍ଭୀର ଡ୍ରାଇଭିଙ୍ଗ୍ ସ୍ଥିତିରେ ଇଞ୍ଜିନ୍ ସାମୟିକ ଭାବେ ଓଭର୍‌-ହିଟ୍ ହୋଇଯାଏ । ଗାଡ଼ି ଚଲାଇବା ସମୟରେ ଯଦି ହାଇ ଇଞ୍ଜିନ୍ କୂଲାଣ୍ଟ ତାପମାତ୍ରା ଚେତାବନୀ ଲାଇଟ୍ ଦେଖାଦିଏ, ତେବେ:

1) ଗାଡ଼ିକୁ ଗୋଟିଏ ସୁରକ୍ଷିତ ସ୍ଥାନକୁ ନେଇ ପାର୍କ କରନ୍ତୁ ।
2) ଇଞ୍ଜିନ୍‌କୁ ସାଧାରଣ ଉପଯୁକ୍ତ ବେଗରେ, କିଛି ସମୟ ପାଇଁ ଚାଲିବାକୁ ଦିଅନ୍ତୁ, ଯେପର୍ଯ୍ୟନ୍ତ ହାଇ ଇଞ୍ଜିନ୍ କୂଲାଣ୍ଟ ତାପମାତ୍ରା ଚେତାବନୀ ଲାଇଟ୍ ବନ୍ଦ ନହୋଇଛି ।

⚠ ଚେତାବନୀ


ଯଦି ଆପଣ ଏଞ୍ଜେପିଙ୍ଗ୍ ଷ୍ଟିମ୍ (ଧୂଆଁ ବାହାରିବା) ଦେଖନ୍ତି ବା ଶୁଣନ୍ତି, ତେବେ ତୁରନ୍ତ ହିଁ ଏକ ସୁରକ୍ଷିତ ସ୍ଥାନରେ ଗାଡ଼ିକୁ ରୋକିଦିଅନ୍ତୁ ଏବଂ ଇଞ୍ଜିନ୍‌କୁ ବନ୍ଦ କରି, ତାହାକୁ ଥଣ୍ଡା ହେବାକୁ ଦିଅନ୍ତୁ । ଧୂଆଁ ଉପସ୍ଥିତ ଥିବାବେଳେ ଇଞ୍ଜିନ୍ କମ୍ପାର୍ଟମେଣ୍ଟକୁ ଖୋଲନ୍ତୁ ନାହିଁ । ଯଦି ଆପଣ ଧୂଆଁକୁ ଦେଖନ୍ତି ନାହିଁ କିମ୍ବା ତାହାର ଶବ୍ଦ ଶୁଣନ୍ତି ନାହିଁ, ତେବେ ଇଞ୍ଜିନ୍ କମ୍ପାର୍ଟମେଣ୍ଟକୁ ଖୋଲି, କୂଲାଣ୍ଟଟି ତଥାପି ଫୁଟୁଛି କି ନାହିଁ ଦେଖନ୍ତୁ । ଯଦି ତାହା ଫୁଟୁଥାଏ, ଆଗକୁ ବଢ଼ିବା ପୂର୍ବରୁ, ତାହା ଫୁଟିବା ବନ୍ଦ ନହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।

ଯଦି ହାଇ ଇଞ୍ଜିନ୍ କୂଲାଣ୍ଟ ତାପମାତ୍ରା ଚେତାବନୀ ଲାଇଟ୍ ବନ୍ଦ ନହୁଏ:

1) ଇଞ୍ଜିନ୍‌କୁ ବନ୍ଦ କରିଦିଅନ୍ତୁ ଏବଂ ୱାଟର୍ ପମ୍ପ୍ ବେଲ୍ଟ ଓ ପୂଲୀ ନଷ୍ଟ ହୋଇନଥିବାର କିମ୍ବା ଖସୁନଥିବାର ଯାଞ୍ଚ କରନ୍ତୁ । ଯଦି କୌଣସି ପ୍ରକାରର ଅସ୍ୱାଭାବିକତା ଦେଖାଦିଏ, ତେବେ ତାହାକୁ ଠିକ୍ କରନ୍ତୁ ।
2) ଟାଙ୍କିରେ ଥିବା କୂଲାଣ୍ଟ ସ୍ତରକୁ ଯାଞ୍ଚ କରନ୍ତୁ । ଯଦି ତାହା "ଲୋ" ଲାଇନ୍ ତଳକୁ ଚାଲିଯାଇଥିବାର ଦେଖାଦିଏ, ତେବେ ରେଡିଏଟର୍, ୱାଟର୍ ପମ୍ପ୍ ତଥା ରେଡିଏଟର୍ ଓ ହିଟର୍ ହୋସ୍‌ରେ କୌଣସି ପ୍ରକାରର ଲିକ୍ ପାଇଁ ଦେଖନ୍ତୁ। ଯଦି କୌଣସି ପ୍ରକାରର ଲିକ୍ ଦେଖାଦିଏ, ଯାହା କାରଣରୁ ଓଭର୍‌ହିଟିଙ୍ଗ୍ ହେଉଥାଏ, ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଇଞ୍ଜିନ୍‌କୁ ଚଲାନ୍ତୁ ନାହିଁ ।
3) ଯଦି କୌଣସି ପ୍ରକାରର ଲିକେଜ୍ ଆପଣ ଦେଖନ୍ତି ନାହିଁ, ତେବେ, ଯଦି ଆବଶ୍ୟକ ହୁଏ, ଧ୍ୟାନପୂର୍ବକ ଭାବେ ପ୍ରଥମେ ଟାଙ୍କିରେ ଓ ତା'ପରେ ରେଡିଏଟର୍‌ରେ କୂଲାଣ୍ଟ ମିଶାନ୍ତୁ ("ଯାଞ୍ଚ ଓ ରକ୍ଷଣା-ବେକ୍ଷଣ" ବିଭାଗରେ ଥିବା "ଇଞ୍ଜିନ୍ କୂଲାଣ୍ଟ" ଦେଖନ୍ତୁ) ।

ନୋଟ୍:
ଯଦି ଆପଣଙ୍କ ଇଞ୍ଜିନ୍ ଓଭର୍‌ହିଟ୍ ହୁଏ ଏବଂ ଆପଣ କ'ଣ କରିବେ ବୋଲି ଅନିଶ୍ଚିତ ଥା'ନ୍ତି, ତେବେ ନିଜର ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍‌ଙ୍କୁ ଯୋଗାଯୋଗ କରନ୍ତୁ ।

ଉଦାହରଣ



65D350d

⚠ ଚେତାବନୀ


- **ଜଳ ତାପମାତ୍ରା ଉଚ୍ଚ ଥିବାବେଳେକୁ ରେଡିଏଟର୍ କ୍ୟାପ୍ (କିମ୍ବା ଡିଜେଲ୍ ଇଞ୍ଜିନ୍ ପାଇଁ ଡିଗ୍ୟାସିଙ୍ଗ୍ ଟାଙ୍କିର କ୍ୟାପ୍) କାଢ଼ିବା ବିପଜ୍ଜନକ ଅଟେ, କାରଣ ଫୁଟନ୍ତା ପାଣି କିମ୍ବା ବାଷ୍ପ, ଚାପ ଅନ୍ତର୍ଗତ ବାହାରକୁ ଛିଟିକିଯାଇପାରେ । କୂଲାଣ୍ଟର ତାପମାତ୍ରା କମିବାପରେ ହିଁ ଯାଇ କ୍ୟାପ୍‌କୁ କାଢ଼ିବା ଉଚିତ ।**
- **ବ୍ୟକ୍ତିଗତ ଆଘାତକୁ ଏଡ଼ାଇବା ପାଇଁ ହାତ, ଯନ୍ତ୍ରପାତି ଓ କପଡ଼ା ଆଦିକୁ ଇଞ୍ଜିନ୍‌ର କୂଲିଙ୍ଗ୍ ଫ୍ୟାନ୍‌ଠାରୁ ଦୂରରେ ରଖନ୍ତୁ । ଏହି ବୈଦ୍ୟୁତିକ ବା ଇଲେକ୍ଟ୍ରିକ୍ ଫ୍ୟାନ୍‌ଗୁଡ଼ିକ, ବିନା କୌଣସି ଚେତାବନୀରେ ନିଜକୁ ନିଜ ଅନ୍ ହୋଇଯାଇପାରେ ।**

ଧକ୍କା ଦ୍ୱାରା ଗାଡ଼ି ତଳର ସମସ୍ୟା

ଯଦି ଆପଣଙ୍କ ଗାଡ଼ିର ତଳ ଭାଗ ମାଡ଼ ହୋଇଯାଇଥାଏ, ତେବେ ଜଣେ ଅଧିକୃତ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍‌ଙ୍କୁ ଯାଞ୍ଚ କରିବାକୁ କୁହନ୍ତୁ, ଅନ୍ୟଥା ଆପଣଙ୍କର ସୁରକ୍ଷିତ ଡ୍ରାଇଭିଙ୍ଗ୍‌କୁ ଷ୍ଟୀଅରିଙ୍ଗ୍, ସସ୍‌ପେନ୍ସନ୍, ଡ୍ରାଇଭ୍‌ଲାଇନ୍ ଓ ବ୍ରେକ୍ ଆଦି ପ୍ରତିରୋଧ କରିପାରେ ।

ଚେତାବନୀ ତ୍ରିଭୁଜ (ୱାର୍ନିଙ୍ଗ୍ ଟ୍ରାୟାଙ୍ଗଲ୍)


ଉଦାହରଣ



MHO-07-001

ଗାଡ଼ି ଭାଙ୍ଗିଯିବା କ୍ଷେତ୍ରରେ କିମ୍ବା ଜରୁରୀକାଳୀନ ଭିତ୍ତିରେ ରୋକିବା ସମୟରେ, ଯେଉଁଠାରେ, ଆପଣଙ୍କର ଗାଡ଼ି ଏକ ସମ୍ଭାବ୍ୟ ବିପଦ ହୋଇପାରେ, ତେବେ ଆପଣଙ୍କ ଗାଡ଼ିରେ ଦିଆଯାଇଥିବା ଚେତାବନୀ ତ୍ରିଭୁଜକୁ, ଆପଣଙ୍କ ଗାଡ଼ି ପଛରେ ଥିବା ଯେକୌଣସି ପ୍ରକାରର ପ୍ରତିବନ୍ଧଠାରୁ ମୁକ୍ତ ଥିବା ରାସ୍ତା ଉପରେ ରଖନ୍ତୁ, ଯେଉଁଥିରୁ 50-100 ମି. ଦୂରତାରେ ଆଗତ ଟ୍ରାଫିକ୍‌କୁ ସତର୍କ କରାଯାଇପାରିବ । ତ୍ରିଭୁଜର ପ୍ରତିଫଳିତ ଭାଗଟି, ଆସୁଥିବା ଟ୍ରାଫିକ୍ ଆଡ଼କୁ ରହିଥିବା ଉଚିତ । ଚେତାବନୀ ତ୍ରିଭୁଜ ରଖିବା ପାଇଁ ଗାଡ଼ିକୁ ପଂକ୍ତିବଦ୍ଧ କରିବା ପୂର୍ବରୁ ଦୟାକରି ବିପଦ ଚେତାବନୀ ଲ୍ୟାମ୍ପଗୁଡ଼ିକୁ ସକ୍ରିୟ କରିଦିଅନ୍ତୁ ।


ଉଦାହରଣ



MHO-07-014-1

- ଯେପରି ତୀର (ଆରୋ) 1ରେ ଦର୍ଶାଯାଇଛି, ଚେତାବନୀ ତ୍ରିଭୁଜକୁ ସାବଧାନତାର ସହ କଭରରୁ କାଢ଼ନ୍ତୁ ।
- ତୀର (ଆରୋ) ଦ୍ୱାରା ପ୍ରଦର୍ଶିତାନୁସାରେ, ଉଭୟ ପ୍ରତିଫଳକ (ରିଫ୍ଲେକ୍ଟର୍)ର ବାହୁକୁ ଖୋଲନ୍ତୁ ଏବଂ ତାହାଣ ବାହୁରେ ପ୍ରଦାନ କରାଯାଇଥିବା କ୍ଲିପ୍ ସହିତ ପରସ୍ପର ବାହୁଗୁଡ଼ିକୁ ଲକ୍ କରନ୍ତୁ । ତୀର (ଆରୋ) 3ରେ ଯେପରି ପ୍ରଦର୍ଶିତ ହୋଇଛି, ତଳ ଷ୍ଟାଣ୍ଡକୁ ବାମ ଦିଗରେ ଖୋଲନ୍ତୁ । ଏକ ସମତଳ ଭୂମିରେ, ଗାଡ଼ି ପଛରେ ଚେତାବନୀ ତ୍ରିଭୁଜକୁ ରଖନ୍ତୁ ।
- କଭର୍ ଭିତରେ ରଖିବା ପାଇଁ କାଢ଼ିବା ପ୍ରକ୍ରିୟାର ବିପରୀତ କରନ୍ତୁ ।

ଉଦାହରଣ



MH007014

ଗାଡ଼ିର ଯତ୍ନ

ଜଙ୍କ୍ ପ୍ରତିରୋଧ 9-1
ଗାଡ଼ି ସଫା କରିବା 9-2

ଜଙ୍କ୍ ପ୍ରତିରୋଧ

ଗାଡିରେ ଜଙ୍କ୍ ଲାଗିବା ରୋକିବା ପାଇଁ ତାହାର ଉତ୍ତମ ଯତ୍ନ ନେବା ନିହାତି ଜରୁରୀ । ଜଙ୍କ୍ ଲାଗିବାରୁ ପ୍ରତିରୋଧ କରିବା ପାଇଁ ଆପଣଙ୍କ ଗାଡ଼ିର କିପରି ଯତ୍ନ ନେବେ, ତାହାର ନିର୍ଦ୍ଦେଶ ନିମ୍ନରେ ପ୍ରଦାନ କରାଗଲା । ଦୟାକରି ଏହି ନିର୍ଦ୍ଦେଶଗୁଡ଼ିକୁ ଧ୍ୟାନପୂର୍ବକ ପଢ଼ି, ତାହାର ପାଳନ କରନ୍ତୁ ।

ଜଙ୍କ୍ ବିଷୟରେ ଜରୁରୀ ସୂଚନା

ଜଙ୍କ୍‌ର ସାଧାରଣ କାରଣମାନ

1) ଗାଡ଼ି ତଳେ କିମ୍ବା ଫ୍ରେମ୍‌ର ପହଞ୍ଚିବା କଷ୍ଟକର ସ୍ଥାନରେ ଲାଗିଥିବା ରାସ୍ତା ଲବଣ, ଧୂଳି, ଆର୍ଦ୍ରତା କିମ୍ବା ରସାୟନ ।
2) ପଥର କିମ୍ବା ଗୋଡ଼ି ଦ୍ୱାରା ଘଷି ହୋଇଯାଇଥିବା କିମ୍ବା ଛୋଟ ଦୁର୍ଘଟଣା ଫଳରେ ଉପଚାରିତ କିମ୍ବା ପେଣ୍ଟ ହୋଇଥିବା ପ୍ରତି କୌଣସି କ୍ଷତି ଏବଂ ଘର୍ଷଣ ଓ ରାଞ୍ଚୁଡ଼ା ।

ପାରିବେଶିକ ଅବସ୍ଥା, ଯାହା ଜଙ୍କ୍‌କୁ ତ୍ୱରାନ୍ୱିତ କରିଥାଏ

1) ରାସ୍ତା ଲବଣ, ଧୂଳି ନିୟନ୍ତ୍ରଣ ରସାୟନ, ସମୁଦ୍ର ବାୟୁ କିମ୍ବା ଔଦ୍ୟୋଗିକ ପ୍ରଦୂଷଣ, ଧାତୁର ଜଙ୍କ୍‌କୁ ତ୍ୱରାନ୍ୱିତ ବା ବୃଦ୍ଧି କରିଥାଏ ।
2) ଉଚ୍ଚ ଆର୍ଦ୍ରତା, ଜଙ୍କ୍‌ର ହାରକୁ ବୃଦ୍ଧି କରିଥାଏ, ବିଶେଷ-କରି ଯେତେବେଳେ ତାପମାତ୍ରା ସ୍ତର ଅତ୍ୟଧିକ ଥଣ୍ଡା ଥାଏ ।
3) ଗାଡ଼ିର ନିର୍ଦ୍ଦିଷ୍ଟ ସ୍ଥାନରେ ଅଧିକ ସମୟ ପର୍ଯ୍ୟନ୍ତ ରହିଥିବା ଆର୍ଦ୍ରତା, ଗାଡ଼ିର ଅନ୍ୟ ଭାଗଗୁଡ଼ିକ ସମ୍ପୂର୍ଣ୍ଣ ଶୁଖିଲା ଥିଲେ ସୁଦ୍ଧା ଜଙ୍କ୍ ବୃଦ୍ଧି କରିଥାଏ ।
4) ଗାଡ଼ିର ଯେଉଁ ଭାଗରେ ଉତ୍ତମ ବାୟୁ ଚଳାଚଳ ହୋଇ ଶୀଘ୍ର ଶୁଖିନଥାଏ, ସେହି ସ୍ଥାନରେ ଉଚ୍ଚ ତାପମାତ୍ରା କାରଣରୁ ଜଙ୍କ୍‌ର ହାର ବୃଦ୍ଧି ହୋଇଥାଏ ।

ଏହି ସୂଚନା, ଆପଣଙ୍କ ଗାଡ଼ିକୁ (ବିଶେଷକରି ତଳ ଭାଗ-ଗୁଡ଼ିକୁ) ଯଥା ସମ୍ଭବ ଶୁଖିଲା ରଖିବାର ଆବଶ୍ୟକତାକୁ ଚିତ୍ରଣ କରେ । ପେଣ୍ଟ କିମ୍ବା ସୁରକ୍ଷାତ୍ମକ କୋଟିଙ୍ଗ୍‌ରେ କୌଣସି ପ୍ରକାରର କ୍ଷତିକୁ ଯେତେ ଶୀଘ୍ର ସମ୍ଭବ ମରାମତି କରାଇନେବା ମଧ୍ୟ ସମାନ ଭାବରେ ଜରୁରୀ ଅଟେ ।

ଜଙ୍କ୍‌କୁ କିପରି ପ୍ରତିରୋଧ କରିବେ

ବାରମ୍ବାର ଆପଣଙ୍କ ଗାଡ଼ିକୁ ଧୁଅନ୍ତୁ

ଆପଣଙ୍କ ଗାଡ଼ିକୁ ସମ୍ପୂର୍ଣ୍ଣ ଭାବେ ସଂରକ୍ଷିତ କରିବା ତଥା ଜଙ୍କ୍‌କୁ ଏଡ଼ାଇବାରେ ସାହାଯ୍ୟ କରିବା ପାଇଁ ସର୍ବୋତ୍ତମ ମାର୍ଗ ହେଉଛି, ତାହାକୁ ବାରମ୍ବାର ଧୋଇ ସଫା ରଖନ୍ତୁ ।
ଶୀତ ଋତୁରେ ଅତିକମ୍‌ରେ ଥରେ ଏବଂ ଶୀତ ଋତୁର ତୁରନ୍ତ ପରେ ଥରେ ଆପଣଙ୍କ ଗାଡ଼ିକୁ ଧୁଅନ୍ତୁ । ଗାଡ଼ିର ତଳ ଭାଗକୁ ଯଥା ସମ୍ଭବ ସଫା ଓ ଶୁଖିଲା ରଖନ୍ତୁ ।
ଯଦି ଆପଣ, ଲବଣଯୁକ୍ତ ରାସ୍ତାରେ ବାରମ୍ବାର ଗାଡ଼ି ଚଲାଉଥା'ନ୍ତି, ତେବେ ଶୀତ ଋତୁରେ ମାସକୁ ଅତିକମ୍‌ରେ ଥରେ ଗାଡ଼ିକୁ ଧୋଇବା ଉଚିତ । ଯଦି ଆପଣ ସମୁଦ୍ର ନିକଟରେ ରୁହନ୍ତି, ତେବେ ସମଗ୍ର ବର୍ଷରେ, ମାସକୁ ଅତିକମ୍‌ରେ ଥରେ ଗାଡ଼ି ଧୁଆଯିବା ଦରକାର ।

ଧୋଇବା ନିର୍ଦ୍ଦେଶଗୁଡ଼ିକ ପାଇଁ, "ଗାଡ଼ି ସଫା କରିବା" ବିଭାଗକୁ ଦେଖନ୍ତୁ ।

ବାହ୍ୟ ସାମଗ୍ରୀ ସଂଗ୍ରହକୁ କାଢ଼ନ୍ତୁ

ଯଦି ଆପଣଙ୍କ ଗାଡ଼ିର ପେଣ୍ଟ ହୋଇଥିବା ଭାଗରେ ବାହ୍ୟ ସାମଗ୍ରୀ, ଯେପରି ଲବଣ, ରସାୟନ, ରାସ୍ତା ତେଲ୍ କିମ୍ବା ରାଳ, ଗଛର ରସ, ପକ୍ଷୀଙ୍କ ମଳ ଓ ଔଦ୍ୟୋଗିକ୍ ବର୍ଜ୍ୟ ବସ୍ତୁ ଲାଗିଥାଏ, ତେବେ ତାହା ଗାଡ଼ିର ସମ୍ପୂର୍ଣ୍ଣତାକୁ ନଷ୍ଟ କରିଦେଇପାରେ । ଯେତେଶୀଘ୍ର ସମ୍ଭବ, ସେଗୁଡ଼ିକୁ କାଢ଼ିଦିଅନ୍ତୁ । ଯଦି ସେହି ଜମାଗୁଡ଼ିକୁ ଧୋଇ କାଢ଼ିବା କଷ୍ଟକର ହୁଏ, ତେବେ ଅତିରିକ୍ତ କ୍ଲିନର୍‌ର ଆବଶ୍ୟକତା ପଡ଼ିପାରେ । ଏହା ସୁନିଶ୍ଚିତ କରନ୍ତୁ ଯେ, ଯେକୌଣସି କ୍ଲିନର୍ ଆପଣ ବ୍ୟବହାର କରନ୍ତି, ତାହା ପେଣ୍ଟ ହୋଇଥିବା ଭାଗ ପ୍ରତି ହାନିକାରକ ହୋଇନଥିବ ଏବଂ ବିଶେଷକରି ଆପଣଙ୍କର ଉଦ୍ଦେଶ୍ୟ ପୂର୍ଣ୍ଣ କରୁଥିବ । ଏହି ବିଶେଷ କ୍ଲିନର୍‌ଗୁଡ଼ିକ ବ୍ୟବହାର କରିବା ସମୟରେ ଉତ୍ପାଦକଙ୍କ ନିର୍ଦ୍ଦେଶଗୁଡ଼ିକ ପାଳନ କରନ୍ତୁ ।

ସମ୍ପୂର୍ଣ୍ଣ କ୍ଷତି ମରାମତି କରନ୍ତୁ

ପେଣ୍ଟ ହୋଇଥିବା ଭାଗରେ କୌଣସି ପ୍ରକାରର କ୍ଷତି ପାଇଁ ନିଜ ଗାଡ଼ିକୁ ଧ୍ୟାନପୂର୍ବକ ଯାଞ୍ଚ କରନ୍ତୁ । ଯଦି ପେଣ୍ଟରେ ଆପଣଙ୍କୁ କୌଣସି ପ୍ରକାରର କଟା କିମ୍ବା ରାଞ୍ଚୁଡ଼ା ଦେଖାଦିଏ, ତେବେ ଆରମ୍ଭରୁ ଜଙ୍କ୍‌କୁ ରୋକିବା ପାଇଁ ତୁରନ୍ତ ହିଁ ସେଗୁଡ଼ିକ ଉପରେ ଟଚ୍‌ଅପ୍ ଦିଅନ୍ତୁ । ଯଦି ସେହି କଟା କିମ୍ବା ରାଞ୍ଚୁଡ଼ା ଦାଗ ଖୋଲା ଧାତୁ ମଧ୍ୟ ଦେଇ ଯାଇଥାଏ, ତେବେ ଜଣେ ଯୋଗ୍ୟ ବଡୀ କାରିଗରଠାରୁ ମରାମତି କରାଇନିଅନ୍ତୁ ।

ଯାତ୍ରୀ (ପାସେଞ୍ଜର୍) ଓ ଲଗେଜ୍ କମ୍ପାର୍ଟମେଣ୍ଟକୁ ସଫା ରଖନ୍ତୁ

ଆର୍ଦ୍ରତା, ଧୂଳି କିମ୍ବା କାଦୁଅ ଫ୍ଲୋର୍ ମ୍ୟାଟ୍ ତଳେ ଜମା ହୋଇ ଜଙ୍କ୍‌ର କାରଣ ହୋଇପାରେ । ମଝିରେ ମଝିରେ, ସେହି ସ୍ଥାନକୁ, ସଫା ଓ ଶୁଖିଲା ଥିବାର ଯାଞ୍ଚ କରିନିଅନ୍ତୁ । ମାଟି ରାସ୍ତାରେ କିମ୍ବା ଓଦା ପାଗରେ ଯଦି ଗାଡ଼ି ବ୍ୟବହୃତ ହୋଇଥାଏ, ତେବେ ଅଧିକ ଥର ଯାଞ୍ଚ କରିବା ନିହାତି ଜରୁରୀ ।
ନିର୍ଦ୍ଦିଷ୍ଟ ମାଲ୍, ଯେପରି ରସାୟନ, ସାର, କ୍ଲିନର୍, ଲୁଣ ଆଦି ପ୍ରକୃତିରେ ଅତ୍ୟନ୍ତ ଜଙ୍କ୍ ସୃଷ୍ଟିକାରକ । ଏହି ଉତ୍ପାଦଗୁଡ଼ିକ ଭଲ ଭାବରେ ବନ୍ଦ ହୋଇଥିବା କଣ୍ଟେନର୍‌ରେ ପରିବହନ କରାଯିବା ଉଚିତ । ଯଦି ଢାଳିଯାଏ କିମ୍ବା ଲିକ୍ ହୋଇଯାଏ, ତେବେ ତୁରନ୍ତ ସେହି ସ୍ଥାନକୁ ସଫାକରି ଶୁଖାଇଦିଅନ୍ତୁ ।

ଆପଣଙ୍କ ଗାଡ଼ିକୁ ଶୁଖିଲା, ଉତ୍ତମ ବାୟୁ ଚଳାଚଳ ସ୍ଥାନରେ ରଖନ୍ତୁ

ଆପଣଙ୍କ ଗାଡ଼ିକୁ ସନ୍ତସନ୍ତିଆ, ନିମ୍ନ ବାୟୁ ଚଳାଚଳ ସ୍ଥାନରେ ରଖନ୍ତୁ ନାହିଁ । ଯଦି ଆପଣ ଗ୍ୟାରେଜ୍‌ରେ ଗାଡ଼ି ଧୁଅନ୍ତି କିମ୍ବା ଯଦି ଓଦା ଥିବାବେଳେ ବାରମ୍ବାର ଚଲାନ୍ତି, ତେବେ ଆପଣଙ୍କ ଗ୍ୟାରେଜ୍ ସନ୍ତସନ୍ତିଆ ଥାଇପାରେ । ଗ୍ୟାରେଜ୍‌ରେ ଉଚ୍ଚ ଆର୍ଦ୍ରତା, ଜଙ୍କ୍‌ର କାରଣ ହୋଇପାରେ କିମ୍ବା ତାହାକୁ ବଢ଼ାଇପାରେ । ଯଦି ବାୟୁ ଚଳାଚଳ ନିମ୍ନମାନର ଥିବ,

ତେବେ ଏକ ଉତ୍ତପ୍ତ ଗ୍ୟାରେଜ୍‌ରେ ମଧ୍ୟ ଗୋଟିଏ ଓଦା ଗାଡ଼ିରେ ଜଙ୍କ୍ ଲାଗିଯାଇପାରେ ।

⚠ ଚେତାବନୀ

ଏଗ୍‌ଜୋଷ୍ଟ ସିଷ୍ଟମ୍ କମ୍ପୋନେଣ୍ଟସ୍, ଯେପରି କେଟାଲିଷ୍ଟ କନ୍‌ଭର୍ଟର୍, ଏଗ୍‌ଜୋଷ୍ଟ ପାଇପ୍ ଆଦି ଉପରେ କିମ୍ବା ଚାରିପଟେ ଜଙ୍କ୍ ପ୍ରତିରୋଧାତ୍ମକ କୋଟ୍ କିମ୍ବା ଅତିରିକ୍ତ ଅଣ୍ଡର୍‌କୋଟିଙ୍ଗ୍ ଲଗାନ୍ତୁ ନାହିଁ । ଅଣ୍ଡର୍‌କୋଟିଙ୍ଗ୍ ଉପାଦାନ ଯଦି ଅଧିକ ଗରମ ହୋଇଯାଏ, ତେବେ ନିଆଁ ଲାଗିଯାଇପାରେ ।

ଗାଡ଼ି ସଫା କରିବା

ଉଦାହରଣ



76G044S

⚠ ଚେତାବନୀ

ଗାଡ଼ିର ଭିତର କିମ୍ବା ବାହାର ସଫା କରିବା ସମୟରେ, କେବେବି ଜ୍ୱଳନଶୀଳ ପଦାର୍ଥ, ଯେପରି ଲାଖ ଥିନର୍, ପେଟ୍ରୋଲ୍, ବେଞ୍ଜିନ୍ କିମ୍ବା ସଫା କରିବା ସାମଗ୍ରୀ, ଯେପରି ବ୍ରିଟ୍ କିମ୍ବା କଡ଼ା ଘରୋଇ ଡିଟର୍ଜେଣ୍ଟର ବ୍ୟବହାର କରନ୍ତୁ ନାହିଁ । ସାମଗ୍ରୀଗୁଡ଼ିକ, ବ୍ୟକ୍ତିଗତ ଆଘାତ କିମ୍ବା ଗାଡ଼ି ପ୍ରତି କ୍ଷତିର କାରଣ ହୋଇପାରେ ।

ଭିତର ସଫା କରିବା

ଭିନାଇଲ୍ ଆସବାବ (ଅପ୍‌ହୋଲେଷ୍ଟ୍ରୀ)

ଗରମ ପାଣିରେ ସାବୁନ୍ କିମ୍ବା ହାଲକା ଧରଣର ଡିଟର୍ଜେଣ୍ଟ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ । ଏକ ସ୍ପଞ୍ଜ କିମ୍ବା ନରମ କପଡ଼ା ସାହାଯ୍ୟରେ ଭିନାଇଲ୍‌ରେ ସେହି ଦ୍ରବଣ ଲଗାନ୍ତୁ ଏବଂ ଧୂଳି ଛଡ଼ାଇବା ପାଇଁ କିଛି ସମୟ ତାହାକୁ ବତୁରିବାକୁ ଦିଅନ୍ତୁ। ଏକ ସଫା, ଓଦା କପଡ଼ାରେ, ଧୂଳି ଓ ସାବୁନ୍ ଦ୍ରବଣକୁ କାଢ଼ିବା ପାଇଁ ତାହାକୁ ଘଷନ୍ତୁ । ଯଦି ଚଟାଣରେ ତଥାପି କିଛି ଧୂଳି ରହିଯାଏ, ତେବେ ଏହି ପ୍ରକ୍ରିୟାର ପୁନରାବୃତ୍ତି କରନ୍ତୁ ।

ଫାବ୍ରିକ୍ ଆସବାବ (ଅପ୍‌ହୋଲେଷ୍ଟ୍ରୀ)

ଭାକ୍ୟୁମ୍ କ୍ଲିନର୍ ସାହାଯ୍ୟରେ ଶୁଖିଲା ଧୂଳିକୁ କାଢ଼ିଦିଅନ୍ତୁ । ଏକ ହାଲକା ସାବୁନ୍ ଦ୍ରବଣ ବ୍ୟବହାର କରି, ଏକ ସଫା, ଓଦା କପଡ଼ାରେ ଦାଗ ଲାଗିଥିବା ସ୍ଥାନକୁ ଘଷିଦିଅନ୍ତୁ । ସାବୁନ୍ କାଢ଼ିବା ପାଇଁ, ପାଣିରେ କପଡ଼ାକୁ ବୁଡ଼ାଇ ପୁଣିଥରେ ସେହି ସ୍ଥାନକୁ ଘଷନ୍ତୁ । ଦାଗ ନଛାଡ଼ିବା ପର୍ଯ୍ୟନ୍ତ ଏହାର ପୁନରାବୃତ୍ତି କରନ୍ତୁ କିମ୍ବା ଗାଢ଼ ଦାଗ ପାଇଁ ଏକ କମର୍ଶିଆଲ୍ ଫାବ୍ରିକ୍ କ୍ଲିନର୍‌ର ବ୍ୟବହାର କରନ୍ତୁ । ଯଦି ଆପଣ ଫାବ୍ରିକ୍ କ୍ଲିନର୍ ବ୍ୟବହାର କରନ୍ତି, ତେବେ ଧ୍ୟାନପୂର୍ବକ ଭାବେ ନିର୍ଦ୍ଦେଶ ଓ ସାବଧାନତାର ପାଳନ କରନ୍ତୁ ।

ସିଟ୍ ବେଲ୍ଟ

ହାଲକା ସାବୁନ୍ ଓ ପାଣି ସାହାଯ୍ୟରେ ସିଟ୍ ବେଲ୍ଟଗୁଡ଼ିକୁ ସଫା କରନ୍ତୁ । ବେଲ୍ଟ ଉପରେ ବ୍ଲିଚ୍ କିମ୍ବା ଡାଏ ବ୍ୟବହାର କରନ୍ତୁ ନାହିଁ । ବେଲ୍ଟରେ ଥିବା ଫାବ୍ରିକ୍‌କୁ ସେଗୁଡ଼ିକ ନଷ୍ଟ କରିଦେଇପାରନ୍ତି ।

ଭିନାଇଲ୍ ଫ୍ଲୋର୍ ମ୍ୟାଟ୍

ପାଣି କିମ୍ବା ହାଲକା ସାବୁନ୍ ସାହାଯ୍ୟରେ ଭିନାଇଲ୍‌ରୁ ସାଧାରଣ ଧୂଳି କଢ଼ାଯାଇପାରେ । ଧୂଳିକୁ ଝାଡ଼ିବା ପାଇଁ ଗୋଟିଏ ବ୍ରଶ୍‌ର ବ୍ୟବହାର କରନ୍ତୁ । ଧୂଳି ଝାଡ଼ି ହୋଇଯିବା ପରେ, ପାଣି ଦ୍ୱାରା ମ୍ୟାଟ୍‌କୁ ଭଲ ଭାବରେ ଧୋଇଦିଅନ୍ତୁ ଏବଂ ଛାଇରେ ଶୁଖାଇଦିଅନ୍ତୁ ।

ଗାଲିଚା (କାର୍ପେଟ୍)

ଭାକ୍ୟୁମ୍ କ୍ଲିନର୍ ସାହାଯ୍ୟରେ ଯେତେ ସମ୍ଭବ ଧୂଳି ଓ ମାଟିକୁ କାଢ଼ିଦିଅନ୍ତୁ । ଏକ ହାଲକା ସାବୁନ୍ ଦ୍ରବଣର ବ୍ୟବହାର କରି, ଦାଗ ଲାଗିଥିବା ସ୍ଥାନକୁ ସଫା ଓଦା କପଡ଼ାରେ ଘଷିଦିଅନ୍ତୁ । ସାବୁନ୍ କାଢ଼ିବା ପାଇଁ, ପାଣିରେ ବୁଡ଼ାଇ ପୁଣିଥରେ ସେହି ସ୍ଥାନକୁ ଘଷନ୍ତୁ । ଦାଗ ନଛାଡ଼ିବା ପର୍ଯ୍ୟନ୍ତ ଏହାର ପୁନରାବୃତ୍ତି କରନ୍ତୁ କିମ୍ବା ଗାଢ଼ ଦାଗ ପାଇଁ ଏକ କମର୍ଶିଆଲ୍ କାର୍ପେଟ୍ କ୍ଲିନର୍ ବ୍ୟବହାର କରନ୍ତୁ । ଯଦି ଆପଣ ଏକ କାର୍ପେଟ୍ କ୍ଲିନର୍ ବ୍ୟବହାର କରନ୍ତି, ତେବେ ଧ୍ୟାନପୂର୍ବକ ଭାବେ ଉତ୍ପାଦକଙ୍କ ନିର୍ଦ୍ଦେଶ ଓ ସାବଧାନତାର ପାଳନ କରନ୍ତୁ ।

ଉପକରଣ ପେନଲ୍ ଓ କନ୍‌ସୋଲ୍

ଭାକ୍ୟୁମ୍ କ୍ଲିନର୍ ସାହାଯ୍ୟରେ ଶୁଖିଲା ଧୂଳି କାଢ଼ିଦିଅନ୍ତୁ । ଏକ ଭଲ ଭାବରେ ଚିପୁଡ଼ାଯାଇଥିବା ଓଦା କପଡ଼ା ସାହାଯ୍ୟରେ ଧୂଳିକୁ ପୋଛିଦିଅନ୍ତୁ । ଧୂଳି ଭଲ ଭାବରେ ସଫା ନହେବା ପର୍ଯ୍ୟନ୍ତ ଏହାର ପୁନରାବୃତ୍ତି କରନ୍ତୁ ।

ନୋଟିସ

ବୈଦ୍ୟୁତିକ ଉପକରଣ, ଯେପରି ସ୍ୱିଚ୍ ଆଦିକୁ ପୋଛିବା ପାଇଁ ସିଲିକନ୍ ବିଶିଷ୍ଟ ରସାୟନ ଉତ୍ପାଦର ବ୍ୟବହାର କରନ୍ତୁ ନାହିଁ । ଏହା ଉପକରଣଗୁଡ଼ିକୁ ନଷ୍ଟ କରିଦେଇପାରେ ।

ବାହାର ସଫା କରିବା

ନୋଟିସ

ଏହା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଯେ, ଆପଣଙ୍କ ଗାଡ଼ି ସଫା ଓ ଧୂଳିମୁକ୍ତ ରହିବା ଉଚିତ । ଗାଡ଼ିକୁ ସଫା ନରଖିଲେ, ତାହାର ପରିଣାମସ୍ୱରୂପ, ରଙ୍ଗ ଉଡ଼ିଯାଇପାରେ କିମ୍ବା ଗାଡ଼ିର ବିଭିନ୍ନ ଭାଗରେ ଜଙ୍କ୍ ଲାଗିଯାଇପାରେ ।

ସଫାକରିବା

ଉଦାହରଣ



82DY09

⚠ ଚେତାବନୀ

- **ଇଞ୍ଜିନ୍ ଚାଲୁଥିବା ଅବସ୍ଥାରେ କେବେବି ଗାଡ଼ିକୁ ସଫା ଓ ୱାକ୍ସ କରିବାକୁ ଚେଷ୍ଟା କରନ୍ତୁ ନାହିଁ ।**
- **ଗାଡ଼ି ତଳେ କିମ୍ବା ଫେଣ୍ଡରରେ, ଯେଉଁଠାରେ ତୀକ୍ଷ୍ଣ ଧାର ବିଶିଷ୍ଟ ଭାଗ ଥାଇପାରେ, ସଫା କରିବା ସମୟରେ, ନିଜ ହାତର ସୁରକ୍ଷା ପାଇଁ ଓ ହାତ କଟିବାରୁ ରକ୍ଷା ପାଇଁ ଆପଣ ଲମ୍ବା ହାତ ବିଶିଷ୍ଟ ଶାର୍ଟ ଓ ଗ୍ଲୋଭ୍ସ୍ ପିନ୍ଧିବା ଉଚିତ ।**
- **ଗାଡ଼ି ସଫା କରିବା ପରେ, ବ୍ରେକ୍ଗୁଡ଼ିକ, ସେମାନଙ୍କର ସାଧାରଣ ପ୍ରଭାବଶୀଳତା ରକ୍ଷା କରୁଥିବାର ସୁନିଶ୍ଚିତ କରିବା ପାଇଁ ଗାଡ଼ି ଚଲାଇବା ପୂର୍ବରୁ ସାବଧାନତାପୂର୍ବକ ବ୍ରେକ୍ଗୁଡ଼ିକୁ ପରୀକ୍ଷା କରିନିଅନ୍ତୁ ।**

ଗାଡ଼ି ଧୋଇବାବେଳେ, ଗାଡ଼ି ଉପରେ ସୂର୍ଯ୍ୟାଲୋକ ସିଧା ଭାବରେ ନପଡୁଥିବା ସ୍ଥାନରେ ତାହାକୁ ରଖନ୍ତୁ ଏବଂ ନିମ୍ନ ପ୍ରଦତ୍ତ ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ:

1) ମାଟି ଓ ଅଳିଆ କାଢ଼ିବା ପାଇଁ ଗାଡ଼ି ତଳ ଓ ଚକ ହାଉସିଙ୍ଗ୍କୁ ଚାପଯୁକ୍ତ ପାଣି ସାହାଯ୍ୟରେ ଫ୍ଲଶ୍ କରନ୍ତୁ । ପର୍ଯ୍ୟାପ୍ତ ପରିମାଣର ପାଣି ବ୍ୟବହାର କରନ୍ତୁ ।

ନୋଟିସ

ଗାଡ଼ି ଧୋଇବା ସମୟରେ:

- **ପ୍ଲାଷ୍ଟିକ୍ ଭାଗଗୁଡ଼ିକରେ 80°C (176°F) ଠାରୁ ଅଧିକ ଗରମ ଥିବା ପାଣି କିମ୍ବା ବାଷ୍ପ ବ୍ୟବହାରକୁ ଏଡ଼ାନ୍ତୁ ।**
- **ଇଞ୍ଜିନ୍ କମ୍ପୋନେଣ୍ଟଗୁଡ଼ିକୁ ନଷ୍ଟ ନକରିବା ପାଇଁ, ଇଞ୍ଜିନ୍ କମ୍ପାର୍ଟମେଣ୍ଟରେ ଚାପଯୁକ୍ତ ପାଣିର ବ୍ୟବହାର କରନ୍ତୁ ନାହିଁ ।**

2) ଧୂଳିକୁ ହାଲକା କରିବା ପାଇଁ ଗାଡ଼ିର ବଡୀକୁ ଧୋଇଦିଅନ୍ତୁ । ଚଳନ୍ତା ପାଣି ସାହାଯ୍ୟରେ ଗାଡ଼ିର ବାହାରୁ ଧୂଳି ଓ ମାଟି କାଢ଼ିଦିଅନ୍ତୁ । ଆପଣ ଏକ ନରମ ସ୍ପଞ୍ଜ କିମ୍ବା ବ୍ରଶ୍ ବ୍ୟବହାର କରିପାରନ୍ତି । କଠିନ ସାମଗ୍ରୀର ବ୍ୟବହାର କରନ୍ତୁ ନାହିଁ, ଯାହା ପେଣ୍ଟ କିମ୍ବା ପ୍ଲାଷ୍ଟିକ୍କୁ ରାଞ୍ଚୁଡ଼ି ବା ସ୍କ୍ରାଚ୍ କରିଦେଇପାରେ । ମନେରଖନ୍ତୁ, ଅନେକ ମାମଲାରେ ହେଡ୍ଲାଇଟ୍ କଭର୍ସ କିମ୍ବା ଲେନ୍ସଗୁଡ଼ିକ ପ୍ଲାଷ୍ଟିକ୍ରେ ତିଆରି ହୋଇଥାଏ ।

ନୋଟିସ

ପେଣ୍ଟ କିମ୍ବା ପ୍ଲାଷ୍ଟିକ୍ ସର୍ଫେସ୍କୁ କ୍ଷତି ହେବାରୁ ଏଡ଼ାଇବା ପାଇଁ, ପର୍ଯ୍ୟାପ୍ତ ପାଣି ବିନା ଧୂଳିକୁ ପୋଛନ୍ତୁ ନାହିଁ । ଉପରୋକ୍ତ ପ୍ରକ୍ରିୟା ପାଳନ କରିବାର ସୁନିଶ୍ଚିତ କରନ୍ତୁ ।

3) ଏକ ସ୍ପଞ୍ଜ କିମ୍ବା ନରମ କପଡ଼ା ବ୍ୟବହାର କରି ହାଲକା ଡିଟର୍ଜେଣ୍ଟ କିମ୍ବା କାର୍ ୱାଶ୍ ସାବୁନ୍ ସାହାଯ୍ୟରେ ସମଗ୍ର ବାହାର ଭାଗକୁ ଧୋଇଦିଅନ୍ତୁ । ସ୍ପଞ୍ଜ କିମ୍ବା କପଡ଼ାକୁ ବାରମ୍ବାର ସାବୁନ ପାଣିରେ ବୁଡ଼ାଯିବା ଦରକାର ।

ନୋଟିସ

ଏକ କମର୍ଶିଆଲ୍ କାର୍ ୱାଶ୍ ଉତ୍ପାଦ ବ୍ୟବହାର କରୁଥିବାବେଳେ, ଉତ୍ପାଦକଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ସତର୍କତାକୁ ଦେଖନ୍ତୁ । କେବେବି, ଘରେ ବ୍ୟବହାର କରାଯାଉଥିବା କଡ଼ା ଡିଟର୍ଜେଣ୍ଟ କିମ୍ବା ସାବୁନ ବ୍ୟବହାର କରନ୍ତୁ ନାହିଁ ।


4) ଥରେ ଧୂଳି ସମ୍ପୂର୍ଣ୍ଣ ଭାବେ କାଢ଼ିହୋଇଯିବା ପରେ, ଚଳନ୍ତା ପାଣିରେ ଡିଟର୍ଜେଣ୍ଟକୁ ଧୋଇଦିଅନ୍ତୁ ।

5) ଧୋଇବା ପରେ, ଏକ ଓଦା କପଡ଼ା ସାହାଯ୍ୟରେ ଗାଡ଼ିର ବଡୀକୁ ଭଲ ଭାବେ ପୋଛି ଦିଅନ୍ତୁ ଏବଂ ଛାଇରେ ଶୁଖିବାକୁ ଦିଅନ୍ତୁ ।
6) ପେଣ୍ଟ ହୋଇଥିବା ସ୍ଥାନରେ କୌଣସି ପ୍ରକାର କ୍ଷତି ପାଇଁ ଧ୍ୟାନପୂର୍ବକ ଦେଖନ୍ତୁ । ଯଦି କୌଣସି କ୍ଷତି ହୋଇଥାଏ, ତେବେ ନିମ୍ନ ପ୍ରକ୍ରିୟା ବ୍ୟବହାର କରି କ୍ଷତିକୁ ଟଚ୍‌ଅପ୍ ଦିଅନ୍ତୁ:
   1. ସମସ୍ତ କ୍ଷତି ହୋଇଥିବା ଦାଗକୁ ସଫା କରନ୍ତୁ ଓ ସେଗୁଡ଼ିକୁ ଶୁଖିବାକୁ ଦିଅନ୍ତୁ ।
   2. ପେଣ୍ଟକୁ ଗୋଳାନ୍ତୁ ଓ ଏକ ଛୋଟ ବ୍ରଶ୍ ବ୍ୟବହାର କରି, କ୍ଷତି ହୋଇଥିବା ଦାଗକୁ ହାଲକା ଭାବରେ ଟଚ୍‌ଅପ୍ ଦିଅନ୍ତୁ ।
   3. ପେଣ୍ଟକୁ ସମ୍ପୂର୍ଣ୍ଣ ଭାବେ ଶୁଖିବାକୁ ଦିଅନ୍ତୁ ।

ନୋଟିସ
ଯଦି ଆପଣ ଏକ ଅଟୋମେଟିକ୍ କାର୍ ୱାଶ୍ ବ୍ୟବହାର କରନ୍ତି, ତେବେ ଏହା ସୁନିଶ୍ଚିତ କରନ୍ତୁ ଯେ, ଆପଣଙ୍କ ଗାଡ଼ିର ବଡୀ ପାର୍ଟ୍ସ, ଯେପରି ସ୍ପଏଲର୍ସର କ୍ଷତି ହେବନାହିଁ। ଯଦି ଆପଣ ସନ୍ଦେହରେ ଥାଆନ୍ତି, ତେବେ ପରାମର୍ଶ ପାଇଁ କାର୍ ୱାଶ୍ ଅପରେଟର୍ ସହ ବିଚାରବିମର୍ଶ କରନ୍ତୁ ।

ୱାକ୍ସ କରିବା

ଉଦାହରଣ



82DY010

ଗାଡ଼ିକୁ ଧୋାଇବା ପରେ, ଅଧିକ ସୁରକ୍ଷା ଓ ପେଣ୍ଟର ସୁନ୍ଦରତା ବଢ଼ାଇବା ପାଇଁ ୱାକ୍ସିଙ୍ଗ୍ ଓ ପଲିଶିଙ୍ଗ୍‌ର ସୁପାରିସ କରାଯାଉଛି ।

- କେବଳ ଭଲ କ୍ୱାଲିଟୀର ହିଁ ୱାକ୍ସ ଓ ପଲିଶ୍ ବ୍ୟବହାର କରନ୍ତୁ ।
- ୱାକ୍ସ ଓ ପଲିଶ୍ ବ୍ୟବହାର କରିବା ସମୟରେ, ଉତ୍ପାଦକଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ସତର୍କତାକୁ ଦେଖନ୍ତୁ ।

ସାଧାରଣ ପରିଚୟ


ଗାଡ଼ିର ପରିଚୟ 10-1
ଫାଷ୍ଟାଗ୍ (ଯଦି ଲାଗିଥାଏ) 10-2

10

ଗାଡ଼ିର ପରିଚୟ

ଚେଚିସ୍ କ୍ରମିକ ସଂଖ୍ୟା

ଉଦାହରଣ




77PH059

ଚେଚିସ୍ କିମ୍ବା ଇଞ୍ଜିନ୍‌ର କ୍ରମିକ ସଂଖ୍ୟାକୁ ଗାଡ଼ି ପଞ୍ଜୀକରଣ କରିବା ପାଇଁ ବ୍ୟବହାର କରାଯାଏ । ବିଶେଷ ସେବା ସୂଚନା ପାଇଁ ଅର୍ଡର୍ କରିବା କିମ୍ବା ଉଲ୍ଲେଖିତ କରିବା ସମୟରେ ଆପଣଙ୍କ ଡିଲର୍‌ଙ୍କ ସହାୟତା କରିବା ପାଇଁ ମଧ୍ୟ ସେଗୁଡ଼ିକର ବ୍ୟବହାର କରାଯାଇଥାଏ । ଯେତେବେଳେବି ନିଜ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍‌ଙ୍କ ସହ ପରାମର୍ଶ କରିବାର ଅବସର ମିଳିବ, ଏହି ସଂଖ୍ୟା ସହିତ ଆପଣଙ୍କ ଗାଡ଼ିକୁ ଚିହ୍ନଟ କରିବାକୁ ଭୁଲନ୍ତୁ ନାହିଁ । ଯଦି ସଂଖ୍ୟାଟି ପଢ଼ିବାରେ କଷ୍ଟକର ହେଉଛି, ତାହାକୁ ଆପଣ ଚିହ୍ନଟ (ଆଇଡେଣ୍ଟିଫିକେଶନ୍) ପ୍ଲେଟ୍ ଉପରେ ମଧ୍ୟ ପାଇପାରିବେ ।

ଇଞ୍ଜିନ୍ କ୍ରମିକ ସଂଖ୍ୟା

ଉଦାହରଣ



54G082


ଚିତ୍ରରେ ଯେପରି ପ୍ରଦର୍ଶିତ ହୋଇଛି, ଇଞ୍ଜିନ୍‌ର କ୍ରମିକ ସଂଖ୍ୟା, ସିଲିଣ୍ଡର୍ ବ୍ଲକ୍ ଉପରେ ମୁଦ୍ରିତ ହୋଇଛି ।

ଫାଷ୍ଟାଗ୍ (ଯଦି ଲାଗିଥାଏ)

ମାର୍ଗ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଅନୁସାରେ, ପ୍ରତ୍ୟେକ ଗାଡ଼ି ନିମନ୍ତେ ଫାଷ୍ଟାଗ୍ (1), ଭାରତ ସରକାରଙ୍କ ଦ୍ୱାରା ପରିଭାଷିତ ବୈଦ୍ୟୁତିକ ଶୁଳ୍କ (ଟୋଲ୍) ସଂଗ୍ରହ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ବାଧ୍ୟତାମୂଳକ ଅଟେ ।

ଫାଷ୍ଟାଗ୍ ଟାଗ୍‌ରେ କୌଣସି ପ୍ରକାରର କ୍ଷତି କିମ୍ବା ସାମନା ଡ୍ରିଣ୍ଡସ୍କ୍ରୀନ୍ ବଦଳାଯାଇଥିବା ମାମଲାରେ, ଦୟାକରି ନିକଟସ୍ଥ ଅଧିକୃତ ମାରୁତି ସୁଜୁକି କମର୍ଶିଆଲ୍ ଡିଲର୍‌ଙ୍କ ସହ ଯୋଗାଯୋଗ କରନ୍ତୁ ।


ଉଦାହରଣ



66MM01001

ଗାଡ଼ି ଭିତରୁ ଯେପରି ଦୃଶ୍ୟମାନ

ଉଦାହରଣ




64MM01002

ନୋଟ୍:
ପ୍ରଦର୍ଶିତ ଚିତ୍ର କେବଳ ସୂଚକ ଉଦ୍ଦେଶ୍ୟ ପାଇଁ । ଗାଡ଼ିରେ ଲଗାଯାଇଥିବା ପ୍ରକୃତ ଯନ୍ତ୍ରର ଆଭ୍ୟନ୍ତରୀଣ ଗଠନ ଭିନ୍ନ ହୋଇପାରେ ।

ଗାଡ଼ି ବାହାରୁ ଯେପରି ଦୃଶ୍ୟମାନ

ଉଦାହରଣ



64MM01003

ନୋଟ୍:
ପ୍ରଦର୍ଶିତ ଚିତ୍ର କେବଳ ସୂଚକ ଉଦ୍ଦେଶ୍ୟ ପାଇଁ । ଗାଡ଼ିରେ ଲଗାଯାଇଥିବା ପ୍ରକୃତ ଯନ୍ତ୍ରର ଆଭ୍ୟନ୍ତରୀଣ ଗଠନ ଭିନ୍ନ ହୋଇପାରେ ।

ନୋଟ୍:

- *ଡ୍ରିଣ୍ଡସ୍କ୍ରୀନ୍‌ରୁ ଟାଗ୍ କାଢ଼ିବା ପାଇଁ କୌଣସି ପ୍ରୟାସର ପରିଣାମସ୍ୱରୂପ, ଟାଗ୍ ପ୍ରତି ସ୍ଥାୟୀ କ୍ଷତି ହୋଇପାରେ ।*
- *ଡ୍ରିଣ୍ଡସ୍କ୍ରୀନ୍‌ରେ, ଟାଗ୍ ଲାଗିଥିବା ସ୍ଥାନରେ ସଫା କରିବା ପାଇଁ କେମିକାଲ୍ କ୍ଲିନର୍ ବ୍ୟବହାର କଲେ, ତାହା ଟାଗ୍‌କୁ ନଷ୍ଟ କରିଦେଇପାରେ ।*
- *ଟାଗ୍ ଉପରେ କୌଣସି ତୀକ୍ଷ୍ଣ ବସ୍ତୁର ପ୍ରୟୋଗ କଲେ, ତାହା ଟାଗ୍‌କୁ ନଷ୍ଟ କରିଦେଇପାରେ ।*

ବିଶିଷ୍ଟତା

ନୋଟ୍:
କୌଣସି ନୋଟିସ୍ ବିନା ବିଶିଷ୍ଟତାଗୁଡ଼ିକ ପରିବର୍ତ୍ତନ ସାପେକ୍ଷ ।

ଏମ୍./ଟି.: ମାନୁଆଲ୍ ଟ୍ରାନ୍ସମିଶନ୍

ଡିଜେଲ୍ : ଡିଜେଲ୍ ଇଞ୍ଜିନ୍ ମଡେଲ୍

ଆଇଟମ୍: ଡାଇମେନ୍ସନ୍	**ୟୁନିଟ୍: ଏମ୍.ଏମ୍.**	
ସାମଗ୍ରିକ ଦୀର୍ଘତା		3800
ସାମଗ୍ରିକ ପ୍ରସ୍ଥତା		1562
ସାମଗ୍ରିକ ଓଜନ		1883
ହ୍ୱିଲ୍‌ବେସ୍		2110
ଟ୍ରାକ୍	ସାମନା	1345
	ପଛ	1330
ଗ୍ରାଉଣ୍ଡ କ୍ଲିଅରାନ୍ସ		175 (ଭାର ନଥିବା ଅବସ୍ଥା)

ଆଇଟମ୍: ମାସ୍ (ଓଜନ)	**ୟୁନିଟ୍: କେ.ଜି.**	
କର୍ବ ମାସ୍ (ଓଜନ)	ଏମ୍./ଟି.	860
ଗ୍ରସ୍ ଭେହିକଲ୍ ମାସ୍ (ଓଜନ) ରେଟିଙ୍ଗ୍		1600
ପର୍ମିସିବଲ୍ ମାକ୍ସିମମ୍ ଆକ୍ସଲ୍ ୱେଟ୍	ସାମନା	900
	ପଛ	1020

ଆଇଟମ୍: ଇଞ୍ଜିନ୍	
ପ୍ରକାର	E08A (DOHC)
ସିଲିଣ୍ଡରର ସଂଖ୍ୟା	2
ବୋର୍	77.0 ଏମ୍.ଏମ୍.
ଷ୍ଟ୍ରୋକ୍	85.1 ଏମ୍.ଏମ୍.
ପିଷ୍ଟନ୍ ବିସ୍ଥାପନ	793 ସି.ଏମ୍.^{3}
ଚାପ (କମ୍ପ୍ରେଶନ୍) ଅନୁପାତ	15.1 ± 0.4 : 1

ଆଇଟମ୍: ଇଲେକ୍ଟ୍ରିକଲ୍	
ବ୍ୟାଟେରୀ	12V 38B20R
ଫ୍ୟୁଜ୍	“ଯାଞ୍ଚ ଓ ରକ୍ଷଣା-ବେକ୍ଷଣ” ବିଭାଗ ଦେଖନ୍ତୁ

ଆଇଟମ୍: ଲାଇଟ୍ସ		ୱାଟେଜ୍	ବଲ୍ବ୍ ସଂ.
ହେଡ୍‌ଲାଇଟ୍		12V 60/55W	H4
ପୋଜିଶନ୍ ଲାଇଟ୍		12V 5W	W5W
ଟର୍ନ ସିଗ୍ନାଲ୍ ଲାଇଟ୍	ସାମନା	12V 21W	PY21W
	ପଛ	12V 21W	P21W
ବ୍ରେକ୍/ଟେଲ୍ ଲାଇଟ୍		12V 21/5W	P21/5W
ରିଭର୍ସିଙ୍ଗ୍ ଲାଇଟ୍		12V 21W	P21W
ଲାଇସେନ୍ସ ପ୍ଲେଟ୍ ଲାଇଟ୍		12V 5W	W5W
ଆଭ୍ୟନ୍ତରୀଣ ବା ଇଣ୍ଟରିଅର୍ ଲାଇଟ୍		12V 5W	C5W

ଆଇଟମ୍: ହ୍ୱିଲ୍ସ (ଚକ) ଓ ଟାୟାର୍ସ					
ଟାୟାର୍ ଆକାର	155R13 LT 8PR 89/88S*				
	155R13 LT 8PR 90/89Q*				
ରିମ୍ ଆକାର	13X4J				
ଟାୟାର୍ ପ୍ରେସର୍	ବିନିର୍ଦ୍ଦିଷ୍ଟ ଟାୟାର୍ ପ୍ରେସର୍ ପାଇଁ, ଡ୍ରାଇଭର୍ ଡୁଅର୍ ଲକ୍ ପିଲର୍‌ରେ ଥିବା ଟାୟାର୍ ସୂଚନା ଲେବଲ୍ ଦେଖନ୍ତୁ ।				
	ଲୋଡିଙ୍ଗ୍	300 କେ.ଜି. ପର୍ଯ୍ୟନ୍ତ		300 କେ.ଜି. ରୁ ଉପରକୁ	
	କୋଲ୍ଡ ଟାୟାର୍ ପ୍ରେସର୍	ସାମନା	ପଛ	ସାମନା	ପଛ
	କେ.ପି.ଏ.	240	240	350	450
	(କେ.ଜି.ଏଫ୍./ସି.ଏମ୍.^{2})	(2.4)	(2.4)	(3.5)	(4.5)
	<ପି.ଏସ୍.ଆଇ.>	<34>	<34>	<50>	<64>

* ଯଦି ଆପଣ, ନିର୍ଦ୍ଦିଷ୍ଟ ହୋଇଥିବା ଲୋଡ୍ ଇଣ୍ଡେକ୍ସ ରେଟ୍ ଓ ସ୍ପୀଡ୍ ସିମ୍ବଲ୍ (ବେଗ ପ୍ରତୀକ) ସହିତ ଏକ ଟାୟାର୍ ପ୍ରସ୍ତୁତ କରିପାରୁନାହାନ୍ତି, ତେବେ ଉଚ୍ଚ ଲୋଡ୍ ଇଣ୍ଡେକ୍ସ ରେଟ୍ ଓ ସ୍ପୀଡ୍ ସିମ୍ବଲ୍ (ବେଗ ପ୍ରତୀକ) ସହିତ ଏକ ଟାୟାର୍ ପ୍ରସ୍ତୁତ କରନ୍ତୁ ।

ଆଇଟମ୍: ସୁପାରିସକୃତ ଫ୍ୟୁଏଲ୍/ଲୁବ୍ରିକେଣ୍ଟସ୍ ଓ ସାମାର୍ଥ୍ୟତା (ହାରାହାରି)		
ଫ୍ୟୁଏଲ୍ (ଇନ୍ଧନ)	“ଇନ୍ଧନର ସୁପାରିସ” ବିଭାଗ ଦେଖନ୍ତୁ ।	30 ଲି.#
ଇଞ୍ଜିନ୍ ଅଏଲ୍	ସିନ୍ଥେଟିକ୍ ଅଏଲ୍, ଉତ୍କର୍ଷତା: ACEA A5/B5 ସାନ୍ଦ୍ରତା : SAE 5W-30	3.4 ଲି. (ଅଏଲ୍ ଫିଲ୍ଟର୍ ସହ ପ୍ରତିବଦଳ)
ଇଞ୍ଜିନ୍ କୂଲାଣ୍ଟ	“ଯାଞ୍ଚ ଓ ରକ୍ଷଣା-ବେକ୍ଷଣ” ବିଭାଗ ଦେଖନ୍ତୁ	3.5 ଲି. (ସଂଗ୍ରହ ଟାଙ୍କି ସମେତ)
ମାନୁଆଲ୍ ଟ୍ରାନ୍ସମିଶନ୍ ଅଏଲ୍	“ଏମ୍‌ଜିଜିଓ 75W-80”	1.3 ଲି.
ରିଅର୍ ଡିଫରେନ୍ସିଆଲ୍ ଅଏଲ୍	“ଟିଓଟିଏଏଲ୍‌ଏଫ୍‌ଆଇଏନ୍‌ଏଇଏଲ୍‌ଏଫ୍ ଟିଆର୍‌ଏଏନ୍‌ଏସ୍‌ଇଏଲ୍‌ଏଫ୍ ଏଲ୍‌ଏଲ୍ 85W-140”	1.6 ଲି.
ବ୍ରେକ୍ ଫ୍ଲୁଇଡ୍	ମାରୁତି ପ୍ରକୃତ ବା ବାସ୍ତବିକ (ଜେନୁଇନ୍) ବ୍ରେକ୍ ଫ୍ଲୁଇଡ୍	“ଯାଞ୍ଚ ଓ ରକ୍ଷଣା-ବେକ୍ଷଣ” ବିଭାଗରେ ଥିବା ନିର୍ଦ୍ଦେଶ ଅନୁସାରେ ସଠିକ୍ ତେଲ ସ୍ତର ପର୍ଯ୍ୟନ୍ତ ରିଫିଲ୍ କରନ୍ତୁ ।


ତେଲ ଟାଙ୍କିକୁ, ସୁପାରିସକୃତ ଯେତିକି ତେଲ ଆପଣ ଭର୍ତ୍ତି କରିପାରିବେ, ତାହାଠାରୁ ସାମାନ୍ୟ ଅଧିକ କରାଯାଇଛି । ସୁରକ୍ଷା ଓ ବୈଜ୍ଞାନିକ କାରଣ ପାଇଁ ଏହି ଅତିରିକ୍ତ ବଡ଼ ସ୍ଥାନ ପ୍ରଦାନ କରାଯାଇଛି ।

ବଡୀ ଫାବ୍ରିକେଶନ୍ ପାଇଁ ନିର୍ଦ୍ଦେଶାବଳୀ (ଚେସିସ୍ ଭେରିଏଂଟ୍ ପାଇଁ)

କ୍ୟାବ୍-ଚେସିସ୍ ଗାଡ଼ି ଉପରେ ବଡୀ ଫାବ୍ରିକେଶନ୍, ନିମ୍ନଲିଖିତ ସୁପାରିସ ଓ ବାଉଣ୍ଡ୍ରୀ ପରିସ୍ଥିତିକୁ ସୁନିଶ୍ଚିତ କରି କରାଯିବ:

କ) **ପରିମାପ:** ଉତ୍ପାଦକଙ୍କ ଦ୍ୱାରା ଯୋଗାଯାଇଥିବା କ୍ୟାବ୍-ଚେସିସ୍ ଗାଡ଼ି ଉପରେ ନିର୍ମିତ ହେବାକୁ ଥିବା ଲୋଡ୍ ବଡୀ/ଆପ୍ଲିକେଶନ୍, ନିମ୍ନ ଦୃଷ୍ଟାନ୍ତରେ ନିର୍ଦ୍ଦିଷ୍ଟାନୁସାରେ ସର୍ବନିମ୍ନ ଓ ସର୍ବାଧିକ ପରିସର ମଧ୍ୟରେ ଖାପ ଖାଉଥିବା ଭଳି ଡିଜାଇନ୍ କରାଯିବ।

ଉଦାହରଣ




77PM12001

ଖ) **ଓଜନ ଓ ତାହାର ବିତରଣ:** ସମଗ୍ର ଗାଡ଼ିର ସର୍ବନିମ୍ନ କର୍ବ ଓଜନ ଭାବେ 860 କି.ଗ୍ରା. ଏବଂ ସର୍ବାଧିକ କର୍ବ ଓଜନ ଭାବେ 930 କି.ଗ୍ରା.କୁ ବିଚାର କରି ଲୋଡ୍ ବଡୀ/ଆପ୍ଲିକେଶନ୍‌କୁ ଫାବ୍ରିକେଟ୍ କରାଯିବ । ସାମ୍ନା ଭାଗ ଆକ୍ସିଲ୍ ଓ ପଛ ଭାଗ ଆକ୍ସିଲ୍ କର୍ବ ଓଜନର ଅନୁପାତ 1.389ରୁ ଅଧିକ ହେବନାହିଁ।
ବଡୀ କାରିଗର, ସିଏମ୍‌ଭିଆର୍ ନିୟମ 122 ଅନ୍ତର୍ଗତ ଅବଶ୍ୟକତା ଅନୁସାରେ ଅନ୍‌ଲାଡେନ୍ ଓଜନ ଓ ପେଲୋଡ୍ ନିର୍ଦ୍ଦିଷ୍ଟ କରି ବଡୀ କାରିଗରର ପ୍ଲେଟ୍ ରଖିବ।

ଗ) **ବାହ୍ୟ ବଡୀ:** ଲୋଡ୍ ବାଡୀ/ଆପ୍ଲିକେଶନ୍ ଏପରି ଫାବ୍ରିକେଟେଡ୍ ହେବା ଦରକାର, ଯେପରି ଗାଡ଼ିର ବାହ୍ୟ ଭାଗରେ କୌଣସି ପ୍ରକାରର ତୀକ୍ଷ୍ଣ ଧାର କିମ୍ବା ତୀକ୍ଷ୍ଣ ଭାଗ ଦେଖାଯାଉନଥିବ, ଯେଉଁଥିରେ କୌଣସି ଲୋକ ବଡୀ କାମ କିମ୍ବା ଘଷାଘଷି କରୁଥିବାବେଳେ ଶାରୀରିକ ଆଘାତ ଲାଗିବାର ବିପଦ୍ କିମ୍ବା ଗମ୍ଭୀରତା ବୃଦ୍ଧି ପାଇଥାଏ। ଏହା, ସମ୍ପୃକ୍ତ ଗାଡ଼ିରେ ସାଜ-ସରଞ୍ଜାମ ଲାଗିଥିବାବେଳେ ଏବଂ ଗତିରେ ଥିବାବେଳେ, ଉଭୟ କ୍ଷେତ୍ରରେ ମାନ୍ୟ ଅଟେ। ବାହ୍ୟ ଧାରରେ ଓ ଦେଖାଦେଉଥିବା ଭାଗଗୁଡ଼ିକ ଉପରେ ନ୍ୟୁନତମ 2.5 mm ବ୍ୟାସାର୍ଦ୍ଧର ଏକ ବକ୍ରତା ଲଗାଇବାର ପରାମର୍ଶ ଦିଆଯାଉଛି । ସିଏମ୍‌ଭିଆର୍ ନିୟମ 124(1)-11 ଅନ୍ତର୍ଗତ ପରିଭାଷିତ ଅନୁସାରେ, ବଡୀଟି ଧାର୍ଯ୍ୟ ଆବଶ୍ୟକତା ପୂରଣ କରୁଥିବା ଦରକାର।

ଘ) **ଲାଇଟିଙ୍ଗ ଓ ସିଗ୍ନାଲ୍ ଉପକରଣ:** କ୍ୟାବ୍-ଚେସିସ୍, କ୍ୟାବ୍ ସହିତ ଇନ୍‌ବିଲ୍ଟ ଭାବେ ଆସେମ୍ବଲୀ ହୋଇଥିବା ହେଡ୍ ଲ୍ୟାମ୍ପ ଏବଂ ରିଅର୍ କମ୍ବିନେଶନ୍ ଲ୍ୟାମ୍ପ ସହ ଅସ୍ଥାୟୀ ପେନେଲ୍‌ରେ ଆସିଥାଏ। ହେଡ୍ ଲ୍ୟାମ୍ପ ଆସେମ୍ବଲୀରେ କୌଣସି ସୁଧାର କରାଯିବ ନାହିଁ। ରିଅର୍ କମ୍ବିନେଶନ୍ ଲ୍ୟାମ୍ପ ଓ ରେଜିଷ୍ଟ୍ରେଶନ୍ ପ୍ଲେଟ୍ ଲ୍ୟାମ୍ପଗୁଡ଼ିକ ନିମ୍ନ ଦୃଷ୍ଟାନ୍ତ ଅନୁଯାୟୀ ସୁପାରିସକୃତ ସ୍ଥାନ (ଉଚ୍ଚତା ଓ ପ୍ରସ୍ତତା)ରେ ଲୋଡ୍ ବଡୀ/ଆପ୍ଲିକେଶନ୍‌ରେ ଫିଟ୍ କରାଯିବ।

ଉଦାହରଣ



77PM12002

ଙ) **ରିଫ୍ଲେକ୍ଟିଭ୍ ଟେପ୍:** ବଡୀ କାରିଗର, ଏକ ନାଲି ରିଫ୍ଲେକ୍ଟିଭ୍ ଟେପ୍ (20 mm ଓସାରରୁ କମ୍ ନୁହେଁ) ଲଗାଇବ, ଯାହା ଗାଡ଼ିର ପଛ ଭାଗ ଚାରିପଟ ଘେରାଉଥିବ ଏବଂ ସିଏମ୍‌ଭିଆର୍ ନିୟମ ସଂ. 104 ଅନ୍ତର୍ଗତ ଆବଶ୍ୟକତାର ଅନୁପାଳନ କରୁଥିବ।

ଚ) **ଫର୍ମ 22କ ଭାଗ II:** ସିଏମ୍‌ଭିଆର୍ ନିୟମ 47 ଅନ୍ତର୍ଗତ ଅବଶ୍ୟକତା ଅନୁସାରେ ବଡୀ କାରିଗର, ଫର୍ମ 22କ ଭାଗ II ପ୍ରଦାନ କରିବ।

ଛ) ବଡୀ ଫାବ୍ରିକେଶନ୍ ସମୟରେ ବଡୀ କାରିଗର ଇଲେକ୍ଟ୍ରିକାଲ୍ ୱାୟରିଙ୍ଗ୍, ଇଲେକ୍ଟ୍ରିକାଲ୍ ଉପକରଣ, ବ୍ରେକ୍ କନେକ୍ସନ୍, ବ୍ରେକ୍ ପାଇପିଙ୍ଗ, ଫ୍ୟୁଏଲ୍ କନେକ୍ସନ୍, ଏକ୍‌ଜଷ୍ଟ ସିଷ୍ଟମ୍ ଓ ଚେସିସ୍ ଉପକରଣଗୁଡ଼ିକୁ ବଦଳାଇବ ନାହିଁ।

ଅସ୍ୱୀକରୋକ୍ତି: ମାଲିକ/ବଡୀ କାରିଗର, ସୁପର୍ କ୍ୟାରୀ ଚେସିସ୍ ଭେରିଏଂଟ୍‌ର ବଡୀ ଫାବ୍ରିକେଶନ୍ କରିବା କ୍ରମରେ ପ୍ରଯୁଜ୍ୟ ସିଏମ୍‌ଭିଆର୍ ଆବଶ୍ୟକତାର ଅନୁପାଳନ କରିବା ସହ ସମୟ ସମୟରେ ଲାଗୁ ହେଉଥିବା ରାଜ୍ୟ ମୋଟର ଯାନ ନିୟମର ମଧ୍ୟ ପାଳନ କରିବେ।
ଉତ୍ପାଦକଙ୍କ ସୁପାରିସ ତଥା ପ୍ରଚଳିତ ନିୟମଗୁଡ଼ିକର ବିରୋଧରେ ଯାଇ ବଡୀ/ଆପ୍ଲିକେଶନ୍‌ର ଫାବ୍ରିକେଶନ୍ କାରଣରୁ ଉପୁଜିଥିବା ପ୍ରଯୁଜ୍ୟ ଆଇନର ଯେକୌଣସି ପ୍ରକାରର ଅବଜ୍ଞା ପାଇଁ ଗାଡ଼ି ଉତ୍ପାଦକ ଦାୟୀ ରହିବେ ନାହିଁ।

MEMO

MEMO

MEMO

MEMO

MEMO

MEMO

MEMO

MEMO

MEMO

MEMO

MEMO

MEMO

MEMO

MEMO